# ଧରିତ୍ରୀ
DHARITRI

ରାୟଗଡ଼ା, ମଙ୍ଗଳବାର, ଜୁଲାଇ ୯ /୨୦୧୯ (୧୬ ପୃଷ୍ଠା) Rayagada, Tuesday, July 9 / 2019 ★

୯ମ ଭାଗ ୧୫୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-




## ‘ପତି ପତ୍ନୀ ଔର ୱ୍ୱହ’ର ଶୁଟିଂ ଆରମ୍ଭ


ଅଭିନେତ୍ରୀ ଭୂମି ପେଡନେକର ଲକ୍ଷ୍ନୌରେ ‘ପତି ପତ୍ନୀ ଔର ୱ୍ୱହ’ର ଶୁଟିଂ ଅବସରରେ ଏକ ଫଟୋଗ୍ରାଫ୍ ଶେୟାର କରିଛନ୍ତି।

୦୨

୧୫

## ଆଲିସନଙ୍କ ସଫଳତା

ଆମେରିକାର ଆଲିସନ ରିସ୍କେ ୱିମ୍ବେଲଡନରେ ବିଶ୍ୱର ନମ୍ବର ୱାନ ମହିଳା ସିଙ୍ଗଲ୍ସ ଖେଳାଳି ଆଶଲେ ବାର୍ଟିଙ୍କୁ ହରାଇ ଦେଇଛନ୍ତି।



# ଆଜି ୯ ଜିଲ୍ଲାରେ ବର୍ଷା

ଭୁବନେଶ୍ୱର, ୮।୭(ବ୍ୟୁରୋ)

ଓଡ଼ିଶାରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି। ଝାଡ଼ଖଣ୍ଡ ଉପରେ ଥିବା ଘୂର୍ଣ୍ଣିବଳୟ ଲଘୁଚାପରେ ପରିଣତ ହୋଇଛି। ଏହାର ପ୍ରଭାବରେ ସୋମବାର ଉତ୍ତର ଓଡ଼ିଶା ଜିଲ୍ଲାଗୁଡ଼ିକରେ ଭଲ ବର୍ଷା ହୋଇଛି। ୧୧ ତାରିଖଠାରୁ ଉପକୂଳ ଓ ଉତ୍ତର ପଶ୍ଚିମ ଓଡ଼ିଶାରେ ଅଧିକ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଦକ୍ଷିଣ ଓଡ଼ିଶାରେ ମଧ୍ୟମଧରଣର ବର୍ଷା ହେବ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ଆକଳନ ଅନୁଯାୟୀ, ମଙ୍ଗଳବାର ଉତ୍ତର ଓଡ଼ିଶା, ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶା ଏବଂ ଉପକୂଳ ଓଡ଼ିଶାର କିଛି ସ୍ଥାନରେ ବର୍ଷା ହୋଇପାରେ। ତେବେ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ, କଟକ, ଦେବଗଡ଼, ଯାଜପୁର ଓ କୋରାପୁଟ ଆଦି ୯ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବ। ଏଥିସହିତ ଉତ୍ତର ଓଡ଼ିଶା ଓ ଖୋର୍ଦ୍ଧା ଜିଲ୍ଲାରେ କାଳବୈଶାଖୀ ହେବ। ଏହି ସମୟରେ ବଜ୍ରପାତ ହେବାର ଆଶଙ୍କା ରହିଛି।

## ଆଇସିସି ବିଶ୍ୱକପ

# ଭାରତ-ନ୍ୟୁଜିଲାଣ୍ଡ ଟକ୍କର

ମାଞ୍ଚେଷ୍ଟର, ୮।୭: ଚଳିତ ଆଇସିସି ବିଶ୍ୱକପର ଲିଗ୍ ପର୍ଯ୍ୟାୟ ପରେ ଏବେ ଆସିଛି ଅସଲ ପରୀକ୍ଷାର ବେଳ। ସେମିଫାଇନାଲରେ ପ୍ରବେଶ କରିଛନ୍ତି କ୍ରିକେଟ ଜଗତର ୪ ଶ୍ରେଷ୍ଠ ଦଳ ଭାରତ, ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ। ମଙ୍ଗଳବାର ହେବ ପ୍ରଥମ ସେମିଫାଇନାଲ। ଏଥିରେ ବ୍ଲାକ୍ କ୍ୟାପ୍ ନ୍ୟୁଜିଲାଣ୍ଡକୁ ଟକ୍କର ଦେବ ମେନ୍ ଇନ୍ ବ୍ଲୁ ଟିମ୍ ଇଣ୍ଡିଆ। ଲିଗ୍ ପର୍ଯ୍ୟାୟରେ ଭାରତ-ନ୍ୟୁଜିଲାଣ୍ଡ ଲିଗ୍ ମ୍ୟାଚ ବର୍ଷା ଯୋଗୁ ସମ୍ଭବ ହୋଇ ନ ଥିଲା। ତେଣୁ ପ୍ରତିଯୋଗିତାରେ ଦୁଇ ଦଳ ପ୍ରଥମଥରଲାଗି ପ୍ରତିପକ୍ଷ ଦଳର ଶକ୍ତି ପରଖିବାକୁ ସୁଯୋଗ ପାଇବେ। ନ୍ୟୁଜିଲାଣ୍ଡର ପେସ୍ ବାହିନୀ ଏବଂ ଭାରତର ଟପ୍ ଅର୍ଡର ବ୍ୟାଟିଂ ଶକ୍ତିଶାଳୀ ଥିବାରୁ ମ୍ୟାଚଟି ସଂଘର୍ଷପୂର୍ଣ୍ଣ ହେବା ଆଶା।

(ସମ୍ପୂର୍ଣ୍ଣ ରିପୋର୍ଟ ଖେଳ ପୃଷ୍ଠା)



“ଅଧିନାୟକ ହୋଇଥିବାରୁ ବିଶ୍ୱକପରେ ମୋତେ ବିଭିନ୍ନ ଭୂମିକାରେ ଅବତୀର୍ଣ୍ଣ ହେବାକୁ ପଡୁଛି। ଭାରତୀୟ ଦଳର ଆବଶ୍ୟକତା ଅନୁସାରେ ମୁଁ ଦାୟିତ୍ୱ ନେବାକୁ ପ୍ରସ୍ତୁତ।
-ବିରାଟ କୋହଲି, ଏ ଟିମ୍ ଇଣ୍ଡିଆ ଅଧିନାୟକ

“ବିଶ୍ୱକପର ସେମିଫାଇନାଲ ପରି ବଡ଼ ମ୍ୟାଚରେ ଦଳର ନେତୃତ୍ୱ ନେବା ଏକ ସମ୍ମାନ। ଭାରତ ବିପକ୍ଷ ସେମିଫାଇନାଲ ମ୍ୟାଚ ପାଇଁ ଆମେ ପ୍ରସ୍ତୁତ।
-କେନ୍ ୱିଲିୟମସନ, ନ୍ୟୁଜିଲାଣ୍ଡ ଅଧିନାୟକ



### ବିଶ୍ୱକପରେ ଭାରତ-ନ୍ୟୁଜିଲାଣ୍ଡ

| ମସିହା | ଫଳାଫଳ | ବ୍ୟବଧାନ |
|---|---|---|
| ୧୯୭୫ | ନ୍ୟୁଜିଲାଣ୍ଡ ବିଜୟୀ | ୪ ଉଇକେଟ୍ |
| ୧୯୭୯ | ନ୍ୟୁଜିଲାଣ୍ଡ ବିଜୟୀ | ୮ ଉଇକେଟ୍ |
| ୧୯୮୭ | ଭାରତ ବିଜୟୀ | ୧୬ ରନ୍ |
| ୧୯୮୭ | ଭାରତ ବିଜୟୀ | ୯ ରନ |
| ୧୯୯୨ | ନ୍ୟୁଜିଲାଣ୍ଡ ବିଜୟୀ | ୪ ଉଇକେଟ୍ |
| ୧୯୯୯ | ନ୍ୟୁଜିଲାଣ୍ଡ ବିଜୟୀ | ୫ ଉଇକେଟ୍ |
| ୨୦୦୩ | ଭାରତ ବିଜୟୀ | ୭ ଉଇକେଟ୍ |
| ୨୦୧୯ | ବର୍ଷା ଯୋଗୁ ବାତିଲ | |

## କର୍ଣ୍ଣାଟକରେ ସରକାର ବଞ୍ଚାଇବା ପାଇଁ କସରତ

# କ୍ୟାବିନେଟ୍‌ରୁ ସବୁ ମନ୍ତ୍ରୀଙ୍କ ଇସ୍ତଫା

ବେଙ୍ଗାଲୁରୁ,୮।୭(ପି.ଟି.)

- ଖୁବ୍‌ଶୀଘ୍ର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ
- ବିଦ୍ରୋହୀ ବିଧାୟକଙ୍କୁ ସାମିଲ କରାଯିବ
- ଦୁଇ ସ୍ୱାଧୀନ ବିଧାୟକଙ୍କ ସମର୍ଥନ ପ୍ରତ୍ୟାହାର

କର୍ଣ୍ଣାଟକ ବିଧାନସଭାରୁ କଂଗ୍ରେସ ଓ ଜେଡିଏସ୍‌ର ୧୪ ବିଧାୟକ ଇସ୍ତଫା ଦେବା ପରେ ଏଚ୍.ଡି. କୁମାରସ୍ୱାମୀ ସରକାରରେ ଦେଖାଦେଇଥିବା ସଙ୍କଟ ଟାଳିବା ପାଇଁ ଦୁଇ ଦଳ ପକ୍ଷରୁ ଜୋରଦାର କସରତ ଚାଲିଛି। ଉଭୟ ଦଳର ସମସ୍ତ ମନ୍ତ୍ରୀ କୁମାରସ୍ୱାମୀଙ୍କ କ୍ୟାବିନେଟ୍‌ରୁ ଇସ୍ତଫା ଦେଇ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଲାଗି ସୁଯୋଗ ସୃଷ୍ଟି କରିଛନ୍ତି, ଯାହା ଫଳରେ ବିଦ୍ରୋହୀ ବିଧାୟକମାନଙ୍କୁ ମନ୍ତ୍ରିମଣ୍ଡଳରେ ଥଇଥାନ କରାଯାଇପାରିବ।

ସୋମବାର ପୂର୍ବାହ୍ନରେ ଉପମୁଖ୍ୟମନ୍ତ୍ରୀ ଜି. ପରମେଶ୍ୱରଙ୍କ ବାସଭବନରେ ଅନୁଷ୍ଠିତ ବୈଠକ ପରେ କଂଗ୍ରେସର ୨୧ ମନ୍ତ୍ରୀ ଇସ୍ତଫା ଦେଇଥିଲେ। ଏହାର କିଛି ସମୟ ପରେ ୯ ଜଣ ଜେଡିଏସ୍ ମନ୍ତ୍ରୀ ସେମାନଙ୍କ ଇସ୍ତଫାପତ୍ର ମୁଖ୍ୟମନ୍ତ୍ରୀଙ୍କୁ ଦେଇଥିଲେ। ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ମୁଖ୍ୟମନ୍ତ୍ରୀ କୁମାରସ୍ୱାମୀ କଂଗ୍ରେସ ନେତାମାନଙ୍କ ସହ ଆଲୋଚନା ଚଳାଇଥିବା ଜଣାପଡିଛି। ଖୁବ୍‌ଶୀଘ୍ର ନୂଆ ମନ୍ତ୍ରିମଣ୍ଡଳ ଗଢ଼ାଯିବ ବୋଲି ସେ ଟୁଇଟ୍ କରିଛନ୍ତି। ଦଳର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ମନ୍ତ୍ରୀମାନେ ସ୍ୱେଚ୍ଛାକୃତ ☞ପୃଷ୍ଠା-୪

# ଆଧାର ନ ଥିଲେ ଚାଉଳ ନାହିଁ

ଭୁବନେଶ୍ୱର,୮।୭(ବ୍ୟୁରୋ)

## ଏନ୍‌ଏଫ୍‌ଏସ୍‌ଏ ବାଧ୍ୟତାମୂଳକ

- ଡିଲରଙ୍କୁ ଚେତାବନୀ: ଅଗଷ୍ଟ ସୁଦ୍ଧା ଶତ ପ୍ରତିଶତ ସଂଯୋଗ କର
- ଯୋଗାଣ ଅଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ
- କାର୍ଯ୍ୟରେ ଅବହେଳା ପାଇଁ ୬ ଯୋଗାଣ ଅଧିକାରୀ ନିଲମ୍ବିତ

ବ୍ୟକ୍ତିର ସମସ୍ତ ବ୍ୟକ୍ତିଗତ ପଞ୍ଜିକା ଆଧାର କାର୍ଡରେ ଲିପିବଦ୍ଧ ହୋଇ ରହିଛି। ଏହାକୁ କୌଣସି ପରିସ୍ଥିତିରେ କୌଣସି ଜନକଲ୍ୟାଣକାରୀ ଯୋଜନାରେ ଦେବାକୁ ବାଧ୍ୟତାମୂଳକ କରାଯାଇପାରିବ ନାହିଁ। ଏ କଥା ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ଏହା ସତ୍ତ୍ୱେ ଆଧାର କାର୍ଡକୁ ପରୋକ୍ଷରେ ବାଧ୍ୟତାମୂଳକ କରିବାକୁ କେନ୍ଦ୍ର ସରକାର ଏକପ୍ରକାର ଜିଦ୍‌ରେ ଅଟଳ ରହିଛନ୍ତି। ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ କେନ୍ଦ୍ର ସରକାର ଆଣିଥିବା ବଜେଟରେ ମଧ୍ୟ ଏହାର ପ୍ରତିଫଳନ ଦେଖିବାକୁ ମିଳିଛି। ପାନ୍ କାର୍ଡ ବଦଳରେ ଆଧାର ମାଧ୍ୟମରେ ଆୟ କର ରିଟର୍ନ ଦେବା ବ୍ୟବସ୍ଥାକୁ କେନ୍ଦ୍ର ସରକାର କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। କେବଳ ସେତିକି ନୁହେଁ କେନ୍ଦ୍ରୀୟ ଯୋଜନା ଏବଂ କେନ୍ଦ୍ର ପ୍ରବର୍ତ୍ତିତ ସମସ୍ତ ଯୋଜନାରେ ମଧ୍ୟ ଆଧାରକୁ ବାଧ୍ୟତାମୂଳକ କରିବାକୁ ଚେଷ୍ଟା ଚାଲିଛି। ଏପରିକି ସମଗ୍ର ଦେଶରେ କାର୍ଯ୍ୟକାରୀ ହେଉଥିବା ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା(ଏନ୍‌ଏଫ୍‌ଏସ୍‌ଏ)ରେ ଆଧାର କାର୍ଡକୁ କଡ଼ାକଡ଼ି ଲାଗୁ କରିବାକୁ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜାଲ୍ ରାଶନ କାର୍ଡଧାରୀଙ୍କୁ ଚିହ୍ନଟ କରାଯାଇ ଯୋଜନାରେ ସ୍ୱଚ୍ଛତା ବଜାୟ ରଖିବାକୁ ଏଭଳି ପଦକ୍ଷେପ ନିଆଯାଉଥିବା କୁହାଯାଉଥିଲେ ମଧ୍ୟ ଏଥିଯୋଗୁ ବ୍ୟକ୍ତିଗତ ନିରାପତ୍ତା ବିପନ୍ନ ହେବା ନେଇ ଆଶଙ୍କା ପ୍ରକାଶ ପାଇଲାଣି। ମିଳିଥିବା ସୂଚନା ଅନୁଯାୟୀ ଏନ୍‌ଏଫ୍‌ଏସ୍‌ଏରେ ୧୦୦ ପ୍ରତିଶତ ଆଧାର ସଂଯୋଗ ହୋଇ ନ ଥିଲେ କେନ୍ଦ୍ର ସରକାର ଏଣିକି କଡ଼ା ଆଭିମୁଖ୍ୟ ଗ୍ରହଣ କରିବେ। ଖୋଲାଖୋଲି କିଛି କୁହାଯାଇ ନ ଥିଲେ ମଧ୍ୟ ଏ ବାବଦରେ ରାଜ୍ୟକୁ ମିଳୁଥିବା ଅନୁଦାନକୁ ମଧ୍ୟ ବନ୍ଦ କରିବାକୁ ସମ୍ଭାବନା ରହିଛି। ଗତ ୪ ବର୍ଷ ଧରି ରାଜ୍ୟରେ ଏହି ଯୋଜନା କାର୍ଯ୍ୟକାରୀ ହେଉଥିଲେ ମଧ୍ୟ ଶତ ପ୍ରତିଶତ ରାଶନ କାର୍ଡଧାରୀଙ୍କୁ ଆଧାର ସଂଯୋଗ କରାଯାଇ ପାରିନାହିଁ। ଆସନ୍ତା ଦୁଇ ମାସ ମଧ୍ୟରେ ଏନ୍‌ଏଫ୍‌ଏସ୍‌ଏରେ ସାମିଲ ହୋଇଥିବା ସମସ୍ତ ହିତାଧିକାରୀଙ୍କୁ ଆଧାର ସହ ସଂଯୋଗ କରାଯିବ। କେନ୍ଦ୍ର ସରକାରଙ୍କ ତାଗିଦ୍ ପରେ ରାଜ୍ୟ ସରକାର ମଧ୍ୟ ଆଣ୍ଠୁଗଣ୍ଠି ଛିଣ୍ଡାଇ ଅଗଷ୍ଟ ୩୧ ତାରିଖ ସୁଦ୍ଧା ରାଶନ କାର୍ଡଧାରୀଙ୍କୁ ଆଧାର ସହ ଯୋଡିବାକୁ ଲକ୍ଷ୍ୟ ରଖିଛନ୍ତି। ଏ ନେଇ ସମସ୍ତ ଜିଲ୍ଲାର ଯୋଗାଣ ଅଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ ମଧ୍ୟ ଦିଆଯାଇଛି। ଟାର୍ଗେଟ ପୂରଣ କରିବାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସଚିବ ଜିଲ୍ଲାପାଳଙ୍କ ସହ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ କାର୍ଯ୍ୟର ଅଗ୍ରଗତି ନେଇ ବାରମ୍ବାର ସମୀକ୍ଷା କରୁଛନ୍ତି। ୨୦୧୯ ଜୁନ୍ ୬ ତାରିଖ ପୂର୍ବରୁ ଏହି ଯୋଜନାରେ ୭୯ ପ୍ରତିଶତ ହିତାଧିକାରୀଙ୍କ ଆଧାର ସଂଯୋଗ ଥିବା ବେଳେ ୨୪ ଦିନ ମଧ୍ୟରେ ଅର୍ଥାତ ଜୁଲାଇ ପହିଲା ସୁଦ୍ଧା ୮୨.୪ ପ୍ରତିଶତ ଏନ୍‌ଏଫ୍‌ଏସ୍‌ଏ କାର୍ଡ ଧାରୀଙ୍କୁ ଆଧାର ସହ ଯୋଡା ଯାଇଛି। ଅଗଷ୍ଟ ୩୧ ସୁଦ୍ଧା ଆହୁରି ୪ ଲକ୍ଷ ୨୦ ହଜାର ପରିବାର ଅର୍ଥାତ ୫୬ ଲକ୍ଷ ଲୋକଙ୍କୁ ଆଧାର ସହ ଲିଙ୍କ୍ କରିବାକୁ ଯୋଗାଣ ଅଧିକାରୀଙ୍କୁ କଡା ନିର୍ଦ୍ଦେଶ ଦିଆଯାଇଛି। ଏହି ଟାର୍ଗେଟ ହାସଲ ନ କଲେ ଯୋଗାଣ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦିଆଯାଇଛି। ଏପରିକି କର୍ତ୍ତବ୍ୟରେ ଅବହେଳା କରିଥିବାରୁ ଯୋଗାଣ ବିଭାଗ ୬ ଜଣ ଯୋଗାଣ ଅଧିକାରୀଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ସେମାନେ ହେଲେ ଯାଜପୁର ଜିଲ୍ଲାର ବଡଚଣା, ଗଜପତି ଜିଲ୍ଲାର ନୂଆଗଡ଼, ରାୟଗଡ଼ା ଜିଲ୍ଲାର ଚନ୍ଦ୍ରପୁର, କୋରାପୁଟ ଜିଲ୍ଲାର ନନ୍ଦପୁର, ବୈପାରୀଗୁଡ଼ା ଏବଂ ପୁରୀ ଜିଲ୍ଲାର ପୁରୀ ମ୍ୟୁନିସିପାଲିଟି ଯୋଗାଣ ଅଧିକାରୀ। ଡିଲରମାନେ ଆଧାର କାର୍ଡ ତାଲିକା ନ ଦେଲେ ଚାଉଳ ଉଠାଇ ପାରିବେ ନାହିଁ ବୋଲି କୁହାଯାଇଛି।

ଯୋଗାଣ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟରେ ୮୬ ଲକ୍ଷ ୮୧ ହଜାର ୧୬୬ ପରିବାରର ୩ କୋଟି ୨୨ ଲକ୍ଷ ୧୬ ହଜାର ୨୯୫ ଜଣ ଲୋକଙ୍କୁ ଏନ୍‌ଏଫ୍‌ଏସ୍‌ଏରେ ସାମିଲ କରାଯାଇଛି। ସେମାନଙ୍କ ମଧ୍ୟରେ ଅନ୍ତ୍ୟୋଦୟ ଅନ୍ନପୂର୍ଣ୍ଣା ଯୋଜନାରେ ୧,୨୬,୨୫୮୨ ପରିବାର, ପ୍ରାୟରିଟି ହାଉସହୋଲ୍ଡରେ ୭୪,୧୮,୫୮୪ ପରିବାରଙ୍କୁ ସାମିଲ କରାଯାଇଛି। ଜୁଲାଇ ପହିଲା ସୁଦ୍ଧା ୮୨.୪ ପ୍ରତିଶତ ଲୋକଙ୍କୁ ରାଶନ କାର୍ଡ ସହିତ ଆଧାର ସଂଯୋଗ କରାଯାଇଛି। ଅବଶିଷ୍ଟ ୫୬ ଲକ୍ଷ ୭୩ ହଜାର ୭୪୪ ଜଣ ଲୋକଙ୍କୁ ଅଗଷ୍ଟ ଶେଷ ସୁଦ୍ଧା ଏହି ଯୋଜନାରେ ଆଧାର ସଂଯୋଗ କରାଯିବ। ଜାଲ୍ ରାଶନ କାର୍ଡଗୁଡ଼ିକୁ ଡାଟା ବେସରୁ ହଟାଇବାରେ ଆଧାର ସହାୟକ ହେବ। ଏହାଦ୍ୱାରା ପ୍ରକୃତ ହିତାଧିକାରୀଙ୍କୁ ଚାଉଳ ମିଳିବା ସହିତ ଯୋଜନାର ସ୍ୱଚ୍ଛତା ରକ୍ଷା କରାଯାଇ ପାରିବ ବୋଲି ଯୋଗାଣ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

## ■ ଯମୁନା ଏକ୍ସପ୍ରେସ ୱେ’ରେ ଦୁର୍ଘଟଣା

# ନାଳରେ ଖସିଲା ବସ୍: ୨୯ ମୃତ

ଆଗ୍ରା,୮।୭ (ପି.ଟି.)

ଉତ୍ତରପ୍ରଦେଶର ଯମୁନା ଏକ୍ସପ୍ରେସ ୱେ’ରେ ସୋମବାର ଭୋର ସମୟରେ ଘଟିଛି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଲକ୍ଷ୍ନୌରୁ ଦିଲ୍ଲୀ ଅଭିମୁଖେ ଯାଉଥିବା ଏକ ଡବଲ ଡେକ୍ ଯାତ୍ରୀବାହୀ ବସ ଏଟ୍‌ମାଦପୁରଠାରେ ଭାରସାମ୍ୟ ହରାଇ ବିରାଟ ନାଳ ଭିତରକୁ ଖସିପଡ଼ିଥିଲା। ଫଳରେ ୨୯ ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ୧୮ ଜଣ ଆହତ ହୋଇଛନ୍ତି। ଆହତଙ୍କୁ ଚିକିତ୍ସା ଲାଗି ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏସ୍କାଭେଟର ଓ କ୍ରେନ୍ ସହାୟତାରେ ୨୦ ଫୁଟ ଉଚ୍ଚ ବ୍ରିଜ୍ ଉପରୁ ଲୋକଙ୍କୁ ନାଳରୁ ଉଦ୍ଧାର କରିବା ଲାଗି ବହୁ ଘଣ୍ଟା ଲାଗିଥିଲା।

ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଦୁର୍ଘଟଣାର କାରଣ ଜାଣିବା ଲାଗି ତଦନ୍ତ ନିର୍ଦ୍ଦେଶ ଦେଇଥିବାବେଳେ ଏକ ତିନିଜଣିଆ କମିଟି ଗଠନ କରାଯାଇଛି। ଏହି କମିଟିରେ ପରିବହନ କମିଶନର, ଡିଭିଜନାଲ କମିଶନର ଓ ପୋଲିସ ଆଇଜି ରହିଛନ୍ତି। ୨୪ ଘଣ୍ଟା ଭିତରେ ରିପୋର୍ଟ ମିଳିବା ପରେ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଅତିରିକ୍ତ ମୁଖ୍ୟ ସଚିବ ପ୍ରକାଶ କରିଛନ୍ତି। ଆହତମାନେ କିପରି ସର୍ବୋତ୍ତମ ଚିକିତ୍ସା ସୁବିଧା ପାଇପାରିବେ, ସେଥିଲାଗି ସମସ୍ତ ବନ୍ଦୋବସ୍ତ କରିବା ଲାଗି ମୁଖ୍ୟମନ୍ତ୍ରୀ ଆଗ୍ରା ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ମୃତ ବ୍ୟକ୍ତିଙ୍କ ନିକଟ ସମ୍ପର୍କୀୟଙ୍କୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଛି। ମୁଖ୍ୟମନ୍ତ୍ରୀ ତାଙ୍କ ଡେପୁଟି ଦୀନେଶ ଶର୍ମା ଓ ପରିବହନ ରାଷ୍ଟ୍ରମନ୍ତ୍ରୀ ସ୍ୱତନ୍ତ୍ର ଦେବ ସିଂଙ୍କୁ ତୁରନ୍ତ ଘଟଣାସ୍ଥଳ ପରିଦର୍ଶନ କରିବା ଲାଗି କହିଛନ୍ତି।



‘ଜନରଥ’ ନାମକ ବସ୍ ଯମୁନା ଏକ୍ସପ୍ରେସ ୱେ’ରେ ଦୁର୍ଘଟଣାର ସମ୍ମୁଖୀନ ହୋଇ ନାଳ ଭିତରକୁ ଖସିପଡ଼ିବା ପରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

- କମିଟି ଗଠନ ସହ ମୁଖ୍ୟମନ୍ତ୍ରୀଙ୍କ ତଦନ୍ତ ନିର୍ଦ୍ଦେଶ
- ପ୍ରଧାନମନ୍ତ୍ରୀ, ପ୍ରତିରକ୍ଷା ମନ୍ତ୍ରୀଙ୍କ ଶୋକପ୍ରକାଶ
- ମୃତକଙ୍କ ସମ୍ପର୍କୀୟଙ୍କୁ ୫ ଲକ୍ଷ ସହାୟତା ଘୋଷଣା

ଲକ୍ଷ୍ନୌରୁ ଦିଲ୍ଲୀ ଅଭିମୁଖେ ଯାଉଥିବା ସ୍ଲିପର କୋଚ୍ ‘ଜନରଥ’ ନାମକ ବସ୍ ଯମୁନା ଏକ୍ସପ୍ରେସ ୱେ’ରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ଉତ୍ତରପ୍ରଦେଶ ପୋଲିସ ପକ୍ଷରୁ ଟୁଇଟ୍ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏନେଇ ଶୋକପ୍ରକାଶ କରିଥିବାବେଳେ ଭାଜପା ସାଧାରଣ ସମ୍ପାଦକ ପଙ୍କଜ ସିଂଙ୍କୁ ଘଟଣାସ୍ଥଳକୁ ପଠାଯାଇଥିବା ଜଣାପଡ଼ିଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସମେତ ଅନେକ ନେତା ଏନେଇ ଶୋକବ୍ୟକ୍ତ କରିଥିବା ଜଣାପଡ଼ିଛି।

### ଆଜିର ସମ୍ପାଦକୀୟ

## ନୀତି ନୁହେଁ, ବୁଝାମଣା

### ଆଜିର ମନ୍ତବ୍ୟ

“ଜମ୍ମୁ-କଶ୍ମୀରରେ ଆତଙ୍କବାଦୀମାନେ ନେତୃତ୍ୱ ସଙ୍କଟର ସମ୍ମୁଖୀନ ହୋଇଛନ୍ତି।
-ରାଜନାଥ ସିଂ, ପ୍ରତିରକ୍ଷା ମନ୍ତ୍ରୀ


NECC NATIONAL EGG CO-ORDINATION COMMITTEE 08.07.2019 Venc🐓b CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 92 | 148 | 158 |
| CTC | 89 | 144 | 154 |
| DKL | 89 | 144 | 154 |
| BDK | 87 | 141 | 151 |
| BLS | 87 | 141 | 151 |
| ANG | 89 | 144 | 154 |

*Conditions Apply
Eggs Retail Price- 52/-Dozen
Issued in the Interest of Consumers


### ଖଲ୍ଲିକୋଟ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ

# କଲ୍ୟାଣ ମଣ୍ଡପରେ ହେବ ପାଠପଢ଼ା

ବ୍ରହ୍ମପୁର ଅଫିସ୍,୮।୭

## ୪ବର୍ଷ ବିତିଲା ସ୍ଥାୟୀ କ୍ୟାମ୍ପସ୍ ନାହିଁ

- ମାସକୁ ଭଡ଼ା ୮ଲକ୍ଷ ୨୫ ହଜାର ଟଙ୍କା

ଖଲ୍ଲିକୋଟ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ଘୋଷଣାକୁ ୪ବର୍ଷ ବିତିଥିଲେ ମଧ୍ୟ ଏହାର ସ୍ଥାୟୀ କ୍ୟାମ୍ପସ୍ ନାହିଁ। ଫଳରେ ପାଠପଢ଼ାଠାରୁ ଆରମ୍ଭ କରି ପ୍ରଶାସନିକ କାର୍ଯ୍ୟ କରିବାରେ ଅସୁବିଧା ହେଉଛି। ଏବେ ଭଡ଼ାଘରେ ବିଶ୍ୱବିଦ୍ୟାଳୟ ଚଳାଇବା ପାଇଁ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି। ବ୍ରହ୍ମପୁର ସହର ଉପକଣ୍ଠ କନିଷିସ୍ଥିତ ଏକ କଲ୍ୟାଣ ମଣ୍ଡପକୁ ଭଡ଼ାରେ ନେଇ ସେଠାରେ ପାଠପଢା ହେବ। ଏ ବାବଦରେ ମାସିକ ପ୍ରାୟ ୮ଲକ୍ଷ ଟଙ୍କାରୁ ଅଧିକ ଟଙ୍କା ଭଡ଼ା ଦିଆଯିବ।

୨୦୧୫ ମେ’୧୫ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟର ପ୍ରଥମ ବିଶ୍ୱବିଦ୍ୟାଳୟ ଭାବେ ଖଲ୍ଲିକୋଟ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ଘୋଷଣା କରାଯାଇଥିଲା। ଏହି ବିଶ୍ୱବିଦ୍ୟାଳୟ ଅଧୀନରେ ୫ ମହାବିଦ୍ୟାଳୟ ଖଲ୍ଲିକୋଟ ସ୍ୱୟଂ ଶାସିତ ମହାବିଦ୍ୟାଳୟ, ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ, ଶଶିଭୂଷଣ ରଥ ସରକାରୀ ମହିଳା ମହାବିଦ୍ୟାଳୟ, ଗୋପାଳପୁର ମହାବିଦ୍ୟାଳୟ ଏବଂ ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ରଖିବାକୁ ନିଷ୍ପତ୍ତି ନିଆଯାଇଥିଲା। ବିଶ୍ୱବିଦ୍ୟାଳୟ ଘୋଷଣା ହେଲା ସତ, କିନ୍ତୁ ଭିତ୍ତିଭୂମି ଦିଗରେ କୌଣସି ପଦକ୍ଷେପ ନିଆଗଲା ନାହିଁ। ପ୍ରମୁଖ ସମସ୍ୟା ଥିଲା କ୍ୟାମ୍ପସ୍। ପ୍ରଥମେ କୁହାଗଲା ପାଲୁର୍ ହିଲ୍‌ରେ ୨୦ ଏକର ଜାଗାରେ ସ୍ଥାୟୀ କ୍ୟାମ୍ପସ୍ ନିର୍ମାଣ ହେବ। କାମଚଳା ଭାବେ ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ କ୍ୟାମ୍ପସ୍‌ରେ ପ୍ରଶାସନିକ କକ୍ଷକୁ ରଖାଗଲା। ଧୀରେ ଧୀରେ ଅଧ୍ୟାପକ ନିଯୁକ୍ତି ହେଲେ। ୨୦୧୮-୧୯ ଶିକ୍ଷାବର୍ଷରେ ପ୍ରଥମ ଥର ପାଇଁ ଛାତ୍ରୀଛାତ୍ରମାନେ ନାମ ଲେଖାଇଲେ। ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ବର୍ଗରେ ୬ ବିଭାଗ ରହିଛି। କିନ୍ତୁ ସେତିକି ଶ୍ରେଣୀ କକ୍ଷ ନାହିଁ କି ଅନ୍ୟାନ୍ୟ କାର୍ଯ୍ୟ ପାଇଁ କୋଠା ନାହିଁ।




ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ଅସ୍ଥାୟୀ କ୍ୟାମ୍ପସ୍।

ଅନ୍ୟପଟେ ସ୍ଥାୟୀ କ୍ୟାମ୍ପସ୍ ପାଇଁ ପାଲୁର୍ ହିଲ୍‌ରେ ଜାଗା ଚିହ୍ନଟ ହୋଇଥିଲେ ମଧ୍ୟ ସେଠାରେ ସମସ୍ୟା ହେଲା ପାଣି। ଏଣୁ କ୍ୟାମ୍ପସ୍ ନିର୍ମାଣ ହେଲେ ଛାତ୍ରୀଛାତ୍ରଙ୍କୁ ଆବଶ୍ୟକ ଅନୁସାରେ ପାଣି ମିଳିବନି। ଏଭଳି ଦ୍ୱନ୍ଦ୍ୱରେ ପଡ଼ିବା ପରେ ଶେଷରେ ଭଡ଼ା ଘରେ ବିଶ୍ୱବିଦ୍ୟାଳୟ ଚଳାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା।

ଗତ ଏକ ମାସରୁ ଅଧିକ ସମୟ ହେଲା ବିଶ୍ୱବିଦ୍ୟାଳୟର ବରିଷ୍ଠ ଅଧିକାରୀ ଏବଂ ଅଧ୍ୟାପକମାନେ ସହର ଏବଂ ଆଖାପାଖ ଅଞ୍ଚଳରେ ଭଡ଼ା ଘର ଖୋଜିଥିଲେ। ବିଭାଗର ଏକ ପ୍ରତିନିଧି ଦଳ ବିଭିନ୍ନ କୋଠା ବୁଲିବା ଦେଖିବା ପରେ କନିଷିରେ ଥିବା ଜିମ୍ୟାକ୍ସ କଲ୍ୟାଣ ମଣ୍ଡପକୁ ଚୟନ କରିଛନ୍ତି। ଏହାର ଭଡ଼ା ବାବଦରେ ମାସିକ ୭ଲକ୍ଷ ୫୧ହଜାର ୪ଶହ ଟଙ୍କା ଏବଂ ଆସବାବପତ୍ର ଭଡ଼ା ବାବଦରେ ମାସିକ ୭୩ହଜାର ୮୭୬ଟଙ୍କା ସମ୍ପୃକ୍ତ ମାଲିକଙ୍କୁ ପ୍ରଦାନ କରାଯିବ। ଏହା ଉପରେ ପୁଣି ଟିକସ ରହିଛି। ସ୍ଥାୟୀ କ୍ୟାମ୍ପସ୍ ନିର୍ମାଣ ହେବା ପର୍ଯ୍ୟନ୍ତ ଭଡ଼ାରେ ବିଶ୍ୱବିଦ୍ୟାଳୟ ଚାଲିବ ବୋଲି ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ବିଶ୍ୱବିଦ୍ୟାଳୟ କୁଳସଚିବଙ୍କୁ ଲେଖାଯାଇଥିବା ଚିଠିରେ ଉଲ୍ଲେଖ କରାଯାଇଛି।

ଖଲ୍ଲିକୋଟ କ୍ଲଷ୍ଟର ବିଶ୍ୱବିଦ୍ୟାଳୟର କୁଳସଚିବ କିଶୋର ଚନ୍ଦ୍ର ଦାସ କହିଛନ୍ତି, ବର୍ତ୍ତମାନ ଅସ୍ଥାୟୀ କ୍ୟାମ୍ପସ୍‌ରେ ବିଶ୍ୱବିଦ୍ୟାଳୟ ଚଳାଇବାରେ ଅସୁବିଧା ହେବାରୁ ଭଡ଼ା ଘର ଖୋଜାଯାଇଛି। ଛାତ୍ରୀଛାତ୍ରମାନେ ଯେମିତି ସୁବିଧାରେ ପଢ଼ିପାରିବେ, ସେ ଦିଗରେ ପଦକ୍ଷେପ ନିଆଯାଉଛି ବୋଲି ସେ ପ୍ରକାଶ କରିଛନ୍ତି।



❝ ଅମରନାଥ ଯାତ୍ରା ଲାଗି ଗ୍ରହଣ କରାଯାଇଥିବା ସୁରକ୍ଷା ବ୍ୟବସ୍ଥା କଶ୍ମୀର ବିରୋଧୀ।


- ମେହବୁବା ମୁଫ୍ତି
ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ

# ଆଧାର ସଂଶୋଧନ ବିଲ୍ ପାର୍ଲାମେଣ୍ଟରେ ଗୃହୀତ

ନୂଆଦିଲ୍ଲୀ,୮।୭(ପି.ଟି.)

ଆଧାର ସଂଶୋଧନ ବିଲ୍ ସୋମବାର ପାର୍ଲାମେଣ୍ଟରେ ଗୃହୀତ ହୋଇଛି। ଫଳରେ ଜଣେ ଚାହିଁଲେ ବ୍ୟାଙ୍କ ଖାତା ଖୋଲିବା ଏବଂ ମୋବାଇଲ ସିମ୍ କାର୍ଡ କିଣିବାରେ ଆଧାରକୁ ପରିଚୟ ପ୍ରମାଣ ଭାବେ ବ୍ୟବହାର କରିପାରିବେ। ଆଧାର ଓ ଅନ୍ୟାନ୍ୟ ଆଇନ (ସଂଶୋଧନ) ବିଲ୍,୨୦୧୯ ରାଜ୍ୟ ସଭାରେ ବାଚନିକ ଭୋଟରେ ଗୃହୀତ ହୋଇଛି। ୪ ତାରିଖରେ ଏହା ଲୋକ ସଭାର ଅନୁମୋଦନ ଲାଭ କରିଥିଲା। ତେବେ ଆଧାର ତଥ୍ୟ ସମ୍ପର୍କିତ ବ୍ୟବସ୍ଥାର ଉଲ୍ଲଂଘନ କଲେ ସମ୍ପୃକ୍ତ ଘରୋଇ ସଂସ୍ଥାକୁ ୧ କୋଟି ଟଙ୍କା ଜରିମାନା ସହ ଜେଲଦଣ୍ଡ ଭୋଗିବାକୁ ପଡିବ। ଜୁନ୍ ୨୪ରେ ଉକ୍ତ ବିଲ୍‌କୁ ଲୋକ ସଭାରେ ଆଗତ କରାଯାଇଥିଲା।

## ଲୋକ ସଭାରେ ୬ ବିଲ୍ ଆଗତ



ଲୋକ ସଭାରେ ସୋମବାର ଖାଉଟି ସୁରକ୍ଷା ବିଲ୍ ସମେତ ୬ଟି ବିଧେୟକ ଆଗତ ହୋଇଛି। ଖାଉଟିମାନଙ୍କ ଅଧିକାରକୁ ସୁଦୃଢ଼ କରିବା ସହ ଦ୍ରବ୍ୟ ଓ ସେବା ପ୍ରଦାନ କ୍ଷେତ୍ରରେ ରହୁଥିବା ତ୍ରୁଟି ଦୂର ଲାଗି ବ୍ୟବସ୍ଥା କରିବାକୁ ଖାଉଟି ସୁରକ୍ଷା ବିଲ୍ ଅଣାଯାଇଛି। ଖାଉଟି ବ୍ୟାପାର ମନ୍ତ୍ରୀ ରାମବିଳାସ ପାଶ୍ୱାନ ବିଲ୍ ଆଗତ କରିଥିଲେ। ଗତ ଡିସେମ୍ବରରେ ଉକ୍ତ ବିଲ୍ ଲୋକ ସଭାରେ ଗୃହୀତ ହୋଇଥିଲେ ହେଁ ରାଜ୍ୟ ସଭାର ଅନୁମୋଦନ ଲାଭ କରି ନ ପାରିବାରୁ ରଦ୍ଦ ହୋଇଯାଇଥିଲା।

ଏହାବ୍ୟତୀତ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ)କୁ ଅଧିକ କ୍ଷମତା ଦେବା ପାଇଁ ସରକାର ଏନ୍ଆଇଏ ଆଇନରେ ସଂଶୋଧନ ଲାଗି ଏକ ବିଲ୍ ଆଣିଛନ୍ତି। ଭାରତୀୟଙ୍କୁ ଏବଂ ବିଦେଶରେ ଥିବା ଭାରତର ସ୍ୱାର୍ଥକୁ ଟାର୍ଗେଟ କରୁଥିବା ଆତଙ୍କବାଦୀ ସଂଗଠନ ବିରୋଧରେ ଏନ୍ଆଇଏ ତଦନ୍ତ କରିଥାଏ। ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଜି. କିଶନ ରେଡ୍ଡୀ ଏନ୍ଆଇଏ (ସଂଶୋଧନ) ବିଲ୍, ୨୦୧୯ ଆଗତ କରିଥିଲେ। ବିଲ୍‌ରେ ଏନ୍ଆଇଏକୁ ସାଇବର ଅପରାଧ ଏବଂ ମାନବ ଚାଲାଣ ଘଟଣାର ତଦନ୍ତ କ୍ଷମତା ପ୍ରଦାନ କରାଯାଇଛି। ସେହିପରି ସୋମବାର ବେଆଇନ କାର୍ଯ୍ୟକଳାପ ନିରାକରଣ ଆଇନରେ ସଂଶୋଧନ ଲାଗି ଏକ ବିଲ୍ ଲୋକ ସଭାରେ ଆଗତ ହୋଇଛି। ଏହା ଆଇନରେ ପରିଣତ ହେଲେ ଆତଙ୍କବାଦ ସହ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଆତଙ୍କବାଦୀ ଘୋଷଣା କରାଯାଇପାରିବ। ଆର୍ଏସ୍ପି ଏମ୍ପି ଏନ୍.କେ. ପ୍ରେମଚନ୍ଦ୍ରନ୍ ଉକ୍ତ ବିଲ୍‌କୁ ବିରୋଧ କରିଥିଲେ। ଆତଙ୍କବାଦ ଦମନ ନାଁରେ ବ୍ୟକ୍ତିର ମୌଳିକ ଅଧିକାରକୁ କ୍ଷୁଣ୍ଣ କରାଯାଇପାରିବ ନାହିଁ ବୋଲି ସେ କହିଥିଲେ।

ଅନ୍ୟାନ୍ୟ ବିଲ୍ ମଧ୍ୟରେ ସରକାରୀ ବାସଭବନକୁ ବେଆଇନ ଭାବେ ମାଡ଼ିବସିଥିବା ଲୋକଙ୍କୁ ବାହାର କରିବା ପାଇଁ ଏକ ବିଧେୟକ ଅଣାଯାଇଛି। ସହରାଞ୍ଚଳ ବିକାଶ ମନ୍ତ୍ରୀ ହରଦୀପ ସିଂ ପୁରି ସରକାରୀ ବାସଭବନ (ବେଆଇନ ଦଖଲକାରୀଙ୍କୁ ଖାଲି କରିବା) ସଂଶୋଧନ ବିଲ୍, ୨୦୧୯ ଆଗତ କରିଥିଲେ। ଏହା ବ୍ୟତୀତ ଜାଲିଆନାୱାଲା ବାଗ୍ ଜାତୀୟ ସ୍ମାରକୀର ପରିଚାଳନା କରୁଥିବା ଟ୍ରଷ୍ଟର ସ୍ଥାୟୀ ସଦସ୍ୟ ପଦରୁ କଂଗ୍ରେସ ଅଧ୍ୟକ୍ଷଙ୍କୁ ବାଦ୍ ଦେଇ ଏହାକୁ ଅଣରାଜନୈତିକ କରିବା ଲାଗି ଲୋକ ସଭାରେ ବିଲ୍ ଆଗତ ହୋଇଛି। ସେହିପରି ବ୍ୟକ୍ତି ଚିହ୍ନଟ ଲାଗି ବ୍ୟବହୃତ ଡିଏନ୍ଏ ପ୍ରଯୁକ୍ତିର ନିୟନ୍ତ୍ରଣ ଲାଗି ସରକାର ଏକ ବିଲ୍ ଆଣିଛନ୍ତି। ବିରୋଧୀ ସଦସ୍ୟମାନେ ଡିଏନ୍ଏ ପ୍ରଯୁକ୍ତି ନିୟାମକ ବିଲ୍‌ର ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଇଥିଲେ। ଗତ ଜାନୁୟାରୀରେ ଏହି ବିଲ୍ ଲୋକ ସଭାରେ ଗୃହୀତ ହୋଇଥିଲେ ହେଁ ରାଜ୍ୟ ସଭାରେ ଅନୁମୋଦନ ହୋଇପାରି ନ ଥିଲା।



ମୁମ୍ବାଇ: କର୍ନାଟକର କେତେକ କଂଗ୍ରେସ ବିଧାୟକ ଭାଜପା ନେତାଙ୍କୁ ସାକ୍ଷାତ୍ କରିବା ପ୍ରତିବାଦରେ ବିକ୍ଷୋଭରତ ଯୁବ କଂଗ୍ରେସ କର୍ମକର୍ତ୍ତାଙ୍କୁ ପୋଲିସ ଅଟକାଉଛି।

## କୁମାରସ୍ୱାମୀଙ୍କ ଇସ୍ତଫା ଦାବି କଲା ଭାଜପା


**ବେଙ୍ଗାଲୁରୁ,୮।୭(ପି.ଟି.)**–କର୍ନାଟକରେ ମେଣ୍ଟ ସରକାର ସଂଖ୍ୟାଲଘୁରେ ପରିଣତ ହୋଇଥିବାରୁ ନୈତିକତା ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ପଦରୁ ଏଚ୍.ଡି. କୁମାରସ୍ୱାମୀ ଇସ୍ତଫା ଦିଅନ୍ତୁ ବୋଲି ଭାଜପା ଦାବି କରିଛି। କଂଗ୍ରେସ ଓ ଜେଡିଏସ୍‌ର ୧୪ ବିଧାୟକଙ୍କ ଇସ୍ତଫା ପରେ ସରକାରରୁ ଦୁଇ ସ୍ୱାଧୀନ ବିଧାୟକ ସମର୍ଥନ ପ୍ରତ୍ୟାହାର କରିଥିବାରୁ କୁମାରସ୍ୱାମୀ ନୂଆ ସରକାର ଗଠନ ପାଇଁ ବାଟ ଛାଡିଦେବାକୁ ଭାଜପା ନେତା ଶୋଭା କରଣ୍ଡଲାଜେ କହିଛନ୍ତି।

■ ପାର୍ଲାମେଣ୍ଟରେ କର୍ନାଟକ ତାତି

# କେନ୍ଦ୍ରକୁ ଦାୟୀ କଲା କଂଗ୍ରେସ

ନୂଆଦିଲ୍ଲୀ,୮।୭(ପି.ଟି.)

## ଇସ୍ତଫା ପର୍ବ ରାହୁଲ ଆରମ୍ଭ କରିଛନ୍ତି: ରାଜନାଥ



ରାଜନାଥ ସିଂ



ଅଧୀର ରଞ୍ଜନ ଚୌଧୁରୀ

କର୍ନାଟକରେ ରାଜନୈତିକ ସଙ୍କଟ ଲାଗି ରହିଥିବାବେଳେ ଏହାକୁ ନେଇ ସୋମବାର ଲୋକ ସଭାରେ ଝଡ଼ ସୃଷ୍ଟି ହୋଇଥିଲା। କର୍ନାଟକ ସ୍ଥିତି ସହ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କର କୌଣସି ସମ୍ପର୍କ ନାହିଁ, ଦଳବଦଳ ପାଇଁ କୌଣସି ବିଧାୟକ କିମ୍ବା ଏମ୍ପିଙ୍କ ଉପରେ ଚାପ ପକାଯାଇ ନାହିଁ ବୋଲି କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ ସୋମବାର ଲୋକ ସଭାରେ କହିଛନ୍ତି। ପାର୍ଲାମେଣ୍ଟ ପବିତ୍ରତାର ସୁରକ୍ଷା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି।

କର୍ନାଟକ ଓ ମଧ୍ୟପ୍ରଦେଶରେ କଂଗ୍ରେସ ନେତୃତ୍ୱାଧୀନ ସରକାରକୁ ଭାଙ୍ଗିବା ପାଇଁ ଭାଜପା ନେତୃତ୍ୱାଧୀନ ସରକାର ଷଡ଼ଯନ୍ତ୍ର କରୁଛି ବୋଲି ଲୋକ ସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ଅଭିଯୋଗ କରିଥିଲେ। ସେମାନେ କଂଗ୍ରେସ ବିଧାୟକମାନଙ୍କୁ ମୁମ୍ବାଇର ପଞ୍ଚତାରକା ହୋଟେଲରେ ରଖିଛନ୍ତି। ବିଧାୟକମାନେ ରାଜ୍ୟପାଳଙ୍କୁ ଭେଟିବା ପରେ ହଠାତ୍ ସେମାନଙ୍କ ପାଇଁ ଗାଡ଼ି, ବିମାନ ଓ ହୋଟେଲ ବ୍ୟବସ୍ଥା ହେଲା କିପରି ବୋଲି ସେ ପ୍ରଶ୍ନ କରିଥିଲେ। ଭାଜପା ଘୋଡ଼ାବେପାରୀ ଦଳ ଏବଂ କେନ୍ଦ୍ର ସରକାର ଗଣତନ୍ତ୍ର ପ୍ରତି ବିଶ୍ୱାସଘାତ କରିଥିବା ଶୂନ୍ୟକାଳରେ ଅଧୀର ଅଭିଯୋଗ କରିଥିଲେ।

କଂଗ୍ରେସ ସଦସ୍ୟଙ୍କ ଅଭିଯୋଗକୁ ଖଣ୍ଡନ କରି ରାଜନାଥ କହିଥିଲେ, କଂଗ୍ରେସରେ ଇସ୍ତଫା ପର୍ବ ଦଳର ନେତା ରାହୁଲ ଗାନ୍ଧୀଙ୍କଠାରୁ ଆରମ୍ଭ ହୋଇଛି। ଏହି ଦଳର ବଡ଼ ନେତାମାନେ ଇସ୍ତଫା ଦେଉଛନ୍ତି। ଏହା ପରେ ଗୃହରେ କଂଗ୍ରେସ ସଦସ୍ୟମାନେ ହୋହଲ୍ଲା କରିବା ସହ ପ୍ଲାକାର୍ଡ ଦେଖାଇଥିଲେ। ଶାନ୍ତ ହେବା ପାଇଁ ବାଚସ୍ପତି ଓମ୍ ବିର୍ଲାଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ ସେମାନେ ହଟ୍ଟଗୋଳ ଜାରି ରଖିଥିଲେ।

## ପ୍ରଧାନମନ୍ତ୍ରୀଙ୍କ ପାଇଁ ଗୀତ ଗାଇଲେ ଗୀତା ରାବାରୀ

ନୂଆଦିଲ୍ଲୀ,୮।୭

ଗୁଜରାଟୀ ଲୋକଗାୟିକା ଗୀତା ରାବାରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପାର୍ଲାମେଣ୍ଟରେ ସାକ୍ଷାତ୍ କରି ଏକ ଲୋକସଂଗୀତ ଗାଇଛନ୍ତି। ଗୀତା ମାଲଧାରୀ ସମ୍ପ୍ରଦାୟର। ସେ କହନ୍ତି, ତାଙ୍କ ପିତା ଏକ ପୋଷ୍ଟକାର୍ଡ ପାଇଥିଲେ, ଯେଉଁଥିରେ ଲେଖାଥିଲା 'ବେଟି ବଚାଓ, ବେଟି ପଢ଼ାଓ'। ସେହିଦିନଠାରୁ ତାଙ୍କୁ ସ୍କୁଲ୍‌କୁ ପଠାଗଲା। ସ୍କୁଲରେ ପଢୁଥିବାବେଳେ ସେ ପ୍ରଥମକରି ପ୍ରଧାନମନ୍ତ୍ରୀଙ୍କୁ ଭେଟିଥିଲେ। ଗୀତ ଗାଇବା ପରେ ପ୍ରଧାନମନ୍ତ୍ରୀ ତାଙ୍କୁ ୨୫୦ଟଙ୍କା ଦେଇ ଏହି ଅଭ୍ୟାସ ଜାରି ରଖିବାକୁ ପରାମର୍ଶ ଦେଇଥିଲେ।



■ ସବୁ ଜିଲାରେ ମାନବାଧିକାର କୋର୍ଟ ପ୍ରତିଷ୍ଠା ଆବେଦନ

# କେନ୍ଦ୍ରକୁ ଜବାବ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୮।୭(ପି.ଟି.)



ପ୍ରତି ଜିଲାରେ ମାନବାଧିକାର ଅଦାଲତ ସ୍ଥାପନ ପାଇଁ କରାଯାଇଥିବା ଏକ ଆବେଦନକୁ ସୁପ୍ରିମକୋର୍ଟ ଶୁଣାଣି ପାଇଁ ଗ୍ରହଣ କରିବା ସହ ଏଥିପାଇଁ କେନ୍ଦ୍ର ସରକାରଙ୍କୁ ଜବାବ ମାଗିଛନ୍ତି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ, ଜଷ୍ଟିସ୍ ଦୀପକ ଗୁପ୍ତା ଓ ଅନିରୁଦ୍ଧ ବୋଷଙ୍କୁ ନେଇ ଗଠିତ ଖଣ୍ଡପୀଠ ସମସ୍ତ ୨୯ ରାଜ୍ୟକୁ ନୋଟିସ ଜାରି କରି ମାନବାଧିକାର ଉଲ୍ଲଂଘନ ମାମଲାଗୁଡ଼ିକର ତୁରନ୍ତ ବିଚାର ପାଇଁ ସ୍ୱତନ୍ତ୍ର ସରକାରୀ ଓକିଲ (ଏସ୍‌ପିପି) ନିଯୁକ୍ତି ସମ୍ପର୍କରେ ଜଣାଇବାକୁ କହିଛନ୍ତି। ମାନବାଧିକାର ଆଇନ ଅନୁଯାୟୀ ଏଭଳି ମାମଲାଗୁଡ଼ିକର ବିଚାର ୩ ମାସ ମଧ୍ୟରେ ବିଚାର ସରିବା ଆବଶ୍ୟକ। ଭାବିକା ଫୋରେ ନାମକ ଜଣେ ଆଇନ ଛାତ୍ର ଏହି ପିଟିଶନ ଦାଏର କରିଥିଲେ। ୨୯ ରାଜ୍ୟ ଓ ୭ କେନ୍ଦ୍ରଶାସିତ ଅଞ୍ଚଳର ୭୨୫ ଜିଲାରେ ମାନବାଧିକାର ଅଦାଲତ ପ୍ରତିଷ୍ଠା ଲାଗି ପର୍ଯ୍ୟାପ୍ତ ପାଣ୍ଠି ଯୋଗାଇଦେବା ନିମନ୍ତେ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ପିଟିଶନର କୋର୍ଟଙ୍କୁ ଅନୁରୋଧ କରିଥିଲେ।

## ମସ୍‌ଜିଦରେ ମହିଳାଙ୍କ ପ୍ରବେଶ ଆବେଦନ ସୁପ୍ରିମକୋର୍ଟରେ ଖାରଜ

ନୂଆଦିଲ୍ଲୀ,୮।୭(ପି.ଟି.)

ମସ୍‌ଜିଦରେ ନମାଜ ପାଠ ଲାଗି ମୁସଲମାନ ମହିଳାମାନଙ୍କୁ ଅନୁମତି ଦେବାକୁ ନିର୍ଦ୍ଦେଶ ଦେବା ନିମନ୍ତେ ଅଖିଳ ଭାରତ ହିନ୍ଦୁ ମହାସଭା କେରଳ ଶାଖା ପକ୍ଷରୁ ହୋଇଥିବା ଆବେଦନକୁ ସୁପ୍ରିମକୋର୍ଟ ସୋମବାର ଖାରଜ କରିଦେଇଛନ୍ତି। ଏହି ଜନସ୍ୱାର୍ଥ ମାମଲା ଅନ୍ୟଦ୍ୱାରା ପ୍ରେରିତ ଏବଂ ଶସ୍ତା ପ୍ରଚାର ପାଇଁ ଉଦ୍ଦିଷ୍ଟ ବୋଲି ପୂର୍ବରୁ କେରଳ ହାଇକୋର୍ଟ କହିବା ସହ ଏହାକୁ ଖାରଜ କରିଦେଇଥିଲେ। ହାଇକୋର୍ଟଙ୍କ ରାୟକୁ ସର୍ବୋଚ୍ଚ ଅଦାଲତ କାଏମ ରଖିଛନ୍ତି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ ଦୀପକ ଗୁପ୍ତା ଓ ଅନିରୁଦ୍ଧ ବୋଷ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ ଆବେଦନକାରୀ ହିନ୍ଦୁ ମହାସଭା କେରଳ ରାଜ୍ୟ ସଭାପତି ସ୍ୱାମୀ ଦତ୍ତାତ୍ରେୟ ସାଇ ସ୍ୱରୂପ ନାଥଙ୍କ ଉପରେ ବର୍ଷିଥିଲେ। ସେ ମାଲାୟଲମ ଭାଷାରେ ଅଦାଲତଙ୍କ ପ୍ରଶ୍ନର ଜବାବ ରଖିବାକୁ ଉଦ୍ୟମ କରୁଥିବାବେଳେ ଏହାକୁ ଅନୁବାଦ କରିବା ଲାଗି ଖଣ୍ଡପୀଠ ତାଙ୍କ ଓକିଲଙ୍କୁ କହିଥିଲେ।

# ୨୫ ଗୋଚାଲାଣକାରୀଙ୍କୁ ଆକ୍ରମଣ

■ 'ଗୋ ମାତା କି ଜୟ' କହିବାକୁ ବାଧକଲେ
■ ଭିଡିଓ ଭାଇରାଲ

ଖଣ୍ଡୱା,୮।୭ (ପି.ଟି.)



ପୋଲିସ ହେପାଜତରେ ଗୋଚାଲାଣକାରୀ।

ମଧ୍ୟପ୍ରଦେଶର ଖଣ୍ଡୱା ଜିଲାରେ ୨୫ ଜଣ ଗୋଚାଲାଣକାରୀଙ୍କୁ ସ୍ଥାନୀୟ ଲୋକେ ବାନ୍ଧି ମାଡ଼ମାରିବା ସହ ସେମାନଙ୍କୁ ଜୋରଜବରଦସ୍ତ 'ଗୋ ମାତା କି ଜୟ' କହିବାକୁ ବାଧ କରିଥିବା ଜଣାପଡ଼ିଛି। ଏନେଇ ଭିଡିଓ ଭାଇରାଲ ହେବା ପରେ ପ୍ରଶାସନର ଚେତା ପଶିଛି। ପୋଲିସ କହିବାନୁଯାୟୀ, କେତେକ ଗୋରକ୍ଷକ ଗୋଚାଲାଣକାରୀଙ୍କୁ ଜୋର ଜବରଦସ୍ତ ବାନ୍ଧିଦେଇ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ସେମାନେ ମହାରାଷ୍ଟ୍ରରୁ ଗୋଚାଲାଣ କରୁଥିବାବେଳେ ଗୋରକ୍ଷକଙ୍କ ହାବୁଡ଼ରେ ପଡ଼ିଯାଇଥିଲେ। ତେବେ ଭାଇରାଲ ଭିଡ଼ିଓରେ ଗ୍ରାମବାସୀ ବାଡ଼ି ଧରି ଗୋଚାଲାଣକାରୀଙ୍କୁ ବାନ୍ଧି କାନଧରି 'ଗୋ ମାତା କି ଜୟ' କହିବାକୁ ବାଧ କରୁଥିବା ଦେଖାଯାଇଛି।

ଖଣ୍ଡୱା ଏସ୍‌ପି ଶିବଦୟାଲ ସିଂ କହିଛନ୍ତି ଯେ, ଗୋଚାଲାଣ ଅଭିଯୋଗରେ ୨୫ ଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ବିନା ଅନୁମତିରେ ଗୋଚାଲାଣକାରୀମାନେ ଏଭଳି କାର୍ଯ୍ୟ କରୁଥିବା ଏସ୍‌ପି କହିଛନ୍ତି। ଶତାଧିକ ଗୋରୁ ଚାଲାଣ କରାଯାଉଥିବା ଅଭିଯୋଗ ହୋଇଛି। ଏନେଇ ୨୧ ଟ୍ରକ ଜବତ ମଧ୍ୟ କରାଯାଇଛି। ଗୋରକ୍ଷା ନାମରେ ଦେଶରେ ହିଂସ୍ର ଆଚରଣ ବଢ଼ିଚାଲିଛି।

# କଶ୍ମୀର ସ୍ଥିତି ସୁଧାରିବାରେ ଭାରତ-ପାକ୍ ବିଫଳ

ଜେନିଭା,୮।୭ (ପି.ଟି.)





ରବୀଶ କୁମାର

ଭାରତ ଓ ପାକିସ୍ତାନ କଶ୍ମୀର ସ୍ଥିତି ସୁଧାରିବାରେ ବିଫଳ ହୋଇଛନ୍ତି। ପୂର୍ବ ରିପୋର୍ଟ ମୁତାବକ ପ୍ରମୁଖ ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା କରାଯାଇ ନାହିଁ କି ଏଥିରେ ସୁଧାର ଅଣାଯିବା ଲାଗି ସେଭଳି କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ ବୋଲି ଜାତିସଂଘ ଅଧିକାର କାର୍ଯ୍ୟାଳୟ ପକ୍ଷରୁ ସୋମବାର ପ୍ରକାଶ କରାଯାଇଛି। ଏହାକୁ ନେଇ ଭାରତ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହ ଏହି ରିପୋର୍ଟ ପୁରୁଣା ଓ ମନଗଢ଼ା ବୋଲି କହିଛି। ପାକିସ୍ତାନ ପଟୁ ହେଉଥିବା ସୀମାପାର ଆତଙ୍କବାଦ ଭଳି ପ୍ରମୁଖ ପ୍ରସଙ୍ଗକୁ ଅଣଦେଖା କରାଯାଉଥିବା ଭାରତ ଅଭିଯୋଗ କରିଛି।

ଗତବର୍ଷ ମାନବାଧିକାର ନେଇ ଜାତିସଂଘ ହାଇକମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ କଶ୍ମୀର ଉପରେ ପ୍ରଥମ ରିପୋର୍ଟ ପ୍ରକାଶ କରାଯାଇଥିଲା। ଏଥିରେ ଭାରତ ଓ ପାକିସ୍ତାନ ଦୀର୍ଘଦିନର ସମସ୍ୟା ସୁଧାରିବା ଲାଗି ଦୃଢ଼ ପଦକ୍ଷେପ ଗ୍ରହଣ କରିବା ଲାଗି କୁହାଯାଇଥିଲା। ୨୦୧୮ ମେ'ରୁ ୨୦୧୯ ମେ ମଧ୍ୟରେ କଶ୍ମୀର ଓ ପାକିସ୍ତାନ ଅଧିକୃତ କଶ୍ମୀରରେ ଦଶନ୍ଧିର ସର୍ବାଧିକ ଲୋକ ମୃତାହତ ହୋଇଥିବା ଜାତିସଂଘ ମାନବାଧିକାର ରିପୋର୍ଟରେ ଦର୍ଶାଯାଇଥିଲା। ଏବେ ଭାରତ ଓ ପାକିସ୍ତାନ ଏନେଇ କୌଣସି ଦୃଢ଼ ପଦକ୍ଷେପ ଗ୍ରହଣ କରି ନ ଥିବା ଜାତିସଂଘର ନୂଆ ରିପୋର୍ଟରେ ଦର୍ଶାଯାଇଛି। କଶ୍ମୀରରେ ଭାରତୀୟ ସୁରକ୍ଷା କର୍ମୀ କରୁଥିବା ବିଭିନ୍ନ ଉଲ୍ଲଂଘନ କାର୍ଯ୍ୟ ଲାଗି ଉତ୍ତରଦାୟୀ ରହୁ ନ ଥିବା ରିପୋର୍ଟରେ କୁହାଯାଇଛି।

ଜାତିସଂଘର ସଦ୍ୟ ପ୍ରକାଶିତ ରିପୋର୍ଟକୁ ଭାରତ ସମାଲୋଚନା କରିଛି। ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରବୀଶ କୁମାର କହିଛନ୍ତି ଯେ, ଜମ୍ମୁ–କଶ୍ମୀରରେ ମାନବାଧିକାର ନେଇ

## ଜାତିସଂଘ ରିପୋର୍ଟକୁ ଭାରତର ସମାଲୋଚନା


ଜାତିସଂଘ ହାଇକମିଶନରଙ୍କ ନୂଆ ରିପୋର୍ଟ ହେଉଛି ପୂର୍ବର ମିଛ ଓ ମନଗଢ଼ା କାହାଣୀ। ଏଥିରେ କିଛି ସତ୍ୟତା ନାହିଁ। ପାକିସ୍ତାନ ପଟୁ ହେଉଥିବା ସୀମାପାର୍ ଆତଙ୍କବାଦ ଭଳି ପ୍ରମୁଖ ପ୍ରସଙ୍ଗକୁ ଅଣଦେଖା କରାଯାଇଛି। ଏହି ରିପୋର୍ଟ ଭାରତର ସାର୍ବଭୌମତ୍ୱ ଓ ପ୍ରାଦେଶିକ ସଂହତିକୁ ଉଲ୍ଲଂଘନ କରୁଛି। ପାକିସ୍ତାନ ପଟୁ ଦୀର୍ଘବର୍ଷ ହେବ ସୀମାପାର ଆତଙ୍କବାଦୀ ଆକ୍ରମଣ ଜାରି ରହିଥିଲେ ସୁଦ୍ଧା ଏଥିପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ଦେଶ ଭାରତ ଓ ଆତଙ୍କବାଦକୁ ପ୍ରୋତ୍ସାହନ ଦେଇଆସୁଥିବା ପାକିସ୍ତାନ ମଧ୍ୟରେ ଏକ କୃତ୍ରିମ ସମତା ରକ୍ଷା ଲାଗି ରିପୋର୍ଟରେ ପ୍ରୟାସ କରାଯାଇଥିବା ଭାରତ କହିଛି।

[ଇତିହାସର ଆଇନାରେ]

## ଜୁଲାଇ ୯ର ପ୍ରମୁଖ ଘଟଣା

୧୯୮୨ ଜୁଲାଇ ୯ରେ ପାନ୍ ଆମ୍ ଫ୍ଲାଇଟ୍ ୭୫୯ ଲୁଇଜିଆନାର କେନ୍ନରଠାରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ଏଥିରେ ଥିବା ୧୪୫ ଯାତ୍ରୀଙ୍କ ମୃତ୍ୟୁ ଘଟିବା ସହିତ ଭୂପୃଷ୍ଠରେ ମଧ ୮ଜଣ ମୃତ୍ୟୁବରଣ କରିଥିଲେ। ଏହି ଯାତ୍ରୀବାହୀ ବିମାନ ମାୟାମିଠାରୁ ନ୍ୟୁ ଅର୍ଲିନ୍ସ ଏବଂ ଲାସ ଭେଗାସ ଦେଇ ଡିଏଗୋ ଯାତ୍ରା କରିଥାଏ।

୧୯୮୬ ଜୁଲାଇ ୯ରେ ନ୍ୟୁଜିଲାଣ୍ଡ ପାର୍ଲାମେଣ୍ଟରେ ସମଲିଙ୍ଗୀ ଆଇନ ସଂସ୍କାର ଅଧିନିୟମ ଗୃହୀତ ହୋଇଥିଲା। ଫଳରେ ଏହି ଦେଶରେ ସମକାମୀ ସଂପର୍କ ଆଇନସିଦ୍ଧ ହେଲା। ନ୍ୟୁଜିଲାଣ୍ଡ ପାର୍ଲାମେଣ୍ଟ ହେଉଛି ନ୍ୟୁଜିଲାଣ୍ଡ ବ୍ୟବସ୍ଥାପକ ସଭା। ଏହା କୁଇନ୍ ଅଫ୍ ନ୍ୟୁଜିଲାଣ୍ଡ ଏବଂ ନ୍ୟୁଜିଲାଣ୍ଡ ହାଉସ୍ ଅଫ ରିପ୍ରେଜେଣ୍ଟେଟିଭ୍‌କୁ ନେଇ ଗଠିତ।



ସୋମବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ମେଘୁଆ ରହିବ।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘାଚ୍ଛନ୍ନ ରହିବା ସହିତ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୨୭ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି।

ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୫.୦ | ୨୩.୮ |
| ଚାନ୍ଦବାଲି | ୩୫.୨ | ୨୬.୬ |
| କଟକ | --- | ୨୪.୦ |
| ପାରାଦ୍ୱୀପ | ୩୧.୨ | ୨୭.୯ |
| ଭୁବନେଶ୍ୱର | ୩୩.୮ | ୨୭.୦ |
| ଗୋପାଳପୁର | ୩୦.୬ | ୨୬.୦ |
| ପୁରୀ | ୩୨.୬ | ୨୬.୪ |
| ଅନୁଗୋଳ | ୩୩.୧ | ୨୨.୦ |
| ବାରିପଦା | ୩୪.୦ | ୨୬.୨ |
| ଝାରସୁଗୁଡ଼ା | ୩୦.୮ | ୨୫.୬ |
| କେନ୍ଦୁଝର | ୨୯.୦ | ୨୩.୯ |
| ସମ୍ବଲପୁର | ୩୦.୫ | ୨୪.୭ |
| ସୁନ୍ଦରଗଡ଼ | ୨୮.୦ | ୧୯.୦ |
| ହୀରାକୁଦ | ୨୯.୩ | ୨୪.୬ |
| ତାଳଚେର | --- | ୨୩.୩ |
| ଭବାନୀପାଟଣା | ୩୦.୦ | ୨୬.୫ |
| ବଲାଙ୍ଗୀର | ୩୧.୦ | ୨୫.୫ |
| କୋରାପୁଟ | ୨୬.୦ | ୧୯.୬ |
| ଫୁଲବାଣୀ | ୨୮.୨ | ୨୫.୦ |
| ଟିଟିଲାଗଡ଼ | ୩୧.୧ | ୨୧.୬ |
| ମାଲକାନଗିରି | ୩୦.୦ | ୨୦.୪ |
| ସୋନପୁର | ୩୧.୨ | ୨୨.୦ |
| ଦାରିଙ୍ଗିବାଡ଼ି | ୨୫.୦ | ୨୦.୦ |

ଡିଗ୍ରୀ ସେଲ୍‌ସିୟସ୍

## 'ପତି ପତ୍ନୀ ଔର ୱୋ'ରେ ଭୂମି ପେଡନେକର

**ଲକ୍ଷ୍ନୌ:** ଅଭିନେତ୍ରୀ ଭୂମି ପେଡନେକର ତାଙ୍କର ପରବର୍ତ୍ତୀ ଫିଲ୍ମ 'ପତିପତ୍ନୀ ଔର ୱୋ'ର ଶୁଟିଂ ଆରମ୍ଭ କରିଛନ୍ତି। ରବିବାର ଲକ୍ଷ୍ନୌ ବିମାନବନ୍ଦରରୁ ତାଙ୍କର ଏକ ଫଟୋଗ୍ରାଫ୍ ଶେୟାର ହୋଇଛି। ପୂର୍ବରୁ ସେ 'ଦମ୍ ଲଗା କୀ ହୈଶା'ରେ ଅଭିନୟ କରି ଚର୍ଚ୍ଚାକୁ ଆସିଥିଲେ। ବର୍ତ୍ତମାନର 'ପତି ପତ୍ନୀ...'ରେ ସେ ବୃହତ୍ ସହରରେ ଥିବା ଜଣେ ତରୁଣୀ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ଉକ୍ତ ଫିଲ୍ମର ନିର୍ଦ୍ଦେଶନା ମୁଡାସର ଅଜିଜ୍ ଦେଉଥିବାବେଳେ ପ୍ରସ୍ତୁତ କରୁଛନ୍ତି ଭୂଷଣ କୁମାର। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅଭିନୟ କରିଛନ୍ତି କାର୍ତ୍ତିକ ଆର୍ୟନ୍ ଏବଂ ଅନନ୍ୟା ପାଣ୍ଡେ।

ବି.ଆର. ଚୋପ୍ରାଙ୍କ ୧୯୭୮ ଫିଲ୍ମର ଏକା ଟାଇଟଲ୍ ଥିବା ଏହି ଚଳଚ୍ଚିତ୍ର ଡିସେମ୍ବର ୬ରେ ରିଲିଜ ହେବାକୁ ଯାଉଛି। ମୂଳ ଫିଲ୍ମର ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି ସ୍ୱର୍ଗତ ସଞ୍ଜୀବ କୁମାର, ବିଦ୍ୟା ସିହ୍ନା ଏବଂ ରଞ୍ଜିତ କୌର।



## 'ଆର୍ଟିକିଲ୍ ୧୫': ଆବେଦନ ଅଗ୍ରାହ୍ୟ କଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ:** ବଲିଉଡ୍ ଫିଲ୍ମ 'ଆର୍ଟିକିଲ୍ ୧୫'ର ପ୍ରମାଣପତ୍ର ବାତିଲ ଲାଗି ହୋଇଥିବା ଆବେଦନକୁ ସୁପ୍ରିମ କୋର୍ଟ ଅଗ୍ରାହ୍ୟ କରିଦେଇଛନ୍ତି। ଜଷ୍ଟିସ ଏସ୍.ଏ. ବୋବ୍‌ଡେ ଏବଂ ବି.ଆର. ଗାଭାଇଙ୍କୁ ନେଇ ଗଠିତ ଖଣ୍ଡପୀଠ ପକ୍ଷରୁ କୁହାଯାଇଛି, ଫିଲ୍ମର ଟାଇଟଲ୍ ପରିବର୍ତ୍ତନ ଏବଂ ଏହାର ସ୍କ୍ରିନିଂ ନିଷିଦ୍ଧ ଲାଗି ଆବେଦନକାରୀ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଆବେଦନ କରନ୍ତୁ। ଆବେଦନକାରୀ ଆଡଭୋକେଟ୍ ରମଜାନ୍ ଦ୍ୱିବେଦୀ ଦର୍ଶାଇଛନ୍ତି, ଫିଲ୍ମ ନିର୍ମାତା ବ୍ୟବସାୟିକ ଫାଇଦା ପାଇଁ 'ଆର୍ଟିକିଲ ୧୫' ଟାଇଟଲ୍ ବ୍ୟବହାର କରିପାରିବେ ନାହିଁ। ଜାତୀୟ ଚିହ୍ନ ଓ ନାମ ବ୍ୟବହାର କରିବାରେ ଯେଉଁ କଟକଣା ରହିଛି, ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେଶନ୍ (ସିବିଏଫ୍‌ସି) ତାହାକୁ ବିଚାରକୁ ନ ନେଇ ଉକ୍ତ ଫିଲ୍ମକୁ ସାର୍ଟିଫିକେଟ ମଞ୍ଜୁର କରିବା ତ୍ରୁଟିପୂର୍ଣ୍ଣ।

## ସଂକ୍ଷେପରେ

### ଲଙ୍କାଗୁଣ୍ଡ ପକାଇ ୧.୬୬ଲକ୍ଷ ଲୁଟ୍ ଅଭିଯୋଗ

**ଚାନ୍ଦବାଲି, ୮।୭ (ଡି.ଏନ.ଏ.):** ଭଦ୍ରକ ଜିଲା ମତୋ-ମାଧପୁର ରାସ୍ତାରେ ସୋମବାର ଅପରାହ୍ଣରେ ଫାଇନାନ୍ସ କମ୍ପାନୀର ଜଣେ ମହିଳା କର୍ମଚାରୀ ଲୁଟ୍‌ର ଶିକାର ହୋଇଛନ୍ତି। ଦୁର୍ବୃତ୍ତମାନେ ତାଙ୍କ ଉପରକୁ ଲଙ୍କାଗୁଣ୍ଡ ପକାଇ ୧ ଲକ୍ଷ ୬୬ ହଜାର ଟଙ୍କା ଲୁଟି ନେଇଥିବା ସେ ଚାନ୍ଦବାଲି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଫାଣ୍ଡି ନିକଟରୁ ପ୍ରାୟ ୨ କିଲୋମିଟର ଦୂରରେ ଏହି ଘଟଣା ଘଟିଛି। ଖବର ପାଇ କମ୍ପାନୀର ଭଦ୍ରକ ଜିଲା କର୍ମକର୍ତ୍ତା ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହି ମହିଳା ଭୁବନେଶ୍ୱରର ଅନ୍ନପୂର୍ଣ୍ଣା ଫାଇନାନ୍ସ ନାମକ ଏକ କମ୍ପାନୀର ଚାନ୍ଦବାଲି ଶାଖା କର୍ମଚାରୀ। ସ୍ଥାନୀୟ ଅଞ୍ଚଳର ବିଭିନ୍ନ ମହିଳା ଗୋଷ୍ଠୀଙ୍କଠାରୁ ମାସିକ ଟଙ୍କା ଆଦାୟ କରି ସେ ଚାନ୍ଦବାଲି ଶାଖାରେ ଜମା କରନ୍ତି। ସୋମବାର ଅପରାହ୍ଣରେ ମାଧପୁରରୁ ଟଙ୍କା ଆଦାୟ ସାରି ସେ ସ୍କୁଟିରେ ଫେରୁଥିଲେ। ବିପରୀତ ଦିଗରୁ ବାଇକ୍‌ରେ ଆସୁଥିବା ଦୁଇ ଯୁବକ ତାଙ୍କ ମୁହଁକୁ ଲଙ୍କାଗୁଣ୍ଡ ପକାଇ ତାଙ୍କ ପାଖରୁ ଟଙ୍କା ବ୍ୟାଗ୍ ଝାମ୍ପି ନେଇ ପଳାଇଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ଲିଖିତ ଅଭିଯୋଗ ମିଳିଛି, ପ୍ରାଥମିକ ତଦନ୍ତ ପରେ ମାମଲା ରୁଜୁ କରାଯିବ ବୋଲି ଚାନ୍ଦବାଲି ଥାନାଧିକାରୀ ତାପସ ପ୍ରଧାନ କହିଛନ୍ତି।




# ଗରିବ ପଦ୍ମଶ୍ରୀଙ୍କୁ ଆର୍ଥିକ ସହାୟତା

- ମାସକୁ ପାଇବେ ୧୦ହଜାର ଟଙ୍କା
- ସଂସ୍କୃତି ବିଭାଗ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

**ଭୁବନେଶ୍ୱର, ୮।୭ (ବ୍ୟୁରୋ):** ପଦ୍ମଶ୍ରୀ ସମ୍ମାନ ପାଇଥିବା ରାଜ୍ୟର ଗରିବ ବ୍ୟକ୍ତିମାନଙ୍କୁ ମାସିକ ୧୦ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବେ ରାଜ୍ୟ ସରକାର। ସଂସ୍କୃତି ବିଭାଗର ଏଭଳି ମହତ୍ତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ ଦେଇଛନ୍ତି। ଏହି ସହାୟତା ପାଇଁ ଯୋଗ୍ୟ ବ୍ୟକ୍ତିତ୍ୱଙ୍କ ମାନଦଣ୍ଡ ନିର୍ଦ୍ଧାରଣ କରିବାକୁ ମଧ୍ୟ କୁହାଯାଇଛି। ସୂଚନାଯୋଗ୍ୟ, କିଛିଦିନ ତଳେ ପଦ୍ମଶ୍ରୀ ସମ୍ମାନପ୍ରାପ୍ତ ଦୈତାରୀ ନାୟକଙ୍କ ବିଷୟରେ ଗଣମାଧ୍ୟମରେ ଏକ ଖବର ପ୍ରକାଶ ପାଇଥିଲା। ତାଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ସହାୟତା ଲାଗି ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶାର ସମସ୍ତ ପଦ୍ମଶ୍ରୀ ସମ୍ମାନପ୍ରାପ୍ତ ବ୍ୟକ୍ତିତ୍ୱଙ୍କ ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରାଯାଇଥିଲା। ଜିଲାପାଳମାନଙ୍କଠାରୁ ପ୍ରାପ୍ତ ସୂଚନା ଅନୁସାରେ ବର୍ତ୍ତମାନ ସୁଦ୍ଧା ୮୪ଜଣ ବ୍ୟକ୍ତି ପଦ୍ମଶ୍ରୀ ସମ୍ମାନ ପାଇଛନ୍ତି। ସେମାନଙ୍କ ମଧ୍ୟରୁ ୪୫ ଜଣଙ୍କର ଦେହାନ୍ତ ହୋଇସାରିଛି। ଅବଶିଷ୍ଟ ଯେଉଁମାନେ କର୍ମମୟ ଜୀବନଯାପନ କରୁଛନ୍ତି, ସେମାନଙ୍କ ମଧ୍ୟରୁ ଅଳ୍ପ କେତେଜଣଙ୍କର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନୁହେଁ ବୋଲି ଜଣାପଡ଼ିଛି। ଏଭଳି ଆର୍ଥିକ ଦୁରବସ୍ଥାସମ୍ପନ୍ନ ବ୍ୟକ୍ତିତ୍ୱମାନଙ୍କର ଦୈନନ୍ଦିନ ଭରଣପୋଷଣ ପାଇଁ ମୁଖ୍ୟମନ୍ତ୍ରୀ ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି। ଖୁବ୍‌ଶୀଘ୍ର ସେମାନଙ୍କୁ ଆର୍ଥିକ ସହାୟତା ଦିଆଯିବ। ଏହାଦ୍ୱାରା ଦୈତାରୀ ନାୟକଙ୍କ ପରି ପଦ୍ମଶ୍ରୀ ସମ୍ମାନପ୍ରାପ୍ତ ବ୍ୟକ୍ତିମାନଙ୍କର ଆର୍ଥିକ ଅବସ୍ଥାରେ ଉନ୍ନତି ଆସିପାରିବ ବୋଲି ଆଶା କରାଯାଉଛି।

# ପ୍ରାକୃତିକ ବିପର୍ଯ୍ୟୟଠାରୁ ବଳିଯାଉଛି ସଡ଼କ ଦୁର୍ଘଟଣା

- ୨ ବର୍ଷରେ ୧୯ ହଜାର ମୃତ, ୯ ଲକ୍ଷ ୩୮ ହଜାର ଆହତ
- ଅଜଣା ଗାଡ଼ି ଧକ୍କାରେ ମୃତ, ଆହତଙ୍କୁ ସରକାର ଦେବେ କ୍ଷତିପୂରଣ
- ଜିଲା ସଦର ମହକୁମାରେ ନିୟୋଜିତ ହେବେ ଟ୍ରାଫିକ୍ ଭଲ୍ୟୁଣ୍ଟିୟର

**ଭୁବନେଶ୍ୱର, ୮।୭ (ବ୍ୟୁରୋ)**

ରାଜ୍ୟରେ ସଡ଼କ ଦୁର୍ଘଟଣା ଚିନ୍ତାର କାରଣ ହୋଇଛି। ପ୍ରତିବର୍ଷ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ବଢ଼ି ବଢ଼ି ଚାଲିଛି। ଏପରି କି ଏହା ପ୍ରାକୃତିକ ବିପର୍ଯ୍ୟୟ ମୃତ୍ୟୁଠାରୁ ମଧ୍ୟ ଢେର ଅଧିକ। ଗତ ୩ ବର୍ଷରେ ରାଜ୍ୟରେ ହୋଇଥିବା ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟରେ ୬୨୨୮ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ସଡ଼କ ଦୁର୍ଘଟଣାରେ ଗତ ୨ ବର୍ଷ ମଧ୍ୟରେ ୧୯ ହଜାର ଲୋକଙ୍କର ଜୀବନ ଯାଇଛି। ଏହି ସମୟରେ ୯ ଲକ୍ଷ ୩୮ ହଜାର ଲୋକ ଆହତ ହୋଇଛନ୍ତି।

୨୦୧୭ ତୁଳନାରେ ୨୦୧୮ରେ ରାଜ୍ୟରେ ୧୧ ପ୍ରତିଶତ ଦୁର୍ଘଟଣା ବୃଦ୍ଧି ପାଇଥିବା ବେଳେ ଜାନୁୟାରୀରୁ ମେ' ମାସ ମଧ୍ୟରେ ୨୦୧୮ ତୁଳନାରେ ୨୦୧୯ ସଡ଼କ ଦୁର୍ଘଟଣା ହାର ୧୧.୭୯ ପ୍ରତିଶତ ବୃଦ୍ଧି ପାଇଛି। ଯେଉଁଠିକି ଜାତୀୟ ହାର ରହିଛି ମାତ୍ର ୦.୬ ପ୍ରତିଶତ। ଗଞ୍ଜାମ, ସୁନ୍ଦରଗଡ଼, ଖୋର୍ଦ୍ଧା, କଟକ, କେନ୍ଦୁଝର, ଯାଜପୁର, ମୟୂରଭଞ୍ଜ, ଅନୁଗୋଳ, ସମ୍ବଲପୁର, ବାଲେଶ୍ୱର, କୋରାପୁଟ ଏବଂ ଢେଙ୍କାନାଳ ଆଦି ୧୨ଟି ଜିଲାରେ ସର୍ବାଧିକ ବ୍ୟକ୍ତିଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ୨୦୧୭ରେ ଏହି ଜିଲାଗୁଡିକରେ ୪୭୯୦ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୦୧୮ରେ ୫୩୧୫ ଜଣଙ୍କର ମୃତ୍ୟୁ ହୋଇଛି। ୨୦୧୮ରେ ଗଞ୍ଜାମ ଜିଲାରେ ସର୍ବାଧିକ ୪୦୪ ଜଣଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ବେଳେ ସୁନ୍ଦରଗଡ ୩୭୪, ଖୋର୍ଦ୍ଧା ୩୪୬, କଟକ ୩୪୧, କେନ୍ଦୁଝର ୩୧୬, ଯାଜପୁର ୨୬୦, ମୟୂରଭଞ୍ଜ ୨୫୯, ଅନୁଗୋଳ ୨୫୮, ସମ୍ବଲପୁର ୨୩୫, ବାଲେଶ୍ୱର ୨୨୮ ଏବଂ କୋରାପୁଟ ଜିଲାରେ ୨୦୨ ଜଣଙ୍କର ମୃତ୍ୟୁ ହୋଇଛି। ଦୁର୍ଘଟଣା ହାର କମାଇବାକୁ ରାଜ୍ୟ ସରକାର କି ପଦକ୍ଷେପ ନେଇଛନ୍ତି, ସେନେଇ ଜୁଲାଇ ୩୧ ତାରିଖ ସୁଦ୍ଧା ସୁପ୍ରିମକୋର୍ଟଙ୍କ କମିଟି ନିକଟରେ ରାଜ୍ୟ ସରକାର ରିପୋର୍ଟ ଦେବେ। ତେଣୁ ଆସନ୍ତା ୧୫ ତାରିଖ ସୁଦ୍ଧା ଏ ନେଇ ରିପୋର୍ଟ ଯୋଗାଇବାକୁ ବାଣିଜ୍ୟ ଓ ପରିବହନ ବିଭାଗ, ଜିଲାପାଳ, ଏସ୍‌ପି, ଆଞ୍ଚଳିକ ପରିବହନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାସ୍ତା ଦୁର୍ଘଟଣା ବୃଦ୍ଧିକୁ ନେଇ ସୁପ୍ରିମକୋର୍ଟ ଉଦ୍‌ବେଗ ପ୍ରକାଶ କରିଥିଲେ। ବିଭିନ୍ନ ରାଜ୍ୟରେ ହେଉଥିବା ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁର ସମୀକ୍ଷା କରିବାକୁ ସୁପ୍ରିମକୋର୍ଟ ପୂର୍ବତନ ବିଚାରପତି ରାଧାକ୍ରିଷ୍ଣନ୍‌ଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଥିଲା। ପ୍ରତିବର୍ଷ ରାସ୍ତା ଦୁର୍ଘଟଣାଜନିତ ମୃତ୍ୟୁ ପୂର୍ବବର୍ଷଠାରୁ ୧୦ ପ୍ରତିଶତ ହ୍ରାସ କରିବାକୁ କମିଟି ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲା। ମାତ୍ର ବିଡ଼ମ୍ବନାର ବିଷୟ, ଓଡ଼ିଶାରେ ଏହି ମୃତ୍ୟୁହାର କମିବା ବଦଳରେ ବୃଦ୍ଧି ପାଇଚାଲିଛି। ମିଳିଥିବା ସୂଚନା ଅନୁଯାୟୀ, ୨୦୧୮ରେ ଦେଶରେ ୧ ଲକ୍ଷ ୪୯ ହଜାର ଦୁର୍ଘଟଣା ଘଟିଥିବା ବେଳେ ଓଡ଼ିଶାରେ ୫୩୧୫ ଜଣ ଲୋକଙ୍କର ମୃତ୍ୟୁ ହୋଇଥିଲା। ୫ ହଜାରରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ମଦ୍ୟପାନ କରି ଗାଡ଼ି ଚଳାଇବା ଯୋଗୁ ଦୁର୍ଘଟଣା ହାର ବଢୁଛି। ୨୦୧୯ ଜାନୁୟାରୀରୁ ଜୁନ୍ ମଧ୍ୟରେ ୧୩୦୮ ଜଣ ମଦ୍ୟପ ଗାଡ଼ି ଚାଳକଙ୍କୁ ଧରାଯାଇଥିବା ବୈଠକରେ ସୂଚନା ଦିଆଯାଇଛି। କଟକ ଓ ଭୁବନେଶ୍ୱର ରାଜ୍ୟ ରାଜପଥର ପିତାପଲ୍ଲି ଠାରୁ ଜଗତପୁର ମଧ୍ୟରେ ୨୧ଟି ସ୍ଥାନରେ ବ୍ଲାକ୍‌ସ୍ପଟ୍ ଚିହ୍ନଟ କରାଯାଇଛି। ଏହିସବୁ ସ୍ଥାନରେ ସାଇନେଜ ବ୍ୟବସ୍ଥା କରିବା, ମୁମ୍ବାଇ-ପୁନେ ଜାତୀୟ ରାଜପଥ ଢାଞ୍ଚାରେ ଖୋର୍ଦ୍ଧାରୁ ଚଣ୍ଡିଖୋଲ ପର୍ଯ୍ୟନ୍ତ ଦୁର୍ଘଟଣା ରୋକିବା, ଭାରିଯାନଗୁଡିକ ଆବଶ୍ୟକତାଠାରୁ ଅଧିକ ପରିମାଣରେ ସାମଗ୍ରୀ ପରିବହନ ନ କରିବା, ରାଜ୍ୟର ସମସ୍ତ ଜିଲା ସଦର ମହକୁମାରେ ଷ୍ଟୁଡେଣ୍ଟ ଟ୍ରାଫିକ ଭଲ୍ୟୁଣ୍ଟିୟର ବ୍ୟବସ୍ଥା ଲାଗୁ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି।

ଅଜଣା ଗାଡ଼ି ଧକ୍କାରେ କୌଣସି ବ୍ୟକ୍ତି ଗୁରୁତର ଆହତ କିମ୍ବା ମୃତ ହେଲେ ଆହତ ବ୍ୟକ୍ତି ଏବଂ ମୃତ ବ୍ୟକ୍ତିଙ୍କ ପରିବାରକୁ ରାଜ୍ୟ ସରକାର ସହାୟତା ପ୍ରଦାନ କରିବେ। ମୃତ ବ୍ୟକ୍ତିଙ୍କୁ ୨ ଲକ୍ଷ ଏବଂ ଆହତ ବ୍ୟକ୍ତିଙ୍କୁ ୫୦ ହଜାର ଟଙ୍କା ପ୍ରଦାନ କରିବେ। ହିଟ୍ ଆଣ୍ଡ ରନ୍ ମାମଲାରେ ଦୁର୍ଘଟଣା ଘଟାଇଥିବା ଗାଡ଼ି ଯଦି ଧରା ନ ପଡ଼େ, ସେ କ୍ଷେତ୍ରରେ ଏହି କ୍ଷତିପୂରଣ ସରକାର ନିଜେ ବହନ କରିବେ। ଏଥିପାଇଁ ରାଜ୍ୟ ସରକାର ୫ କୋଟି ଟଙ୍କାର ଏକ ସୋଲାଟିୟମ ପାଣ୍ଠି ଯୋଜନା ଆରମ୍ଭ କରିଛନ୍ତି। ସୋମବାର ସଚିବାଳୟଠାରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ ସଡ଼କ ନିରାପତ୍ତା ପରିଷଦର ପ୍ରଥମ ବୈଠକ ଶେଷରେ ଏହି ସୂଚନା ଦେଇଛନ୍ତି ବିଭାଗୀୟ ସଚିବ ଜି. ଶ୍ରୀନିବାସ। ୨୦୧୦ ସୁଦ୍ଧା ମୃତ୍ୟୁହାର ୫୦ ପ୍ରତିଶତ କମାଇବା ଓ ପ୍ରତିବର୍ଷ ପୂର୍ବବର୍ଷ ତୁଳନାରେ ୧୦ ପ୍ରତିଶତ କମାଇବା ଲକ୍ଷ୍ୟରେ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପରିବହନ ମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମନ୍ତ୍ରୀ ଦୁର୍ଘଟଣାଗ୍ରସ୍ତ ଛାତ୍ର ଆଶୀର୍ବାଦ ବସ୍ତିଆଙ୍କୁ ୫୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରିଥିଲେ। ଏହି ବୈଠକରେ ପୋଲିସ ମହାନିର୍ଦ୍ଦେଶକ ଆର.କେ. ଶର୍ମା, କୃଷି ଉତ୍ପାଦନ କମିଶନର ଗଗନ ଧଳ, ପରିବହନ କମିଶନର ଅନିଲ ସାମଲ, ପରିବହନ ବିଭାଗ ସ୍ୱତନ୍ତ୍ର ସଚିବ ମନୋରଞ୍ଜନ ମିଶ୍ର, ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି, ବସ୍ ମାଲିକ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ସରକାରୀ ଡାକ୍ତରଖାନାକୁ ଦିଆଯିବ ବିଶ୍ୱସ୍ତରୀୟ ଯନ୍ତ୍ରପାତି

## ଧାର୍ଯ୍ୟ ସମୟ ମଧ୍ୟରେ ନ ଦେଲେ କମ୍ପାନୀ ହେବେ କଳାତାଲିକାଭୁକ୍ତ


ସମୀକ୍ଷା ବୈଠକରେ ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ ନବକିଶୋର ଦାସ।

**ଭୁବନେଶ୍ୱର, ୮।୭ (ବ୍ୟୁରୋ):** ସରକାରୀ ଡାକ୍ତରଖାନାଗୁଡ଼ିକ ଲାଗି ରାଜ୍ୟ ସରକାର ବିଶ୍ୱସ୍ତରୀୟ ଡାକ୍ତରୀ ଯନ୍ତ୍ରପାତି କିଣିବେ। ବିଶେଷଜ୍ଞ କମିଟିର ପରାମର୍ଶକ୍ରମେ ଏହା କିଣିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ଓଡ଼ିଶା ମେଡିକାଲ କର୍ପୋରେଶନର କାର୍ଯ୍ୟ ସମୀକ୍ଷା ଅବସରରେ ମନ୍ତ୍ରୀ କହିଛନ୍ତି ଯେ, ଡାକ୍ତରୀ ସାଜସରଞ୍ଜାମ କିଣିବା କ୍ଷେତ୍ରରେ ପୂର୍ବ ଧାରାରେ ପରିବର୍ତ୍ତନ କରାଯିବ। କୌଣସି ସାମଗ୍ରୀ କିଣିବା ସମୟରେ ତାହାର 'ସ୍ପେସିଫିକେସନ' ଅପେକ୍ଷା ଏହା କେତେ ଆଧୁନିକ ସେନେଇ ଅନୁଧ୍ୟାନ ହେବ। ସେହିଭଳି ଏହି ଯନ୍ତ୍ରପାତି ଯୋଗାଇବାକୁ ଟେଣ୍ଡରରେ କୃତକାର୍ଯ୍ୟ ହେଉଥିବା ସଂସ୍ଥା ଯେଭଳି ଧାର୍ଯ୍ୟ ସମୟରେ ତାହା ପ୍ରଦାନ କରିବେ, ସେଥିଲାଗି ଗୁରୁତ୍ୱ ଦେବାକୁ ମନ୍ତ୍ରୀ କହିଛନ୍ତି। ଯଦି କୌଣସି ସଂସ୍ଥା ନିର୍ଦ୍ଧାରିତ ସମୟ ଅବଧି ମଧ୍ୟରେ ସାମଗ୍ରୀ ଦେଇ ନ ପାରିଲା, ତେବେ ତାହାକୁ ଅପେକ୍ଷା ନ କରି ଅନ୍ୟ ସଂସ୍ଥା ଦ୍ୱାରା ସାମଗ୍ରୀ କିଣାଯିବ। ଏଥିସହ ବିଳମ୍ବ କରିଥିବା କମ୍ପାନୀକୁ 'କଳାତାଲିକାଭୁକ୍ତ' କରାଯିବ। ଫଳରେ ଭବିଷ୍ୟତରେ ସମ୍ପୃକ୍ତ କମ୍ପାନୀ ଆଉ ସରକାରଙ୍କ ସହିତ କୌଣସି ବ୍ୟବସାୟ କରିପାରିବ ନାହିଁ। ରୋଗୀମାନଙ୍କ ଲାଗି ଡାକ୍ତରୀ ଯନ୍ତ୍ରପାତି ଖରିଦ ସମୟରେ ଅର୍ଥବ୍ୟୟକୁ ଗୁରୁତ୍ୱ ନ ଦେଇ ନିଗମ କର୍ତ୍ତୃପକ୍ଷ ଅନ୍ତର୍ଜାତୀୟମାନର ସର୍ବଶେଷ (ଲାଟେଷ୍ଟ) ମଡେଲ କିଣିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। କେନ୍ଦ୍ର ସରକାର ଇତିମଧ୍ୟରେ ରାଜ୍ୟକୁ ଆଉ ୧କୋଟି ୧୩ଲକ୍ଷ ଔଷଧୀୟ ମଶାରି ଯୋଗାଇବାକୁ ସୂଚନା ଦେଇଛନ୍ତି। ତେବେ ଏହି ମଶାରି ମିଳିବାରେ କୌଣସି ନିଶ୍ଚିତତା ନ ଥିବାରୁ ଆବଶ୍ୟକସ୍ଥଳେ ରାଜ୍ୟ ସରକାର ନିଜସ୍ୱ ସମ୍ବଳରୁ ମଶାରି ଖରିଦ କରିବା ନିମନ୍ତେ ପ୍ରସ୍ତୁତ ରହିବାକୁ ମନ୍ତ୍ରୀ ଦାସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ବୈଠକରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦାଙ୍କ ସମେତ ଅନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

### ୩ ଦିନ ବଢ଼ିଲା ଦ୍ୱିତୀୟ ଓଜେଇଇ ଆବେଦନ ଅବଧି

**ଭୁବନେଶ୍ୱର, ୮।୭(ବ୍ୟୁରୋ):** ଦ୍ୱିତୀୟ ଓଜେଇଇ ଆବେଦନ ଅବଧି ଆଉ ତିନି ଦିନ ବୃଦ୍ଧି ହୋଇଛି। ଆସନ୍ତା ୧୦ତାରିଖ ପରିବର୍ତ୍ତେ ୧୩ତାରିଖ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ଆବେଦନ କରିପାରିବେ। ବିଟେକ୍, ବି-ଫାର୍ମ, ଲାଟେରାଲ ଏଣ୍ଟ୍ରି ଟୁ ବିଟେକ୍, ଏମ୍‌ବିଏ, ଏମ୍-ଫାର୍ମ, ଏମ୍‌ସିଏ ଏବଂ ଲାଟେରାଲ ଏଣ୍ଟ୍ରି ଏମ୍‌ସିଏ ପାଠ୍ୟକ୍ରମ ପାଇଁ ଆସନ୍ତା ୨୧ତାରିଖରେ ପରୀକ୍ଷା ହେବ। ଏଥିପାଇଁ ୧୦ତାରିଖ ମଧ୍ୟରେ ଛାତ୍ରୀଛାତ୍ରମାନେ ଆବେଦନ କରିବା ଲାଗି ପୂର୍ବରୁ ସମୟସୀମା ଧାର୍ଯ୍ୟ ହୋଇଥିଲା। ତେବେ ଛାତ୍ରୀଛାତ୍ରଙ୍କ ଅନୁରୋଧ କ୍ରମେ ଓଜେଇଇ ପକ୍ଷରୁ ଆବେଦନ ଅବଧି ୩ଦିନ ବୃଦ୍ଧି କରାଯାଇଛି। ଆସନ୍ତା ୧୩ତାରିଖ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ ବୋଲି ସୋମବାର ଓଜେଇଇ ପକ୍ଷରୁ ସୂଚନା ଦିଆଯାଇଛି।





DSPL-43

## ଅଟୋରିକ୍ସା ଏବଂ ଘରୋଇ ବସ୍ ପାଇଁ ନିର୍ଦ୍ଧାରିତ ଭଡ଼ା

**ସଂରକ୍ଷିତ ଅଟୋ ରିକ୍ସା ଭଡ଼ା (୩ ଜଣ ଯାତ୍ରୀ)**

| କ୍ରମ | ଠାରୁ | ପର୍ଯ୍ୟନ୍ତ | ଆରକ୍ଷଣ ଯାତ୍ରୀ ଭଡ଼ା |
|---|---|---|---|
| ୧ | ରେଳ ଷ୍ଟେସନ | ଜଗନ୍ନାଥ ମନ୍ଦିର | ୭୦ ଟଙ୍କା |
| ୨ | ରେଳ ଷ୍ଟେସନ | ଶ୍ରୀ ଲୋକନାଥ ମନ୍ଦିର | ୧୭୦ ଟଙ୍କା |
| ୩ | ରେଳ ଷ୍ଟେସନ | ବାଟମଙ୍ଗଳା | ୧୧୦ ଟଙ୍କା |
| ୪ | ରେଳ ଷ୍ଟେସନ | ମଙ୍ଗଳାଘାଟ | ୧୨୦ ଟଙ୍କା |
| ୫ | ରେଳ ଷ୍ଟେସନ | ପି.କେ.ଆର.ଆଇ.ଟି | ୯୦ ଟଙ୍କା |
| ୬ | ରେଳ ଷ୍ଟେସନ | ଷ୍ଟର୍ଲିଙ୍ଗ୍ ରିସୋର୍ଟ | ୨୦୦ ଟଙ୍କା |
| ୭ | ରେଳ ଷ୍ଟେସନ | ତୋଷାଳୀ | ୨୦୦ ଟଙ୍କା |
| ୮ | ରେଳ ଷ୍ଟେସନ | ବାଲିଘାଟ | ୧୦୦ ଟଙ୍କା |
| ୯ | ରେଳ ଷ୍ଟେସନ | ଦିଗବାରେଣି ଛକ | ୭୦ ଟଙ୍କା |
| ୧୦ | ରେଳ ଷ୍ଟେସନ | ତାଳବଣିଆ | ୮୦ ଟଙ୍କା |
| ୧୧ | ମାଳତୀପାଟପୁର | ଅଠରନଳା | ୧୦୦ ଟଙ୍କା |
| ୧୨ | ମାଳତୀପାଟପୁର | ରେଳ ଷ୍ଟେସନ | ୧୭୦ ଟଙ୍କା |
| ୧୩ | ମାଳତୀପାଟପୁର | ତାଳବଣିଆ ଭାୟା ଆର.ଓ.ବି | ୨୨୦ ଟଙ୍କା |
| ୧୪ | ମାଳତୀପାଟପୁର | ତାଳବଣିଆ ଭାୟା ହରେକୃଷ୍ଣପୁର | ୨୦୦ ଟଙ୍କା |
| ୧୫ | ତାଳବଣିଆ | ଲାଇଟ୍ ହାଉସ୍ | ୧୨୦ ଟଙ୍କା |
| ୧୬ | ତାଳବଣିଆ | ସ୍ୱର୍ଗଦ୍ୱାର | ୧୧୦ ଟଙ୍କା |
| ୧୭ | ତାଳବଣିଆ | ବଡ଼ସଂଖ | ୧୦୦ ଟଙ୍କା |
| ୧୮ | ତାଳବଣିଆ | ସୁବାଶବୋଷ ଛକ | ୭୦ ଟଙ୍କା |
| ୧୯ | ତାଳବଣିଆ | ରେଳ ଷ୍ଟେସନ୍ | ୭୦ ଟଙ୍କା |
| ୨୦ | ତାଳବଣିଆ | ଦିଗବାରେଣି | ୯୦ ଟଙ୍କା |
| ୨୧ | ତାଳବଣିଆ | ବସ୍‌ଷ୍ଟାଣ୍ଡ ଭାୟା ଆଶ୍ରମ ଛକ | ୧୦୦ ଟଙ୍କା |
| ୨୨ | ମଙ୍ଗଳାଘାଟ | ମେଡ଼ିକାଲ ଛକ | ୮୦ ଟଙ୍କା |
| ୨୩ | ମଙ୍ଗଳାଘାଟ | ବଡ଼ସଂଖ | ୯୦ ଟଙ୍କା |
| ୨୪ | କୋଣାର୍କ | ତାଳବଣିଆ | ୫୦୦ ଟଙ୍କା |
| ୨୫ | ବ୍ରହ୍ମଗିରି | ମଙ୍ଗଳାଘାଟ | ୪୦୦ ଟଙ୍କା |
| ୨୬ | ପିପିଲି | ରେଳ ଷ୍ଟେସନ | ୫୫୦ ଟଙ୍କା |
| ୨୭ | ଚନ୍ଦନ ପୁର | ରେଳ ଷ୍ଟେସନ | ୨୦୦ ଟଙ୍କା |

ବି.ଦ୍ର: ଉପରୋକ୍ତ ଭଡ଼ା କେବଳ ସଂରକ୍ଷିତ ଯାନପାଇଁ ଉଦ୍ଦିଷ୍ଟ; ୩ ଜଣ ସହଯାତ୍ରୀ ଥିଲେ, ଭଡ଼ା ୩ ଭାଗରେ ବିଭକ୍ତ ହେବ

**ଟାଉନ୍ ବସ୍‌ରେ ଯାତ୍ରୀପିଛା ନିର୍ଦ୍ଧାରିତ ଭଡ଼ା**

| କ୍ରମ | ଠାରୁ | ପର୍ଯ୍ୟନ୍ତ | ଭଡ଼ା |
|---|---|---|---|
| ୧ | ରେଳ ଷ୍ଟେସନ | ବିଏନ୍‌ଆର ହୋଟେଲ | ୦୫ ଟଙ୍କା |
| ୨ | ରେଳ ଷ୍ଟେସନ | ଲାଇଟ୍ ହାଉସ୍ | ୧୫ ଟଙ୍କା |
| ୩ | ମାଳତୀପାଟପୁର | ଅଠରନଳା | ୧୦ ଟଙ୍କା |
| ୪ | ମାଳତୀପାଟପୁର | ଶ୍ରୀ ମନ୍ଦିର | ୧୫ ଟଙ୍କା |
| ୫ | ତାଳବଣିଆ | ବ୍ଲକ ଛକ | ୧୦ ଟଙ୍କା |
| ୬ | ତାଳବଣିଆ | ରେଳ ଷ୍ଟେସନ ଭାୟା ସିଟି ରୋଡ଼ | ୧୦ ଟଙ୍କା |
| ୭ | ତାଳବଣିଆ | ଶ୍ରୀ ମନ୍ଦିର | ୧୫ ଟଙ୍କା |

ଯଦି କୌଣସି ଅଭିଯୋଗ ଅଛି, ଦୟାକରି ଯୋଗାଯୋଗ କରନ୍ତୁ - ୯୪୩୮୪୯୪୮୯୮
ପୁରୀଜିଲ୍ଲା ପ୍ରଶାସନ ଦ୍ୱାରା ଜନହିତରେ ଜାରି

24014/13/0001/1920

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଅବିରଶ୍ମୀ
ପରିବାରବର୍ଗ


ସ୍ୱାଇଡି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୩ ଜଣଙ୍କ ହାତ ଗରମ ପାଣିରେ ବୁଡ଼ାଇଦେଲେ

**ଗୁଣିଗାରେଡି ସନ୍ଦେହ**

ନବରଙ୍ଗପୁର,୮।୭(ବି.ପ୍ର.)

ଗୁଣି ଗାରେଡି କରୁଥିବା ସନ୍ଦେହ କରି ଗୋଟିଏ ପରିବାରର ୩ ଜଣଙ୍କ ହାତକୁ ଗୋବର ମିଶ୍ରିତ ଗରମ ପାଣିରେ ବୁଡାଇ ଦେଇଛନ୍ତି ଅନ୍ୟ ଏକ ପରିବାରଲୋକ। ଏହାଦ୍ୱାରା ସେହି ୩ ଜଣ ଗୁରୁତର ହୋଇଛନ୍ତି। ଏନେଇ ନବରଙ୍ଗପୁର ଥାନାରେ ମାମଲା ରୁଜୁ ହୋଇଛି।

ନବରଙ୍ଗପୁର ଥାନା ବାଘସିଉନୀ ପଞ୍ଚାୟତ ଅଧିନ ନୂଆଗୁଡା ଗାଁର ବନମାଳି ଜାନୀ ଜମିକୁ ସୋମବାର କାମ କରିବାକୁ ଯାଇଥିଲେ। ପୂର୍ବାହ୍ନ ୧୦ଟା ବେଳେ ବନମାଳିଙ୍କ ସ୍ତ୍ରୀ ଦ୍ରୁପଦା ଜାନୀ ଜମିକୁ ଯାଇ ଘରକୁ ଡାକି ଆଣିଥିଲେ। ବନମାଳି ଘରକୁ ଆସିବା ପରେ ସେହିଗାଁର ଅନ୍ୟ ଏକ ପରିବାର ପଦ ଜାନୀ, ସମାରି ଜାନୀ, ଘେନୁ ଜାନୀ, ରତନା ଜାନୀ ଓ ପରସୁତି ଜାନୀ ବନମାଳିଙ୍କୁ ଟାଣି ନେଇଥିଲେ। ଘରେ ଗୋବର ସହିତ ପାଣି ଫୁଟାଇ ସେଥିରେ ବନମାଳିଙ୍କ ବାମ ହାତକୁ ପୁରାଇଥିଲେ। ବନମାଳିଙ୍କ ସ୍ତ୍ରୀ ଦ୍ରୁପୁଦା ଜାନୀ ଓ ଝିଅ ଶୁଭ ଜାନୀ ଏହାକୁ ବିରୋଧ କରିବାରୁ ସେମାନଙ୍କ ମଧ୍ୟ ବାମ ହାତକୁ ଗରମ ଗୋବର ପାଣିରେ ପୁରାଇ ରଖିଲେ। ଏହା ଦ୍ୱାରା ତିନିଜଣଙ୍କ ହାତର ଚମଡା ବାହାରି ପଡିବା ସହ ଗୁରୁତର ହୋଇପଡିଥିଲେ। ପରେ ବନମାଳିଙ୍କ ମୁହଁରେ ମୁଥ ମାରିଥିଲେ। ପଦ ଜାନୀଙ୍କ କୁକୁର ତାଙ୍କ ମେଣ୍ଢାକୁ କାମୁଡିଥିଲା। ବନମାଳିଙ୍କୁ କହିଥିଲେ ଯେ କୁକୁରକୁ ଗୁଣି କରିବାରୁ ସେ ମେଣ୍ଢାକୁ କାମୁଡିଲା। ଗୁଣି ଗାରେଡି କରୁଛୁ ବୋଲି ମାରଣାସ୍ତ୍ର ଦେଖାଇ ଧମକ ଦେଇଥିଲେ ବୋଲି ବନମାଳି କହିଛନ୍ତି। ୧୦ଟାରୁ ପ୍ରାୟ ୧୧ଟା ପର୍ଯ୍ୟନ୍ତ ଏହି ଭଳି କାଣ୍ଡ ଉକ୍ତ ପରିବାର ଲୋକ ଘଟାଇଥିଲେ ମଧ୍ୟ ଗାଁର କେହି ମଧ୍ୟ ଏହାକୁ ପ୍ରତିବାଦ କରିନଥିଲେ। ବନମାଳିଙ୍କ ପୁଅ ବିଦ୍ୟାଧର ଜାନୀ କେଶରିଗୁଡା ଗାଁରେ ରହୁଥିବାରୁ ସେ ଅପରାହ୍ନ ୫ଟାରେ ଖବର ପାଇ ଗାଁରେ ପହଞ୍ଚିଥିଲେ। ମାଆ, ବାପା ଓ ଭଉଣିଙ୍କୁ ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନାକୁ ଆଣି ଚିକିତ୍ସା କରାଇ ରାତି ୧୦ଟା ବେଳେ ନବରଙ୍ଗପୁର ଥାନାକୁ ଆସି ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଥାନାରେ ନଂ ୧୪/୧୯ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ସନ୍ଦେହ ତାଲିକାରେ ବିଧାୟକ

**ପାଟକୁରା**

ଭୁବନେଶ୍ୱର,୮।୭(ବ୍ୟୁରୋ)

ପାଟକୁରା ବିଧାନସଭା ନିର୍ବାଚନ ନେଇ ବିଜେଡି ତତ୍ପରତା ପ୍ରକାଶ କରିଛି। ଦଳୀୟ ପ୍ରାର୍ଥିନୀ ସାବିତ୍ରୀ ଅଗ୍ରୱାଲଙ୍କୁ ବିଜୟୀ କରିବା ପାଇଁ ରଣନୀତି ପ୍ରସ୍ତୁତ କରିଛି। ଦଳରେ ରହି ଦଳବିରୋଧୀ କାର୍ଯ୍ୟ କରୁଥିବା ନେତାଙ୍କୁ ମଧ ତାଗିଦ୍ କରାଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସୋମବାର ନବୀନ ନିବାସରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗରଦପୁର ବ୍ଲକ ଦାୟିତ୍ୱରେ ଥିବା ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସୁଶାନ୍ତ ସିଂ, ବିଧାୟକ ପ୍ରଣବ ପ୍ରକାଶ ଦାସ, ବିଜେଡି ପ୍ରାର୍ଥିନୀ ସାବିତ୍ରୀ ଅଗ୍ରୱାଲଙ୍କ ପୁଅ ସଞ୍ଜୟ ଅଗ୍ରୱାଲ, ଜିଲା ବିଜେଡି ସଭାପତି କିଶୋର ତରାଇ ଏବଂ ବିଧାୟକ ଅତନୁ ସବ୍ୟସାଚୀ ନାୟକ ପ୍ରମୁଖଙ୍କୁ ଡକାଯାଇଥିଲା। ବୈଠକରେ ରଣେନ୍ଦ୍ର ଓ ସୁଶାନ୍ତଙ୍କ ଗରଦପୁର ଏବଂ ମାର୍ଶାଘାଇ ବ୍ଲକରେ ଦଳୀୟ ସ୍ଥିତି ନେଇ ସଭାପତି ଆଲୋଚନା କରିଥିଲେ। ସେହିପରି ଅତନୁଙ୍କୁ ହଠାତ ନବୀନ ନିବାସ ଡକାଯିବା ନେଇ ନାନା ଚର୍ଚ୍ଚା ଜୋର୍ ଧରିଛି।

ବୈଠକ ସମୟରେ ନବୀନ ନିବାସରେ ଉପସ୍ଥିତ ଥିବା ଜଣେ ବିଜେଡି ନେତାଙ୍କ କହିବାନୁଯାୟୀ, ପାଟକୁରାରେ ବିଜେଡି ସ୍ଥିତି ଭଲ ରହିଛି। ଦଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ନାଁରେ ଏକ ଭୋଟ ବ୍ୟାଙ୍କ୍ ରହିଛି। ଏହା ସତ୍ତ୍ୱେ ସ୍ଥାନୀୟ ନେତାମାନଙ୍କ ମଧ୍ୟରେ କିଛି ମତପାର୍ଥକ୍ୟ ରହିଛି। ଏହାକୁ ଦୂର କରିବା ପାଇଁ ଏହି ବୈଠକ ଡକାଯାଇଥିଲା। ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକଙ୍କ ସମର୍ଥକମାନେ ବିଜେଡି ପ୍ରାର୍ଥିନୀଙ୍କୁ ବିରୋଧ କରୁଥିବା ଜଣାପଡ଼ିଛି।

ସ୍ଥାନୀୟ କର୍ମୀଙ୍କ କହିବାନୁଯାୟୀ, ବିଧାୟକ ଅତନୁ ନିଜେ ଏଭଳି ନକାରାତ୍ମକ କାର୍ଯ୍ୟ ଦିଗରେ ସମର୍ଥକଙ୍କୁ ଇଙ୍ଗିତ କରିଛନ୍ତି। ତାହାର ଖବର ଏବେ ଦଳର ସୁପ୍ରିମୋଙ୍କୁ ମିଳିସାରିଲାଣି ବୋଲି ଆଲୋଚନା ହେଉଛି। ପୂର୍ବରୁ ଅତନୁଙ୍କର ବିଜୟ ମହାପାତ୍ର ବିରୋଧୀ ଆଭିମୁଖ୍ୟ ଏବଂ ବୈଜୟନ୍ତ ପଣ୍ଡାଙ୍କୁ ବିରୋଧ ଯୋଗୁ ମନ୍ତ୍ରୀପଦ ସହ ଦଳରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ୨୦୧୯ ନିର୍ବାଚନ ପୂର୍ବରୁ ଏହି ପରିସ୍ଥିତିରେ ପରିବର୍ତ୍ତନ ଘଟିଲା। ଏଥିସହିତ ପୂର୍ବର ଦୁଇ ଶତ୍ରୁଙ୍କ ସହିତ ସାଲିସ କରି ଶକ୍ତିଶାଳୀ ହେବାକୁ ଅତନୁ ପଦକ୍ଷେପ ନେଲେ। ବୈଠକର ପ୍ରକୃତ କାରଣ ନେଇ କୌଣସି ବିଜେଡି ନେତା ଗଣମାଧ୍ୟମରେ ମୁହଁ ଖୋଲିନାହାନ୍ତି। ବୈଠକ ପରେ ବିଜେଡି ପ୍ରାର୍ଥିନୀ ସାବିତ୍ରୀ ଅଗ୍ରୱାଲଙ୍କ ପୁତ୍ର ସଞ୍ଜୟ କହିଛନ୍ତି ଯେ, ଦଳରେ କୌଣସି ମତଭେଦ ନାହିଁ। ସୋମବାର ବୈଠକରେ ଗରଦପୁର ଏବଂ ମାର୍ଶାଘାଇ ବ୍ଲକ ସମ୍ପର୍କରେ ଆଲୋଚନା ହୋଇଛି। ଦଳ ଭଲ ସ୍ଥିତିରେ ରହିଛି। ତେଣୁ ବିଜେଡି ପ୍ରାର୍ଥିନୀ ବିଜୟୀ ହେବାରେ କୌଣସି ଅସୁବିଧା ନାହିଁ ବୋଲି ସଞ୍ଜୟ କହିଛନ୍ତି।

## ବିପଦ ଆଶଙ୍କାରେ ୩୩୦ ଛାତ୍ରୀଛାତ୍ରଙ୍କ ଜୀବନ

# ଭରା ନଦୀରେ ଧୋଉଛନ୍ତି ବାସନ

ନୟାଗଡ଼ ଅଫିସ,୮।୭



ବିପଦ ଆଶଙ୍କାରେ ୩୩୦ ଛାତ୍ରୀଛାତ୍ରଙ୍କ ଜୀବନ। ପ୍ରତିଦିନ ମଧ୍ୟାହ୍ନ ଭୋଜନ ପରେ ଭରା ନଦୀକୁ ବାସନ ଧୋଇବାକୁ ଯାଉଛନ୍ତି ସେମାନେ। ଦିନ ନୁହେଁ କି ଦୁଇ ଦିନ ନୁହେଁ ବର୍ଷ ବର୍ଷ ଧରି ଏହିଭଳି ଦୃଶ୍ୟ ଦେଖିବାକୁ ମିଳୁଛି ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଟାକେରା ଆବାସିକ ଉଚ୍ଚ ବିଦ୍ୟାଳୟରେ। କୋମଳମତି ଛାତ୍ରୀଛାତ୍ରମାନେ ସ୍କୁଲଠାରୁ ୫ଶହ ମିଟର ଦୂର ବୃଉଙ୍ଗ ନଦୀକୁ ନିଜର ଅଇଁଠା ବାସନ ନେଇ ଧୋଇବାକୁ ଯାଉଛନ୍ତି।

ପ୍ରକାଶ ଯେ, ଦଶପଲ୍ଲା ଟାକେରା ଆବାସିକ ବିଦ୍ୟାଳୟରେ ଚତୁର୍ଥରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୩୩୦ ଛାତ୍ରୀଛାତ୍ର ପଢନ୍ତି। ବିଦ୍ୟାଳୟରେ ୩ଟି ନଳକୂପ ଅଛି। ସେଥି ମଧ୍ୟରୁ ଦୁଇଟି ଆଂଶିକ ଅଚଳ ହୋଇପଡିଥିବାବେଳେ ଗୋଟିଏ କାର୍ଯ୍ୟକ୍ଷମ ହେଉଛି। ଗୋଟିଏ ନଳକୂପରୁ ଛାତ୍ରୀଛାତ୍ରମାନେ ପାଣି ପିଇବା ସହ ବିଦ୍ୟାଳୟର ଅନ୍ୟାନ୍ୟ କାର୍ଯ୍ୟରେ ଲାଗିଥାଏ। ଅବଶିଷ୍ଟ ଦୁଇଟି ନଳକୂପରେ ୧୫ ମିନିଟ ହ୍ୟାଣ୍ଡେଲ ମାରିଲା ପରେ ବହୁ କଷ୍ଟରେ ପାଣି ବାଲଟିଏ ବାହାରିଥାଏ। ଫଳରେ ଦୂରରେ ବହିଯାଉଥିବା ବୃଉଙ୍ଗ ନଦୀ ଏହାର ବିକଳ୍ପ ପାଲଟିଥାଏ। ବର୍ଷା ଯୋଗୁ ଏବେ ନଦୀରେ ଜଳ ଭରି ରହିଛି। ଛାତ୍ରୀଛାତ୍ରମାନେ କେବଳ ନଦୀରେ ବାସନ ଧୋଉଛନ୍ତି ତାହା ନୁହେଁ ସେଠାରେ ଗାଧୋଉଥିବା ମଧ୍ୟ ଜଣାଯାଇଛି। ଫଳରେ ପ୍ରତିଦିନ ୩୩୦ ଛାତ୍ରୀଛାତ୍ରଙ୍କ ଜୀବନ ବାଜିରେ ଲାଗିଥିବା ନେଇ ଅଭିଯୋଗ ହେଉଛି। ଏ ସମ୍ପର୍କରେ ଆବାସିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାନନ କିଶୋର ଭୋଇଙ୍କୁ ପଚାରିବାରୁ ସେ କୁହନ୍ତି ବିଦ୍ୟାଳୟରେ ପାଣିର ଅଭାବ ଥିବାରୁ ପିଲାମାନଙ୍କୁ ବାସନ ଧୋଇବା ପାଇଁ ନଦୀକୁ ପଠାଯାଉଛି। ପିଲାମାନେ ଗଲାବେଳେ ସେମାନଙ୍କୁ ସେଠାରେ ଜଗିବା ପାଇଁ ୨ ଜଣ ରୋଷେୟା ଯାଉଛନ୍ତି। ପାଣିର ଅଭାବ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଦିଆଯାଇଥିଲେ ମଧ୍ୟ ଏହାର ସମାଧାନ ହୋଇପାରିନାହିଁ। ସୋମବାର ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ କାର୍ଯ୍ୟାଳୟର କିଛି କର୍ମଚାରୀ ଆସି ବିଦ୍ୟାଳୟରେ ପାଣି ପରୀକ୍ଷା କରିବା ସହ ସ୍ଥିତି ଦେଖି ଯାଇଥିବା ପ୍ରଧାନ ଶିକ୍ଷକ ଭୋଇ ପ୍ରକାଶ କରିଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଅଭିଭାବକ ମହଲରେ ଦାବି ହେଉଛି।

## ଆୟକର ଫାଙ୍କି ଅଭିଯୋଗ

# ଜେଡ୍ ଇଷ୍ଟେଟ ସଂସ୍ଥା ଉପରେ ଚଢ଼ାଉ

ଭୁବନେଶ୍ୱର, ୮।୭(ବ୍ୟୁରୋ)

ଆୟକର ଫାଙ୍କିବା ଅଭିଯୋଗରେ ଜେଡ୍ ଇଷ୍ଟେଟ ବିଲ୍ଡର ସଂସ୍ଥା ଉପରେ ସୋମବାର ସନ୍ଧ୍ୟାରେ ଆୟକର ବିଭାଗ ପକ୍ଷରୁ ଚଢାଉ କରାଯାଇଛି। କଟକ ଓ ଭୁବନେଶ୍ୱରର ୭ଟି ସ୍ଥାନରେ ଏକକାଳୀନ ଚଢାଉ ହେଇଛି। ଆୟକର ବିଭାଗର ଏକ ୭ଜଣିଆ ଟିମ୍ ଚଢାଉରେ ସାମିଲ ଥିଲେ। କେବଳ ସଂସ୍ଥାର ଅଫିସ ନୁହେଁ, ମାଲିକ ତପନ ମହାନ୍ତିଙ୍କ ଘରେ ମଧ ଆୟକର ଅଧିକାରୀମାନେ ଚଢାଉ କରିଛନ୍ତି। ଏହି ସମୟରେ ଅଧିକାରୀମାନେ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଛନ୍ତି। ସଂସ୍ଥାର ଆୟକର ସମ୍ପର୍କରେ ଯାଞ୍ଚ କରିବା ପାଇଁ ଏସବୁ ଅଧିକ ସହାୟକ ହେବ ବୋଲି କୁହାଯାଉଛି।

**କିଛି ତଥ୍ୟ**

୨୦୧୮-୧୯ରେ ଦେଶ ମଧ୍ୟକୁ ସମ୍ପୂର୍ଣ୍ଣ ପ୍ରକ୍ରିୟାକୃତ ଇସ୍ପାତ ଆମଦାନୀ ୪.୭% ବଢ଼ି ୭.୮୩ ନିୟୁତ ଟନ ରହିଛି।

– ଇସ୍ପାତ ମନ୍ତ୍ରଣାଳୟ

ପ୍ରଥମ ପୃଷ୍ଠାରୁ...

## କ୍ୟାବିନେଟ୍‌ରୁ...

ଭାବେ ଇସ୍ତଫା ଦେଇଥିବା କଂଗ୍ରେସ ନେତା ବେଣୁଗୋପାଳ ଗଣମାଧ୍ୟମକୁ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ଶନିବାର କଂଗ୍ରେସର ୧୦ ଜଣ ଓ ଜେଡିଏସ୍‌ର ୩ ବିଧାୟକ ଇସ୍ତଫା ଦେବା ପରେ ସରକାରରେ ଗୁରୁତର ସଙ୍କଟ ସୃଷ୍ଟି ହୋଇଛି। ଇସ୍ତଫା ଦେଇଥିବା ବିଧାୟକମାନେ ମୁମ୍ବାଇର ଏକ ହୋଟେଲରେ ଅବସ୍ଥାନ କରୁଛନ୍ତି। ପୂର୍ବରୁ ଅନ୍ୟ ଜଣେ କଂଗ୍ରେସ ବିଧାୟକ ଇସ୍ତଫା ଦେଇଥିଲେ।

ସୋମବାର ୨ ସ୍ୱାଧୀନ ବିଧାୟକ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେବା ସହ ମେଣ୍ଟ ସରକାରରୁ ସମର୍ଥନ ପ୍ରତ୍ୟାହାର କରିଛନ୍ତି। ଫଳରେ କୁମାରସ୍ୱାମୀ ସରକାରରେ ସଙ୍କଟ ଆହୁରି ବଢ଼ିଯାଇଛି। ଏଚ୍. ନଗେଶ ଏବଂ ଆର୍. ଶଙ୍କର ମେଣ୍ଟ ସରକାରରୁ ସମର୍ଥନ ପ୍ରତ୍ୟାହାର କରିବା ପରେ ଭାଜପାକୁ ସମର୍ଥନ ଜଣାଇଛନ୍ତି। ସେମାନେ ରାଜ୍ୟପାଳ ବଜୁଭାଇ ଭାଲାଙ୍କୁ ସେମାନଙ୍କ ନିଷ୍ପତ୍ତି ଜଣାଇ ଦେଇଛନ୍ତି। ଇସ୍ତଫା ଦେବା ପରେ ନଗେଶ ମୁମ୍ବାଇ ଯାଇ ଅନ୍ୟ ବିଦ୍ରୋହୀ ବିଧାୟକମାନଙ୍କ ସହ ଯୋଗଦେଇଛନ୍ତି। କଂଗ୍ରେସ ଓ ଜେଡିଏସ୍ ବିଧାୟକମାନଙ୍କ ଇସ୍ତଫା ଗୃହୀତ ହେଲେ ମେଣ୍ଟ ସରକାର ସଂଖ୍ୟାଲଘୁରେ ପରିଣତ ହେବ। ଛୁଟିରେ ଥିବା ବାଚସ୍ପତି କେ.ଆର୍. ରମେଶକୁମାର ମଙ୍ଗଳବାର କାର୍ଯ୍ୟରେ ଯୋଗଦେବା ପରେ ବିଧାୟକମାନଙ୍କ ଇସ୍ତଫା ସମ୍ପର୍କରେ ନିଷ୍ପତ୍ତି ନେବେ ବୋଲି କହିଛନ୍ତି। ଏହା ପୂର୍ବରୁ ଅସନ୍ତୁଷ୍ଟ ବିଧାୟକମାନଙ୍କୁ ମନାଇବା ଲାଗି ଦୁଇ ଦଳ ପକ୍ଷରୁ ଉଦ୍ୟମ ଜାରି ରହିଛି। ଇସ୍ତଫା ଦେଇଥିବା ବିଧାୟକମାନଙ୍କ ସହ ସବୁ ପ୍ରସଙ୍ଗରେ ଆଲୋଚନା ପାଇଁ କଂଗ୍ରେସ ରାଜି ଏବଂ ସେମାନଙ୍କୁ ଇସ୍ତଫା ପ୍ରତ୍ୟାହାର କରିନେବାକୁ କୁହାଯିବ ବୋଲି ବେଣୁଗୋପାଳ କହିଛନ୍ତି। ସେମାନେ ଦଳକୁ ଫେରିବେ ଏବଂ ସରକାର ଭାଙ୍ଗିବନି ବୋଲି ବେଣୁଗୋପାଳ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସରକାରରେ ଅସ୍ଥିରତା ପାଇଁ ସେ ଭାଜପାକୁ ଦାୟୀ କରିଛନ୍ତି। ଷଷ୍ଠ ଥର ପାଇଁ ମେଣ୍ଟ ସରକାରରେ ଅସ୍ଥିରତା ସୃଷ୍ଟି ଲାଗି ଉଦ୍ୟମ ହୋଇଛି। ପୂର୍ବରୁ ସେମାନେ ୫ ଥର ଫେଲ୍ ମାରିଥିଲେ, ଏଥର ମଧ୍ୟ ବିଫଳ ହେବେ ବୋଲି କଂଗ୍ରେସ ନେତା କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ବାଣୀକାରକ ବକ୍ରୀବୁଧ ଓ ରାହୁ ନକ୍ଷତ୍ରସ୍ଥ ଶୁକ୍ର ଯୋଗୁ ଆପଣଙ୍କ ପ୍ରକାଶଭଙ୍ଗୀ ଠିକ୍ ହେବନାହିଁ। ଫଳରେ ମତାନ୍ତର, ଧନହାନି ଓ କାମରେ ପ୍ରତିରୋଧ ଆଶଙ୍କା ଦେଖାଦେବ। ବାଣିଜ୍ୟ, ବ୍ୟବସାୟରେ ସଫଳତା ହାସଲ କରିବେ। ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ଧର୍ମକାର୍ଯ୍ୟରେ ମନ ଦେଇପାରନ୍ତି।

**ବୃଷ** ଆଜି ରାଶ୍ୟାଧିପତି ବଳବାନ୍ ରାହୁଙ୍କ ସହ ରହି ପ୍ରଲୋଭିତ ଜିନିଷ ହାସଲ କରିବା ପାଇଁ ଚେଷ୍ଟିତ ହୋଇପାରନ୍ତି। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟାକରି ସଫଳତା ପାଇ ପାରିବେ। ପାରସ୍ପରିକ ବୁଝାମଣା ମଧ୍ୟରେ ପରିବାରରେ ଶାନ୍ତି ଫେରି ଆସିବ। କର୍ମକ୍ଷେତ୍ରରେ କେହି ଜଣେ ପ୍ରତିବାଦର ସ୍ୱର ଉଠାଇପାରନ୍ତି।

**ମିଥୁନ** ମୁଖ ଭାବରେ ମଙ୍ଗଳ ଓ ବୁଧ ଆପଣଙ୍କ ମନର ଭାବ ଓ ଭାଷାକୁ କଠୋରକରି ସମସ୍ୟା ସୃଷ୍ଟି କରିପାରନ୍ତି। ପରିବାରର ଆବଶ୍ୟକତା ପୂରଣ କରିବା ସକାଶେ ଧାର କରଜ କରି କାମ ଚଳାଇନେବେ। ବନ୍ଧୁମାନଙ୍କ ପ୍ରେରଣା ଓ ପ୍ରୋତ୍ସାହନରେ ମଉଳିଯାଇଥିବା ଆଶା ପୁଣି କଅଁଳି ଉଠିବ। ବିବାଦୀୟ କ୍ଷେତ୍ରରେ ମଧ୍ୟସ୍ଥତା କରି ଅପମାନିତ ହୋଇପାରନ୍ତି।

**କର୍କଟ** କୌଣସି ବନ୍ଧୁଙ୍କ ଦ୍ୱାରା ଅନୁପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। କର୍ମକ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧିପାଇବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ବିଭିନ୍ନ ପ୍ରକାର କାର୍ଯ୍ୟବ୍ୟସ୍ତତାକୁ ନେଇ ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟିକୁ ଶେଷ କରିପାରିବେନି।

**ସିଂହ** ରାଶ୍ୟାଧିପ ଏକାଦଶ ସ୍ଥାନରେ ରାହୁ ଓ କର୍ମାଧିପଙ୍କ ସହ ରହିଥିବାରୁ ଆଜିର କାର୍ଯ୍ୟ ସମସ୍ୟା ବହୁଳ ହୋଇପାରେ। ପ୍ରତ୍ୟେକ କ୍ଷେତ୍ରରେ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଆଜିଦିନଟି ବନ୍ଧୁମିଳନ, ମୂଲ୍ୟବାନ୍ ଜିନିଷ କ୍ରୟ, ଭ୍ରମଣ ରାଜନୀତି ପାଇଁ ଭଲ। ଅତ୍ୟାବଶ୍ୟକ କାର୍ଯ୍ୟ ସକାଶେ ଧାରକରଜ କରି କାମ ଚଳାଇନେଇପାରନ୍ତି।

**କନ୍ୟା** ରାଶିରେ ଚନ୍ଦ୍ର ଆପଣଙ୍କ ଆଶା ଓ ଅଭିଳାଷ ପୂରଣ କରିବାରେ ସାହାଯ୍ୟ କରିବେ। ପ୍ରତ୍ୟେକ କ୍ଷେତ୍ରରେ ଉତ୍ସାହ ପାଇ ଦୁଃସାଧ କାର୍ଯ୍ୟ ସାଧନ କରିବେ। କିନ୍ତୁ ଚତୁର୍ଥସ୍ଥ ପାପଗ୍ରହ ପ୍ରଭାବରେ ବନ୍ଧୁ ଗହଣରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପାରନ୍ତି। କଳା,ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା, ପ୍ରତିଯୋଗିତାଦି କ୍ଷେତ୍ରରେ ସଫଳତା ମିଳିପାରେ।

**ତୁଳା** ଚନ୍ଦ୍ର ଦ୍ୱାଦଶରେ ଶନିଙ୍କ ପୂର୍ଣ୍ଣଦୃଷ୍ଟିରେ ରହିଥିବାରୁ ଆଜିର ଯାତ୍ରା ସମସ୍ୟା ବହୁଳ ହେବ। ସାଧାରଣ କଥାକୁ କେନ୍ଦ୍ରକରି ବନ୍ଧୁ ସମ୍ପର୍କ କ୍ଷୁଣ୍ଣହେବା ଆଶଙ୍କା ରହିଛି। ବନ୍ଧୁ ତଥା ପରିଜନଙ୍କ ସହ ଦେବଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିପାରେ। ଆଜିର ଯାତ୍ରା, ପ୍ରଶାସନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି।

**ବିଛା** ଶନି ଓ ଶୁକ୍ରଙ୍କ ପାରସ୍ପରିକ ଦୃଷ୍ଟି ଆଶା ଓ କାମନାକୁ ତୀବ୍ରତର କରିପାରେ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ କାର୍ଯ୍ୟସାଧନ ଦିଗରେ କୌଣସି ପ୍ରତିବନ୍ଧକ ରହିବ ନାହିଁ। ସମସ୍ୟା ଲାଗି ରହିଥିଲେ ମଧ୍ୟ ଆପଣ ଧୀରପାଣି ପଥର କାଟେ ନୀତିରେ କାମ ହାସଲ କରିପାରିଲେ ସଫଳତା ପ୍ରାପ୍ତ କରିବେ। କୌଣସି ଜଣେ ବ୍ୟକ୍ତିଙ୍କ ଦ୍ୱାରା ଅପମାନିତ ହୋଇପାରନ୍ତି।

**ଧନୁ** କୌଣସି ସମସ୍ୟା ସମାଧାନ ସକାଶେ ବ୍ୟସ୍ତତା ଅନୁଭବ କରିପାରନ୍ତି। ବନ୍ଧୁମାନଙ୍କ ନିମନ୍ତ୍ରଣ କ୍ରମେ ଆକସ୍ମିକ ଭାବରେ ଆମୋଦ ପ୍ରମୋଦର ମଉକା ଜୁଟିବ। ପାଖ ପଡ଼ୋଶୀଙ୍କ ସାହାଯ୍ୟ ହେତୁ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। କର୍ମକ୍ଷେତ୍ରରେ ଆଳସ୍ୟ ଓ ଅବହେଳାରୁ କୈଫିୟତ ଦେବାକୁ ପଡ଼ିପାରେ।

**ମକର** ଦୁର୍ବଳ ଚତୁର୍ଥାଧିପ ଷଷ୍ଠଭାଗ୍ୟାଧିପଙ୍କ ସହ ଅବସ୍ଥାନ କରି ଉଦ୍ଦେଶ୍ୟ ପୂରଣ କରିବା କ୍ଷେତ୍ରରେ ସାମାନ୍ୟ ପ୍ରତିବନ୍ଧକ ସୃଷ୍ଟି କରିବେ। ଅଭାବବଶତଃ ଇଚ୍ଛା କଲେ ମଧ କୌଣସି ମନସ୍ଥ ଜିନିଷକୁ କିଣି ନ ପାରି ପସ୍ତେଇବେ। ଆଲୋଚନା, ଧାର୍ମିକ ସଙ୍ଗଠନ ତଥା ଶିଳ୍ପ,ବାଣିଜ୍ୟ,ବ୍ୟବସାୟ ଓ ପରିବହନରେ ସମସ୍ୟା ଦୂରହେବ।

**କୁମ୍ଭ** ଷଷ୍ଠାଧିପ ଚନ୍ଦ୍ର ଅଷ୍ଟମଭାବରେ ରୋଗ,ଋଣ ଓ ଶତ୍ରୁକୃତ ସମସ୍ୟା ବିଷୟରେ ଚିନ୍ତିତ କରାଇପାରନ୍ତି। ବ୍ୟବସାୟ ଆଗକୁ ବଢ଼ାଇବା ପାଇଁ କୌଣସି ରିସ୍କ ପଦକ୍ଷେପ ଗ୍ରହଣ କରିବେ। ପରିବାରରେ ଭୁଲ୍ ବୁଝାମଣା ହେତୁ ସ୍ତ୍ରୀଙ୍କ ତରଫରୁ ସମସ୍ୟା ଆସିପାରେ। ପ୍ରିୟଜନମାନଙ୍କ ସହିତ ଆଜିର ପ୍ରାତଃ ଭ୍ରମଣ ବେଶ୍ ଆନନ୍ଦଦାୟକ ହେବ।

**ମୀନ** ଶୁଭଚନ୍ଦ୍ର ପ୍ରଭାବରେ ବନ୍ଧୁଙ୍କ ସହ ଭ୍ରମଣ ସାଙ୍ଗକୁ ଆକର୍ଷଣୀୟ ଜିନିଷ ପ୍ରାପ୍ତିର ଯୋଗ ରହିଛି। କର୍ମକ୍ଷେତ୍ରରେ ବାରମ୍ବାର ଅସଫଳ ହେବା କାରଣରୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ପରିବହନ, ବାଣିଜ୍ୟ, ବ୍ୟବସାୟ, କଳା, ସାହିତ୍ୟ, ସାଂସ୍କୃତିକ କାର୍ଯ୍ୟକ୍ରମରେ ସମସ୍ୟା ସମାଧାନ ହୋଇଯିବ।

ଆଷାଢ ଶୁକ୍ଳପକ୍ଷର ପର୍ଣ୍ଣରାମାଷ୍ଟମୀ ମଙ୍ଗଳବାର, ଜୁଲାଇ ୯ ତାରିଖ, ରାଷ୍ଟ୍ରୀୟ ବିଦ୍ୟାର୍ଥୀ ଦିବସ, ରାଶି ନକ୍ଷତ୍ର-ଚିତ୍ରା/କନ୍ୟା, ମକର ରାଶିର ଘାତବାର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ୮।୨୮ମି. ଗତେ ଘ୧୦।୦୮ମି. ମଧ୍ୟେ, ଘ୧୧।୪୭ମି. ଗତେ ଘ୧।୨୫ମି. ମଧ୍ୟେ ଅମୃତବେଳା। ଦିବା ଘ୧୦।୦୮ମି. ଗତେ ଘ୧୧।୪୭ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୩।୦୯ମି. ଗତେ ଘ୪।୪୮ମି. ମଧ୍ୟେ ରାହୁକାଳ।


# classifieds Everyday

0674-2580101, 2549302

**real estate**

**SALE**

Rathayatra offer, ପୁରୀ ଲୋକନାଥମନ୍ଦିର, ବାଟମଙ୍ଗଳା frontରେ limited ସ୍ଥିତିବାନ ପ୍ଲଟ ବିକ୍ରିହେବ। 9777236619. D-66724

ଭୁବନେଶ୍ୱର ପିତାପଲ୍ଲୀ ଛକଠାରେ possession/ ପାଚେରି ଥାଇ sqft.550/-, Xavier University- 250/-, 6371922931 D-66705

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ Sqft.150/-, ନଖରା ତ୍ରିନାଥ ବଜାର sc plot Sqft.320/- ଧାକୁଲେଇପିଠାରେ 250/-, plot ବିକ୍ରିହେବ (outright) 8144706560, 9348817649. D-66710

Plot sale at Bailo, Cuttack (Officers complex) @ 120/- per sqft with road 20k.m from Cuttack/ Bhubaneswar. 7809525452, 8249851363. D-66918

୨୦୦ ଫୁଟ ରାସ୍ତାକୁ ଲାଗି ଜାଗାବିକ୍ରି ହେଉଛି। ବର୍ଗଫୁଟର ମୂଲ୍ୟ ୧୬୦/- ଟଙ୍କା। Contact: 9668135813. D-59932

ପିତାପଲ୍ଲୀ ଛକ NH ପାଖରେ sqft-399/ ରେ ସ୍ଥିତିବାନ ପ୍ଲଟ ମିଳୁଅଛି। 9090963952. D-66712

Morning sun residency simplex near Hanspal 33,00,000/- (Handover 1month). 8908015464, 9853347909. D-66713

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଞ୍ଚାରୁ ବିକ୍ରିହେବ। 9178660666. D-66586

ଫୁଲନଖରା ଛକରୁ ନିଆଳି ରାସ୍ତାକଡ଼ରେ ଘରଉପଯୋଗୀ ଜମି Kurang Sasan sqft. 450/-, Hanspal NH-5 ରୁ 4k.m. ଦୂରରେ ଘରଉପଯୋଗୀ ଜମି Balianta ରେ sqft. 590/-, housing available at Chakeisiani/ Andharua. 9853289161, 8917267426. D-66920

**LEASE**

Offering 8000 sqft. open land for lease @ Nuagaon Square, Puri Road, adjacent to NH-203, suitable for warehouse/ garage. Contact: 9611131676, 9437081529. D-13302

**to-let**

Tolet service for bachelor, family, girls, all over Bhubaneswar. 6371209927. D-64982

ପିପିଲି-କୋଣାର୍କ ରାଜ୍ୟ ରାଜପଥ କଡ଼ରେ ନିମାପଡ଼ା ମୁଖ୍ୟ ବଜାର ୟୁକୋ ବ୍ୟାଙ୍କ ଉପର ମହଲାରେ ଥିବା ୪୫୦୦ ସ୍କୋୟାରଫୁଟ ବିଶିଷ୍ଟ ଦୁଇମହାଲା ପ୍ରଶସ୍ତହଲ୍ ଭଡ଼ାଦିଆଯିବ। ଏହା ଅଫିସ୍ ଓ ସପିଙ୍ଗ୍‌ମହଲ ପାଇଁ ବିଶେଷ ଉପଯୋଗୀ। ଯୋଗାଯୋଗ: 9861334400. D-66921

3BHK OMM NILOY Apartment levelcrossing Shahid Nagar office/ family. 9337555288, 7032925529. D-13322

**healthcare**

Fully refreshed/ relaxed body massage by expert therapist, Shastri Nagar. 7377984773. D-66588

Rejuvenate and ayurvedic full body massage by smart therapist: 9114402304. D-66587

Monsoon dhamaka/ full body massage with hiprofile smart lady therapist. Hurry up ! 9708545108. D-13319

Experience full body massage with us (expert). Call: 7377048581, 0674-2597822. D-66589

Full body herbal massage with refreshment, expert therapist. 7381239385, 0674-2540855. D-66591

Herbal full body massage by smart/expert therapist. Contact: 8338067247. D-66590

Kajal ayurvedic massage club fully relaxed by smart lady, home service available. 9937637219. D-66922

Ayurvedic full body massage ladies/gents smart experts therapist. 9114697517. D-66917

**astrology**

ଫିସ୍ ନୁହେଁ, ପୁରସ୍କାର ନେବି, ସମସ୍ୟା ନୁହେଁ ସମାଧାନ ଦେବି। Gold Medalist, ପ୍ରେମବିବାହ, ସଉତୁଣୀ-ଶତ୍ରୁମୁକ୍ତି, ସମାଧାନ ଗୋଟିଏ ଫୋନ୍‌ରେ। 09521603776 096106-09485. D-13321

**business**

Health Insurance କରି ମେଡ଼ିକାଲ ଖର୍ଚ୍ଚରୁ ମୁକ୍ତରୁହନ୍ତୁ। ଯୋଗାଯୋଗ Star Health Insurance: 9938668739. D-59933

**AFFIDAVIT**

By virtue of Notary affidavit I Sanghamitra Bhuyan has changed my minor daughter's name from Barsha Sanjogita Bhuyan to Jeshika Bhuyan for all purposes. D-61058

By virtue of an affidavit sworn before Notary Public, Sambalpur, I Amit Kumar Singh, S/o- Rameshwar Prasad Singh, D.O.B- 05.09.1986, R/o- R-3, C/6, J.M Colony, Budharaja, P.s- Ainthapali, Sambalpur, Odisha have changed my name from Amit Kumar Singh to Amit Kumar for all purposes. D-13320

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ)। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ରାଇରଙ୍ଗପୁରରେ ଫୁଟିଲା ଗୁଳି
# ଦୁଇ ଭାଇ ଗୁରୁତର

**ବାରିପଦା ଅଫିସ/ ରାଇରଙ୍ଗପୁର, ୮।୭ (ଡି.ଏନ.ଏ)**

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ସହରରେ ସୋମବାର ସକାଳେ ଗୁଳି ଫୁଟିଛି। ବାଇକରେ ଆସିଥିବା ୨ ଅଜଣା ଦୁର୍ବୃତ୍ତଙ୍କ ଗୁଳି ମାଡ଼ରେ ଧାନ ବ୍ୟବସାୟ କରୁଥିବା ୨ ଭାଇ ଦୟାଶଙ୍କର ସାଓ (୫୪) ଓ ଜୟଶଙ୍କର ସାଓ(୪୮) ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ରାଇରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଉଭୟଙ୍କୁ ଟାଟାକୁ ସ୍ଥାନାନ୍ତର କରାଯାଇଛି।

## ବ୍ୟବସାୟିକ ଶତ୍ରୁତା ସନ୍ଦେହ

ରାଇରଙ୍ଗପୁର ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ବ୍ୟବସାୟିକ ଶତ୍ରୁତାରୁ ଏଭଳି ଗୁଳିକାଣ୍ଡ ଘଟିଥିବା ପୋଲିସ ସନ୍ଦେହ କରୁଛି। ଏନେଇ ଥାନାରେ ଏକ ମାମଲା (ନଂ.୭୩/୧୯) ରୁଜୁ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ସୋମବାର ସକାଳ ୭ ଟା ୩୦ ସମୟରେ ରାଇରଙ୍ଗପୁର ସହର ୧୫ ନମ୍ବର ୱାର୍ଡ ଲିଙ୍କରୋଡ ଅଞ୍ଚଳର ଦୟାଶଙ୍କର ତାଙ୍କ ଘର ବାହାରେ ବସିଥିଲେ। ଏହି ସମୟରେ ୨ ଅଜଣା ଦୁର୍ବୃତ୍ତ ଏକ ବାଇକରେ ଆସି ତାଙ୍କ ଉପରକୁ ଦୁଇ ରାଉଣ୍ଡ ଗୁଳିମାଡ଼ କରିଥିଲେ। ଗୋଟିଏ ଗୁଳି ତାଙ୍କ ଛାତିରେ ବାଜିଥିବା ବେଳେ ଅନ୍ୟ ଗୁଳିଟି ଲକ୍ଷ୍ୟଭ୍ରଷ୍ଟ ହୋଇଥିଲା। ଗୁଳି ଶବ୍ଦ ଶୁଣି ତାଙ୍କ ସାନ ଭାଇ ଜୟଶଙ୍କର ଘଟଣାସ୍ଥଳକୁ ଚାଲି ଆସିବାରୁ ଦୁର୍ବୃତ୍ତ ଦ୍ୱୟ ତାଙ୍କ ଉପରକୁ ମଧ୍ୟ ଆଉ ଗୋଟିଏ ରାଉଣ୍ଡ ଗୁଳି ମାଡ଼ କରି ଫେରାର ହୋଇଯାଇଥିଲେ। ଜୟଶଙ୍କରଙ୍କ ଛାତିରେ ଗୁଳି ବାଜିଥିବା ଜଣାପଡିଛି। ମୟୂରଭଞ୍ଜ ଏସପି ଅବିନାଶ କୁମାର ଘଟଣାସ୍ଥଳରେ


ଆହତ ଦୁଇ ଭାଇ।

ପହଞ୍ଚି ଘଟଣାର ଅନୁଧ୍ୟାନ କରିଛନ୍ତି। ରାଇରଙ୍ଗପୁର ଟାଉନ ଥାନା ଅଧିକାରୀ ରଞ୍ଜନ ସେଠୀ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ଦ୍ୱାରା ତଦନ୍ତ ଜାରି ରଖିଛନ୍ତି। ଘଟଣାସ୍ଥଳରୁ ପୋଲିସ ଏକ ଅଫୁଟା ଗୁଳି ଜବତ କରିଛି। ଦୁର୍ବୃତ୍ତ ଦ୍ୱୟଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚେକିଂ ଓ ବ୍ଲକିଂ କରି ଚଢାଉ କରିଥିବା କହିଛି। ଖୁବଶୀଘ୍ର ଅଭିଯୁକ୍ତଙ୍କୁ ଧରାଯାଇ ପାରିବ ବୋଲି ଥାନା ଅଧିକାରୀ ସେଠୀ କହିଛନ୍ତି।



## ଜିଲା ଚିଠି
## ନୂଆପଡ଼ା

# ଚାଷୀ ମୁଣ୍ଡରେ ଅଠା

ଏଥର ରବି ଧାନ ବିକ୍ରି ସମସ୍ୟା ପୂର୍ବ ବର୍ଷଠାରୁ ଟପିଯାଇଛି। ଗତ ମେ ମାସ ଶେଷ ସପ୍ତାହରେ ଧାନକିଣା ଆରମ୍ଭ ହେଲା। ମିଲର୍ସମାନେ ନିର୍ଦ୍ଧାରିତ ସମୟରେ ମଣ୍ଡିକୁ ଆସିଲେ ନାହିଁ। ଯେଉଁମାନେ ଆସିଲେ ବି କଟନି ଛଟନି ଦାବି କରିବାରୁ ଧାନ ଉଠିଲା ନାହିଁ। ଚାଷୀମାନେ ମଣ୍ଡିକୁ ଧାନ ଆଣି ଜଗି ରହିଲେ। ଦିନବେଳା ପ୍ରଚଣ୍ଡ ଖରା ସହିଲେ। ଉପରବେଳା କାଳବୈଶାଖୀ ଦାଉରୁ ଧାନକୁ ରକ୍ଷା କରିବା ପାଇଁ ପଲିଥିନ ଢାଙ୍କିଲେ। ଏତେ ପରେ ବି ପଡୋଶୀ ଛତିଶଗଡ଼ରୁ ଶସ୍ତାରେ ଧାନ ଆସି ମଣ୍ଡିରେ ଭର୍ତ୍ତି ହେଲା। ମିଲ ମାଲିକ, ପ୍ୟାକ୍ସ, ଯୋଗାଣ ବିଭାଗ ସଲାସୁତୁରା କରି ଫଲସ ଏଣ୍ଟ୍ରି କରିଦେଲେ। ଧାନ କିଣା ପୂର୍ବରୁ ମିଲର୍ସଙ୍କ ଗୋଦାମ ତନଖି ହେଲାନାହିଁ। ରାଜ୍ୟ ସରକାର ଜୁନ ୩୦କୁ ଧାନ କିଣା ସରିବ ବୋଲି ଘୋଷଣା କରିଥିଲେ। ଚାଷୀମାନେ ଘରେ ଥିବା ଧାନକୁ ମଣ୍ଡିରେ ଥୋଇଲେ। ହେଲେ ମିଲର୍ସ ମର୍ଜିରେ ଧାନକିଣା ହେଲା। ଜିଲାକୁ ମିଳିଥିବା ୨ ଲକ୍ଷ ୯୨ ହଜାର କ୍ୱିଣ୍ଟାଲ ଲକ୍ଷ୍ୟ ଧାର୍ଯ୍ୟ ପୂରା ହୋଇଗଲା। ତଥାପି ଜିଲାର ୫ଟି ପ୍ରମୁଖ ମଣ୍ଡିରେ ୩୦ ହଜାରରୁ ଊର୍ଦ୍ଧ୍ୱ କ୍ୱିଣ୍ଟାଲ ଧାନ ପଡିରହିଲା। ସେହି ଧାନ କିଣିବାକୁ ଚାଷୀମାନେ ବାରମ୍ବାର ଆନ୍ଦୋଳନ କରିଥିଲେ ହେଁ ପ୍ରଶାସନ ହାତ ଟେକିଦେଲା। ସରକାରଙ୍କ ଟାର୍ଗେଟ ପୂରା ହୋଇଯାଇଛି। ପରବର୍ତ୍ତୀ ଟାର୍ଗେଟ ପାଇଁ ସରକାରଙ୍କୁ ଅବଗତ କରାଯାଇଛି ବୋଲି ଜିଲାପାଳ ଶୁଣାଇଦେଲେ। ଚାଷୀନେତାମାନେ ଯୁକ୍ତିବାଢିଲେ, ତାଙ୍କ ଧାନ କିଣା ଯାଇନାହିଁ ଅଥଚ ଟାର୍ଗେଟ ପୂରାହେଲା କିପରି। ଏହାକୁ ତନ୍ନ ତନ୍ନ କରି ଚାଷୀମାନେ ହିସାବ କରୁଛନ୍ତି। ପଡୋଶୀ ଛତିଶଗଡ଼ରୁ ଧାନ ସିଧା ମିଲର୍ସଙ୍କ ମଣ୍ଡିକୁ ପଶିଥିବା ଖୋଦ ଚାଷୀମାନେ ଦେଖିଛନ୍ତି। ଭୂତ ନାଁରେ ଧାନ କିଣାଯାଇଛି, ପ୍ରକୃତ ଚାଷୀ ମୁଣ୍ଡ ପିଟି ଚିତ୍କାର କରୁଛି। ଧାନବିକ୍ରି ହେଲେ ପୁଣି ଥରେ ଚାଷୀ ବିହନ, ସାର କିଣି ଚାଷ କରିବ। ଏହି ଇସ୍ୟୁକୁ ନେଇ ଚାଷୀନେତାମାନେ ପ୍ରଶାସନକୁ ଟାର୍ଗେଟ କରି ଭିନ୍ନ ଭିନ୍ନ ଢଙ୍ଗରେ ଆନ୍ଦୋଳନ କରୁଛନ୍ତି। ନିକଟରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଧାନ ବସ୍ତା ରଖିବାକୁ ପ୍ରସ୍ତୁତି କରିଥିଲେ। ହେଲେ ଚାଷୀଙ୍କ ଭୟରେ ପ୍ରଶାସନ ସେହିଦିନଠାରୁ ମୁଖ୍ୟ ଫାଟକରେ ତାଲା ବନ୍ଦ କରି ରଖିଛି। ଚାଷୀ ନେତାଙ୍କ ପ୍ରଶାସନ ସହ ଆଲୋଚନା ବେଳେ ପ୍ରଶାସନ ସିଧା ଚାଷୀଙ୍କ ଉପରେ ଦୋଷ ଲଦିବାରେ ଭିଡି ପଡୁଛି। ଫଲସ ଏଣ୍ଟ୍ରି ପାଇଁ ଏଠିକାର ଚାଷୀମାନେ ଦାୟୀ। ଚାଷୀ କାର୍ଡ ଦେଇ ମୁନାଫା ପାଉଛି। ଅଯଥାରେ ପ୍ରଶାସନକୁ ଦୋଷାରୋପ କରାଯାଉଛି ବୋଲି ଅଧିକାରୀମାନେ କହି ଚାଷୀଙ୍କ ମୁହଁ ବନ୍ଦ କରୁଛନ୍ତି। ତେଣୁ ମିଲର୍ସ ଖାଇଲା ବେଲ ଚାଷୀ ମୁଣ୍ଡରେ ଅଠା ବୋଳିବା ନ୍ୟାୟରେ ସବୁ ଚାଲିଛି। କେବଳ ନିଜ ଉପରୁ ଦୋଷ ଉତାରି ଦେବାକୁ କିଛି ନେତା ରାଜ୍ୟ ସରକାରଙ୍କୁ ନାମକୁ ମାତ୍ର ଚିଠି ଲେଖି ସୋସିଆଲ ମିଡ଼ିଆରେ ଭାଇରାଲ କରୁଛନ୍ତି। ସେହିଭଳି କେତେକ ଅଧିକାରୀ ଲୁଚାଛପା ମଣ୍ଡି ପରିକ୍ରମା କରୁଥିବା କହୁଛନ୍ତି। ଜିଲାପାଳଙ୍କ ଅଫିସରେ ତାଲା। ଯୋଗାଣ ବିଭାଗ ସମ୍ମୁଖରେ ତାଲା। କୁହାଯାଉଛି ଚାଷୀମାନେ ଆସି ଭଙ୍ଗାରୁଜା କରିବେ ବୋଲି ତାଲା ବନ୍ଦ କରାଯାଇଛି। ଚାଷୀଙ୍କ ଆର୍ତ୍ତ ଚିତ୍କାର ଶୁଣିବାକୁ ସତେ ଆଉ କେହିନାହିଁ। ଆଗକୁ ପ୍ରଶାସନ ରାଜ୍ୟ ସରକାର କ'ଣ ପଦକ୍ଷେପ ନେଉଛନ୍ତି ତାହା ଦେଖିବାକୁ ବାକି ରହିଛି।

– ଘନଶ୍ୟାମ ଭୋଇ

# ନନ୍ଦିଘୋଷ ରଥ ଭାଙ୍ଗିଲେ ଲକ୍ଷ୍ମୀ ସାଆନ୍ତାଣୀ

**ପୁରୀ ଅଫିସ, ୮।୭**

ଆଡ଼ପ ମଣ୍ଡପରେ ଅବସ୍ଥାନ କରିଛନ୍ତି ଚତୁର୍ଦ୍ଧାବିଗ୍ରହ। ଗୁଣ୍ଡିଚା ମନ୍ଦିରରେ ଲାଗୁଛି ଭକ୍ତଙ୍କ ଗହଳି। ଜନ୍ମବେଦିରେ ଲୀଳାଖେଳା କରୁଛନ୍ତି ଦାରୁବିଗ୍ରହ। ମହାପ୍ରଭୁଙ୍କ ମାନବୀୟ ଲୀଳାର ଏକ ଅଂଶ ହେଉଛି ହେରାପଞ୍ଚମୀ ନୀତି। ସୋମବାର ଗୁଣ୍ଡିଚା ମନ୍ଦିରରେ ଏହି ନୀତି ସମ୍ପନ୍ନ ହୋଇଛି। ଏଥିଲାଗି ଭକ୍ତଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା।

ଶ୍ରୀଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁଙ୍କ ସନ୍ଧ୍ୟାଧୂପ ପୂର୍ବରୁ ଲକ୍ଷ୍ମୀ ଠାକୁରାଣୀଙ୍କ ମାଜଣା ହୋଇଥିଲା। ଏହାପରେ ମହାଲକ୍ଷ୍ମୀ ପାଲିଙ୍କିରେ ବିଜେ ହୋଇ ଘଣ୍ଟ, ଛତା, କାହାଳୀ ସହିତ ପଟୁଆରରେ ଗୁଣ୍ଡିଚା ଅଭିମୁଖେ ବାହାରିଥିଲେ। ନନ୍ଦିଘୋଷ ରଥ ନିକଟରେ ଲକ୍ଷ୍ମୀ ଠାକୁରାଣୀ ପହଞ୍ଚିବା ପରେ ପତିମହାପାତ୍ର ବନ୍ଦାପନା, ଚାମର ଆଲଟ, ଘସା ବିଡିଆ ଏବଂ ଦହି ପଟି ମଣୋହୀ କରିଥିଲେ। ସନ୍ଧ୍ୟାଧୂପ ପୂଜା ବସିଥିବା ସମୟରେ ଲକ୍ଷ୍ମୀ ଠାକୁରାଣୀ ଜଗମୋହନକୁ ବିଜେ କରି ଜୟବିଜୟ ଦ୍ୱାର ନିକଟକୁ ଆସିଥିଲେ। ପତିମହାପାତ୍ର ସେବକ ମହାପ୍ରଭୁଙ୍କ ଆଜ୍ଞାମାଳ ଆଣି ଲକ୍ଷ୍ମୀ ଠାକୁରାଣୀଙ୍କୁ ପ୍ରଦାନ କରିଥିଲେ। କିନ୍ତୁ ମହାପ୍ରଭୁ ମହାଲକ୍ଷ୍ମୀଙ୍କ ସହିତ ଫେରି ନ ଥିଲେ। ଏହାପରେ ଲକ୍ଷ୍ମୀ ଠାକୁରାଣୀ ଅଭିମାନ କରି ନାକଚଣା ଦ୍ୱାର ଦେଇ ନନ୍ଦିଘୋଷ ରଥ ନିକଟକୁ ଯାଇଥିଲେ। ସେଠାରେ ରଥରୁ ଖଣ୍ଡିଏ କାଠ ଭାଙ୍ଗି ଫେରିଯାଇଥିଲେ।

ପୁରାଣରେ ବର୍ଣ୍ଣିତ ଅଛି ଯେ, ମହାପ୍ରଭୁ ଏବଂ ଶ୍ରୀଦେବୀ (ଲକ୍ଷ୍ମୀ

## ସରିଲା ହେରାପଞ୍ଚମୀ ନୀତି

ଠାକୁରାଣୀ)ଙ୍କ ବିବାହ ସରିଥିଲା। ହେଲେ ଗଇଁଠାଳ ଫିଟି ନ ଥିଲା ଅର୍ଥାତ୍ ବିବାହ କର୍ମ ଅଧାରେ ରହିଥିବା ବେଳେ ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗରା ଜଳରେ ସ୍ନାନ କରି ଜ୍ୱରରେ ପଡିଲେ ମହାପ୍ରଭୁ। ବିଭିନ୍ନ ପଥି ଖାଇ ଆରୋଗ୍ୟ ଲାଭ କଲେ। ଆଷାଢ ଶୁକ୍ଳ ଦ୍ୱିତୀୟା ତିଥିରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଧର୍ମପତ୍ନୀ ଲକ୍ଷ୍ମୀ ସାଆନ୍ତାଣୀଙ୍କୁ ନ ଜଣାଇ ଭାଇଭଉଣୀଙ୍କୁ ସାଥିରେ ଧରି ଶ୍ରୀଗୁଣ୍ଡିଚା ଯାତ୍ରାରେ ବାହାରି ଆଡ଼ପ ମଣ୍ଡପରେ ଅବସ୍ଥାନ କରିଛନ୍ତି। ତେଣୁ ବିରହ ବେଦନାରେ ଥିବା ଲକ୍ଷ୍ମୀ ଠାକୁରାଣୀ ମହାପ୍ରଭୁଙ୍କୁ ଫେରାଇ ନେବା ଲାଗି ଆସିଥିଲେ। ମହାପ୍ରଭୁ ଦର୍ଶନ ଦେଲେ, କିନ୍ତୁ ଲକ୍ଷ୍ମୀ ସାଆନ୍ତାଣୀଙ୍କ ଫେରିବା ଅନୁରୋଧକୁ ରଖିଲେ ନାହିଁ। ଏଥିରେ ଅଭିମାନ କରି ଲକ୍ଷ୍ମୀ ଠାକୁରାଣୀ ମହାପ୍ରଭୁଙ୍କ ନନ୍ଦିଘୋଷ ରଥର ଖଣ୍ଡିଏ କାଠ ଭାଙ୍ଗି ହେରାଗୋହିରୀ ସାହିଦେଇ ଶ୍ରୀମନ୍ଦିରକୁ ବାହୁଡିଥିଲେ। ଫେରିବା ବାଟରେ ପନ୍ତି ଭୋଗ ଗ୍ରହଣ କରିଥିଲେ।

## ଆଜି ଦକ୍ଷିଣ ମୋଡ଼

ଶ୍ରୀଗୁଣ୍ଡିଚା ମନ୍ଦିରରେ ଅବସ୍ଥାନ କରୁଥିବା ଚତୁର୍ଦ୍ଧାବିଗ୍ରହ ବାହୁଡିବେ ଶ୍ରୀମନ୍ଦିର। ଏଥିଲାଗି ମଙ୍ଗଳବାର ତିନିରଥ ଦକ୍ଷିଣ ମୋଡ଼ କରାଯିବ। ପ୍ରଥମେ ସୁଭଦ୍ରାଙ୍କ ରଥ ଏବଂ ପରେ ଅନ୍ୟ ଦୁଇରଥ ଦକ୍ଷିଣ ମୋଡ଼ କରାଯାଇ ନାକଚଣା ଦ୍ୱାର ସମ୍ମୁଖ ଶରଧାବାଲିରେ ରହିବ। ବାହୁଡାରେ ଚତୁର୍ଦ୍ଧାବିଗ୍ରହ ଶ୍ରୀମନ୍ଦିର ଅଭିମୁଖେ ଫେରିଯିବେ। ସକାଳ ଧୂପ ପରେ ତିନିରଥକୁ ଆଜ୍ଞାମାଳ ବିଜେ ହେବା ହେବା ପରେ ଦକ୍ଷିଣ ମୋଡ଼ ହେବ। ମଧ୍ୟାହ୍ନ ୧୨ଟା ୩୦ରେ ରଥ ଆଜ୍ଞାମାଳ ବିଜେ ହେବା ଲାଗି ନୀତି ନିର୍ଘଣ୍ଟ କରାଯାଇଛି।


**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**



ଆଲିସ୍କା ଚୌଧୁରୀ (ସାଇନୀ)
ଜନ୍ମ ତା. ୦୯।୦୭।୨୦୧୮
ଆଜି ପ୍ରଥମ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ଆଶିଷ କାମନା କରୁଛୁ।
ଶୁଭେଚ୍ଛାସହ:
ମାତା– ସୁନିତା ଚୌଧୁରୀ,
ପିତା– ଅବକାଶ ଚୌଧୁରୀ
ବୀରମହାରାଜପୁର, ଜିଲ୍ଲା– ସୁବର୍ଣ୍ଣପୁର
ଧ–୧୩୩୨୩

**7th Birthday wish**



(Spidey)
Happy Birthday Spidey
May this day bring you tons of happiness and joy into your life.
Best wishes: Grandpaa, Dady, Mamy, Mamaa, Aja & Bou.
D-13280


## ବେଦାନ୍ତରେ ଅଗ୍ନିକାଣ୍ଡ ଘଟି ୭ ଶ୍ରମିକ ଆହତ ଘଟଣା
# ଜିଏ ପ୍ଲାଣ୍ଟ ବନ୍ଦ କରିବାକୁ ନିର୍ଦ୍ଦେଶ

**ସମ୍ବଲପୁର/ବେଲପାହାଡ଼,(ବ୍ୟୁରୋ/ଡି.ଏନ.ଏ.):**

ଝାରସୁଗୁଡ଼ା ବେଦାନ୍ତ ଆଲୁମିନିୟମ କମ୍ପାନୀ ଗ୍ରୀନ୍ ଆନୋଡ୍ (ଜିଏ) ପ୍ଲାଣ୍ଟ ପରିସରରେ ଶନିବାର ପୂର୍ବାହ୍ନରେ ଅଗ୍ନିକାଣ୍ଡ ଘଟି ୭ ଶ୍ରମିକ ଆହତ ହୋଇଥିଲେ। ଏହି ଘଟଣାରେ କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଜିଏ ପ୍ଲାଣ୍ଟ ବନ୍ଦ କରିବାକୁ ଝାରସୁଗୁଡ଼ା ଫ୍ୟାକ୍ଟ୍ରି ଆଣ୍ଡ ବଏଲର ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ କମ୍ପାନୀର ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ କରାଯିବ। ଏହାର ରିପୋର୍ଟ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସୂଚନା ଦିଆଯାଇଛି। ତେବେ ଫ୍ୟାକ୍ଟ୍ରି ନିୟମ ଅନୁସାରେ ଆମେ ସମସ୍ତ ସୁରକ୍ଷା ନିୟମ ପାଳନ କରୁଛୁ। ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ଅନୁଯାୟୀ ସମସ୍ତ କାର୍ଯ୍ୟ ହେବ। ଉତ୍ପାଦନ ଉପରେ ଏହାର କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି ବେଦାନ୍ତର ପ୍ରବକ୍ତା କହିଛନ୍ତି। ଶନିବାର ଜିଏ ପ୍ଲାଣ୍ଟରେ ଅଗ୍ନିକାଣ୍ଡ ଘଟି ଟେକ୍ନିସିଆନ ବିଶିକେଶନ ପ୍ରଧାନ ଗୁରୁତର ହୋଇଥିବା ବେଳେ ଅନ୍ୟ ୬ଜଣ ସାମାନ୍ୟ ଆହତ ହୋଇଥିଲେ। ବିଶିକେଶନ ବେଦାନ୍ତ ଅଧୀନରେ କାମ କରୁଥିବା କେପିଏଲ୍ ଠିକା କମ୍ପାନୀରେ ଟେକ୍ନିସିଆନ ଭାବେ କାମ କରୁଥିଲେ। ଦୁର୍ଘଟଣାରେ ବିଶିକେଶନଙ୍କ ହାତ ପାପୁଲିର କିଛି ଅଂଶ ପୋଡ଼ି ଯାଇଥିଲା। ସେ ଏବେ କମ୍ପାନୀ ପରିସର ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଅନ୍ୟମାନଙ୍କୁ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି।

## ଖୋର୍ଦ୍ଧା ଅଞ୍ଚଳରେ ପଥର ଚୋରା ଚାଲାଣ
# ଅଭିଯୁକ୍ତ ନିତୁ ମାନସିଂ ଗିରଫ

**ଭୁବନେଶ୍ୱର,୮।୭(ବ୍ୟୁରୋ):**

ଖୋର୍ଦ୍ଧାରେ ଖଣି ମାଫିଆଙ୍କ ରାଜୁତି ଚାଲିଛି। ସେଠାକାର ପଥର ଖାଦାନଗୁଡ଼ିକ ଉପରେ ସେମାନଙ୍କ ଲୋଲୁପ ନଜର ପଡ଼ିଛି। ରାତାରାତି କୋଟି କୋଟି ଟଙ୍କା ରୋଜଗାର କରିବା ଲକ୍ଷ୍ୟରେ ସେମାନେ ଖଣିରୁ ପଥର ଖୋଳି ଚୋରା ଚାଲାଣ କରୁଛନ୍ତି। ଏକଥା ସ୍ଥାନୀୟ ପ୍ରଶାସନ ଓ ପୋଲିସ ଜାଣିଥିଲେ ବି ଚୁପ୍ ରହୁଛି। ପ୍ରଶାସନ ଓ ମାଫିଆମାନଙ୍କ ମଧୁଚନ୍ଦ୍ରିକାରେ ଏଭଳି କାରବାର ଚାଲୁଥିବା ଅଭିଯୋଗ ହେଉଛି। ତେବେ ଏହି ଖଣିମାଫିଆଙ୍କୁ ସାବାଡ଼ କରିବା ପାଇଁ ଏବେ ଏସ୍‌ଟିଏଫ୍ ଅଣ୍ଟା ଭିଡ଼ିଛି। ସୋମବାର ଏସ୍‌ଟିଏଫ୍ ଖୋର୍ଦ୍ଧା ବୋଲଗଡ଼ରୁ ବହୁ ଅପରାଧିକ ମାମଲାର ଅଭିଯୁକ୍ତ ନିତୁ ମାନସିଂଙ୍କୁ ଗିରଫ କରିଛି। ତାଙ୍କ ଘର ଖୋର୍ଦ୍ଧା ସଦର ଥାନା ଅଞ୍ଚଳରେ। ତାଙ୍କୁ ଏସଟିଏଫ୍ କାର୍ଯ୍ୟାଳୟକୁ ଅଣାଯାଇ ପଚରାଉଚରା କରାଯିବା ପରେ ଖୋର୍ଦ୍ଧା ସଦର ଥାନାକୁ ହସ୍ତାନ୍ତର କରାଯାଇଛି। ଏ ନେଇ ଖୋର୍ଦ୍ଧା ଥାନାରେ ଏକ ମାମଲା ରୁଜୁ ହୋଇଥିବାବେଳେ ନିତୁଙ୍କୁ କୋର୍ଟଚାଲାଣ କରାଯାଇଛି। ତାଙ୍କ ନାମରେ ଗୁଳିମାଡ଼, ବୋମା ମାଡ଼ ଭଳି ସଙ୍ଗିନ ଅଭିଯୋଗ ରହିଛି।


## ମନେ ପଡ଼ନ୍ତି

**ଅଷ୍ଟମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ଜିତେନ୍ଦ୍ର କୁମାର ସାହୁ
(ପାଇକରାପୁର, ଖୋର୍ଦ୍ଧା, ଭୁବନେଶ୍ୱର)
ଆବିର୍ଭାବ: ୧୫।୦୧।୧୯୮୦
ତିରୋଧାନ: ୦୮।୦୭।୨୦୧୧
ତୁମର ଅମର ଆତ୍ମା ଚିରଶାନ୍ତି ଲାଭକରୁ, ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ:
ବାପା, ମା, ସ୍ତ୍ରୀ, ପୁଅ, ଝିଅ, ଭାଇ, ଭାଇବୋହୂ, ଝିଆରୀ, ପୁତୁରା, ଭଉଣୀ, ଭିଣୋଇ, ଭଣଜା, ଭାଣିଜୀ ଓ ଜୟ ହନୁମାନ କନ୍‌ଷ୍ଟ୍ରକସନ୍ ଷ୍ଟାଫ୍।
ଧ–୬୪୯୮୫

**୨୮ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



✓ ନିନିରାଣୀ ଦାସ
ସ୍ୱାମୀ: ✓ ଚିତ୍ତରଂଜନ ଦାସ
ପଟିଆଗଡ, ଭୁବନେଶ୍ୱର
ଆବିର୍ଭାବ : ୦୩.୦୩.୧୯୩୮
ତିରୋଧାନ : ୧୮.୦୭.୧୯୯୧
ଆଜିର ଦିବସରେ ଆମ୍ଭେ ତୁମର ସ୍ମୃତିଚାରଣ କରୁଛୁ ଓ ତୁମ ଆତ୍ମାର ଅମରତ୍ୱ କାମନା କରୁଛୁ।
–: ଶୋକ ସନ୍ତପ୍ତ :–
ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ
ଧ–୧୩୩୧୯

# CLASSIFIED DISPLAY

**ADMISSIONS OPEN**
**M.PHARM**
ROLAND INSTITUTE OF PHARM CEUTICAL SCIENCES
KHODASINGI, BERHAMPUR-10 (GM) ODISHA
Approved by AICTE & PCI, New Delhi & BPUT, Odisha
**NBA** ACCREDITED FOR B.PHARM COURSE
Students qualified in **OJEE-2019/GPAT-2019** are eligible for admission in the following specializations:-
* Pharmaceutics
* P.A & Q.A
* Pharmacology
* Pharmaceutical Technology
For more details contact: **9437262308, 9777945053**
E mail- admissions@rips.ac.in: Website: www.rips.ac.in
**Principal**

ଶ୍ରବଣ ସମସ୍ୟା?
ଶ୍ରବଣ ଯନ୍ତ୍ର
ମାଗଣା ଶ୍ରବଣ ପରୀକ୍ଷା (HEARING TEST) ଓ ଡ଼ିଜିଟାଲ ଶ୍ରବଣ ଯନ୍ତ୍ର (DIGITAL HEARING AID) TRIAL ପାଇଁ ସମ୍ପର୍କ କରନ୍ତୁ।
EMI FACILITY WITH ATTRACTIVE DISCOUNT*



signia Life sounds brilliant.
Hearing Systems SIEMENS
Signia GmbH is a Trademark Licensee of Siemens AG
**Audizone Speech & Hearing Clinic**

| BHUBANESWAR | BHUBANESWAR | BHUBANESWAR | CUTTACK | KORAPUT |
|---|---|---|---|---|
| Baramunda | Saheed Nagar | Jaydev Vihar | Link Road | In front of S.L.N Hospital |
| 9777806331 | 6371045707 | 6372287878 | 7381770531 | 6372307123 |

**MORE SPACE • SAME PRICE**
**CLASSIFIED DISPLAY**
(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

**For Booking Contact:**
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
5% GST Applicable

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ସୋତାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ



ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଭାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
9810599425 9971793786


## ଲୋକ ସଭାରେ ଉଠିଲା ଖବରଦାତାଙ୍କ ସୁରକ୍ଷା ପ୍ରସଙ୍ଗ

**ଢେଙ୍କାନାଳ ଅଫିସ, ୮।୭:** ଓଡ଼ିଶାରେ କର୍ତ୍ତବ୍ୟରତ ଖବରଦାତାଙ୍କ ସୁରକ୍ଷା ନେଇ ସୋମବାର ଲୋକସଭାରେ ପ୍ରସଙ୍ଗ ଉଠାଇଛନ୍ତି ଢେଙ୍କାନାଳ ଏମ୍‌ପି ମହେଶ ସାହୁ। ଏ ସମ୍ପର୍କରେ ସେ ଅପରାହ୍ନ ୪ଟାରେ ଧରିତ୍ରୀ ପ୍ରତିନିଧିଙ୍କୁ ଫୋନ୍ ମାଧ୍ୟମରେ ଜଣାଇଛନ୍ତି। ବୈଦ୍ୟୁତିକ ଗଣମାଧ୍ୟମ, ଦୈନିକ, ସାପ୍ତାହିକ, ପାକ୍ଷିକ, ଜାତୀୟ ଏବଂ ଆଞ୍ଚଳିକ ଭାଷାର ଖବରକାଗଜ ଗୁଡିକରେ କାର୍ଯ୍ୟରତ ଖବରଦାତାମାନେ ବିଭିନ୍ନ ସମୟରେ ବହୁ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ତେଣୁ ସେମାନଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ସୁରକ୍ଷା ଆଇନ ପ୍ରଣୟନ ହେବା ଆବଶ୍ୟକ ବୋଲି ସେ ପ୍ରସ୍ତାବ ଦେଇଛନ୍ତି। ସୂଚନାଯୋଗ୍ୟ, ଢେଙ୍କାନାଳରେ ଜୁନ୍ ୩୦ରେ ଓୟୁଜେ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଏ ସଂକ୍ରାନ୍ତରେ ଏମ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା।


JOINTLY DEVELOPED BY
GOVT. OF INDIA & GOVT. OF ODISHA
SIHM NCHMCT
**STATE INSTITUTE OF HOTEL MANAGEMENT, BALANGIR**
Titilagarh Road, Balangir - 767001 (Odisha)
Ph. No. 06652 - 230730/31, 9437030720, 9437140772, 6370180040
website - www.sihmbalangir.org, e-mail: principal@sihmbalangir.org
**ADMISSIONS OPEN**

| COURSES | DURATION | QUALIFICATION | AGE LIMIT |
|---|---|---|---|
| 1. B.Sc In Hospitality & Hotel Administration | 03 Years | 10+2 pass or equivalent with English as one of the subjects (Minimum 50% marks) | 25 Years as on 1st July 2019 for General/ OBC candidates & 28 Years for SC/ST candidates |
| 2. Diploma In Front Office Operation | $1\frac{1}{2}$ Year | 10+2 pass or equivalent | |
| 3. Diploma In Food & Beverage Service | $1\frac{1}{2}$ Year | 10+2 pass or equivalent | |
| 4. Diploma In Food Production | $1\frac{1}{2}$ Year | 10+2 pass or equivalent | |
| 5. Diploma In Housekeeping Operation | $1\frac{1}{2}$ Year | 10+2 pass or equivalent | |
| 6. Craftsmanship Certificate Course In Food & Beverage Service | 06 Months | 10th pass | |
| 7. Craftsmanship Certificate Course In Food Production | $1\frac{1}{2}$ Year | 10th pass | |


## ODISHA JOINT ENTRANCE EXAMINATION-2019 (OJEE - 2019)

No: 316/OJEE19 Date: 08.07.2019

**NOTICE FOR 2ND/Special OJEE FOR B.TECH, B.PHARM, Lateral Entry TO B.TECH (DIPLOMA/B.Sc.), MBA, MCA, Lateral Entry TO MCA & M.PHARM.**

**Date of Examination: 21.07.2019 (SUNDAY)**

2nd /Special OJEE for **B.Tech., B.PHARM, Lateral Entry to B.Tech.**(for Diploma and B.Sc Students), **MBA, M. PHARM, MCA** and **LE-MCA** will be held on **21.07.2019 (SUNDAY)**.

On request of students and parents, the **last date of on-line application process has been extended till Dt.13.07.2019.** Remaining schedule will remain same as per the earlier Notice No. 292/OJEE2019, Dated.28.06.2018.

For other details, please visit:-**www.ojee.nic.in/ www.odishajee.com.**

Sd/-
CHAIRMAN, OJEE

## DIRECTORATE OF TECHNICAL EDUCATION & TRAINING, ODISHA

At-Killamaidan, Po-Buxi Bazar, Cuttack-753001

**NOTICE**

**Diploma Admission-2019**

Those candidates whose applications were **auto validated** and subsequently reflected as **not validated** as per the **list displayed in www.samsodisha.gov.in** portal are advised to report at the nearest Nodal Centre for Counselling (NCC) latest by 11.07.2019 (4 PM) positively to validate their applications. The revised merit list will be published on 12.07.2019 at 1 PM so as to enable the candidates to fill-up their choices by 13.07.2019 for admission into 1st Sem./Year Diploma courses.

Sd/-
Director of Technical Education & Training, Odisha.

ଯଦି କୌଣସି ସମସ୍ୟା ଆସେ- ତେବେ ତା'ସମ୍ବନ୍ଧେ ବିକ୍ଷିପ୍ତ ଭାବେ ମୁଣ୍ଡ ନ ଖେଳାଇ ଯଦି ଶୁଭେଚ୍ଛାର ଅଭୀପ୍ସା ନେଇ ଏକ ଶୁଭସଂକଳ୍ପ ପାଇଁ ପ୍ରୟୋଜନ ବୋଧ ସହିତ ନୀରବ ଓ ଶାନ୍ତଭାବେ ଅପେକ୍ଷା କର - ତେବେ ସମାଧାନ ଖୁବ୍‌ଶୀଘ୍ର ଆସିଥିବା- ଏବଂ ତୁମେ ନୀରବ ଥିବାରୁ ତାହା ଶୁଣିବାକୁ ସମର୍ଥ ହେବ।
-ଶ୍ରୀମା

# ନୀତି ନୁହେଁ, ବୁଝାମଣା

କର୍ଣ୍ଣାଟକରେ କଂଗ୍ରେସ-ଜେଡି(ଏସ୍) ମେଣ୍ଟ ସରକାର ରାଜନୈତିକ ସଙ୍କଟ ଦେଇ ଗତି କରୁଛି। ୮ ଜୁଲାଇରେ ୨୧ କଂଗ୍ରେସ ମନ୍ତ୍ରୀ, ଜେଡି(ଏସ୍)ର ୯ ମନ୍ତ୍ରୀ ଏବଂ ସ୍ୱାଧୀନରୁ ୨ ମନ୍ତ୍ରୀ ଇସ୍ତଫା ଦେଇଛନ୍ତି। ନିକଟରେ କଂଗ୍ରେସ ଓ ଜେଡି(ଏସ୍)ର ୧୪ ବିଧାୟକ ଇସ୍ତଫା ଦେବା ପରେ ୨୨୪ ଆସନ ବିଶିଷ୍ଟ ବିଧାନସଭାରେ ସଂଖ୍ୟା ୨୧୦ ହୋଇଯିବା ଆଶଙ୍କା ସୃଷ୍ଟି ହୋଇଛି। ସଂଖ୍ୟାକୁ ଦୃଷ୍ଟି ଦେଲେ ସରକାର ଗଠନ ଲାଗି ମ୍ୟାଜିକ୍ ବା କୁହୁକ ନମ୍ବର ୧୦୬ ହେଉଛି। ଭାଜପାର ୧୦୫ ସଦସ୍ୟ ଥିବା ବେଳେ ଦୁଇ ସ୍ୱାଧୀନ ବିଧାୟକ ଗୈରିକ ଦଳକୁ ସମର୍ଥନ କରିବା ବିଷୟ ଘୋଷଣା କରିସାରିଛନ୍ତି। ତେବେ ଇସ୍ତଫା ଦେଇଥିବା ସଦସ୍ୟଙ୍କ ପତ୍ରକୁ ବାଚସ୍ପତି ଗ୍ରହଣ କଲେ କର୍ନାଟକରେ ରାଜନୈତିକ ପଟ ପରିବର୍ତ୍ତନ ହେବା ଜଳ ଜଳ ଦିଶୁଛି। ସମୀକ୍ଷକମାନେ କହୁଛନ୍ତି ଯେ, ଏଚ୍.ଡି. କୁମାରସ୍ୱାମୀଙ୍କ ବଦଳରେ କଂଗ୍ରେସରୁ କାହାରିକୁ ମୁଖ୍ୟମନ୍ତ୍ରୀ କରାଯିବା ଲାଗି ଆଲୋଚନା ଚାଲିଛି। ଇସ୍ତଫା ଦେଇଥିବା ବିଧାୟକଙ୍କୁ ମନ୍ତ୍ରୀ ପଦ ମିଳିଗଲେ କଂଗ୍ରେସ ସେଠାରେ ସରକାର ଗଠନ କରିପାରେ। ହେଲେ ଏବେ କଂଗ୍ରେସ ମୁରବିବିହୀନ ହୋଇଯାଇଥିବାରୁ କେଉଁ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ କରାଯିବ ତାହା ସ୍ଥିର ହୋଇପାରୁ ନାହିଁ। ଏଭଳି ସ୍ଥଳେ ଭାଜପା ଫାଇଦା ନେବାକୁ ଆଗେଇ ଆସିବା ସ୍ୱାଭାବିକ। ତେବେ କର୍ନାଟକ ରାଜନୈତିକ ଦୃଶ୍ୟପଟ କେଉଁ ରୂପ ନେବ, ତାହା ୯ ଜୁଲାଇରେ ଜଣାପଡ଼ିବ। ବାଚସ୍ପତି ରମେଶ କୁମାର ଇସ୍ତଫା ଦେଇଥିବା ବିଧାୟକଙ୍କ ବିଷୟରେ ଏହିଦିନ ନିଷ୍ପତ୍ତି ନେବେ ବୋଲି କହିଛନ୍ତି।

ଲୋକ ସଭା ନିର୍ବାଚନରେ ବିପୁଳ ସମର୍ଥନ ପାଇ କେନ୍ଦ୍ରରେ ନରେନ୍ଦ୍ର ମୋଦି ଦ୍ୱିତୀୟ ଥର ପାଇଁ ସରକାର ଗଠନ କରିବା ପରେ ସାଧାରଣରେ ଆଲୋଚନା ଆରମ୍ଭ ହୋଇଥିଲା ଯେ, କର୍ନାଟକରେ ଯେମିତି ହେଉ ପଛେ କ୍ଷମତା ପରିବର୍ତ୍ତନ ହେବା ଦିଗରେ ଉଦ୍ୟମ କରାଯିବ। କାରଣ ଭାଜପା ୧୦୫ ଆସନ ପାଇଯିବାରୁ ରାଜ୍ୟପାଳଙ୍କ ଆମନ୍ତ୍ରଣ କ୍ରମେ ବି.ଏସ୍. ୟେଦ୍ଦୁରପ୍ପା ୧୩ ମାସ ତଳେ କର୍ନାଟକ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେଇଥିଲେ। ସେ ଗୃହରେ ଶକ୍ତିପରୀକ୍ଷାର ସମ୍ମୁଖୀନ ହେବା ପୂର୍ବରୁ ହାରିଯିବା ଆଶଙ୍କା କରି ଇସ୍ତଫା ଦେବାରୁ କୁମାରସ୍ୱାମୀ କଂଗ୍ରେସ ବଳରେ ବଳୀୟାନ୍ ହୋଇଥିଲେ। ମାତ୍ର ୩୭ ବିଧାୟକଙ୍କ ସମର୍ଥନ ପାଇ ଆସିଥିବା ଏକ କ୍ଷୁଦ୍ର ନେତୃତ୍ୱକୁ ମୁଖ୍ୟମନ୍ତ୍ରୀ ଆସନ ଟେକି ଦେଇ କର୍ନାଟକ ଶାସନରୁ ଭାଜପାକୁ ଦୂରେଇ ରଖିବା ସକାଶେ କଂଗ୍ରେସ ଏଭଳି ତ୍ୟାଗ କରିଥିଲା। ବିଧାନସଭାରେ ସର୍ବାଧିକ ଆସନ ହାସଲ କରିଥିବା ଭାଜପା କ୍ଷମତାରୁ ହଟିଯିବା ପରେ ୟେଦ୍ଦୁରପ୍ପା ଓ ତାଙ୍କ ଟିମ୍ ସେବେଠାରୁ ସେଠାକାର ମେଣ୍ଟ ସରକାରକୁ ଗଡ଼ାଇବା ପାଇଁ ଉଦ୍ୟମ କରୁଥିଲେ ବୋଲି ରାଜନୈତିକ ବିଶ୍ଳେଷକମାନେ କହିଆସିଛନ୍ତି। ଆଜି ଯେତେବେଳେ କଂଗ୍ରେସ ଏବଂ ଜେଡି(ଏସ୍)ର ସଦସ୍ୟମାନେ ଇସ୍ତଫା ଦେଇଛନ୍ତି, ତାହା ଭାଜପା ପ୍ରରୋଚନାରେ କରାଯାଇଛି ବୋଲି ଅଭିଯୋଗ ହେଉଛି। ଅବଶ୍ୟ ଅଭିଯୋଗ ଅମୂଳକ ହୋଇ ନ ପାରେ। ଅନ୍ୟପକ୍ଷରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି, କର୍ନାଟକରେ ରାଜନୈତିକ ସଙ୍କଟ ଲାଗି ଭାଜପାର କୌଣସି ଭୂମିକା ନାହିଁ। ସିଂଙ୍କ ଏଭଳି କଥାକୁ ସହଜରେ ବିଶ୍ୱାସ କରିହେଉ ନାହିଁ। କାରଣ ୟେଦ୍ଦୁରପ୍ପା ମୁଖ୍ୟମନ୍ତ୍ରୀ ନ ହୋଇପାରିବା ଏବଂ କୁମାରସ୍ୱାମୀ ମୁଖ୍ୟମନ୍ତ୍ରୀ ହେବା ବିଷୟ ଭାଜପା ପାଇଁ ଚ୍ୟାଲେଞ୍ଜ ହୋଇ ରହିଆସିଛି। ତେଣୁ ଭାଜପା ସୁଯୋଗ ଉଣ୍ଡୁଥିଲା କିଭଳି ସେଠାରେ ରାଜନୈତିକ ସଙ୍କଟ ସୃଷ୍ଟି ହେଉ।

୨୦୨୪ ମସିହାରେ ଭାଜପାର ସ୍ଥିତି ଖରାପ ହେବ ବୋଲି ଦଳର ଶୀର୍ଷସ୍ତରୀୟ ନେତୃତ୍ୱ ବୁଝିସାରିଛନ୍ତି। ଆସନ୍ତା ବର୍ଷଗୁଡ଼ିକରେ ଦେଶର ଅର୍ଥନୀତିର ମଙ୍ଗ ଧରିଥିବା ମୋଦି ସରକାର ବିଫଳତାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। ସେଥିପାଇଁ ରାଜନୈତିକ ପ୍ରସ୍ତୁତି ନିମନ୍ତେ ରାଜ୍ୟ ସରକାରଗୁଡ଼ିକୁ ସାଥିରେ ଆଣିବା ହୋଇଛି ଭାଜପାର ମୁଖ୍ୟ ଲକ୍ଷ୍ୟ। ୨୦୧୯ ସାଧାରଣ ନିର୍ବାଚନ ପରେ ଏହି କାର୍ଯ୍ୟର ଗୁରୁତ୍ୱ ଅଧିକ ବୃଦ୍ଧି ପାଇଛି। ଓଡ଼ିଶା ଭଳି ରାଜ୍ୟରେ ଭିନ୍ନ ଦଳର ଶାସନ ଥିଲେ ମଧ୍ୟ ରାଜନୈତିକ ଭିତିରି ବୁଝାମଣା ବଳରେ ଭାଜପାର ପ୍ରଭାବ ପ୍ରାୟ ବିସ୍ତାର ହୋଇସାରିଲାଣି। ସେହିଭଳି କର୍ନାଟକ ଓ ପଶ୍ଚିମବଙ୍ଗରେ ବୁଝାମଣାର ସମ୍ଭାବନା ନ ଥିବାରୁ ସେହି ଦୁଇ ରାଜ୍ୟ ସରକାରଙ୍କୁ ଭାଙ୍ଗିବାର ଉଦ୍ୟମ ଆରମ୍ଭ ହୋଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୯ ଜୁଲାଇ ୧୯୯୪

- ସ୍ଲୋଭାକ ପ୍ରଧାନମନ୍ତ୍ରୀ ଯୋଶେଫ ମୋରୋଦୋଭିଚ ଦୁଇଦିନିଆ ଭାରତ ଗସ୍ତରେ ଆସି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି।
- ଓଡ଼ିଶାରେ ସର୍ବନିମ୍ନ ମଜୁରି ଆଇନର ଖିଲାପ ଅଭିଯୋଗକୁ ଏକ ଧର୍ତ୍ତବ୍ୟ ଅପରାଧରେ ପରିଣତ କରାଯିବା ସତ୍ତ୍ୱେ ସମ୍ପୃକ୍ତ ଅପରାଧୀଙ୍କୁ ଦଣ୍ଡ ଦେବାର କ୍ଷମତା ବିଚାରାଳୟକୁ ପ୍ରଦାନ କରିବା ପାଇଁ ରାଜ୍ୟ ସରକାର ଭାରତୀୟ ଦଣ୍ଡବିଧି ଆଇନର ୪୦୫ ଧାରାକୁ ସଂଶୋଧନ କରିବାକୁ ନିଷ୍ପତ୍ତି କରିଛନ୍ତି।

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 1 | | 9 | | | | 3 | 8 | 2 | C | | 4 | 7 | |
| | | | | 7 | | 2 | | C | | | 8 | | | E |
| | | 6 | | 4 | 2 | 0 | | | | | | 8 | A | 3 |
| 8 | | | | B | | | | D | | | | 2 | | 9 |
| | | | | | E | | | | | 0 | A | | C | D |
| | A | 7 | | E | | 8 | | | | 2 | | | D | |
| | | 0 | B | | | | | 3 | | | C | | 9 | 1 |
| | 2 | | C | | 1 | | | E | | 8 | B | | | |
| | | D | 7 | 9 | | | B | | | | 3 | 6 | | |
| | 8 | 1 | 6 | | | 9 | 7 | | | | | | | |
| | 9 | | E | 5 | D | 3 | | | | | | | | C |
| 2 | | | | | | 5 | | | 4 | 6 | | 0 | | A |
| | 7 | | | | | | | | | | | | 5 | |
| E | B | | 0 | | | | | | 7 | 9 | | 3 | | |
| | | | 1 | | B | | | 6 | C | | | | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | C | 8 | B | D | A | 4 | 0 | 5 | 3 | E | 7 | 6 | 1 | 9 |
| B | 6 | 3 | E | 4 | 1 | 2 | C | 8 | A | 5 | 9 | 0 | D | 7 |
| 7 | 5 | 9 | 8 | C | 6 | 3 | A | E | D | 0 | 1 | 4 | B | 2 |
| E | A | D | 7 | 9 | 0 | 1 | 6 | B | C | 4 | 2 | 8 | 3 | 5 |
| 4 | 1 | 0 | 2 | 3 | 5 | D | 9 | 7 | B | 6 | 8 | A | C | E |
| 5 | 0 | C | 4 | 2 | 3 | B | E | A | 7 | 1 | 6 | D | 9 | 8 |
| 1 | 4 | B | D | 7 | E | 6 | 3 | 2 | 8 | 9 | A | 5 | 0 | C |
| 9 | D | 2 | C | A | 8 | 7 | 1 | 0 | 4 | B | 5 | E | 6 | 3 |
| 8 | 7 | E | 1 | 6 | B | 9 | 5 | C | 0 | 3 | D | 2 | 4 | A |
| A | 3 | 6 | 0 | 5 | 9 | 8 | D | 4 | 2 | C | E | B | 7 | 1 |
| 0 | E | 7 | A | 8 | C | 5 | B | 3 | 1 | D | 4 | 9 | 2 | 6 |
| 3 | B | 5 | 9 | 1 | 7 | E | 2 | D | 6 | A | 0 | C | 8 | 4 |
| D | 2 | 1 | 6 | B | 4 | A | 8 | 9 | E | 7 | C | 3 | 5 | 0 |
| 6 | 8 | A | 5 | 0 | D | C | 4 | 1 | 9 | 2 | 3 | 7 | E | B |
| C | 9 | 4 | 3 | E | 2 | 0 | 7 | 6 | 5 | 8 | B | 1 | A | D |

ଗତକାଲିର ଉତ୍ତର

# ଶୀତତାପ ନିୟନ୍ତ୍ରଣ ଓ ପରିବେଶ ତାତି



ସହଦେବ ସାହୁ

ଜୁନ୍ ୨୩ରେ ଖବର ବାହାରିଲା ଯେ ଏସି ମେଶିନ ତିଆରି କରୁଥିବା କମ୍ପାନୀଗୁଡ଼ିକୁ ସରକାର କହିଛନ୍ତି, ମେଶିନରେ ୨୪ ଡିଗ୍ରୀ ସେଲ୍‌ସିୟସ୍ ଡିଫଲ୍ଟ ରଖିବାକୁ, ଅର୍ଥାତ୍ ମଣିଷ ନ ଚାହିଁଲେ ଆପେ ଆପେ ସେତିକି ଡିଗ୍ରୀରେ ଚାଲିବ। ସରକାରଙ୍କ ପାୱାର ବିଭାଗ ଏ କଥା କାହିଁକି ଲାଗୁ କରିବାକୁ ଚାହୁଁଛନ୍ତି? ଜନମତ ନେଇ ମନ୍ତ୍ରୀ କହିଛନ୍ତି, ୨୪ରୁ ୨୬ ହେଉଛି ଆଦର୍ଶ ଟେମ୍ପରେଚର ସେଟିଂ। ତା'ଠାରୁ କମ୍ କଲେ ପ୍ରତି ଡିଗ୍ରୀ କମ୍ ପାଇଁ ପ୍ରାୟ ୬% ବିଜୁଳି ଖର୍ଚ୍ଚ ବଢ଼େ। ଜାପାନ ଭଳି କେତେକ ଦେଶ ଆଇନ କରିଛନ୍ତି ଯେ ଏସିର ଡିଫଲ୍ଟ ସେଟିଂ ୨୮ ଡିଗ୍ରୀ ସେଲ୍‌ସିୟସ ହେବ। ମୁଁ ତ ୨୮ ଡିଗ୍ରୀ ରଖେ। ଆମ ଦେଶରେ ସବୁ ଗ୍ରାହକ ଏହି ତାପମାତ୍ରା ପାଳନ୍ତେ ତ ବର୍ଷକୁ ୨୦ ବିଲିଅନ୍ (ଶହ କୋଟି) ୟୁନିଟ୍ ବିଜୁଳି ବଞ୍ଚନ୍ତା। ଭାବନ୍ତୁ - କେତେ ଲୋକ ବା ଚାଷୀ ଉପକୃତ ହୁଅନ୍ତେ, ୧୫ କୋଟି ଚାଷୀ ପରିବାର (୬୦ କୋଟି ଚାଷୀ) ବର୍ଷକୁ ୧୩୩ ୟୁନିଟ୍ ବା ମାସକୁ ୧୧ ୟୁନିଟ୍ (କିଲୋୱାଟ୍ ହାୱାର) ପାଆନ୍ତେ। ଇଣ୍ଟରନ୍ୟାଶନାଲ ଏନର୍ଜି ଏଜେନ୍ସି କହିଛି, ୧୯୯୦ ପରଠାରୁ ଭାରତରେ ଶୀତଳୀକରଣରେ ବିଜୁଳି ଖର୍ଚ୍ଚ ୧୫ ଗୁଣ ବଢ଼ିଛି।

ମୋ କୋଠରିରେ ୨୮ ଡିଗ୍ରୀ ସେଲ୍‌ସିୟସ୍‌ରେ ଏଆର୍‌କଣ୍ଡିସନର ଚଳାଇବାର କାରଣ ଏଠାରେ କହିବା ଉଚିତ ହେବ। ଆମେ ଜାଣୁ, ଆମ ଦେହର ନର୍ମାଲ ଟେମ୍ପରେଚର ୩୭ ଡିଗ୍ରୀ ସେଲ୍‌ସିୟସ, ଜର୍ମାନ୍ ଡାକ୍ତର କାର୍ଲ ୱଣ୍ଡରଲିକ୍ ୧୯ଶ ଶତାବ୍ଦୀରେ ଏ କଥା କହିଥିଲେ। ୨୮ ତ ତା'ଠାରୁ ୯ କମ୍। ତଥାପି ଯଦି ତୁମକୁ ଥଣ୍ଡା ଲାଗୁ ନାହିଁ, ତାହାର କାରଣ ଛାତ ପଙ୍ଖା ବୁଲୁନାହିଁ। ''ଆପଣ ଅବସର ପରେ ଏ କଥା କହୁଛନ୍ତି, ଆପଣଙ୍କ ଅଫିସରେ ତ ୧୮ ଡିଗ୍ରୀ ଦେଖାଉଥିବା ଏସି ଚାଲୁଥିବା ଦେଖିଛି।'' ବୋଲି ଜଣେ ବନ୍ଧୁ କହିଲେ। ମୁଁ ତାଙ୍କୁ କହିଲି, ତୁମେ ସେତେବେଳେ ମୋତେ ବି କୋଟ୍ ପିନ୍ଧିଥିବା ଦେଖିଥିବ। ମୁଁ ଯୋଡ଼ିଦେଇ କହିଲି, ରୁମ୍‌କୁ ଥଣ୍ଡା ବେଶି କରିବ କାହିଁକି ପୁଣି ଦେହକୁ ଗରମ ରଖିବା ଲାଗି ଗରମ ପୋଷାକ ପିନ୍ଧିବ କାହିଁକି? ଦିଆଡ୍ଡୁ ଖର୍ଚ୍ଚ। ତା' ଛଡ଼ା ଦେଖ ବାହାର ତାପ ୪୧ ଥିଲା ବେଳେ ତୁମେ ରୁମ୍‌ଟାକୁ ୧୮ ରଖିବାକୁ ଚାହିଁବ, ବାହାର ତାପ ପ୍ରାୟ ଅଢ଼େଇ ଗୁଣ, ଏସି ମେଶିନ ତ ସାରା ରୁମ୍‌କୁ ୧୮ ଡିଗ୍ରୀ କରିପାରିବ ନାହିଁ; ତେଣୁ ସବୁବେଳେ ଚାଲିଥିବ, ସବୁବେଳେ ଏସି ପଛପଟେ ପାଣି ବୋହୁଥିବ; ଅର୍ଥାତ୍ ବାୟୁରୁ ଜଳୀୟ ଅଂଶ କମିଯାଉଥିବ। ବହୁ ଏସି ଏମିତି ଚାଲିଲେ ବର୍ଷାଜଳ ପରିମାଣ ବି କମିବ। ୨୮ ଡିଗ୍ରୀ ସେଲ୍‌ସିୟସରେ ରଖିଲେ ପାଣି ବୋହିବ ନାହିଁ; ଶୀତତାପ ନିୟନ୍ତ୍ରକ ଯନ୍ତ୍ରଟି ବି ବେଶି ଖଟିବ ନାହିଁ।

ଦେହର ସାଧାରଣ ତାପ ୩୬.୯ ଡିଗ୍ରୀ ସେଲ୍‌ସିୟସ, ଶରୀର ସକ୍ରିୟ ରହିବା ଲାଗି ସେ ତାପ ଦରକାର। ଦିନର ସମୟ ଅନୁଯାୟୀ ଶରୀରର ହାରାହାରି ତାପ କମ୍ ବେଶି ହୋଇଥାଏ, ବୟସ ଭେଦରେ ମଧ୍ୟ ଶରୀରର ହାରାହାରି ତାପ ବଦଳିଥାଏ। ମହିଳାମାନଙ୍କ ଶରୀରର ହାରାହାରି ତାପ ମଧ୍ୟ ଋତୁସ୍ରାବ ଅନୁଯାୟୀ କମ୍ ବେଶି ହୋଇଥାଏ। ପୁଣି, କେଉଁଠୁ ମାପ ନେଉଛୁ ତା' ଉପରେ ନିର୍ଭର କରେ ଶରୀରର ତାପ- ଯଥା କାଖ ଭିତରର ତାପ ଜିଭ ତଳର ତାପଠାରୁ ଗୋଟିଏ ଡିଗ୍ରୀ ବେଶି। ସ୍ୱାଭାବିକ ତାପଠାରୁ ବେଶି ହେଲେ ଜ୍ୱର ଆସିଲାଣି ବୋଲି ଆମେ କହୁ। ବୁଢ଼ାବୁଢ଼ୀଙ୍କ ଦେହ ତାପ ରକ୍ଷା କରିପାରେ ନାହିଁ ବୋଲି କମ୍ ତାପରେ ବି ସେମାନେ ଜ୍ୱର ଅନୁଭବ କରନ୍ତି। ଶରୀରର ସ୍ୱାଭାବିକ ତାପଠାରୁ ଉତ୍ତାପ ସାମାନ୍ୟ ବେଶି ହେଲେ ଜ୍ୱର ଆସିଲାଣି ବୋଲି ଆମେ କହୁ। ଝାଳ ବୋହିବା, ଦେହ ଥରିବା, ଚମ ତାତିବା ବା ଲାଲ ଦିଶିବା, ମୁଣ୍ଡ ବିନ୍ଧିବା, ଦେହ ବିନ୍ଧିବା, ଅବଶ ବା ଦୁର୍ବଳ ଲାଗିବା, ଭୋକ ନ ହେବା, ପାଟି ଶୁଖିଲା ଶୁଖିଲା ଲାଗିବା (ଡିହାଇଡ୍ରେଶନ) ଆଦି ଅନୁଭବ ହେଲେ ଡାକ୍ତରଙ୍କ ପରାମର୍ଶ ଦରକାର। ଅନ୍ୟଥା ଜ୍ୱର ବିପଦ ନୁହେଁ। ଏହାର ସାଧାରଣ ମାନେ ତୁମ ଦେହ ଗୋଟିଏ କିଛି ସାଙ୍ଗରେ ଲଢୁଛି। ଅନେକ କ୍ଷେତ୍ରରେ ବିଶ୍ରାମ ହିଁ ଉତ୍ତମ ଔଷଧ। କିନ୍ତୁ ଚୁପ୍ ରହିବା ନାହିଁ, ଯଦି ତାପ ୩୯.୪ ଡିଗ୍ରୀ ସେଲ୍‌ସିୟସ ବା ୧୦୩ ଡିଗ୍ରୀ ଫାରେନ୍‌ହିଟ୍‌ରୁ ବେଶି ହୁଏ କିମ୍ବା ଜ୍ୱର ୩ ଦିନରୁ ବେଶି ରହେ ତେବେ ଡାକ୍ତର ଡାକିବା କଥା। ବାନ୍ତି, ମୁଣ୍ଡବ୍ୟଥା, ଛାତି ବଥା, ବେକ ବୁଲାଇବାରେ କଷ୍ଟ ବା ଚମରେ ଲାଲ ଦିଶିବା ବା ତଣ୍ଟି ବଥା ହେବା ଆଦି ଲକ୍ଷଣ ଥିଲେ, ଡାକ୍ତର ପରାମର୍ଶ ଦରକାର।

ଦେହର କ୍ରିୟାକଳାପ ପାଇଁ ଦେହ ନିଜକୁ ୩୭ ଡିଗ୍ରୀ ସେଲ୍‌ସିୟସ୍‌ରେ ରଖୁଛି। ଆମେ ତାକୁ କମାଇ ଯଦି ୧୪ କି ୧୮ ଡିଗ୍ରୀରେ ରଖିବା ଆମକୁ ଥଣ୍ଡା ରୋଗ, ହାଇପୋଥର୍ମିଆ, ଧରିନେବ। ଆଗକାଳରେ କେବଳ ପବନ ଚଳପ୍ରଚଳ କରିବାକୁ ଅଫିସ୍‌ମାନଙ୍କରେ ଝୁଲା ପଙ୍ଖା ବ୍ୟବହାର ହେଉଥିଲା। ଘର ଛାତ ଉଚ୍ଚ ହେଉଥିଲା। ଫଳରେ ଶରୀର ହାରାହାରି ତାପରେ ପରିବର୍ତ୍ତନ ଘଟୁ ନ ଥିଲା। ଏବେ ଆମେ ମନଇଚ୍ଛା ଏସିର ତାପ କମାଇ ପରିବେଶକୁ ନଷ୍ଟ କରୁଛୁ, ଦେହକୁ ଖରାପ କରୁଛୁ ଏବଂ ଟଙ୍କା ପଇସା ବି ଖର୍ଚ୍ଚ କରୁଛୁ। ହାଇପୋଥର୍ମିଆକୁ ଡାକି ଆଣୁଛୁ। ଯେତେବେଳେ ଶରୀର ତାହାର ତାପ ବହୁ ପରିମାଣରେ ହରାଏ ସେତେବେଳେ ହାଇପୋଥର୍ମିଆ ରୋଗ ହୁଏ। ବହୁ ସମୟଧରି ଥଣ୍ଡାପାଗରେ ବାହାରେ ରହିଲେ ହାଇପୋଥର୍ମିଆ ଆସେ। ଆମେ ଘର ଭିତରେ ଏସି ଲଗାଇ ହାଇପୋଥର୍ମିଆକୁ କାହିଁକି ଡାକିଆଣିବା? ଗ୍ରୀଷ୍ମଋତୁରେ ଆମକୁ ହାଇପୋଥର୍ମିଆ ହେବା ଅର୍ଥ ନିଜ ଧନରେ ରୋଗ କିଣିବା, ଗୁଡ଼ାଏ ଗରମ ପୋଷାକ କିଣିବା ଏବଂ ପୁଣି ଡାକ୍ତରକୁ ଖୋଜିବା।

ପ୍ରତି ଡିଗ୍ରୀ କମାଇବା ପାଇଁ ଯେତେ ବିଜୁଳି ଖର୍ଚ୍ଚ ହୁଏ ତାହା ସାଧାରଣ ବଜୁଳି ଖର୍ଚ୍ଚର ୩ଗୁଣ ଓ ସେ ଥଣ୍ଡା ସମ୍ଭାଳି ପାରିବୁ ନାହିଁ ବୋଲି କୋଟ୍ ପିନ୍ଧୁଛୁ। ଯଦି ଦେହର ହାରାହାରି ତାପ ଅନୁଯାୟୀ ଖରାଦିନେ ବି ଏସିକୁ ୩୫ରୁ ୩୭ ଭିତରେ ରଖାଯାଇପାରନ୍ତା ତେବେ ବିଜୁଳି ଖର୍ଚ୍ଚ ବହୁତ କମିଯାଆନ୍ତା। ଜଳବାୟୁ ପରିବର୍ତ୍ତନ ଆଣୁଥିବା କାର୍ବନ ଏମିସନ୍ (ଅଙ୍ଗାରକାମ୍ଳ ବାଷ୍ପ ନିର୍ଗମନ) କମିଯାଆନ୍ତା। ବିଦେଶୀଙ୍କୁ ଅନୁକରଣ କରିଆସୁଥିବା ମାନସିକତା ଆମକୁ ବିଜୁଳି ଖର୍ଚ୍ଚ ବଢ଼ାଇବାରେ ପ୍ରେରଣା ଦେଉଛି। କାମରେ ମନ ଲାଗିବା ପାଇଁ ଏବଂ ରାତିଏ ଭଲ ଶୋଇବା ପାଇଁ ଲୋକେ ଏଆର୍‌କଣ୍ଡିସନିଂ ଚାହାନ୍ତି। କିନ୍ତୁ ଏସି ଯନ୍ତ୍ର ବାହାରକୁ ଗରମ ପବନ ଛାଡ଼େ, ପାଖଆଖରେ ଏକ ତାପ-ଦ୍ୱୀପ (ଅର୍ବାନ୍ ହିଟ୍ ଆଇଲାଣ୍ଡ) ପ୍ରଭାବ ତିଆରି କରେ, ସହରର ତାପ ବଢ଼େ। ଜର୍ମାନୀରେ ଏସି ବ୍ୟବହାର ନ ଥିଲା। ସମ୍ପ୍ରତି ୩୭ ଡିଗ୍ରୀ ତାପ ଆସିଯିବାରୁ ଜର୍ମାନୀରେ ବି ଏସି କିଣିବା ଆରମ୍ଭ କରିଦେଲେ। ଗତ କେଇ ଦଶନ୍ଧି ଭିତରେ ଚାଇନାରେ ଅଧାଅଧି ପରିବାର ଏସି ବ୍ୟବହାର କଲେଣି। ଭାରତ ଓ ଇଣ୍ଡୋନେସିଆର ୧୬୦ କୋଟି ଲୋକଙ୍କ ଭିତରୁ ୮କୋଟି ୮୦ ଲକ୍ଷ ଲୋକ ଏସି ବ୍ୟବହାର କଲେଣି। (ବ୍ଲୁମ୍ ବର୍ଗ ନିୟୁ ଏନର୍ଜି ଫାଇନାନ୍ସଙ୍କ ରିପୋର୍ଟ)। ଲୋକଙ୍କ ସମୃଦ୍ଧି ବଢୁଥିବା ଏବଂ ଏସିର ଦାମ୍ କମୁଥିବାରୁ ଏ ଶତାବ୍ଦୀର ମଧ୍ୟଭାଗକୁ ଏସି ମେଶିନ ସଂଖ୍ୟା ୧୬୦କୋଟିରୁ ୫୬୦ କୋଟିକୁ ବଢ଼ିଯିବ (ଇଣ୍ଟରନ୍ୟାଶନାଲ ଏନର୍ଜି ଏଜେନ୍ସି)। ପାଗ ଯେତେ ଗରମ ହେବ ଲୋକେ ସେତେ ବେଶି ଏସି କିଣିବେ, ଏସି ସଂଖ୍ୟା ବଢ଼ିଲେ ସହରର ତାପ ବଢ଼ିବ। ଏ ଏକ ଚକ୍ର। ଦେହ ପରିବେଶ ସହ ତାଳ ରଖିପାରିବ ନାହିଁ ତ ମହାମାରୀ ଦେଖାଦେବ। ଯଦି ଏସିକୁ ୨୮ରୁ ୩୦ ଡିଗ୍ରୀ ସେଲ୍‌ସିୟସ ଭିତରେ ରଖିବା ଓ ପଙ୍ଖା ଚଲାଉଥିବା, ତେବେ କୋଠରି ଭିତରଟା ଥଣ୍ଡା ଲାଗିବ ଓ ଦେହର ବି କିଛି କ୍ଷତି ହେବ ନାହିଁ ଅଥଚ ବିଜୁଳି ଖର୍ଚ୍ଚ କମିବ।

ୟୁରୋପୀୟମାନେ ନାତିଶୀତୋଷ୍ଣ ଅଞ୍ଚଳର ବାସିନ୍ଦା, ସେମାନଙ୍କ ଘରେ ଏୟାର କଣ୍ଡିଶନ ବା ଫ୍ୟାନ୍ ବ୍ୟବହାର ନାହିଁ। ବରଂ ଘରକୁ ଗରମ ରଖିବା ପାଇଁ ଝରକା କବାଟ ବନ୍ଦ କରିଥାଆନ୍ତି। ଉପନିବେଶ ଶାସନ କଲାବେଳେ ଗ୍ରୀଷ୍ମକାଳୀନ ପରିସ୍ଥିତିକୁ ଅସମ୍ଭାଳ ମନେକରି ସମୁଦ୍ର ପତ୍ତନରୁ ଖୁବ୍ ଉଚ୍ଚ ସ୍ଥାନରେ ଗ୍ରୀଷ୍ମନିବାସ କଲେ, ଏସି ଯନ୍ତ୍ର ଆସିଗଲା ପରେ ଉଷ୍ଣ ସହରରେ ତାହାର ବ୍ୟବହାର ବଢ଼ାଇଲେ। ବିଲାତରେ ବାହାରର ତାପମାତ୍ରା ଗ୍ରୀଷ୍ମଋତୁରେ ୧୨ ଡିଗ୍ରୀ ଥିଲାବେଳେ ସେମାନେ ଘର ବନ୍ଦକରି ୧୭-୧୮ ଡିଗ୍ରୀକୁ ଉଠାନ୍ତି। ସବୁଦିନେ ଗରମ ପୋଷାକ ପିନ୍ଧିଥାନ୍ତି। ପାଣିକୁ ଗରମ କରିବାରେ ଖର୍ଚ୍ଚ କରିବା ଅପେକ୍ଷା ତନ୍ତୁ କାଗଜରେ ଝାଡ଼ା ପୋଛନ୍ତି। ଆମ ପରିବେଶ ଗରମ। ତାକୁ କମାଇ ଶରୀରର ତାପ ୩୭ ଡିଗ୍ରୀଠାରୁ କମ୍ କରିବା କ'ଣ ଦରକାର?

ଇମେଲ୍ : sahadevas@yahoo.com

# ଜାଣିବା କଥାରୁ କିଛି



ଡ. ଶରତ ଚନ୍ଦ୍ର ରଥ

ଜ୍ଞାନର ଦିଗ୍‌ବଳୟ ଅତ୍ୟନ୍ତ ପ୍ରଶସ୍ତ। ଯେତେ ଜାଣିଲେ ବି ଜାଣିବା ସରେ ନାହିଁ। ତେଣୁ ତ କୁହାଯାଇଛି ସତ୍ୟଂ ଜ୍ଞାନମନନ୍ତମ୍। ଜାଣିବାର ଇଚ୍ଛା ହେଉଛି ଜିଜ୍ଞାସା। ଯାହାର ଜିଜ୍ଞାସା ଯେତେ ଅଧିକ ତା'ର ଜୀବନ ଜିଇବା ସେତେ ସାର୍ଥକ। ପ୍ରାଣୀ ଓ ମଣିଷ ଜୀବନ ଭିତରେ କେତେକ ମୌଳିକ ପାର୍ଥକ୍ୟ ଭିତରୁ ଜିଜ୍ଞାସା ଗୋଟିଏ। ରାଜନୀତିଠାରୁ ଅର୍ଥନୀତି ପର୍ଯ୍ୟନ୍ତ, ସମାଜ ନୀତିଠାରୁ ସଂସ୍କୃତି ପର୍ଯ୍ୟନ୍ତ, ବିଜ୍ଞାନଠାରୁ ଦର୍ଶନ ପର୍ଯ୍ୟନ୍ତ ସବୁ କିଛି ସମ୍ବନ୍ଧରେ ଜ୍ଞାନ ହିଁ ଜାଣିବାର ଅନ୍ତର୍ଭୁକ୍ତ। ଜାଣିବା ହିଁ ଜିଣିବାର ମୂଳମନ୍ତ୍ର ଓ ପ୍ରଧାନ ଅସ୍ତ୍ର। ବାଟ ଜାଣି ଚାଲିବା ହିଁ ଯଥାର୍ଥ ଚାଲିବା, ଦର ଜାଣି କିଣିବା ହିଁ ଯଥାର୍ଥ କିଣିବା, ଅର୍ଥ ବୁଝି ଶୁଣିବା ଯଥାର୍ଥ ଶୁଣିବା ଏବଂ ଭାବିଚିନ୍ତି କହିବା ହିଁ ଯଥାର୍ଥ କହିବା।

ଦୈନନ୍ଦିନ ଜୀବନରେ ଚଳିବା ପାଇଁ କେତେ କଥା ଜାଣିବା ଦରକାର। ଚାଣକ୍ୟ କହିଛନ୍ତି- ''ପୁସ୍ତକସ୍ଥା ତୁ ଯା ବିଦ୍ୟା ପରହସ୍ତଗତଂ ଧନମ୍। କାର୍ଯ୍ୟକାଳେ ସମୁତ୍ପନ୍ନେ ନ ସା ବିଦ୍ୟା ନ ତଦ୍ଧନମ୍॥'' ଅର୍ଥାତ୍ ଯେଉଁ ବିଦ୍ୟା ପୁସ୍ତକରେ ଅଛି, ଯେଉଁ ଧନ ଅନ୍ୟ ହାତରେ ଅଛି, ଆବଶ୍ୟକ ବେଳେ ସେଗୁଡ଼ିକ କାମ ଦିଅନ୍ତି ନାହିଁ। ମଣିଷକୁ ଚିହ୍ନିବା ପାଇଁ କେତେକ ମାନଦଣ୍ଡ ରହିଛି। ସେଥିରୁ ଗୋଟିଏ ଏହିପରି- ଅଧମା ଧନମିଚ୍ଛନ୍ତି ଧନମାନୌ ଚ ମଧ୍ୟମାଃ। ଉତ୍ତମା ମାନମିଚ୍ଛନ୍ତି ମାନୋ ହି ମହତାଂ ଧନମ୍॥ ଅର୍ଥାତ୍ ଅଧମ ଲୋକମାନେ ଧନ ଇଚ୍ଛା କରନ୍ତି, ମଧ୍ୟମ ଶ୍ରେଣୀର ଲୋକମାନେ ଧନ ଓ ମାନ ଉଭୟ ଇଚ୍ଛା କରନ୍ତି, ଉତ୍ତମ ଶ୍ରେଣୀର ଲୋକମାନେ କେବଳ ମାନ ଇଚ୍ଛା କରନ୍ତି। ଜୀବନକୁ ଧନର ମାପରେ ସେମାନେ ମାପିଥାନ୍ତି। ମାତ୍ର ଉତ୍ତମ ଶ୍ରେଣୀର ଲୋକମାନେ ମାନମର୍ଯ୍ୟାଦା, ମହତ୍‌ପଣିଆ, ମଣିଷପଣିଆ ଉପରେ ଅଧିକ ଗୁରୁତ୍ୱ ଦିଅନ୍ତି। ସେମାନେ ବୁଝିଥାନ୍ତି - ଥିଲେ ଥାଉ ପଛେ ଧନ ହଜାର, ଚରିତ୍ର ନ ଥିଲେ ସବୁ ଅସାର। ମଣିଷ ଚିହ୍ନିବା ପାଇଁ ଆଉ ଏକ ମାନଦଣ୍ଡ ଅଛି। ତାହା ହେଉଛି ସେମାନଙ୍କ ବ୍ୟବହାର। କୁହାଯାଇଛି ଧୂର୍ତ୍ତ ଲୋକଙ୍କୁ ଚିହ୍ନିବାକୁ ଥିବା ତିନିଗୋଟି ଲକ୍ଷଣ ଏହିପରି, ଯଥା- ''ମୁଖଂ ପଦ୍ମଦଳାକାରଂ ବାଣୀ ଚନ୍ଦନଶୀତଳା। ହୃଦୟଂ କର୍ତ୍ତରୀତୁଲ୍ୟଂ ତ୍ରିବିଧଂ ଧୂର୍ତ୍ତ ଲକ୍ଷଣମ୍।'' ଅର୍ଥାତ୍ ମୁଖ ପଦ୍ମପାଖୁଡ଼ା ପରି ସୁନ୍ଦର, କଥା ଚନ୍ଦନ ପରି ଶୀତଳ ମାତ୍ର ହୃଦୟ କର୍ତ୍ତରୀ (କତୁରୀ) ପରି ଶାଣିତ- ଏ ତିନିଗୋଟି ଧୂର୍ତ୍ତର ଲକ୍ଷଣ।

ମଣିଷ ଚିହ୍ନିବା ପାଇଁ ଆଉ ଏକ ମାନଦଣ୍ଡ ଅଛି। ତାହା ହେଉଛି କୃତଜ୍ଞତା। ଯିଏ ଅନ୍ୟଠାରୁ ଉପକାର ପାଇଲେ କୃତଜ୍ଞତା ପ୍ରକାଶ କରେ ସେ ଉତ୍ତମ ମଣିଷ। ଯିଏ କୃତଜ୍ଞତା ଲେଶମାତ୍ର ପ୍ରକାଶ ନ କରେ ସେ ହେଉଛି ଅଧମ ମଣିଷ। କଥା କହିବା ଏକ କଳା। ସମସ୍ତେ କଥା କହି ଜାଣନ୍ତି ନାହିଁ। କହୁ କହୁ କେତେ କ'ଣ କହିଯାନ୍ତି, ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରନ୍ତି। ମୁଖର ଲୋକଙ୍କ ତୁଣ୍ଡରେ ବାଡ଼ବତା ନ ଥାଏ। ସେମାନେ ଅପ୍ରିୟ ହୋଇ ରହିବାକୁ ବାଧ୍ୟ ହୁଅନ୍ତି। ମୌନତା ସର୍ବଦା ଉନ୍ନତିର କାରକ। ମୌନତା କହିଲେ ମୂକତ୍ୱ ନୁହେଁ ଆବଶ୍ୟକତା ଅନୁସାରେ ଯେତିକି ଓ ଯେମିତି ଦରକାର ସେତିକି ଓ ସେମିତି କଥା କହିବା। ତେଣୁ ତ କୁହାଯାଇଛି- ମୌଖର୍ଯ୍ୟଂ ଲାଘବକରଂ ମୌନଂ ଉନ୍ନତି କାରକମ୍। ମୁଖରଂ ନୂପୁରଂ ପାଦେ କଣ୍ଠହାରୋ ବିରାଜତେ॥ ଅର୍ଥାତ୍ ମୁଖରତା ହେଉଛି ଅଧୋଗତିର କାରଣ। ମୌନତା ଉନ୍ନତିର କାରଣ। ଶବ୍ଦ କରୁଛି ବୋଲି ନୂପୁର ପାଦରେ ଅଛି, ଶବ୍ଦ କରୁନାହିଁ ବୋଲି ହାର କଣ୍ଠରେ ରହିଛି। ମୌନତା ହେଉଛି ମୁନିର ଲକ୍ଷଣ। ମୁନି କିଏ ବୋଲି କହିବାକୁ ଯାଇ ଶ୍ରୀମଦ୍ ଭଗବଦ୍‌ଗୀତା କହନ୍ତି- ''ଦୁଃଖେଷ୍ୱନୁଦ୍‌ବିଗ୍ନମନାଃ ସୁଖେଷୁ ବିଗତସ୍ପୃହଃ। ବୀତରାଗଭୟକ୍ରୋଧଃ ସ୍ଥିତଧୀର୍ମୁନିରୁଚ୍ୟତେ॥'' ଅର୍ଥାତ୍ ଯିଏ ଦୁଃଖରେ ଭାଙ୍ଗିପଡ଼େ ନାହିଁ ଅଥବା ସୁଖରେ ବୀତସ୍ପୃହ ରହେ, ରାଗ, ଭୟ, କ୍ରୋଧରୁ ମୁକ୍ତ ଥାଏ ସେହି ସ୍ଥିତପ୍ରଜ୍ଞ ବ୍ୟକ୍ତି ହିଁ ମୁନି ପଦବାଚ୍ୟ। ଶାନ୍ତି ଓ ଅଶାନ୍ତିର ବହୁ ଭାଗ ମନ ଉପରେ ନିର୍ଭର କରେ। ମନର ଉଦାରତାରୁ ମିଳେ ଶାନ୍ତି, ମନର ସଂକୀର୍ଣ୍ଣତାରୁ ମିଳେ ଅଶାନ୍ତି। ସ୍ୱାମୀ ବିବେକାନନ୍ଦ କହିଛନ୍ତି, ଉଦାରତା ହିଁ ଜୀବନ, ସଂକୀର୍ଣ୍ଣତା ହିଁ ମୃତ୍ୟୁ। ସାହିତ୍ୟରେ କୁହାଯାଇଛି- ଯା' ମନ ଯେପରି, ତା' ପାଇଁ ସେପରି ଫଳ ଯୋଇଥାଏ ବିଶ୍ୱ, ଉଚ୍ଚମନା ଉଚ୍ଚେ ଅମୃତ ଲଭଇ ନୀଚମନା ପାଏ ବିଷ। ମଣିଷ ମାତ୍ରକେ ପ୍ରଶଂସାପ୍ରିୟ। ମାତ୍ର ଅତି ପ୍ରଶଂସା ଓ ଅଯାଚିତ ପ୍ରଶଂସା କ୍ଷତିକାରକ। ନ୍ୟାୟଟି ହେଉଛି ଅତି ସର୍ବତ୍ର ଗର୍ହିତମ। ଅଲୋଡ଼ା ଭାବରେ ଆସି କେହି ଅଯଥା ପ୍ରଶଂସା କରିବାକୁ ଆରମ୍ଭ କଲେ ଶୁଣିବା ଲୋକକୁ ସଚେତନ ହେବାକୁ ପଡ଼ିବ। କାରଣ କହୁଥିବା ଲୋକ ଭିତରେ ଫନ୍ଦାଭିସନ୍ଧି ନିଶ୍ଚୟ ଥିବ। କୁହାଯାଇଛି- ଅନାହୂତ ହୋଇ ଆସି କେହି ତୋର ଅଯଥା ପ୍ରଶଂସା କଲେ, ଜାଣିଥିବୁ ତା'ର ଆଗମନ ତତେ ଠକିବାକୁ କଉଶଳେ।

ଅର୍ଥ ଏକ ଆବଶ୍ୟକ ଶକ୍ତି। ଅର୍ଥ ନୁହେଁ ଅନର୍ଥର କାରଣ। ଅର୍ଥର ଅସଦ୍ ମାର୍ଗରେ ଉପାର୍ଜନ ଏବଂ ଅପବ୍ୟବହାର ହିଁ ଅନର୍ଥର କାରଣ। ଅସଦ୍‌ମାର୍ଗରେ ଉପାର୍ଜିତ ଧନରେ କିଛି କିଛି କଳଙ୍କର ଛାପ ଥାଏ, ତାହା ଏମିତି ହଠାତ୍ ଜାଣିହୁଏ ନାହିଁ। ମାତ୍ର କ୍ରମଶଃ ସେହି କଳଙ୍କର ପ୍ରଭାବ ବଢ଼ିବାକୁ ଲାଗେ ଏବଂ ବିଭିନ୍ନ ପ୍ରକାରେ ଅଶାନ୍ତିକୁ ନିମନ୍ତ୍ରଣ କରିଆଣେ। ସେ ଧନ ସନ୍ତୋଷ ଦିଏ ନାହିଁ। ତେଣୁ ତ କୁହାଯାଇଛି- ଦୁଃଖେ ଅର୍ଜିତ ଯେତେ ଧନ, ସୁଖେ ତା' ନୁହେଁ ପ୍ରୟୋଜନ।

ସଂସାର ବାଟ ବଡ଼ ଜଟିଳ, ଜୀବନ ବାଟ ବଡ଼ ପିଚ୍ଛିଳ। ଏ ବାଟରେ ଚାଲିବାକୁ ହେଲେ ବହୁ ସତର୍କତା ଓ ସଚେତନତା ଦରକାର। ଏଥିପାଇଁ ପୂର୍ବପୁରୁଷର ଅଭିଜ୍ଞତା ଏବଂ ଶାସ୍ତ୍ରମାନଙ୍କର ଦିଗ୍‌ଦର୍ଶନ ଆବଶ୍ୟକ।

ମୋ-୯୪୩୭୭୫୬୨୪୦

## ଏଇ ଭାରତରେ

୧୩୫ ବହି ଲେଖି ସାରିଲେଣି ୧୨ ବର୍ଷର ବାଳକ। ଏ କଥା ଆଶ୍ଚର୍ଯ୍ୟ ଲାଗିଲେ ବି ସତ୍ୟ। କଳା, ସଂସ୍କୃତି ଓ ପ୍ରସିଦ୍ଧ ବ୍ୟକ୍ତିତ୍ୱଙ୍କୁ ନେଇ ତାଙ୍କ ପୁସ୍ତକଗୁଡ଼ିକ ରଚିତ ହୋଇଛି। ଉତ୍ତରପ୍ରଦେଶର ମୃଗେନ୍ଦ୍ର ରାଜ ମାତ୍ର ୬ବର୍ଷ ବୟସରୁ ଲେଖାଲେଖି ଆରମ୍ଭ କରିଥିଲେ। ତାଙ୍କର ପ୍ରଥମ ପୁସ୍ତକ ଥିଲା ଏକ କବିତା ବହି। ଏବେ ଲଣ୍ଡନର ୱାର୍ଲଡ ରେକର୍ଡ ୟୁନିଭର୍ସିଟିରେ ଡକ୍ଟରେଟ କରିବା ପାଇଁ ତାଙ୍କୁ ଆମନ୍ତ୍ରଣ କରାଯାଇଛି। 'ଆଜ କା ଅର୍ଜୁନ' ନାମରେ ପରିଚିତ ରାଜ କୁହନ୍ତି, ଲେଖା ପାଇଁ ତାଙ୍କୁ ୪ଟି ବିଶ୍ୱ ରେକର୍ଡ ମିଳିବା ସହ ଆହୁରି ଅନେକ ସମ୍ମାନ ମିଳିଛି। ସେ କୁହନ୍ତି, ମହାକାବ୍ୟ ରାମାୟଣର ୫୧ଟି ଚରିତ୍ରକୁ ସେ ତାଙ୍କ ପୁସ୍ତକରେ ସ୍ଥାନ ଦେଇଛନ୍ତି। ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଜୀବନୀକୁ ନେଇ ଏକ ପୁସ୍ତକ ମଧ୍ୟ ରଚନା କରିଛନ୍ତି। ତାଙ୍କ ବହି ୨୫ରୁ ୧୦୦ପୃଷ୍ଠା ବିଶିଷ୍ଟ ହୋଇଥାଏ। ସୁଲତାନପୁରର ଏକ ଘରୋଇ ସ୍କୁଲରେ ତାଙ୍କ ମା' ଶିକ୍ଷକତା କରୁଥିବା ବେଳେ ପିତା ଜଣେ ସରକାରୀ କର୍ମଚାରୀ। ବାସ୍ତବରେ ଏହି ସ୍ୱଳ୍ପ ବୟସର ସାରସ୍ୱତ ସାଧକ ସମସ୍ତଙ୍କ ପାଇଁ ଆଦର୍ଶ।

## ଚିରନ୍ତନୀ

ନିଷ୍କଣ୍ଟକ କରି ପଥ ପାଶେ ତା'ର
ରୋପିଗଲ ତରୁ
ଶାନ୍ତିର ଉଦକ ଢାଳି କୁସୁମିତ
କଲ ମହା ମରୁ।
ଦେଖାଇଲ ଭାବନାର ଉର୍ବରତା
ପ୍ରାଣର ପ୍ରାଚୁର୍ଯ୍ୟ
ଘେନ ତେଣୁ ନବୀନର ଶ୍ରଦ୍ଧା ଅର୍ଘ୍ୟ
ହେ ପୁରାଣ ପୂଜ୍ୟ!
ରୋପିଥିଲ ଯେ ପାଦପ ଧରମର
ଅକ୍ଷୟ ମହତ
କାଳର ପ୍ରଭାବେ ଯେବେ ହେଲା ତା'ର
ଜୀର୍ଣ୍ଣତା ଆଗତ।
(ପ୍ରାଚୀନ ଓ ନବୀନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଅପାରଗ ବାବୁଙ୍କୁ ହଟାଯାଉ

ମହାଶୟ,

୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ଶାସନରେ ଥିବା ଏନ୍‌ଡିଏ ସରକାର ସମୟରେ ଅପାରଗ ଅଫିସରଙ୍କୁ କାର୍ଯ୍ୟରୁ ହଟେଇ ଦେବାକୁ ଅଭିଯାନ ଆରମ୍ଭ ହୋଇଥିଲା। ଏହି ନିୟମ ଅନୁସାରେ ଯେଉଁ ଆଇଏଏସ୍‌ଙ୍କର ୨୫ ବର୍ଷ ଚାକିରି ଶେଷ ହୋଇଥିବ ବା ୫୦ ବର୍ଷ ବୟସ ହୋଇଥିବ, ସେମାନଙ୍କର ସର୍ଭିସ ରେକର୍ଡ ସମୀକ୍ଷା କରି ଅପାରଗ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ଦିଆଯିବ। ୨୦୧୫ରୁ ୨୦୧୮ ମଧ୍ୟରେ ୧୧୪୩ ଜଣ ଆଇଏଏସ୍ ଅଧିକାରୀଙ୍କ ସର୍ଭିସ ରେକର୍ଡ ଯାଞ୍ଚ କରି ମାତ୍ର ୪ ଜଣଙ୍କୁ ବାଧ୍ୟତାମୂଳକ ଅବସର ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ପାଞ୍ଚୋଟି ରାଜ୍ୟର ଅଫିସରଙ୍କ ସର୍ଭିସ ରେକର୍ଡ ସମୀକ୍ଷା ହୋଇପାରି ନ ଥିଲା। ଏହି ଅଭିଯାନକୁ କେନ୍ଦ୍ର ସରକାର ତ୍ୱରାନ୍ୱିତ କରିବା ଆବଶ୍ୟକ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

### କାହିଁ ସେଦିନର ଲୁହ

ଦୈନିକ ଧରିତ୍ରୀରେ ପ୍ରକାଶିତ 'କାହିଁ ସେଦିନର ଲୁହ' ଛାୟାକାନ୍ତ ଷଡ଼ଙ୍ଗୀଙ୍କ ଲିଖିତ ବାସ୍ତବଧର୍ମୀ ଆଲେଖ୍ୟ। ତିତ୍‌ଲୀ, ହୁଡ୍‌ହୁଡ୍, ଫାଇଲିନ ଶେଷରେ ଫନୀ ଭଳି ପ୍ରାକୃତିକ ବିପର୍ଯ୍ୟୟକୁ ଆମେ ସାମ୍ନା କରିସାରିଲୁଣି। ଏହି ଦୁର୍ଦ୍ଦଶା ସମୟରେ ଆମେ ଗୋପବନ୍ଧୁଙ୍କୁ ମନେ ପକାଉଛୁ। କାରଣ ତାଙ୍କ ପରି ଦୁଃଖୀଙ୍କ ଦୁଃଖରେ ଲୁହ ଗଡ଼ାଉଥିବା ବ୍ୟକ୍ତି ଆଉ ନାହାନ୍ତି। ଅନ୍ୟପଟେ ସଙ୍କଟ ସମୟରେ କିଛି ବ୍ୟକ୍ତି ଏହି ସୁଯୋଗର ଫାଇଦା ଉଠାଉଛନ୍ତି। ସେମାନେ ହୃଦୟଙ୍ଗମ କରୁନାହାନ୍ତି ଯେ ସେମାନଙ୍କ ଜୀବନକାଳ ସୀମିତ। ଅର୍ଜିତ ପାପଧନର ପ୍ରାୟଶ୍ଚିତ୍ତ ସେମାନଙ୍କୁ ଦିନେନା ଦିନେ କରିବାକୁ ପଡିବ।

ସାରଙ୍ଗଧର ଷଡ଼ଙ୍ଗୀ, ମୈତ୍ରୀବିହାର, ଲେନ-୨, ପୁରୀ

### ପଲିଥିନ ନିଷେଧକୁ କଡ଼ାକଡ଼ି କରାଯାଉ

ରାଜ୍ୟରେ ପଲିଥିନ ବ୍ୟବହାର ଉପରେ ସରକାର ଅଙ୍କୁଶ ଲଗାଇଲେ ମଧ୍ୟ ସୁଫଳ ମିଳୁନାହିଁ। ପରିବେଶ ଉପରେ ଏହାର କୁପ୍ରଭାବ ପଡୁଛି। ରାଜସ୍ଥାନ ସରକାର ଏହାକୁ ସମ୍ପୂର୍ଣ୍ଣ ନିଷେଧ କରିପାରିଛନ୍ତି। ରାଜ୍ୟ ସରକାର କଡ଼ା ପଦକ୍ଷେପ ନିଅନ୍ତୁ।

ରମେଶଚନ୍ଦ୍ର ବେହେରା, ଆୟତପୁର, କିଷନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ବର୍ତ୍ତମାନ ଜୀବନକୁ ଉପଭୋଗ କର, ଆଗରେ କ'ଣ ହେବ ସେ ବିଷୟରେ ବେଶି ଭାବନା ।
-ଲେନିନ୍



କୋରାପୁଟ ଶାବର ଶ୍ରୀକ୍ଷେତ୍ରରେ ଶ୍ରୀଜୀଉଙ୍କ ନୃସିଂହ ଅବତାର ।



ଜୟପୁର ବାଙ୍କ ମଠରେ ଜଗନ୍ନାଥଙ୍କ ନାରାୟଣ ବେଶ ଓ ବଳଭଦ୍ରଙ୍କ ନୃସିଂହ ଅବତାର ।



ଦାମନଯୋଡ଼ିରେ ନୃସିଂହ ବେଶରେ ଶ୍ରୀ ଜଗନ୍ନାଥ ।

## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ, ଯୁବକ ଗିରଫ

ଜୟପୁର,୮।୭(ନି.ପ୍ର.): ନାବାଳିକାଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ଜୟପୁର ସଦର ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ଗିରଫ ଯୁବକ ଜଣକ ହେଲେ ହାନାଗୁଡ଼ାର ରାହୁଲ ବାଘ ଏଲିୟସ ଯାଦବ (୨୫) । ୭ ମାସ ତଳେ ଜଣେ ନାବାଳିକାଙ୍କୁ ସେ ବଳାତ୍କାର ଉଦ୍ୟମ କରିଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ସଦର ପୋଲିସ ମାମଲା ରୁଜୁକରି ରବିବାର ତାଙ୍କୁ ଗିରଫ କରିବା ପରେ ତାଙ୍କର ଡାକ୍ତରୀ ମାଇନା କରାଇଛି। ଏହାପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଧିରେନ୍ଦ୍ର କୁମାର ବେହେରା ପ୍ରକାଶ କରିଛନ୍ତି ।

### ଚାରା ବଣ୍ଟନ କାର୍ଯ୍ୟକ୍ରମ



ଦାମନଯୋଡ଼ି,୮।୭(ଡି.ଏନ୍.ଏ.): କୋରାପୁଟ ଜିଲା ଭେଜାପୁଟ ସ୍ଥିତ ଠାକୁର ନିଗମାନନ୍ଦ ଆଶ୍ରମ ସହଯୋଗରେ ପୁରୀର ନୀଳାଚଳ ସାରସ୍ୱତ ସଂଘ ପକ୍ଷରୁ ୬୯ତମ ପ୍ରାଦେଶିକ ଭକ୍ତ ସମ୍ମିଳନୀ ଅନୁଷ୍ଠିତ ହେଉଛି। ଏହି ଅବସରରେ ଭେଜାପୁଟ, ମାଥାଲପୁଟ ଓ ନାଲକୋ ଶିଳ୍ପାଞ୍ଚଳରେ ୫୦୦ ଫଳଚାରା ବଣ୍ଟାଯାଇଛି। ଏହି କାର୍ଯ୍ୟକ୍ରମରେ ନାଲକୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଇଂ ରବିଶଙ୍କର ଦାସ, ନାଲକୋର ପୂର୍ବତନ ମହାପ୍ରବନ୍ଧକ ତଥା ସଂଘର ବରିଷ୍ଠ ସଭ୍ୟ ନଳିନୀବିହାରୀ ତ୍ରିପାଠୀ, ନାଲକୋ ଏଜିଏମ୍ ଶଶାଙ୍କ ଶେଖର ସାହୁ ଯୋଗ ଦେଇଥିଲେ। ଏଥିରେ ସହଯୋଗ କରିଥିଲେ ନିରଜ କୁମାର ଜେନା, ଚନ୍ଦ୍ରମଣି ମଲ୍ଲିକ, ବିଦେଶୀ ପାତ୍ର, କୁଳମଣି ମହାକୁଳ,ଦେବବ୍ରତ ମିଶ୍ର, ଦ୍ୱିତୀକୃଷ୍ଣ ସରାବ, ବୀରେନ୍ଦ୍ର କୁମାର ଜେନା, ଗୁରୁକୃଷ୍ଣ ସାହୁ, ସଞ୍ଜୟ କୁମାର ପରିଡ଼ା, ନିର୍ମଳ ଚନ୍ଦ୍ର ରଥ, ପ୍ରତିମା ମିଶ୍ର, ତିଳୋତ୍ତମା ମହାକୁଳ, ସ୍ନେହଲତା ରଥ। ୨୦୨୦ ଫେବୃୟାରୀରେ ଦାମନଯୋଡ଼ିରେ ପ୍ରାୟ ୧୦ ହଜାର ଭକ୍ତଙ୍କୁ ନେଇ ସମ୍ମିଳନୀ ହେବ ବୋଲି ସଂଘ କହିଛି। ଏଥିପାଇଁ ଅଞ୍ଚଳରେ ଜନହିତକର କାର୍ଯ୍ୟ ହାତକୁ ନିଆଯାଇଛି।

### ଦିବ୍ୟାଙ୍ଗଙ୍କ ଜମି ଜବରଦଖଲ
#### ତଦନ୍ତ ନିର୍ଦ୍ଦେଶ ଦେଲେ ଜିଲାପାଳ

ଜୟପୁର,୮।୭(ଡି.ଏନ୍.ଏ.): କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକର ରଣଶପୁର ଗ୍ରାମର ଦିବ୍ୟାଙ୍ଗ ଡମ୍ବୁ ପରଜାଙ୍କ ଜମିର କିଛି ଅଂଶ ଗ୍ରାମର ଦୁଇ ବାସିନ୍ଦା ଜବରଦଖଲ କରିଛନ୍ତି। ସେମାନେ ଏନେଇ ତହସିଲ କାର୍ଯ୍ୟାଳୟରେ ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳନାହିଁ। ଜବରଦଖଲକାରୀ ପାଲଟା ଧମକଚମକ ଦେଉଛନ୍ତି। ଡମ୍ବୁଙ୍କ ୫୫ ଡେସିମିଲ ଜମିରୁ ୫୦ ପ୍ରତିଶତରୁ ଅଧିକ ଜମିକୁ ଉକ୍ତ ଗ୍ରାମର ପର୍ଶୁରାମ ତନ୍ତି ଓ ନାରେ ସୂର୍ଯ୍ୟ ନାମକ ଦୁଇଜଣ ବ୍ୟକ୍ତି ଜବରଦଖଲ କରି ରଖିଛନ୍ତି । ଶେଷରେ ବାଧହୋଇ ଡମ୍ବୁ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଡମ୍ବୁ ଓ ତାଙ୍କର ମା ଏକାଠି ରହନ୍ତି । ଡମ୍ବୁ ଶୁଣି କିମ୍ବା ଦେଖିପାରନ୍ତି ନାହିଁ। ତାଙ୍କର ଗୋଟିଏ ଭଉଣୀ ଉକ୍ତ ଗ୍ରାମର କମ୍ବୁଲୁ ପାଙ୍ଗିଙ୍କୁ ବିବାହ କରିଛନ୍ତି। କମ୍ବୁଲୁ ମଧ ଜଣେ ଦିବ୍ୟାଙ୍ଗ, ତାଙ୍କର ଗୋଡ଼ରେ ସମସ୍ୟା ଯୋଗୁ ଠିକ ଭାବେ ଚାଲି ପାରନ୍ତି ନାହିଁ । ଏଭଳି ପରିସ୍ଥିତିରେ ସେମାନେ ଗ୍ରାମର ଅନ୍ୟ ଜଣେ ବ୍ୟକ୍ତିଙ୍କ ସାହାରା ନେଇ ଜୟପୁର ଉପଜିଲାପାଙ୍କ କାର୍ଯ୍ୟାଳୟରେ ପହଞ୍ଚି ଅଭିଯୋଗ ଜଣାଇଛନ୍ତି। ଏନେଇ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଉପଜିଲାପାଳ ଲୋକନାଥ ଦଳବେହେରାଙ୍କୁ ତଦନ୍ତ କରିବା ସହ ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

# ୨୦ ଅଭିଯୋଗ ଶୁଣିଲେ ଜିଲାପାଳ

ଜୟପୁର,୮।୭(ଡି.ଏନ୍.ଏ./ନି.ପ୍ର.)



■ଆବାସ ପାଇଁ ଗୁହାରି କଲେ ଡଙ୍ଗାପାଇ ଗ୍ରାମବାସୀ
■ଦରମା ନ ମିଳିବା ଦୁଃଖ ଜଣାଇଲେ ଘରୋଇ ଡାକ୍ତରଖାନା କର୍ମଚାରୀ
■ବିଜୁଳି ସଂଯୋଗ ଦାବିକଲେ ରଣ୍ଡାପାଲିବାସୀ
■ତୁରନ୍ତ ପଦକ୍ଷେପ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳଙ୍କ ନିର୍ଦ୍ଦେଶ

ଜୟପୁର ଉପଜିଲାପାଳ କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ଅଭିଯୋଗ ପ୍ରକୋଷ୍ଠରେ ୨୦ ଜଣ ସାଧାରଣ ଲୋକଙ୍କ ଅଭିଯୋଗ ଶୁଣିଛନ୍ତି ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ। ଏଥିରେ ୧୭ଟି ବ୍ୟକ୍ତିଗତ ଓ ୩ଟି ଗୋଷ୍ଠଗତ ଅଭିଯୋଗ ରହିଛି। ଏଥିରେ ମୁଖ୍ୟତଃ ଜମିଜମା, ପେନସନ ଓ ଆବାସ ଯୋଜନାରେ ସାମିଲ ହୋଇ ନଥିବା ହିତାଧିକାରୀଙ୍କ ଅଭିଯୋଗ ଉପସ୍ଥାପନ ହୋଇଛି।

ଜିଲାର ନାରାୟଣପାଟଣା ବ୍ଲକ ତେନ୍ତୁଳିପଦର ପଞ୍ଚାୟତ ଡଙ୍ଗାପାଇ ଗ୍ରାମର ବିଧବା ବାସନ୍ତି ଖୋସ୍ଲା, ବୈଇଦି ଖରା, ବୃଦ୍ଧା ଶକୁନ୍ତଳା ମହାନନ୍ଦିଆ, ସ୍ୱସ୍ତୁ ତୁରୁକ ବାରମ୍ବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ପାଇଁ ଆବେଦନ କରିଥିଲେ। କିନ୍ତୁ ଏଯାବତ୍ ସେମାନଙ୍କୁ ଗୃହ ନିର୍ମାଣ ପାଇଁ ବ୍ଲକ ପ୍ରଶାସନ ମଞ୍ଜୁରୀ ଦେଉ ନଥିବା ସେମାନେ ଅଭିଯୋଗ କରିଛନ୍ତି । ନାରାୟଣପାଟଣା ବିଡିଓଙ୍କୁ ଯୋଗାଯୋଗ କରାଯାଇ ତୁରନ୍ତ ଏହାର ଯାଞ୍ଚ କରିବା ପାଇଁ ପ୍ରକୋଷ୍ଠରେ ଉପସ୍ଥିତ ଥିବା ଡିଆରଡିଏ ପିଡିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଜିଲାପାଳ। ସେହିପରି ଗୋଷ୍ଠୀଗତ ମାମଲାରେ ଘରୋଇ ଗ୍ଲୋକାଲ ଚିକିତ୍ସାଳୟ ଗତ ଫେବୃୟାରୀରୁ ବନ୍ଦ ରହିଥିଲା। କିନ୍ତୁ ୨୦୧୮ ଅଗଷ୍ଟରୁ ୨୦୧୯ ଫେବୃୟାରୀ ପର୍ଯ୍ୟନ୍ତ କାମ କରିଥିବା ମାସର ଦରମା ମିଳି ନଥିବା ଓ ପ୍ରଶାସନ ପକ୍ଷରୁ ପୁନଃ ନିଯୁକ୍ତି ପାଇଁ କର୍ମଚାରୀମାନେ ପ୍ରକୋଷ୍ଠରେ ଜଣାଇଥିଲେ। ଜିଲାପାଳ ସେମାନଙ୍କ ଦରମା ପ୍ରଦାନ ପାଇଁ ସଂପୃକ୍ତ ସଂସ୍ଥାକୁ ନିର୍ଦ୍ଦେଶ ଦେବେ କିନ୍ତୁ ନିଯୁକ୍ତି ବାବଦରେ ପ୍ରଶାସନ କିଛି କରିପାରିବ ନାହିଁ ବୋଲି କହିଥିଲେ। କୁଟୀର ଜ୍ୟୋତି ଯୋଜନାରେ ସାମିଲ କରିବା ପାଇଁ ଜୟପୁର ବ୍ଲକ ରଣ୍ଡାପାଲି ବାସିନ୍ଦା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ଗ୍ରାମବାସୀଙ୍କ କହିବାନୁଯାୟୀ ମିଟର ଓ ଅନ୍ୟ ସାମଗ୍ରୀ ଲାଗିଥିଲେ ମଧ ଏଯାବତ୍ ବିଜୁଳି ସଂଯୋଗ ଦିଆଯାଇ ନାହିଁ । ସେହିପରି ବର୍ଷାରେ ଘର ଭାଙ୍ଗିଯାଇଥିବାରୁ କେତେକ ହିତାଧିକାରୀ ସହାୟତା ପାଇଁ ଦ୍ୱାରସ୍ଥ ହୋଇଥିଲେ। ଏହି ପ୍ରକୋଷ୍ଠରେ ଅନ୍ୟମାନଙ୍କ ମଧରେ ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ, ଉପଜିଲାପାଳ ଲୋକନାଥ ଦଳବେହେରା, ଏସ୍‌ଡିପିଓ ସାଗରିକା ନାଥ, ଡିଏଫ୍‌ଓ ଅଶ୍ୱିନୀ କର, ଡିଆରଡିଏ ପିଡି ମହେଶ୍ୱର ନାୟକ, ଆଇଟିଡିଏ ପିଏ ଗୋପୀନାଥ ସାରକା, ଜିଲା ଚିକିତ୍ସାଳୟ ସୁପରିଣ୍ଟେଣ୍ଡେଣ୍ଟ ଡା. କାଳୀପ୍ରସାଦ ବେହେରା, ବିଦ୍ୟୁତ ବିଭାଗର ନିର୍ବାହୀ ଯନ୍ତ୍ରୀ ପ୍ରିୟଦର୍ଶୀ ବେହେରା, ଜିଲା ମଙ୍ଗଳ ଅଧିକାରୀ ମଧୁସ୍ମିତା ମହାପାତ୍ର ଉପସ୍ଥିତ ଥିଲେ।

# ଶାବର ଶ୍ରୀକ୍ଷେତ୍ରରେ ହେରା ପଞ୍ଚମୀ

■ମହାପ୍ରଭୁଙ୍କ ନୃସିଂହ ବେଶ
■ଦକ୍ଷିଣ ମୋଡ଼ ନେଲା ରଥ

କୋରାପୁଟ,୮।୭(ସ୍ୱ.ପ୍ର.)

ଶାବର ଶ୍ରୀକ୍ଷେତ୍ରରେ ସୋମବାର ହେରାପଞ୍ଚମୀ ଉପଲକ୍ଷେ ଶ୍ରୀଜୀଉଙ୍କ ଲକ୍ଷ୍ମୀ ନୃସିଂହ ବେଶ ଅନୁଷ୍ଠିତ ହୋଇଛି । ଏହି ଅବସରରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ସମସ୍ତ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ରାତି ୮ଟା ବେଳେ ଶ୍ରୀମନ୍ଦିରରୁ ଲକ୍ଷ୍ମୀଙ୍କୁ ବିମାନରେ ବସାଇ ସହର ପରିକ୍ରମା କରାଯିବା ପରେ ଗୁଣ୍ଡିଚା ନଅରକୁ ନିଆଯାଇଥିଲା। ରଥଯାତ୍ରାରେ ତାଙ୍କୁ ଆଣି ନ ଥିବାରୁ ଅଭିମାନରେ ଲକ୍ଷ୍ମୀ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଆସି ରଥ ଭଙ୍ଗିବା ସହ ବଡ଼ପଣ୍ଡାଙ୍କୁ ରଥରେ ବାନ୍ଧି ମହାଲକ୍ଷ୍ମୀ ଶ୍ରୀମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ। ପରେ ରଥକୁ ଦକ୍ଷିଣ ମୋଡ଼ କରାଯାଇଥିଲା । ଏହି ମନୋରମ ଦୃଶ୍ୟକୁ ଦେଖିବା ପାଇଁ ସନ୍ଧ୍ୟାରେ ଗୁଣ୍ଡିଚା ମନ୍ଦିରରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା।

■ ହେରାପଞ୍ଚମୀରେ ଲକ୍ଷ୍ମୀଙ୍କ ମାନ ଭଞ୍ଜନ ହେଲା

# ନୃସିଂହ, ନାରାୟଣ ବେଶରେ ଶ୍ରୀଜୀଉ


ଜୟପୁର,୮।୭(ନି.ପ୍ର./ଡି.ଏନ୍.ଏ.)

ଐତିହାସିକ ଜୟପୁର ରଥଯାତ୍ରାରେ ବାଙ୍କମଠ ଆଡପମଣ୍ଡପରେ ହେରା ପଞ୍ଚମୀ ଅବସରରେ ସୋମବାର ବହୁ ଜନ ସମାଗମ ହୋଇଛି। ନୃସିଂହ ବେଶରେ ବଳଭଦ୍ର ଓ ନାରାୟଣ ବେଶରେ ଶ୍ରୀଜଗନ୍ନାଥ ଭକ୍ତଙ୍କୁ ଦର୍ଶନ ଦେଇଥିଲେ । ସନ୍ଧ୍ୟା ଆଳତି ଦେଖିବା ପାଇଁ ଭକ୍ତଙ୍କ ଭିଡ଼ ଜମିଥିଲା। ପରମ୍ପରା ଅନୁଯାୟୀ, ଅଭିମାନ କରିଥିବା ମା' ଲକ୍ଷ୍ମୀ ଠାକୁରାଣୀ ମୁଖ୍ୟ ମନ୍ଦିରରୁ ବାଜାବାଜଣା ସହ ବିମାନରେ ବସି ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରିଥିଲେ। ରାତ୍ର ୯ଟାରେ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିବା ପରେ ପ୍ରଭୁ ଜଗନ୍ନାଥ ଓ ମାତା ଲକ୍ଷ୍ମୀଙ୍କ ପକ୍ଷରୁ ଗାୟକମାନେ ବାଚନିକା କଳି ପରିବେଷଣ କରିଥିଲେ। ଏହାପରେ ଲକ୍ଷ୍ମୀ ଠାକୁରାଣୀ ଫେରିବା ବେଳେ ରଥ ଭାଙ୍ଗିବା ସହ ତିନି ଠାକୁରଙ୍କୁ ଗୁଣ୍ଡିଚା ମନ୍ଦିରକୁ ଆଣିଥିବା ଯୋଗୁ ଶ୍ରୀମନ୍ଦିରର ପରିଚ୍ଛାଙ୍କୁ ରଥରେ ବାନ୍ଧି ପାହାର କରିଥିଲେ। ବାଙ୍କମଠ ନିକଟରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା । ସେହିପରି ଐତିହାସିକ ପୁରୁଣାଗଡ଼ କାଳୀମନ୍ଦିର ଆଡପ ମଣ୍ଡପରେ ପ୍ରଭୁ ଜଗନ୍ନାଥ ନୃସିଂହ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ।

■ ଦୋକାନ କାନ୍ଥ କଣାକରି ପଶିଲେ

# ଲୁଟିନେଲେ ଲକ୍ଷାଧିକ ଟଙ୍କାର ମୋବାଇଲ, ବ୍ୟବସାୟୀ ଆତଙ୍କିତ

ଜୟପୁର,୮।୭(ଡି.ଏନ୍.ଏ./ନି.ପ୍ର.)



ଦୋକାନ କାନ୍ଥ କଣା କରିଦେଇଛନ୍ତି ଚୋର ।

ଜୟପୁର ସହରରେ ଚୋରଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଛି। ରବିବାର ବିଳମ୍ବିତ ରାତିରେ ପାରାବେଡ଼ା ଦଶହରା ପଡ଼ିଆ ଷ୍ଟାଡିୟମର ଭାବନା ମୋବାଇଲ ଦୋକାନରୁ ଚୋରି ହୋଇଛି। ଦୁର୍ବୃତ୍ତମାନେ କାନ୍ଥ କଣା କରି ଦୋକାନରେ ପଶିବା ପରେ ଏକ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ୨୧ଟି ମୋବାଇଲ ଚୋରି କରିନେଇଥିବା ଦୋକାନର ମାଲିକ ସଂଗ୍ରାମ ପୃଷ୍ଟି ପ୍ରକାଶ କରିଛନ୍ତି। ଦୋକାନର ସିସିଟିଭି କ୍ୟାମେରାରେ ଦୁର୍ବୃତ୍ତଙ୍କ ଚୋରି ବେଳର ଦୃଶ୍ୟ କଏଦ ଥିବାବେଳେ ପୋଲିସ ତଦନ୍ତରେ ଏହା ସହାୟକ ହେବ। କିନ୍ତୁ ପୋଲିସ କେତେ ଦୂର ଏହାକୁ ଗୁରୁତ୍ୱର ସହ ନେଇ ଦୁର୍ବୃତ୍ତଙ୍କୁ ଗିରଫ କରିବା ସହ ଚୋରି ଯାଇଥିବା ସାମଗ୍ରୀ ଉଦ୍ଧାର କରୁଛି, ସେନେଇ ସାଧାରଣରେ ଆଶଙ୍କା ପ୍ରକାଶ ପାଇଛି। ପୂର୍ବରୁ ଜୟପୁରରୁ ମାଲକାନଗିରି ବସ୍‌ରେ ପ୍ରାୟ ୫ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ମୋବାଇଲ ଯାଉଥିବା ବେଳେ ଚୋରି ଯାଇଥିଲା। ଯଦିଓ ସେହି ଘଟଣାରେ ପୋଲିସ ଦୁର୍ବୃତ୍ତମାନଙ୍କୁ ଧରିଥିଲା ; କିନ୍ତୁ ଚୋରି ମୋବାଇଲ ଉଦ୍ଧାର କରିବା ବଦଳରେ ନାମକୁ ମାତ୍ର କିଛି ଶସ୍ତା ମୋବାଇଲ ଜବତ କରିପାରିଥିଲା। ରବିବାର ଘଟଣାରେ ଟାଉନଥାନାକୁ ଯୋଗାଯୋଗ କରିବାରୁ ତଦନ୍ତ ଜାରି ରହିଛି, ଦୁର୍ବୃତ୍ତଙ୍କୁ ଗିରଫ କରାଯିବା ସହ ଚୋରି ସାମଗ୍ରୀ ଉଦ୍ଧାର କରିବେ ବୋଲି ଥାନା ଅଧିକାରୀ ବାଲେଶ୍ୱର ଗିଧି କହିଛନ୍ତି।

## ଦୁର୍ଘଟଣାରେ ୫ ଆହତ

ଭୋଗରାଇ, ୮।୭(ଡି.ଏନ.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର–ଚନ୍ଦନେଶ୍ୱର ୫୭ନଂ. ରାଜପଥ ବଡ଼ମନ୍ଦାରୁଣୀ ଛକରେ ସୋମବାର ପୂର୍ବାହ୍ନରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ୫ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟର ୩ଜଣଙ୍କ ଅବସ୍ଥା ଗୁରୁତର ରହିଛି।

ଜଳେଶ୍ୱରରୁ ଗୋଟିଏ ବାଇକ୍‌ରେ ଆସୁଥିବା ୩ ଜଣ ଯୁବକ ଏକ ବାହାଘର କାର୍‌କୁ ଓଭରଟେକ୍ କରିବାକୁ ଉଦ୍ୟମ କରୁଥିବା ବେଳେ ବିପରୀତ ଦିଗରୁ ଯାଉଥିବା ଅନ୍ୟ ଏକ କାର୍ ସହ ମୁହାଁମୁହିଁ ହୋଇଥିଲେ। ବାଇକ ଆରୋହୀମାନଙ୍କୁ ବଞ୍ଚାଇବାକୁ ଯାଇ କାର୍ ରାସ୍ତା ପାର୍ଶ୍ୱ ୫ଫୁଟ୍ ତଳ ନୟନଯୋରିକୁ ଖସି ପଡ଼ିଥିଲା। ସ୍ଥାନୀୟ ଲୋକେ ବାଇକ୍ ଓ କାର୍‌ରେ ଥିବା ୫ ଜଣଙ୍କୁ ଉଦ୍ଧାର କରି ତୁରନ୍ତ ୧୦୮ ଆମ୍ବୁଲାନ୍ସ ଯୋଗେ ଜଳେଶ୍ୱର ଜେ.କେ. ଭଞ୍ଜ ହସ୍‌ପିଟାଲକୁ ପଠାଇଥିଲେ। ସେଠାରେ ଆହତଙ୍କ ଅବସ୍ଥା ଗୁରୁତର ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଆହତ କାର୍ ଚାଳକ ଚୌକି ଗ୍ରାମର ସୁଦର୍ଶନ ଜେନା ଓ ତାଙ୍କ ସମ୍ପର୍କୀୟ କ୍ରୀଷ୍ଣା ଜେନାଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି। ଗୁରୁତର ୩ ବାଇକ୍ ଆରୋହୀ ଭୋଗରାଇ ଥାନା ମନ୍ଦାରସାହି ଗ୍ରାମର ବୋଲି ଜଣାପଡ଼ିଛି।

■ ଖଣ୍ଡାୟତ କ୍ଷେତ୍ରୀୟ ଜାତି ବୈଠକ

# ନୂତନ ପରିଚାଳନା କମିଟି ଗଠିତ



ନୂତନ ପରିଚାଳନା କମିଟିର ସଦସ୍ୟମାନେ ।

କୋରାପୁଟ/ନାରାୟଣପାଟଣା ୮।୭(ସ୍ୱ.ପ୍ର./ଡି.ଏନ୍.ଏ.)

କୋରାପୁଟ ଜିଲା ନାରାୟଣପାଟଣା ଡାକବଙ୍ଗଳାରେ ସୋମବାର ଖଣ୍ଡାୟତ କ୍ଷେତ୍ରୀୟ ଜାତିସଂଘର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଛି । ଏହି ଅବସରରେ ଜାତିର ନୂତନ ପରିଚାଳନା କମିଟି ଗଠନ କରାଯାଇଛି । ଏହି ବୈଠକରେ ସଂଘ ଗଠନ ପାଇଁ ଏକ ପ୍ରସ୍ତାବ ଆଗତ ହେବା ସହ ନୂତନ ପରିଚାଳନା କମିଟି କରାଯାଇଥିଲା। ଏହାର ସଭାପତି ଭାବେ କୈଳାସ ପ୍ରଧାନ, ଉପସଭାପତି ଭାବେ ବିଶେଶ୍ୱର ଅନାରସିଂ ଓ ଦୟାନିଧି ପ୍ରଧାନ, ସଂପାଦକ ଭାବେ ରମେଶ ଚନ୍ଦ୍ର ଦାସ, କୋଷାଧ୍ୟକ୍ଷ ଭାବେ ଉଦୟ ଅନାରସିଂ, ଅଡିଟର ଭାବେ ଗଣେଶ ନାୟକ, କୈଳାସ ଚନ୍ଦ୍ର ନାୟକ, ଉପଦେଷ୍ଟା ମଣ୍ଡଳୀ ଭାବେ ନାରାୟଣ ବୈଦ୍ୟ, ବୁଟିଆ ପ୍ରଧାନ, ଦୁର୍ବାଦଳ ଅନରାସିଂ, ରଘୁନାଥ ଦାସ, ନାରାୟଣ ରାଉତ, ଯୁଧିଷ୍ଠିର ନାୟକ, ରାମ ରାଉତ ମନୋନୀତ ହୋଇଥିଲେ ।



ଦେଓଘାଟି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସହ ମନ୍ତ୍ରୀ ଜଗନ୍ନାଥ ସାରକା ଓ ଅନ୍ୟ ନେତୃବୃନ୍ଦ ।

# ସ୍କୁଲକଥା ଶୁଣିଲେ, ପିଲାଙ୍କ ସହ ଗଛ ଲଗାଇଲେ ମନ୍ତ୍ରୀ

ଜୟପୁର,୮।୭(ଡି.ଏନ୍.ଏ.)

ରାଜ୍ୟ ଅନୁସୂଚିତ ଜନଜାତି ଓ ଜାତି ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା ରବିବାର ପୂର୍ବାହ୍ନରେ କୋରାପୁଟ ଜିଲା ଦେଓଘାଟି ବିଦ୍ୟାଳୟ ଗସ୍ତ କରିଛନ୍ତି। ଛୁଟି ଦିବସରେ ଛାତ୍ରୀଛାତ୍ର, ବିଦ୍ୟାଳୟ ସମସ୍ୟା ବାବଦରେ ଆଲୋଚନା କରିଥିଲେ। ଏହାପରେ ବନ ମହୋତ୍ସବ ସପ୍ତାହ ଅବସରରେ ବିଦ୍ୟାଳୟ ପରିସରରେ ଛାତ୍ରଙ୍କ ସହ ମିଶି ଗଛ ଲଗାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋରାପୁଟ ବିଧାୟକ ରଘୁରାମ ପଡାଲ, ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ଜିଲା ପରିଷଦ ଅଧକ୍ଷା ତୁଳସୀ କିର୍ସାନି, ଜିଲା ଯୋଜନା ବୋର୍ଡର ସଦସ୍ୟ ଈଶ୍ୱର ପାଣିଗ୍ରାହୀ, ପୂର୍ବତନ ବିଧାୟକ ପ୍ରଫୁଲ ପାଙ୍ଗି ଉପସ୍ଥିତ ଥିଲେ । ବୃକ୍ଷରୋପଣ ସହିତ ସିୱା ଯୁବ ସଂଗଠନ ସହାୟତାରେ ଛାତ୍ରମାନେ ବିଦ୍ୟାଳୟ ପରିସର ସଫେଇ କରିଥିଲେ। ଏହି ଅବସରରେ କୋରାପୁଟ ଆଇଟିଡିଏ ପିଏ କାରୁ ସୋରେନ, ଜିଲା ମଙ୍ଗଳ ଅଧିକାରୀ ମଧୁସ୍ମିତା ମହାପାତ୍ର, ପ୍ରଧାନ ଶିକ୍ଷୟିତ୍ରୀ ବବିତା ନାୟକ, ବିଭାଗୀୟ ଶିକ୍ଷକ ସଂଘର କାର୍ଯ୍ୟକାରୀ ସଭାପତି ମୁକୁନ୍ଦ ହନ୍ତାଳ, ସମ୍ପାଦକ ଶଙ୍କର ପ୍ରହରାଜ, ଅଜୟ ମିଶ୍ର ଉପସ୍ଥିତ ଥିଲେ।

# ରାସ୍ତା ପାଇଁ ଦାବିପତ୍ର ଦେଲେ ଗ୍ରାମବାସୀ

ଦଶମନ୍ତପୁର,୮।୭(ଡି.ଏନ୍.ଏ.)

## ବିଡିଓଙ୍କ ବେଖାତିର ଉତ୍ତର, ୫ ବର୍ଷ ପରେ ରାସ୍ତା ହେବ




ବିଡିଓଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଲୋରେସ୍ ଗ୍ରାମବାସୀ ।

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅଧୀନସ୍ଥ ପିଣ୍ଡାପଦର ପଞ୍ଚାୟତର ଲୋରେସ ଗ୍ରାମବାସୀ ନିଜର ବିଭିନ୍ନ ସମସ୍ୟା ନେଇ ସୋମବାର ବିଡିଓଙ୍କ ଦ୍ୱାରସ୍ଥ ହେବା ସହ ଦାବିପତ୍ର ଦେଇଛନ୍ତି। କିନ୍ତୁ ବିଡିଓ ସୋପାନ ଅନୁସାରେ ହିସାବ କରି ୫ ବର୍ଷ ପରେ ପିଏମ୍‌ଜିଏସ୍‌ୱାଇ ସଡ଼କ ଯୋଜନାରେ ଲୋରେସ ଗାଁକୁ ସାମିଲ କରାଯିବ ବୋଲି ଯୁକ୍ତି ଦେଖାଇଥିବା ଗ୍ରାମବାସୀ କହିଛନ୍ତି। ଗାଁକୁ ରାସ୍ତା ନ ଯିବା ଯାଏ ଗୋଟିଏ ମଧ୍ୟ ଆବାସ ଗୃହ ଦିଆଯିବ ନାହିଁ ବୋଲି ବିଡିଓ କହିଛନ୍ତି। ଗାଁ ଲୋକଙ୍କୁ ଏଭଳି କଥାବାର୍ତ୍ତା କାହିଁକି କରୁଛନ୍ତି ବୋଲି ଜଣେ ଖବରଦାତା ବିଡିଓଙ୍କୁ ପ୍ରଶ୍ନ ପଚାରିବାରୁ 'ତୁମେ କାହିଁକି ଏତେ ରାଜନୀତି କରୁଛ' ବୋଲି ପାଲଟା ଉତ୍ତର ଦେଇଥିଲେ ବିଡିଓ। ଏନେଇ ଖବରଦାତା ଓ ଲୋରେସ୍ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଯେ, ଲୋରେସ୍ ଗ୍ରାମଟି ଘାଟି ଓ ପାହାଡ଼ ଘେରରେ ରହିଛି। ଏଠାରେ ୧୫୦ରୁ ଉର୍ଦ୍ଧ୍ୱ ଲୋକେ ବସବାସ କରୁଛନ୍ତି। ମରିଚଗୁଡ଼ା ଛକରୁ ଏହି ଗାଁ ମାତ୍ର ୫ କିମି ଦୂର । ଖଣ୍ଡାଧାର ପାହାଡ଼କୁ କାଟି ଖଣ୍ଡିଏ ରାସ୍ତା ପାଇବା ପାଇଁ ଗାଁ ଲୋକେ ବହୁବାର ବ୍ଲକ ପ୍ରଶାସନ ପାଖରେ ଗୁହାରି ଜଣାଇ ଆସୁଥିଲେ । ରାସ୍ତା ନ ଥିବାରୁ ଗାଁରେ ଏଯାଏ ପାନୀୟଜଳ, ଶିକ୍ଷା, ସ୍ୱାସ୍ଥ୍ୟ ଭଳି ମୌଳିକ ସୁବିଧା ପହଞ୍ଚି ପାରିନାହିଁ। ପ୍ରଶାସନ କୌଣସି ଗୁରୁତ୍ୱ ନ ଦେବା ଯୋଗୁ ଗ୍ରାମବାସୀ ୪ ଥର ପଞ୍ଚାୟତ ନିର୍ବାଚନ ଓ ୩ ଥର ସାଧାରଣ ନିର୍ବାଚନ ବେଳେ ଭୋଟ ବର୍ଜନ କରିଆସୁଥିଲେ ହେଁ ସରକାରଙ୍କ ନଜର ପଡୁନାହିଁ। ତେଣୁ ଖଣ୍ଡିଏ ପିଏମ୍‌ଜିଏସ୍‌ୱାଇ କାର୍ଯ୍ୟାଦେଶ ପାଇବା ଆଶାରେ ସୋମବାର ବିଡିଓ ଡମ୍ବରୁଧର ମଲ୍ଲିକଙ୍କୁ ଭେଟି ଦାବିପତ୍ର ଦେଇଥିଲେ ଗ୍ରାମବାସୀ।

# ଲଗାଣ ବର୍ଷା: ଶିଖପାଲ୍ଲୀ-ପଡିଆ ରାସ୍ତା ବିଚ୍ଛିନ୍ନ

ମାଲକାନଗିରି, ୮।୭(ଡି.ଏନ.ଏ.)

ମାଲକାନଗିରି ଜିଲା ପଡିଆ ବ୍ଲକରେ ରବିବାର ରାତିରେ ପ୍ରବଳ ବର୍ଷା ଯୋଗୁ ଶିଖପାଲି-ପଡିଆ ରାସ୍ତା ଧୋଇହୋଇ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଏହି ରାସ୍ତାରେ ଗାଡିମୋଟର ଚଳାଚଳ ବନ୍ଦ ରହିଛି। ଲୋକେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଖବରରୁ ଜଣାପଡିଛି କାଲିମେଲା ମୁଖ୍ୟ ରାସ୍ତା ଶିଖପାଲି ଗ୍ରାମଠାରୁ ପଡିଆ ବ୍ଲକ ସଦର ମହକୁମା ପର୍ଯ୍ୟନ୍ତ ୩୫ କିଲୋମିଟର ରାସ୍ତା ନିର୍ମାଣରେ ଅବ୍ୟବସ୍ଥା ଯୋଗୁ ସେହି ରାସ୍ତାରେ ଯାନବାହନ ଚଳାଚଳ ବନ୍ଦ ରହିଛି। ଏହି ରାସ୍ତାରେ ଦୁଇଚକିଆ ଗାଡି ଚଳାଇବା ମଧ୍ୟ କଷ୍ଟକର ହୋଇପଡିଛି। ଏହି ୩୫ କିଲୋମିଟର ରାସ୍ତା ନିର୍ମାଣ ଅନେକ ବର୍ଷ ଧରି ବନ୍ଦ ଥିବା ବେଳେ ଗତବର୍ଷ ପୁନର୍ବାର କାର୍ଯ୍ୟ ଆରମ୍ଭ ହୋଇଛି। ତେବେ ରାସ୍ତାରେ ଅନେକ କଲଭର୍ଟ କାର୍ଯ୍ୟ ଚାଲିଥିବା ଯୋଗୁ ଡାଇଭର୍ସନ ଅସ୍ଥାୟୀ ରାସ୍ତା ତିଆରି କରାଯାଇ ଗାଡିମୋଟର ଚଳାଚଳ ହେଉଥିଲା। ଏପରି ପରିସ୍ଥିତିରେ ରବିବାର ରାତିରେ ପ୍ରବଳ ବର୍ଷା ଯୋଗୁ ପାହାଡରୁ ବର୍ଷା ଜଳ ସିଙ୍ଗରାଜଖଣ୍ଡା ବଡ ନାଳରେ ପ୍ରବେଶ କରିଛି। ଏହି ବର୍ଷାଜଳ ଯୋଗୁ ଡାଇଭର୍ସନ ରାସ୍ତାଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଫଳରେ ସେହି ଅଞ୍ଚଳକୁ ସୋମବାର କୌଣସି ଗାଡି ଚଳାଚଳ କରି ନ ଥିବା ଜଣାପଡିଛି। ଏଥିଯୋଗୁ ନିଲିଗୁଡା, ମାଟେରୁ, ମାଟାପାକା, ଶିଖପାଲି ପଞ୍ଚାୟତର ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନିଲିଗୁଡା ସରପଞ୍ଚ ଦୁବ୍ରା କାର୍ତ୍ତାମି କହିଛନ୍ତି ଯେ, ଶିଖପାଲ୍ଲୀଠାରୁ ପଡିଆ ୩୫ କିଲୋମିଟର ରାସ୍ତାରେ ୧୮ଟି ସ୍ଥାନରେ କଲଭର୍ଟ କାମ ଚାଲିଛି। ଏହା ଅସମ୍ପୂର୍ଣ୍ଣ ଥିବାରୁ ଡାଇଭର୍ସନ ରାସ୍ତାରେ ଗାଡିମୋଟର ଯାତାୟାତ କରୁଥିଲା। ବର୍ଷାରେ ଏହି ରାସ୍ତା ନଷ୍ଟ ହୋଇଯାଇଛି।



ଲଗାଣ ବର୍ଷାରେ ଧୋଇ ହୋଇଯାଇଥିବା କଲ୍‌ଭର୍ଟ।

**ଅସୁବିଧାରେ ୪ ପଞ୍ଚାୟତବାସୀ**

ଫଳରେ ଉକ୍ତ ରାସ୍ତାରେ ଗାଡିମୋଟର ଚଳାଚଳ ବନ୍ଦ ରହିଛି। ମାଲକାନଗିରି ଶିଖପାଲି ଦେଇ ପଡିଆ ଯାଉଥିବା ଏକ ଘରୋଇ ବସ୍ ଚଳାଚଳ ମଧ୍ୟ ବନ୍ଦ ରହିଛି। ପଡିଆ ଏବଂ ମାଲକାନଗିରି ବ୍ଲକ ଓ ଡାକ୍ତରଖାନାକୁ ଆସୁଥିବା ଲୋକେ ଏବଂ ରୋଗୀମାନେ ହଇରାଣ ହେଉଛନ୍ତି। ତୁରନ୍ତ ସମ୍ପୃକ୍ତ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲା ଗୃହ ଓ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଅରୁଣ କୁମାର ସାହୁଙ୍କୁ ପଚାରିବା ଲାଗି ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗାଈ ଭିତରେ ବଉଳା**
**ବନ୍ଧୁ ଭିତରେ ମଉଳା ।**

ବଉଳା ଗାଈ ଦୁଧିଆଳୀ। ଗାଈ ମଧ୍ୟରେ ବଉଳା ଗାଈ ସବୁଠୁ ଉତ୍ତମ ବୋଲି ଜଣାଯାଇଥାଏ। ସେହିପରି ଯେତେ ବନ୍ଧୁବାନ୍ଧବ ଅଛନ୍ତି ତାଙ୍କ ମଧ୍ୟରୁ ମାମୁ ହିଁ ଶ୍ରେଷ୍ଠ ବନ୍ଧୁ ବୋଲି ଧରାଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଗୋରୀ କି ଦେଖି**
**କାଳୀ ଯାଇଛି ଚନ୍ଦନ ମାଖି ।**

ଯେତେ ବାହ୍ୟ ଉପଚାର କଲେ ବି ଦେହର ପ୍ରକୃତ ରଙ୍ଗ କେବେ ବଦଳି ପାରି ନ ଥାଏ। ଶ୍ୟାମଳ ଦେହକୁ ଯେତେ ଘଷି ମାଜିଲେ କି ଚନ୍ଦନ ମାଖିଲେ ଦେହର ବର୍ଣ୍ଣ ଗୋରା ହୋଇପାରି ନ ଥାଏ। ସେ ନେଇ କରାଯାଉଥିବା ସକଳ ଚେଷ୍ଟା ବୃଥା ପ୍ରମାଣିତ ହୋଇଥାଏ। ଗୋରୀ ହେବା ପାଇଁ ପ୍ରୟାସରତା ରମଣୀ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ପଞ୍ଚାୟତବାସୀଙ୍କୁ ଯୋଡ଼ିଲା ଝୁଲାପୋଲ



ନିର୍ମିତ ଝୁଲାପୋଲ ।

ମାଲକାନଗିରି, ୮।୭(ଡି.ଏନ.ଏ.)

- ସିଧାସଳଖ ଯୋଡି ହୋଇଛି ଅନେକ ଗ୍ରାମ
- ଜଳବନ୍ଦୀ ଜୀବନରୁ ମୁକ୍ତି ମିଳିଛି
- ଗାଁକୁ ଆସିପାରୁଛି ଗାଡ଼ିମୋଟର

ମାଲକାନଗିରି ଜିଲାର ବିଚ୍ଛିନ୍ନାଞ୍ଚଳ କ୍ରମେ ସ୍ୱାଭିମାନ ଅଞ୍ଚଳ ଭାବେ ପରିଚିତ ହୋଇଛି। ଗୁରୁପ୍ରିୟା ସେତୁ ନିର୍ମାଣ ପରେ ଏଠାକାର ଚିତ୍ର ବଦଳିବାରେ ଲାଗିଛି। ସ୍ୱାଭିମାନ ଅଞ୍ଚଳର ସାରକୁବନ୍ଧ ନାଳ ଉପରେ ପୋଲ ନିର୍ମାଣ ହେବା କଷ୍ଟକର ହୋଇଥିବାରୁ ଲୋକେ ନାହିଁ ନ ଥିବା ସମସ୍ୟା ଭୋଗୁଥିଲେ। । ବର୍ତ୍ତମାନ ଏଠାରେ ଏକ ଝୁଲା ପୋଲ ନିର୍ମାଣ ପରେ ଲୋକଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି।

ଗୁରୁପ୍ରିୟା ସେତୁ ନିର୍ମାଣ ପରେ ବିଚ୍ଛିନ୍ନାଞ୍ଚଳକୁ ଯୋଗାଯୋଗ ସମ୍ଭବ ହୋଇପାରିଥିଲା। ତେବେ ରାଲେଗାଡ଼ା ପଞ୍ଚାୟତ ସହ ବିଭିନ୍ନ ପଞ୍ଚାୟତ ବାହାର ଦୁନିଆରୁ ବିଚ୍ଛିନ୍ନ ହୋଇ ରହିଥିଲା। ରାଲେଗାଡ଼ା ପଞ୍ଚାୟତକୁ ଗମନାଗମନ ପାଇଁ ପ୍ରତିବନ୍ଧକ ସାଜିଥିଲା ସାରକୁବନ୍ଧ ନାଳ । ଦୀର୍ଘଦିନର ପ୍ରୟାସ ପରେ ସରକାରୀ ସ୍ତରରେ ସାରକୁବନ୍ଧ ଗ୍ରାମ ସହ ରାଲେଗାଡା ପଞ୍ଚାୟତକୁ ଯିବା ପାଇଁ ନିର୍ମାଣ ହୋଇଛି ଝୁଲା ପୋଲ। ଏହି ପୋଲ ଯୋଗୁ ସିଧାସଳଖ ଯୋଡି ହୋଇଯାଇଛି ସାରକୁବନ୍ଧ ଗ୍ରାମ ସହ ରାଲେଗାଡା ପଞ୍ଚାୟତର ଅନେକ ଗ୍ରାମ । ଏଠାରେ ପୋଲ ନିର୍ମାଣ ପରେ ଗାଁକୁ ଗାଡ଼ି, ଆମ୍ବୁଲାନ୍ସ ଆସିପାରୁଛି। ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ସହଜରେ ଯାଇପାରୁଛନ୍ତି ବୋଲି ଗ୍ରାମର ସାଧୁ ଖିଲ କହିଛନ୍ତି। ଗୁରୁପ୍ରିୟା ଓ ସାରକୁବନ୍ଧ ପୋଲ ଉକ୍ତ ଅଞ୍ଚଳ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା । ବର୍ତ୍ତମାନ ରାଲେଗାଡା ପଞ୍ଚାୟତ ପାଇଁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହାତକୁ ନିଆଯିବ ବୋଲି ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ରାମକୃଷ୍ଣ ଗଣ୍ଡ କହିଛନ୍ତି। ସୂଚନାଯୋଗ୍ୟ ଯେ, ସାରୁକନାଳ ଉପରେ ପୋଲଟିଏ ନ ଥିବା ବେଳେ ଲୋକେ ନାଳରେ ମରଣ ସହ ଲଢି ଯାତାୟାତ କରୁଥିଲେ। ନାଳର ପ୍ରଖର ସୁଅରେ ବେଳେ ବେଳେ ପଞ୍ଚାୟତବାସୀଙ୍କୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିଲା। ବର୍ଷା ଦିନେ ଉକ୍ତ ଅଞ୍ଚଳର ଲୋକେ ଜଳବନ୍ଦୀ ଜୀବନ ବିତାଉଥିଲେ। ଗାଁକୁ ଆମ୍ବୁଲାନ୍ସ ଆସିପାରୁ ନ ଥିଲା। ଫଳରେ ଡାକ୍ତରଖାନାରେ ପହଞ୍ଚିବା ପାଇଁ ଅନେକ ରୋଗୀ ହନ୍ତସନ୍ତ ହେଉଥିଲେ।

# ୨ଜଣଙ୍କଠାରୁ ଲକ୍ଷାଧିକ ଟଙ୍କା ଠକି ନେଲେ

ମାଲକାନଗିରି, ୮।୭(ଡି.ଏନ.ଏ.)



ଠକେଇରେ ଶିକାର ହୋଇଥିବା ୨ ବ୍ୟକ୍ତି ।

**ସାଇବାର ଠକେଇ**

- ଟିକେଟ କ୍ୟାନସଲେସନ ପାଇଁ ଠକେଇରେ ପଡିଲେ
- ମାଲକାନଗିରି ସାଇବର ପୋଲିସର ତନାଘନା
- ଜଣକର ୧୦,ଅନ୍ୟଜଣକର ଗଲା ୨୬ ହଜାର

ମାଲକାନଗିରି ଜିଲାରେ ବର୍ତ୍ତମାନ ସାଇବର ଲୁଟେରା ସକ୍ରିୟ ହୋଇପଡିଛନ୍ତି। ନୀରିହ ଆଦିବାସୀଙ୍କୁ ସେମାନେ ଟାର୍ଗେଟ୍ କରୁଛନ୍ତି। ଏହି ସାଇବର ଲୁଟେରାମାନେ ବହୁ ଅଭିନବ ଉପାୟ ଅବଲମ୍ବନ କରି ଲୋକଙ୍କ କଷ୍ଟାର୍ଜିତ ଅର୍ଥକୁ ଅତି ସହଜରେ ଲୁଟି ନେଉଛନ୍ତି। ନିକଟରେ ସାଁବର ଲୁଟେରାମାନେ ୨ଜଣଙ୍କୁ ଲୁଟିଛନ୍ତି। ସେମାନଙ୍କଠାରୁ ଲକ୍ଷାଧିକ ଟଙ୍କା ଠକି ନେଇଛନ୍ତି। ଏନେଇ ମାଲକାନଗିରି ସାଇବର ପୋଲିସ ଜାଣିବା ପରେ ତନାଘନା ଚଳାଇ ଅର୍ଥ ଉଦ୍ଧାର କରିବାକୁ ସଫଳ ହୋଇଛି।

ଖବରରୁ ଜଣାପଡିଛି ମାଲକାନଗିରି ଜିଲାର କୈଳାସ ଚନ୍ଦ୍ର ଧାକଡଙ୍କୁ ଜଣେ ବ୍ୟକ୍ତି ବ୍ୟାଙ୍କରୁ କହୁଛି ବୋଲି କହି ତାଙ୍କର ବ୍ୟାଙ୍କ ଆକାଉଣ୍ଟ ନମ୍ବର ନେଇଯାଇ ପରେ ସେଥିରୁ ୮୦ ହଜାର ଲୁଟି ନେଇଥିଲେ। ସେହି ପରିମାଣିକ ହାଲଦାର ନାମକ ଜଣେ ବ୍ୟକ୍ତି ମେକମାଇ ଟ୍ରିପ ଜରିଆରେ ଏୟାର ଟିକେଟ ବୁକିଂ କରିଥିଲେ। ତାଙ୍କ ଟିକେଟ କ୍ୟାନସଲେସନ ପାଇଁ ୱେବ୍‌ସାଇଟ ନମ୍ବରରେ ଜଣଙ୍କୁ ଯୋଗାଯୋଗ କରିଥିଲେ। ପରେ ସେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ନିଜ ବ୍ୟାଙ୍କ ଆକାଉଣ୍ଟରର ସମସ୍ତ ତଥ୍ୟ ଓ ଏଟିଏମ୍ ପିନ୍ ନମ୍ବର ଦେଇଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ଆକାଉଣ୍ଟରୁ ୪୮ ହଜାର ଟଙ୍କା ଗାଏବ ହୋଇଯାଇଥିଲା। ଏ ସମ୍ପର୍କରେ ହାଲଦାର ମାଲକାନଗିରି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସାଇବର ପୋଲିସ ଘଟଣାର ଖୋଳତାଡ କରି ହାଲଦାରଙ୍କ ସମେତ ୨ଜଣ ବ୍ୟକ୍ତି ଏପରି ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲା। ହାଲଦାରଙ୍କ ଆକାଉଣ୍ଟକୁ ୨୨ ହଜାର ଟଙ୍କା ଫେରାଇ ଆଣିବାରେ ପୋଲିସ ସଫଳ ହୋଇଥିବା ବେଳେ ପ୍ରଥମେ ଠକେଇର ଶିକାର ହୋଇଥିବା କୈଳାସଙ୍କ ୭୦ ହଜାର ଟଙ୍କା ଫେରାଇ ଆଣିବାରେ ସଫଳ ହୋଇଛି। ଏହି ୨ଟି ଘଟଣାରେ ପୋଲିସ ଲକ୍ଷାଧିକ ଟଙ୍କା ଫେରାଇ ଆଣିପାରି ଅଭିଯୋଗକାରୀଙ୍କ ଆସ୍ଥାଭାଜନ ହୋଇପାରିଛି। ଏନେଇ ମାଲକାନଗିରି ଏସ୍.ପି. ଜଗମୋହନ ମୀନା କହିଛନ୍ତି ଯେ, କେହି ସାଇବର କ୍ରାଇମରେ ଠକେଇର ଶିକାର ହେଲେ ସଙ୍ଗେ ସଙ୍ଗେ ବ୍ୟାଙ୍କ କର୍ମଚାରୀଙ୍କୁ ଜଣାଇ ନିଜର ଆକାଉଣ୍ଟ ସିଜ୍ କରନ୍ତୁ। ଏଥିସହ ଜିଲା ସଦର ମହକୁମାସ୍ଥିତ ସାଇବର କ୍ରାଇମରେ ଅଭିଯୋଗ କରିବାକୁ ଦାଖଲ କରିବା ପାଇଁ ସେ କହିଛନ୍ତି। ବ୍ୟାଙ୍କ ଗ୍ରାହକମାନଙ୍କୁ ସଚେତନ ରହିବା ପାଇଁ ବିଭିନ୍ନ ପରାମର୍ଶ ଦେଇଛି। ଡେବିଟ୍ ଓ କ୍ରେଡିଟ କାର୍ଡର ନମ୍ବର କାହାକୁ ନ ଦେବା, ନିଜ ବ୍ୟାଙ୍କ ଆକାଉଣ୍ଟର ନମ୍ବର ଓ ଇ ମେଇଲ୍ ପ୍ରତି ଯତ୍ନବାନ ହେବା, ହୋଟେଲ, ପେଟ୍ରୋଲ ପମ୍ପ ମଲ୍ ଆଦିରେ କାର୍ଡରେ ଟଙ୍କା ପୈଠ ବେଳେ ସତର୍କ ରହିବା, କେହି ପଛରେ ଠିଆ ହୋଇଥିଲେ ତାଙ୍କୁ ବିନମ୍ରତାର ପଛକୁ ଯିବାକୁ କହିବା ନେଇ ବ୍ୟାଙ୍କ ପରାମର୍ଶ ଦେଇଥିବା ଏସପି କହିଛନ୍ତି।

# ବିଜୁ ଯୁବବାହିନୀ ପକ୍ଷରୁ ରକ୍ତଦାନ ଶିବିର

ମାଥିଲି,୮।୭-

ମାଲକାନଗିରି ଜିଲା ବିଜୁ ଯୁବବାହିନୀ ପକ୍ଷରୁ ସୋମବାର ମାଥିଲି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସ୍ଥାନୀୟ ଅଞ୍ଚଳର ଯୁବବର୍ଗ ରକ୍ତଦାନ କରିଥିଲେ। ଶିବିରରେ ୨୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଏହାକୁ ଜିଲା ରକ୍ତ ଭଣ୍ଡାରକୁ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଯେ, ଜିଲା ରକ୍ତ ଭଣ୍ଡାରରେ ରକ୍ତ ଅଭାବରୁ ଗୁରୁତର ରୋଗୀମାନେ ରକ୍ତ ପାଇପାରୁ ନ ଥିଲେ। ଏନେଇ ସମସ୍ୟା ସୃଷ୍ଟି ହେଉଛି। ଏହାକୁ ଦୃଷ୍ଟିରେ ରଖି ବିଜୁ ଯୁବବାହିନୀ ଏପରି ଜନହିତକର କାର୍ଯ୍ୟ ହାତକୁ ନେଇଛି। ଜିଲା ପରିଷଦ ସଦସ୍ୟ ବାଲାରାଜୁ କପେ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିଳ୍ପକେନ୍ଦ୍ର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା, ପ୍ରକଳ୍ପ ଅଧିକାରୀ ଦେବା ସୋଡି, ସଂଯୋଜକ ଗୋପୀନାଥ ନାୟକ ଶିବିର ପରିଚାଳନା କରିଥିଲେ। ରକ୍ତଭଣ୍ଡାର ଡାକ୍ତର ସନ୍ତୋଷ କୁମାର ଚୌଧୁରୀ, ଏଲ୍.ପି. ସୁଜଳ କୁମାର ରାୟ ରକ୍ତସଂଗ୍ରହ କରିଥିଲେ।

# ଚିତ୍ରକୋଣ୍ଡାରେ ଜନଶୁଣାଣି କାର୍ଯ୍ୟକ୍ରମ

ଚିତ୍ରକୋଣ୍ଡା,୮।୭(ଡି.ଏନ.ଏ.)

ସୋମବାର ଚିତ୍ରକୋଣ୍ଡା ବ୍ଲକରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାଲକାନଗିରି ଜିଲା ପ୍ରଶାସନ ପକ୍ଷରୁ ଏଡ଼ିଏମ ବୀରସେନ ପ୍ରଧାନ, ଉପଜିଲାପାଳ ରାମେଶ୍ୱର ପ୍ରଧାନ, ଆଇଟିଡିଏର ପିଏ ରାମକୃଷ୍ଣ ଗଣ୍ଡ, ଚିତ୍ରକୋଣ୍ଡା ତହସିଲଦାର ଟି. ପଦ୍ମନାଭ ଦୋରା, ଅତିରିକ୍ତ ବିଡିଓ ବେନୁ କିଷାନ, ସିଡିପିଓ ଅନ୍ନପୂର୍ଣ୍ଣା ବୁରୁଦା ସହ ବହୁ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ୧୯ଟି ଅଭିଯୋଗ ଶୁଣାଣି ପାଇଁ ଆସିଥିଲା। ଅଭିଯୋଗ ମଧ୍ୟରେ ସ୍ୱାଭିମାନ ଅଞ୍ଚଳକୁ ରାସ୍ତାଘାଟ ନିର୍ମାଣ ଓ ପାନୀୟ ଜଳ ଯୋଗାଣ , ଚିତ୍ରକୋଣ୍ଡା ବାସିନ୍ଦାଙ୍କୁ ଘରବାଡ଼ି ଜାଗା ଓ ଇନ୍ଦିରା ଆବାସ ମିଳୁ ନ ଥିବା, ଡ୍ରେନେଜ୍ ସମସ୍ୟା, ନୂତନ ବ୍ଲକ କାର୍ଯ୍ୟାଳୟ ଶୀଘ୍ର କାର୍ଯ୍ୟକ୍ଷମ କରିବା, ବ୍ଲକରେ ପଞ୍ଚାୟତ ନିର୍ବାଚନ କରିବା ନେଇ ଅଭିଯୋଗ ଆସିଥିଲା। ଅଭିଯୋଗଗୁଡ଼ିକୁ ଗୁରୁତର ସହ ନିଆଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ।


# CLASSIFIED DISPLAY

MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି ।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

ଲୋନ! ଲୋନ! ଲୋନ
BFC FINANCE
୧ ରୁ୫୦ ଲକ୍ଷ୍ୟ ଲୋନ
ଗୃହଋଣ୍, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଋଣ
ଉଜ୍ଜ୍ୱଳ ଫାଇନାନ୍ସ ଲି଼
ବିନା ଗ୍ୟାରେଣ୍ଟିର ମହିଳା/ପୁରୁଷ
10 ବର୍ଷରେ ଫେରସ୍ତ
1% ସୁଧ 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି
(1ରୁ 50 ଲକ୍ଷ) ଋଣ ଉପଲବ୍ଧ
8743077374
8743913774
ujjawalfinancelimited@gmail.com
Add : - 41/14, Sec.1, Pushp Vihar, Delhi

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ
ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ୍ୟ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :-
201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

All INDIA FINANCE COMPANY
ଏବେ କରିବ
ଗ୍ରାମ/ସହର ପାଇଁ ସବୁ ବଡ଼ ଋଣ
50,000-୨୫ ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର କାର୍ଡ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ।
1% ସୁଧ, 40% ରିହାତି
(ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ)
Helpline
09485665198
PO- BARAHAGODA, BARAHAGODA, BARGARH, ODISHA 768040

BUSINESS

Bhartiya Infotech Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 70 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। ମାସିକ 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office
G-79 Aadrsh Nagar Karol Bagh
9078842412

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
କଂପାନୀ ଜିଣ୍ଡଲ୍ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ
୨୦,୦୦୦,୦୦/- ପାଆନ୍ତୁ ଓ ମାସକୁ ଭଡା 50,000/- ଟଙ୍କା ପାଆନ୍ତୁ । ୧ ଚାକିରି + ବାଇକ୍ ୨୦ ବର୍ଷର କୋର୍ଟ ଅଗ୍ରୀମେଣ୍ଟ ।
Plot No - 14/271, Devaraja Mohalla, Bangalore, Karnataka 570001
8929313996
7042350747

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

GTL Telecom Network Company
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ ଫ୍ରୀ + ବାଇକ୍+ 30,000ର ଅନ୍ୟାନ ସୁବିଧା ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
8676907143
9348274623

ASTROLOGY

ଭଟକିବାରୁ ବଞ୍ଚନ୍ତୁ
କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠାକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

EDUCATION

ADMISSION OPEN FOR 2019-21
B.Ed
Acharya Nagarjuna University
UGC & NCTE Approved
Equivalent to Utkal University
FREE Practical & Form fill up Fees, Weekend Class & Study Material
NIDT Since 2001
Exclusive B.Ed Academy
B.J.B. Nagar, Lewis Road, Bhubaneswar
9338229373, 7978204082
9438286091

ତାଳଚେର, କଣିହାଁ ଓ ଛେଣ୍ଡିପଦା ବ୍ଲକର ଛାତ୍ର ଓ ଛାତ୍ରୀଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ
ଅନୁଗୋଳ ଜିଲ୍ଲା ଖଣିଜ ଫାଉଣ୍ଡେଶନ ସହାୟତାରେ ନିୟତୀ ଫାଉଣ୍ଡେଶନ, ଭୁବନେଶ୍ୱର Staff Selection Commission, Banking Services (PO and Clerical ), Railway Recruitment ଇତ୍ୟାଦି ପରୀକ୍ଷା ପାଇଁ ଉପରୋକ୍ତ ବ୍ଲକର ସମସ୍ତ ଯୋଗ୍ୟ ଛାତ୍ର ଓ ଛାତ୍ରୀଙ୍କ ନିମନ୍ତେ ମାଗଣା Coaching ବ୍ୟବସ୍ଥା କରୁଛି । Coaching ସହରହିବା ଓ ଖାଇବା ମାଗଣା । ଆଗ୍ରହୀ ଛାତ୍ର ଛାତ୍ରୀ ତା ୧୩. ୦୭. ୨୦୧୯ ସକାଳ ୯ ଘଟିକା ସମୟରେ ଚୟନ ପ୍ରକ୍ରିୟା (Screening Test) ରେ ଉପସ୍ଥିତ ରହିବାକୁ ଅନୁରୋଧ ।
Required documents : Id proof, Educational Certificate,Income Certificate, Residential certificate and Passport photo.
ଶିକ୍ଷାଗତ ଯୋଗ୍ୟତା : +2 / +3 Passed
ବୟସ ସୀମା : ୧୮ ରୁ ୨୮ ବର୍ଷ
ଯୋଗାଯୋଗ କରନ୍ତୁ :
Mob- 7978418326, 8763413340
Land Ph: 0674-2473757
Address: Kulad Near Incometax office, Kulad NALCO Nagar, Angul.
Email:niyateefoundation@gmail.com
Website: http://www.niyateefoundation.org


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# କାଦୁଅରେ ଭର୍ତ୍ତି ରାସ୍ତା

- ଯାତାୟାତରେ ସମସ୍ୟା ଭୋଗୁଛନ୍ତି ଗ୍ରାମବାସୀ
- ୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ରାସ୍ତା ଲୋକଙ୍କ କାମରେ ଆସୁନି
- ଆମ୍ବୁଲାନ୍ସ ଗାଁ ଭିତରକୁ ଆସି ପାରୁନି

ନବରଙ୍ଗପୁର,୮।୭(ବି.ପ୍ର.)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଖାଣ୍ଡା ପଞ୍ଚାୟତ ଅଧୀନ କରଣ୍ଡିଆ ଗୁଡା ହରିଜନ ସାହି ଠାରୁ ଗୋପିସାଇ ପର୍ଯ୍ୟନ୍ତ ରହିଥିବା ରାସ୍ତା ଏବେ କାଦୁଅରେ ପଚପଚ । ଫଳରେ ଲୋକମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ୨୦୧୭-୧୮ ବର୍ଷରେ ଏମଜିଏନଆରଇଜିଏସ ଯୋଜନାରେ ୧କିମି ରାସ୍ତା ନିର୍ମାଣ କରାଯାଇଥିଲା । ୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣଧିନ ରାସ୍ତା ଏବେ ଗ୍ରାମବାସୀଙ୍କ କୌଣସି କାର୍ଯ୍ୟରେ ଅସୁନାହିଁ। ସାମାନ୍ୟ ବର୍ଷା ହେଲେ ରାସ୍ତାରେ ପାଣି ପରି କାଦୁଅ ହୋଇ ଯାଉଛି । ଚାଲିକି ଯିବା ବେଳେ ଗୋଡ କାଦୁଅରେ ପଶି ଯାଉଛି। ଚପଲ ହାତରେ ଧରି ଚାଲିବାକୁ ପଡୁଛି । ଶିଶୁମାନେ ଅଙ୍ଗନୱାଡି କେନ୍ଦ୍ର ଓ ଛାତ୍ରୀଛାତ୍ର ବିଦ୍ୟାଳୟ, କଲେଜ ଓ ଗର୍ଭବତୀ ଡାକ୍ତରଖାନା ଯିବାରେ ସମସ୍ୟା ଭୋଗୁଛନ୍ତି । ସାଇକେଲ, ବାଇକ ମଧ୍ୟ ଉକ୍ତ ରାସ୍ତା ଦେଇ ଯିବା ଆସିବା କରି ପାରୁ ନାହିଁ । ଆମ୍ବୁଲାନ୍ସ ଗାଁ ଭିତରକୁ ଆସୁ ପାରୁ ନାହିଁ । କୌଣସି ଜରୁରୀ କାଳିନ ପରିସ୍ଥିତିରେ ଘରୁ ବାହାରି କୌଣସି ସ୍ଥାନକୁ ଯିବାକୁ ହେଲେ ଏହି ରାସ୍ତାକୁ ବ୍ୟବହାର କରାଯାଉଛି । ଗାଁରେ ଥିବା ୫ଶହ ପରିବାର ଏହି ସମସ୍ୟା ଭୋଗୁଛନ୍ତି । ବ୍ଲକ ଓ ଜିଲା ପ୍ରଶାସନ ତୁରନ୍ତ ଏହାକୁ ପକ୍କା ରାସ୍ତା କରନ୍ତୁ ବୋଲି ଗ୍ରାମବାସୀ କହିଛନ୍ତି।



କାର୍ଯ୍ୟାଦେଶର ଫଳକ ।


କାଦୁଅରେ ଭର୍ତ୍ତି ହୋଇଥିବା ରାସ୍ତା ।

## ସଂକ୍ଷେପରେ

### ବିଦ୍ୟାଳୟରେ ଚାରାରୋପଣ



ଚନ୍ଦାହାଣ୍ଡି, ୮।୭ (ଡି.ଏନ.ଏ.)- ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଜମାଦାରପଡା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ସୋମବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବିଇଓ ଭଜନଲାଲ ମାଝି, ପ୍ରଧାନଶିକ୍ଷକ ନିଳକଣ୍ଠ ଦାସ, ପରିଚାଳନା କମିଟି ସଭାପତି ଫୁଲଚନ ଦଳେଇ, ଶିକ୍ଷକ ଦେବାନନ୍ଦ ନାୟକ, ପ୍ରଦୀପ ପାଢ଼ି, ନିଳାମ୍ବର ପଟେଲ, କୈବଲ୍ୟପୂଜାରୀ, ମଳୟବସନ୍ତ ସାହୁ, ଈଶା ନାୟକ, ଇନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରକାର ବୃକ୍ଷରୋପଣ କରିଥିଲେ ।

### ଭାଜପା ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ



ନବରଙ୍ଗପୁର,୮।୭(ବି.ପ୍ର)- ନବରଙ୍ଗପୁର ଚାମୁରିଆଗୁଡାଠାରେ ଭାଜପାର ନୂତନ କାର୍ଯ୍ୟାଳୟ ଉଦଘାଟିତ ହୋଇଛି। ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଏହାକୁ ଉଦଘାଟନ କରିଥିଲେ। ନବରଙ୍ଗପୁର ନଗର ମଣ୍ଡଳର ୨୦୧୯ ସଦ୍ୟସତା ଅଭିଯାନ ଜିଲା ସଭାପତି ଗୋବିନ୍ଦ ଜୈନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ନବରଙ୍ଗପୁର ଜିଲା ସଦସ୍ୟତା ଅଭିଯାନ ପ୍ରଭାରୀ ରମେଶ ସାହୁ, ଗୌରୀ ଶଙ୍କର ମାଝି ଯୋଗ ଦେଇଥିଲେ। ପୂର୍ବତନ ଏମପି ପର୍ଶୁରାମ ମାଝି, ଜିଲା ଉପସଭାପତି ସତ୍ୟାବଦୀ ଷଡଙ୍ଗୀ, ମୃତ୍ୟୁଞ୍ଜୟ ମହାରଣା, ନଗର ସାଧାରଣ ସମ୍ପାଦକ ମନୋହ ମହାକୁଡ ପ୍ରମୁଖ ଉପସ୍ଥିତ ରହି ନବରଙ୍ଗପୁର ମଣ୍ଡଳସ୍ତରୀୟ ସଦସ୍ୟତା ପ୍ରଭାରୀ, ସହ ପ୍ରଭାରୀ, ବୁଥସ୍ତରୀୟ ପ୍ରଭାରୀ ଓ ସହ ପ୍ରଭାରୀ ଚୟନ କରିବା ସହ ନବରଙ୍ଗପୁର ଜିଲାର ଧାର୍ଯ୍ୟ ୨ ଲକ୍ଷ୍ୟ ସଦସ୍ୟତା କରିବା ଉପରେ ନିଷ୍ପତ୍ତି ନିଆଯାଇଥିଲା।

### ଇଟା ବୋଝେଇ ଟ୍ରାକ୍ଟର ଓଲଟି ୨ମୃତ, ୩ ଗୁରୁତର

ସୋରଡ଼ା,୮।୭(ଡି.ଏନ୍.ଏ.)- ସୋରଡ଼ା ବ୍ଲକ ଅସୁରବନ୍ଧ ପଞ୍ଚାୟତର ମେଣ୍ଟିଆମ୍ବ ଗ୍ରାମ ନିକଟରେ ଏକ ଇଟା ବୋଝେଇ ଟ୍ରାକ୍ଟର ଓଲଟି ପଡ଼ିବାରୁ ୨ଜଣ ଶ୍ରମିକଙ୍କ ମୃତ ଘଟିଥିବା ବେଳେ ୩ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ତ୍ରିଲୋଚନ ଦାଶ (୫୦) ଓ ଅଭିନାୟକ(୪୦)। ମଠସାହିର ଭଜନାୟକ, ଆଦି ନାୟକ, ଅଭିନାୟକ, ସୂର୍ଯ୍ୟ ନାୟକ, ତ୍ରିଲୋଚନା ସ୍ଥାନୀୟ ବରାଡ଼ି ଅଞ୍ଚଳର ଗୋଟିଏ ଟ୍ରାକ୍ଟରରେ ମେଣ୍ଟିଆମ୍ବ ନିକଟରେ ଇଟା ଲୋଡ କରି ସୋରଡ଼ା ଅଭିମୁଖେ ଫେରୁଥିଲେ। ଗାଡ଼ିଟି ଭାରସାମ୍ୟ ହାରଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିବାରୁ ସମସ୍ତେ ଇଟା ତଳେ ଚାପି ହୋଇଯାଇଥିଲେ। ଖବର ପାଇ ଗାଡ଼ି ମାଲିକ ସମସ୍ତଙ୍କୁ ଉଦ୍ଧାର କରି ଆସିକା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ତ୍ରିଲୋଚନ ଓ ଅଭିନାୟକଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରିଛି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନାଧିକାରୀ ପ୍ରଭାତ ସାହୁ କହିଛନ୍ତି।

### ବନ୍ଦ ହେଉନି ପଲିଥିନ୍

ଚିକିଟି,୮।୭(ଡି.ଏନ.ଏ.): ଚିକିଟିପେଣ୍ଠ ମୁଖ୍ୟ ବଜାର, ଚାନ୍ଦପୁର, ନୂଆପଡା ଏବଂ ଆଖପାଖ ଗ୍ରାମାଞ୍ଚଳରେ ଥିବା ଦୋକାନ ଗୁଡ଼ିକରେ ବ୍ୟାପକ ପରିମାଣରେ ପଲିଥିନ ବ୍ୟବହାର ହେଉଥିବା ଅଭିଯୋଗ ହେଉଛି। ଏନେଇ ୨୦୧୬ରେ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ୫୦ ମାଇକ୍ରୋନରୁ ଊର୍ଦ୍ଧ୍ୱ ପଲିଥିନର ବ୍ୟବହାର କରିବାକୁ ନିର୍ଦ୍ଦେଶନାମା ରହିଛି। କିନ୍ତୁ ଏହି ନିୟମକୁ ଉଲ୍ଲଂଘନ କରି ଚିକିଟି, ଚାନ୍ଦପୁର, ନୂଆପଡା ଏବଂ ଆଖପାଖ ଗ୍ରାମର ବ୍ୟବସାୟୀମାନେ ପ୍ରଦୂଷଣ ସୃଷ୍ଟି କରୁଥିବା ପଲିଥିନିକୁ ବ୍ୟବହାର କରୁଛନ୍ତି।

# ବ୍ରିଜ ପାର୍ଶ୍ୱରୁ ଦବିଲା ମାଟି

ଚନ୍ଦାହାଣ୍ଡି, ୮।୭(ଡି.ଏନ.ଏ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଏବଂ ଛତିଶଗଡକୁ ସଂଯୋଗ କରୁଥିବା ତେଲନଦୀ ବ୍ରିଜ ଲଗାଣ ବର୍ଷାରେ ପାର୍ଶ୍ୱର ମାଟି ଦବିଯାଇଛି। ଏହି ବ୍ରିଜ ଦେଇ ନବରଙ୍ଗପୁରଠାରୁ ଚନ୍ଦାହାଣ୍ଡି ଦେଇ ରାୟପୁର, ସମ୍ବଲପୁର, ଭୁବନେଶ୍ୱରକୁ ଦୈନନ୍ଦିନ ଶହ ଶହ ଭାରିଯାନ ସହ ଗାଡି ମୋଟର ଚଳାଚଳ କରୁଛି। ପ୍ରଥମେ ଏହା ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ମାଣ କରିଥିବାବେଳେ ଏବେ ଏହା ପୂର୍ତ୍ତବିଭାଗକୁ ହସ୍ତାନ୍ତର କରାଯାଇଛି। ବ୍ରିଜପାର୍ଶ୍ୱ ଦବିବା ପରେ ଭାରିଯାନଗୁଡିକ ସତର୍କତାର ସହ ଯିବାଆସିବା କରୁଛି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରୁ ତୁରନ୍ତ ତାହାକୁ ମାଟି ପକାଯାଇ ଫିଲିଂ କରାଯିବ ବୋଲି କହିଛନ୍ତି ।


ତେଲନଦୀ ବ୍ରିଜ ରାସ୍ତା ଦବିଯାଇଛି ।

# ବିଷାକ୍ତ ଛତୁ ଖାଇ ୩ ଅସୁସ୍ଥ

ସୋର, ୮।୭(ଡି.ଏନ.ଏ.)- ବାଲେଶ୍ୱର ଜିଲା ସୋର ଥାନା ଅଧୀନ ବାଳଙ୍ଗ ଗ୍ରାମରେ ବିଷାକ୍ତ ଛତୁ ଖାଇ ଏକ ପରିବାରର ୩ ଜଣ ଗୁରୁତର ହୋଇଛନ୍ତି। ସେମାନେ ସାର ଜେନା (୬୦), କଲ୍ୟାଣି ଜେନା (୧୭) ଓ ଧରମା ଜେନା (୧୫)। ସେମାନେ ରବିବାର ଛତୁ ଖାଇବା ପରେ ପେଟ ଯନ୍ତ୍ରଣା ଅନୁଭବ କରି ବାନ୍ତି କରିଥିଲେ। ସେମାନଙ୍କୁ ସୋର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।


ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡାସ୍ଥିତ ଗୋପାଳ ଶ୍ରୀକ୍ଷେତ୍ରର ଶ୍ରୀଜୀଉଙ୍କ ନୃସିଂହ ବେଶ ।

# ଛାତ୍ରୀଛାତ୍ରଙ୍କୁ ମାଗଣାରେ କମ୍ପ୍ୟୁଟର ଶିକ୍ଷା

ଝରିଗାଁ,୮।୭(ସ୍ୱ.ପ୍ର)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ସଦର ମହକୁମାରେ ରହିଥିବା ଆରାଧ୍ୟା ଚାରିଟେବଲ ଟ୍ରଷ୍ଟ ସହାୟତାରେ ସ୍କୁଲ ଏବଂ କଲେଜର ଗରିବ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ମାଗଣାରେ କମ୍ପ୍ୟୁଟର ଶିକ୍ଷା ପ୍ରଦାନ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ବାଣୁଆଗୁଡା ଠାରେ ଛଅ ମାସ ଧରି ତାଲିମ ଦିଆଯାଇଥିବା ଛାତ୍ରୀଛାତ୍ରଙ୍କୁ ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ ଅଳଙ୍କମଣୀ କୁଶ ଏବଂ ଗୁରୁସିଙ୍ଗା ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ ଦ୍ୱାରା ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ସେହିପରି ବେଲଗାଁ ପଞ୍ଚାୟତ ସଦର ଠାରେ ଆରାଧ୍ୟା ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ସରୋଜିନୀ କମ୍ପ୍ୟୁଟର ଏଜୁକେସନ୍‌ର ଶୁଭାରମ୍ଭ କରାଯାଇଥିଲା। ପ୍ରଥମ ଦିନରେ ୧୮ ଛାତ୍ରୀଛାତ୍ର ମାଗଣାରେ କମ୍ପୁଟର ଶିକ୍ଷା ପାଇବା ନେଇ ନାମ ପଞ୍ଜିକୃତ କରାଇଥିଲେ। ଗ୍ରାମାଞ୍ଚଳରେ ପିଲାମାନେ କମ୍ପ୍ୟୁଟର ଶିକ୍ଷା ପାଇବା ପରେ ସେମାନେ ରୋଜଗାରକ୍ଷମ ହେବା ସହ ସରକାରୀ ନିଯୁକ୍ତି କ୍ଷେତ୍ରରେ ସହାୟତା ହେଇପାରିବ ବେଲି ଟ୍ରଷ୍ଟର ମୁଖ୍ୟ ପରିଚାଳିକା ସାଗରିକା ଶତପଥି କହିଛନ୍ତି। ଅର୍ଣ୍ଣପୁର୍ଣ୍ଣା ଜେନା , ମାମିନା ଦାଶ, ମନୋଜ କୁମାର ସେଠୀ ପ୍ରମୁଖ ଉପସ୍ଥିତ ରହି କମ୍ପୁଟର ଶିକ୍ଷା ଉପରେ ଗୁରୁତ୍ୱାରୋପ ପ୍ରଦାନ କରିଥିଲେ।



ମାଗଣା କମ୍ପ୍ୟୁଟର ଶିକ୍ଷା ସମ୍ପର୍କରେ ସୂଚନା ଦିଆଯାଉଛି ।

# ବାଳିକା ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ

ଚନ୍ଦାହାଣ୍ଡି,୮।୭(ଡି.ଏନ.ଏ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକର ଯାଦବ ମାଝୀ ବାଳିକା ବିଦ୍ୟାଳୟରେ ଝରିଗାଁ ବନାଞ୍ଚଳ ଅଧୀନ ବନବିଭାଗ ପକ୍ଷରୁ ବନମହୋତ୍ସବ ପାଳିତ ହୋଇଛି। ଏହି ଅବସରରେ ଶତାଧିକ ଚାରା ରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଝରିଗାଁ ବନାଞ୍ଚଳ ରେଞ୍ଜର ମକୁନ୍ଦ ଦିଶାରୀ, ମୁଖ୍ୟବକ୍ତା ସାମାଜିକ କର୍ମୀ ତଥା ଜିଲା ବନ ସଂରକ୍ଷକ ଭକ୍ତ ଚନ୍ଦ୍ର ନାୟକ ଯୋଗ ଦେଇ ବୃକ୍ଷର ମହତ୍ୱ ବୁଝାଇଥିଲେ। ଝରିଗାଁ ବନପାଳ ହରେଲାଲ ନିଆଲ, ମାଲଗାଁ ବନପାଳ ବିପିନ କୁମାର ହରିଜନ, ମୋହରା ବନପାଳ ଗୁପ୍ତେଶ୍ୱର ପଟ୍ଟନାୟକ, କଙ୍ଗରା ବନପାଳ ଚନ୍ଦ୍ରଧ୍ୱଜ ଲାମତା, ପାରାଗାର୍ଡ କୈଳାଶ ଚନ୍ଦ୍ର ବେହେରା, କମଳାକାନ୍ତ ନାଗ ପରିଚାଳନା କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ନଜରାନା ପରବିନ, ସହକାରୀ ଶିକ୍ଷକ ଲକ୍ଷ୍ମୀ ନାୟକ, ଦେବରାଜ ସାହୁ, ସୁଚିତ୍ରା ଶତପଥୀ, ପ୍ରତିଭା ଖମାରୀ, ତରଣୀ ସାହୁ, ଧରିତ୍ରୀ ସାହୁ, ପ୍ରେମ ପୂଜାରୀ ପ୍ରମୁଖ ସହଯୋଗ କରିଥିଲେ।


ଚାରା ରୋପଣ କରାଯାଉଛି ।

## ଟ୍ରକ୍ ଧକ୍କାରେ ମହିଳାଙ୍କ ମୃତ୍ୟୁ,ସ୍ୱାମୀ ଓ ଝିଅ ଗୁରୁତର

କେନ୍ଦୁଝର, ୮।୭ (ସ୍ୱ.ପ୍ର.)

ସଦର ଥାନା ଅନ୍ତର୍ଗତ ରାଇସୁଆଁ ନିକଟ ୨୦ ନମ୍ବର ଜାତୀୟ ରାଜପଥରେ ଏକ ଟ୍ରକ୍ ଧକ୍କାରେ ସ୍ୱାମୀ ଓ ଝିଅଙ୍କ ସହ ଏକ ସ୍କୁଟରରେ ବସି ଯାଉଥିବା ସରସ୍ୱତୀ ସେଠୀ (୪୨) ନାମ୍ନୀ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ତାଙ୍କ ସ୍ୱାମୀ ଶୁଭନାଥ ସେଠୀ ଓ ଝିଅ ନିହାରିକା ପ୍ରିୟଦର୍ଶିନୀ ସେଠୀ (୧୯) ଗୁରୁତର ଆହତ ହୋଇ ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ମୃତା ମହିଳାଙ୍କ ନାମ ସରସ୍ୱତୀ ସେଠୀ (୪୨) । ସେମାନଙ୍କ ଘର ମୟୂରଭଞ୍ଜ ଜିଲା ଯଶୀପୁର ନିକଟ କପୁଣ୍ଡି ଗ୍ରାମରେ । ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ପୋଲିସ ଜବତ କରିବା ସହ ଚାଳକଙ୍କୁ ଗିରଫ କରିଛି । ଶୁଭନାଥ ଘୁଗୁରୁ ଗ୍ରାମର ତାଙ୍କ ଶ୍ୱଶୁର ଘରକୁ ଆସି ସେଠାରୁ ସୋମବାର ଅପରାହ୍ନରେ ଝୁମ୍ପୁରା ବ୍ଲକ ବାଲିବନ୍ଧ ନିକଟ ଏକ ଗ୍ରାମକୁ ବିବାହ କାର୍ଯ୍ୟରେ ଯୋଗଦେବାକୁ ଯାଉଥିବା ବେଳେ ବଡ଼ବିଲ ଅଭିମୁଖେ ଦ୍ରୁତଗତିରେ ଯାଉଥିବା ଟ୍ରକ ସ୍କୁଟରକୁ ପଛପଟୁ ଧକ୍କା ଦେଇଥିଲା । ସରସ୍ୱତୀ ରାସ୍ତା ଉପରକୁ ଛିଟିକି ପଡିଥିବା ବେଳେ ଟ୍ରକ ଚକ ତାଙ୍କ ମୁଣ୍ଡ ଉପରେ ଚଢିଯାଇଥିଲା । ଏହି ଅଞ୍ଚଳରେ ସମ୍ପ୍ରତି ବାରମ୍ବାର ଏଭଳି ଦୁର୍ଘଟଣା ଘଟି ୫ ଜଣଙ୍କ ଜୀବନ ହାନି ଘଟିଥିବାରୁ ସ୍ଥାନୀୟ ଲୋକେ ଚିନ୍ତା ପ୍ରକଟ କରିଛନ୍ତି।

## ଚୋରାମଦ ବେପାରୀ ଗିରଫ

ଯୋଡ଼ା,୮।୭(ଡ଼ି.ଏନ.ଏ.)

ବାମେବାରୀ ଥାନା ଅନ୍ତର୍ଗତ ଗୁରୁଡୁଆଁ ଗ୍ରାମମରେ ଚୋରା ମଦ କାରବାର କରୁଥିବା ଅଭିଯୋଗରେ ପୋଲିସ ପୁତୁ ମାଝି ନାମକ ଜଣେ ଅଭିଯୁକ୍ତକୁ ଗିରଫ କରିଛି । ବାମେବାରୀ ଥାନା ଅଧିକାରୀ ପରେଶ କୁମାର ମହାନ୍ତି ଏହି ସୂଚନା ଦେଇ କହିଛନ୍ତି ଯେ, ରବିବାର ବିଳମ୍ବିତ ରାତ୍ରିରେ ପୁତୁ ମାଝୀଙ୍କ ଘରେ ଚଢାଉ କରାଯାଇ ୧୦୦ଲିଟରେ ମହୁଲି ମଦ ଜବତ କରାଯାଇଥିଲା।

# ପୋଲିସ ଅନଲାଇନ ସର୍ଭିସ ପୋର୍ଟାଲ ଉଦଘାଟିତ

ଡାବୁଗାଁ, ୮।୭ (ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ କାର୍ଯ୍ୟାଳୟ ଠାରେ ଡାବୁଗାଁ ଥାନା ପକ୍ଷରୁ ପୋଲିସ ଅନଲାଇନ ସର୍ଭିସ ପୋର୍ଟାଲ ସୋମବାର ଉଦଘାଟିତ ହୋଇଯାଇଛି । ଏହି କେନ୍ଦ୍ର ପ୍ରତ୍ୟେକ ସୋମବାର ଖୋଲା ରହିବ । ଏଠାରେ ଜନସାଧାରଣମାନେ ପୋଲିସ ବିଭାଗ ସମ୍ପର୍କିତ ବିଭିନ୍ନ ସମସ୍ୟା ଉପରେ ଅଭିଯୋଗ କରିପାରିବେ। ଏହି କେନ୍ଦ୍ରକୁ ଥାନା ଆଇଆଇସି ମୁନି ଆଚାରୀ ଉଦଘାଟନ କରିଥିଲେ । ଏଥିରେ ସବଇନ୍ସପେକ୍ଟର ରଙ୍କନିଧି ସାହୁ, ଏଏସଆଇ ଗଣେଶ ଚନ୍ଦ୍ର ପଟ୍ଟନାୟକ ଓ ସଲମନ ଭୂୟାଁ , ପୋଲିସ କର୍ମଚାରୀ, ବ୍ଲକର ଅଧିକାରୀ, କର୍ମଚାରୀ ଓ ଜନସାଧାରଣ ମାନେ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ପୋଲିସ ଅଧିକାରୀ ଓ ଜନସାଧାରଣ ।

# ପୋଲିସ ସହାୟତା କେନ୍ଦ୍ର କାର୍ଯ୍ୟକ୍ରମ

ଚନ୍ଦାହାଣ୍ଡି,୮।୭(ଡି.ଏନ.ଏ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ପରିସରରେ ଚନ୍ଦାହାଣ୍ଡି ପୋଲିସ ଆନୁକୂଲ୍ୟରେ ପୋଲିସ ସହାୟତା କେନ୍ଦ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଚନ୍ଦାହାଣ୍ଡି ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ସହାୟତା କେନ୍ଦ୍ର ପ୍ରତିମାସର ଖୋଲାଯିବ ବୋଲି ଆଇଆଇସି ଅଭୟ ବେହେରା ସୂଚନା ଦେଇଛନ୍ତି। ଏହି ସହାୟତା କେନ୍ଦ୍ର ମାଧ୍ୟମରେ ଜନସାଧାରଣ ଏବଂ ପୋଲିସ ମଧ୍ୟରେ ସୁସମ୍ପର୍କ ସ୍ଥାପନ ସହ ସମନ୍ୱୟ ରହିପାରିବ । ଅଞ୍ଚଳର ବିଭିନ୍ନ ସମସ୍ୟା, ଅଭିଯୋଗର ସମାଧାନ ଏହି ସହାୟତା କେନ୍ଦ୍ର ମାଧମରେ କରାଯାଇ ପାରିବ ବୋଲି ଥାନା ଅଧିକାରୀ ସୂଚନା ଦେଇଥିଲେ।ଏଥିରେ ଥାନାର ବହୁ କର୍ମଚାରୀ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ।

- କ୍ଷତିଗ୍ରସ୍ତଙ୍କୁ ମିଳୁନି ବୀମା ଟଙ୍କା

# ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଚାଷୀ

ନବରଙ୍ଗପୁର,୮।୭(ବି.ପ୍ର.)

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଏଯାଏ କ୍ଷତି ପୂରଣ ମିଳିଲା ନାହିଁ । ଖରିଫ ଋତୁ ଧାନ ଅମଳ ଶେଷ ହୋଇ ପୁଣି ଖରିଫ ଫସଲ ଆରମ୍ଭ ହେଲାଣି । କିନ୍ତୁ ବୀମା ଟଙ୍କା ମିଳି ନ ଥିବାରୁ ସରକାରଙ୍କ ଉପରୁ ଚାଷୀଙ୍କ ଭରସା ତୁଟିବାରେ ଲାଗିଛି। ଝରିଗାଁ ବ୍ଲକର ଫୁପୁଗାଁ, ବରାଗୁଡା, ରିବିନୀଗୁଡା ଗ୍ରାମବାସୀ ଏ ନେଇ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ଯୋଜନାରେ ଏକର ପିଛା ୩୭୦ ଟଙ୍କା ଜମା କରିଥିଲେ । ଫସଲ ହାନୀ ହୋଇଥିବା ନେଇ କୃଷି ବିଭାଗକୁ ସେହି ସମୟରେ ଚାଷୀ ଜଣାଇଲେ । ବୀମା କମ୍ପାନୀ, ରାଜସ୍ୱ ବିଭାଗ ଓ କୃଷି ବିଭାଗକୁ ନେଇ ଏକ ସର୍ଭେ କରାଯାଇଥିଲା। ପରବର୍ତ୍ତି ସମୟରେ ରିପୋର୍ଟକୁ ଆଧାର କରି ସରକାର ନବରଙ୍ଗପୁର ଜିଲାକୁ ମରୁଡି ଘୋଷଣା କଲେ । ତେବେ ଏଯାଏ ଚାଷୀ କ୍ଷୟକ୍ଷତି ପାଇ ପାରିଲେ ନାହିଁ । ଏନେଇ ଝରିଗାଁ ବ୍ଲକର ଶତାଧିକ ଚାଷୀ ଜିଲାପାଳଙ୍କୁ ମରୁଡି ସହାୟତା ତଥା ପ୍ରଧାନମନ୍ତ୍ରୀ କୃଷି ବୀମା ଟଙ୍କା କିଭଳି ପାଇବେ ସେ ନେଇ ଲିଖିତ ଭାବେ ଜଣାଇଛନ୍ତି।


ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ଚାଷୀମାନେ ।

## ସଂକ୍ଷେପରେ

### ଆର୍‌. ଉଦୟଗିରିରେ ହେରାପଞ୍ଚମୀ



**ପାରଳାଖେମୁଣ୍ଡି, ୮।୭ (ସ୍ୱ.ପ୍ର.) -** ଗଜପତି ଜିଲା ଆର୍‌. ଉଦୟଗିରିରେ ପବିତ୍ର ହେରାପଞ୍ଚମୀ ଉତ୍ସବ ପାଳିତ ହୋଇଯାଇଛି । ପୌରାଣିକ ନୀତି ଅନୁଯାୟୀ ରଥଯାତ୍ରାର ପଞ୍ଚମ ଦିନରେ ମା' ଲକ୍ଷ୍ମୀ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଭାଙ୍ଗିବା ପରମ୍ପରା ରହିଛି। ଅନ୍ୟପକ୍ଷରେ ସୋମବାର ଠାକୁର ନୃସିଂହ ଅବତାରରେ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଇଥିଲେ। ଏଭଳି ଏକ ପବିତ୍ର ତିଥିରେ ଠାକୁରଙ୍କ ଦର୍ଶନ ପାଇଁ ଲମ୍ବା ଧାଡ଼ି ଦେଖିବାକୁ ମିଳିଥିଲା। ଏହି ଅବସରରେ ସନ୍ଧ୍ୟାରେ ଭଜନକୀର୍ତ୍ତନ ଓ ଭକ୍ତି ସଙ୍ଗୀତର ଆୟୋଜନ ମଧ୍ୟ କରାଯାଇଥିଲା। ଭକ୍ତମାନଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଆର୍‌. ଉଦୟଗିରି ପୋଲିସ ପକ୍ଷରୁ ସମସ୍ତ ବନ୍ଦୋବସ୍ତ କରାଯାଇଥିବା ସୂଚନା ମିଳିଛି।

### ଯୁବକଙ୍କୁ ହତ୍ୟା ଉଦ୍ୟମ ମାମଲା, ୩ ଗିରଫ

**ବ୍ରହ୍ମପୁର ଅଫିସ,୮।୭:** ସଦର ଥାନା ପୋଲିସ ଜଣେ ଯୁବକଙ୍କୁ ହତ୍ୟା ଉଦ୍ୟମ ମାମଲାରେ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଲୋଚାପଡାର ସୀମାଞ୍ଚଳ ସାହୁ (୨୨), ବିକାଶ ସାମନ୍ତରା (୧୮) ଓ ମନୋଜ ସାହୁ (୨୨)। ନଂ. ୧୬୮/୧୯ରେ ଅଭିଯୁକ୍ତମାନଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂଚନା ଦେଇଛି। ଘଟଣାର ମୁଖ୍ୟ ଅଭିଯୁକ୍ତ ଫେରାର ଅଛନ୍ତି । ତାଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ପୋଲିସ ସୂଚନା ଦେଇଛି । ପ୍ରକାଶ ଯେ, ଗତ ୨ ତାରିଖ ରାତି ପ୍ରାୟ ୧୦ଟା ବେଳେ କୁନା ସେଠୀ ତାଙ୍କର ଜଣେ ସାଙ୍ଗ ରଘୁ ସାହୁଙ୍କ ସହ ବାଇକ୍‌ରେ ଲୋଚାପଡା ଘରକୁ ଫେରୁଥିଲେ । ଲୋଚାପଡା ବଡ ସାହି ଛକରେ ୪ ଜଣ ଦୁର୍ବୃତ୍ତ ତାଙ୍କ ବାଇକ୍‌କୁ ଅଟକାଇ ଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସାଇରାମ ପାତ୍ର ଏକ ଲୁହା ରଡ୍‌ରେ କୁନାଙ୍କୁ ଆକ୍ରମଣ କରିଥିଲେ। ଏପରିକି ତାଙ୍କ ସହଯୋଗୀମାନେ ମଧ୍ୟ ମାଡ ମାରିଥିଲେ। ପରେ କୁନା ଏନେଇ ଥାନାରେ ଅଭିଯୋଗ କରିଥିଲେ।

■ ପାରଳାଖେମୁଣ୍ଡିର ପ୍ରସିଦ୍ଧ ରଥଯାତ୍ରା ପାଇଁ ଭକ୍ତ ସମାଗମ

# ଠାକୁର ଦେଖା ସହ ମୀନାବଜାରର ମଜା

**ପାରଳାଖେମୁଣ୍ଡି, ୮।୭ (ସ୍ୱ.ପ୍ର.)**

ପାରଳାଖେମୁଣ୍ଡି ସହରରେ ପବିତ୍ର ରଥଯାତ୍ରା ଅବସରରେ ଗୁଣ୍ଡିଚା ମନ୍ଦିରରେ ଥାଇ ଶ୍ରୀଜୀଉ ବିଭିନ୍ନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ତେବେ ହେରା ପଞ୍ଚମୀ, ବାହୁଡ଼ା ଦଶମୀ, ବଡ଼ ଏକାଦଶୀ ଆଦି ପବିତ୍ର ତିଥିରେ ଏଠାରେ ଶ୍ରଦ୍ଧାଳୁଙ୍କ ଭିଡ଼ ବଢ଼ିଥାଏ। ସୋମବାର ହେରା ପଞ୍ଚମୀ ହୋଇଥିବାବେଳେ ପାଗ ଭଲ ରହିଥିବାରୁ ସହର ସମେତ ବହୁ ଦୂରଦୂରାନ୍ତରୁ ଶ୍ରଦ୍ଧାଳୁ ଏଠାରେ ପହଞ୍ଚିଥିଲେ। ଅନ୍ୟପକ୍ଷରେ ରଥଯାତ୍ରା ପାଇଁ ସହରର ଗୁଣ୍ଡିଚା ପଡ଼ିଆ ଠାରେ ମୀନାବଜାର ଖୋଲିଥିବାବେଳେ ଶ୍ରଦ୍ଧାଳୁ ରଥଯାତ୍ରା ଦେଖିବା ସହ ଏହାର ମଜା ଉଠାଉଛନ୍ତି। ସେହିପରି ଭିଡ଼କୁ ଦୃଷ୍ଟିରେ ରଖି ବ୍ୟବସାୟୀ ମାନେ ମଧ୍ୟ ବେଶ୍ ଉତ୍ସାହିତ ଅଛନ୍ତି। ରଥଯାତ୍ରା ଠାରୁ ନୀଳାଦ୍ରୀ ବିଜେ ପର୍ଯ୍ୟନ୍ତ ୧୧ ଦିନ ଧରି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାବେଳେ ଏଠାରେ ଯାତ୍ରା ଶେଷ ପରେ ମଧ୍ୟ ଅସ୍ଥାୟୀ ବ୍ୟବସାୟୀ କେନ୍ଦ୍ର ଗୁଡିକ ଆଉ କିଛି ଦିନ ଖୋଲା ରହିବ। ରଥଯାତ୍ରା କମିଟି ପକ୍ଷରୁ ଚଳିତ ବର୍ଷ ୧୮ ଲକ୍ଷ ଟଙ୍କାରେ ଅସ୍ଥାୟୀ ଦୋକାନ ଓ ମୀନା ବଜାର ଠିକା ଦିଆଯାଇଛି। ଏହି ବଜାରରେ ଭୁବନେଶ୍ୱର, କଟକ, ବ୍ରହ୍ମପୁର ସମେତ ପଡ଼ୋଶୀ ଆନ୍ଧ୍ର ପ୍ରଦେଶରୁ ବହୁ ବ୍ୟବସାୟୀ ନିଜର ପସରା ଖୋଲିଥିବା ଦେଖିବାକୁ ମିଳିଛି । ବଜାର ସାଙ୍ଗକୁ ଫାଷ୍ଟଫୁଡ୍ ସେଣ୍ଟରରେ ବେଶ୍ ଭିଡ଼ ଜମୁଛି। ସେହିପରି ପ୍ରତିଦିନ ମଧ୍ୟାହ୍ନରେ ଯାତ୍ରା କମିଟି ମାଗଣା ପ୍ରସାଦ ସେବନର ବ୍ୟବସ୍ଥା କରିଛି।



ରଥଯାତ୍ରା ଅବସରରେ ଖୋଲିଥିବା ମୀନାବଜାର ।

# ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ, ମାମଲା ରୁଜୁ

## ୩ ଅଟକ, ୨ ବାଇକ୍ ଜବତ

**ବ୍ରହ୍ମପୁର ଅଫିସ,୮।୭**

ଚିକିଟି କେ. ନୂଆଗାଁ ଥାନା ଅଧୀନ କରବାଲୁଆ-ଭୋଳାସିଂ ରାସ୍ତାରେ ରବିବାର ଅପରାହ୍ଣରେ ସଂଘଠିତ ଦୁଇ ଗୋଷ୍ଠୀ ମଧ୍ୟରେ ହୋଇଥିବା ଗଣ୍ଡଗୋଳ ଓ ଗାଡ଼ି ଭଙ୍ଗାରୁଜା ଘଟଣାରେ ପୋଲିସ ୩ଜଣଙ୍କୁ ଥାନାରେ ଅଟକ ରଖିଛି । ଏନେଇ ନଂ. ୧୨୨/୧୯ ଓ ୧୨୩/୧୯ରେ ଦୁଇଟି ମାମଲା ରୁଜୁ ହୋଇଛି । ଉଭୟ ମାମଲାର ଅଭିଯୋଗକାରୀଙ୍କ ସମେତ ଅନ୍ୟ ଜଣେ ସହଯୋଗୀଙ୍କୁ ପୋଲିସ ଅଟକ ରଖି ତଦନ୍ତ ଚଳାଇଥିବା ଅତିରିକ୍ତ ଏସପି ମାୟାଧର ସେଠୀ ସୂଚନା ଦେଇଛନ୍ତି । ପ୍ରକାଶ ଯେ ରବିବାର ଅପରାହ୍ଣରେ ଭୋଳାସିଂ ନିକଟରେ ଥିବା ଏକ ବିଦେଶୀ ମଦ ଦୋକାନରେ ଦୁଇ ଗୋଷ୍ଠୀ ମଦ୍ୟପାନ କରିବା ପରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସେମାନଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟିଥିଲା । ଜେନାପୁରର ଟୁକୁନା ସେଠୀ ଓ ତାଙ୍କ ସହଯୋଗୀଙ୍କୁ ଆକ୍ରମଣ ହୋଇଥିଲା । ଅଭିଯୋଗ କ୍ରମେ ନଂ ୧୨୨/୧୯ରେ ମାମଲା ରୁଜୁ ହୋଇଥିବା ବେଳେ ମାଧବନ୍ଧର ପି. ତିରୁପତି ରେଡ୍ଡୀଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୧୨୩/୧୯ରେ ଏକ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଚଳାଇଥିବା ସେ କହିଛନ୍ତି ।

■ଆଧାର କାର୍ଡ ନାହିଁ ବୋଲି ଅବହେଳିତ ଦିବ୍ୟାଙ୍ଗ ଯୁବତୀ

# ସବୁ ପ୍ରକାର ସରକାରୀ ସୁବିଧାରୁ ବଞ୍ଚିତ ପାନ

**ବୈପାରୀଗୁଡ଼ା,୮।୭(ଡି.ଏନ୍.ଏ.)**

ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ବୋଦାପୁଟ ପଞ୍ଚାୟତର ତେନ୍ତୁଳିପଡା ଗ୍ରାମର ଜଣେ ଦିବ୍ୟାଙ୍ଗ ଯୁବତୀ ହେଲେ ପାନ ପୂଜାରୀ (୨୫)। ସେ ଜଣେ ମାସନିକ ଭିନ୍ନକ୍ଷମ ହୋଇଥିବା ବେଳେ ନିଜର ନିତ୍ୟକର୍ମ କରିବାକୁ ମଧ୍ୟ ଅକ୍ଷମ । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତାଙ୍କୁ ଶତ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ମିଳିଛି । କିନ୍ତୁ ଭିନ୍ନକ୍ଷମଙ୍କୁ ମିଳୁଥିବା ସୁବିଧା ସହାୟତା ପାଇବାରୁ ସେ ବଞ୍ଚିତ ହୋଇଛନ୍ତି। ସରକାରୀ ଭାବେ ମାସିକ ଭତ୍ତା ୭ ଶହ ଟଙ୍କା ପାଇବାର ନିୟମ ଥିବାବେଳେ ତାହା ତାଙ୍କୁ ମିଳୁନାହିଁ। ଏଥିପାଇଁ ଆଧାର କାର୍ଡ ପ୍ରମୁଖ ବାଧକ ହେଉଥିବା ସଂପୃକ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ କାଳିଚରଣ ସ୍ୱାଇଁ ପ୍ରକାଶ କରିଛନ୍ତି। ସେ ସରପଞ୍ଚଙ୍କ ସହ ଭିନ୍ନକ୍ଷମଙ୍କ ଘରକୁ ଯାଇ ତାଙ୍କ ନାମରେ ଆଧାର କାର୍ଡ ପ୍ରସ୍ତୁତ କରିବାକୁ କହିଛନ୍ତି। କିନ୍ତୁ ପରିବାର ଲୋକେ ଏଥିପାଇଁ ଅକ୍ଷମତା ପ୍ରକାଶ କରିଛନ୍ତି। ତାହାର କାରଣ ହେଲା ଆଧାର କାର୍ଡ କରିବାକୁ ହେଲେ ବୈପାରୀଗୁଡା ବ୍ଲକ ସଦର ମହକୁମା ସ୍ଥିତ ଆଧାର ଫଟୋଉଠା କେନ୍ଦ୍ରକୁ ସଂପୃକ୍ତ ଯୁବତୀଙ୍କୁ ଆଣିବାକୁ ପଡ଼ିବ। ତେନ୍ତୁଳିପଡ଼ାଠାରୁ ବ୍ଲକ ସଦର ମହକୁମା ପର୍ଯ୍ୟନ୍ତ ପ୍ରାୟ ୨୫ କି.ମି । ଏଠାରୁ ବୋଦାପୁଟ ପର୍ଯ୍ୟନ୍ତ ଦୂରତା ୬ କି.ମି ହୋଇଥିବା ବେଳେ ରାସ୍ତା ନାହିଁ । ପାହାଡ଼ ଚଢିବାକୁ ପଡିବ । ପାହାଡିଆ ରାସ୍ତାରେ ଭିନ୍ନକ୍ଷମ ଯୁବତୀଙ୍କୁ ବୋହି ଆଣିବା ସମ୍ଭବପର ହେଉ ନଥିବା ବେଳେ ଆଧାର କାର୍ଡ ହୋଇପାରୁନାହିଁ । ଫଳରେ ମାସିକ ଭତ୍ତା ସହ ଆବାସ ଘର ସୁବିଧା ମିଳୁନାହିଁ। ଭିନ୍ନକ୍ଷମଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ସାମିଲ କରି ମାସିକ ୩୫ କେଜି ଚାଉଳ ଯୋଗାଇଦେବାର ନିୟମ ଥିବାବେଳେ ସେ କେବଳ ମାସକୁ ୫ କିଲୋ ଚାଉଳ ପାଉଥିବା ଜଣାପଡିଛି ।



ଭିନ୍ନକ୍ଷମ ଯୁବତୀ ପାନ ପୂଜାରୀ।

## ମାଟ୍ରିକ ସପ୍ଲିମେଣ୍ଟାରୀ ୧୮୮୮ରୁ ୧୧୦ ପରୀକ୍ଷାର୍ଥୀ ଅନୁପସ୍ଥିତ

### ଜିଲାରେ କପି ଶୂନ

**କୋରାପୁଟ,୮।୭(ସ୍ୱ.ପ୍ର.)**

ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ସୋମବାର ରାଜ୍ୟରେ ଆରମ୍ଭ ହୋଇଥିବା ବେଳେ କୋରାପୁଟ ଜିଲାର ୧୨ଟି କେନ୍ଦ୍ରରେ ୧୮୮୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାର ଥିଲା। ସେଥିରୁ ୧୧୦ ଜଣ ଅନୁପସ୍ଥିତ ରହିଥିବା ଜିଲା ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ପଣ୍ଡା ସୂଚନା ଦେଇଛନ୍ତି। ସେହିପରି ପ୍ରଥମ ଦିନରେ କପିକରି ଜଣେ ହେଲେ କେହି ଧରାପଡ଼ି ନାହାନ୍ତି। ଏସ୍‌ଓଏସ୍ (ଓପନ ସ୍କୁଲ) ମାଧ୍ୟମରେ ମୋଟ ୨୮୦ ପିଲା ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ପାଇଁ ଫର୍ମ ଫିଲପ କରିଥିବାବେଳେ ସୋମବାର ସେଥିରୁ ମାତ୍ର ୧୮୦ ଜଣ ପିଲା ପରୀକ୍ଷା ଦେଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ଜିଲାର ୧୨ଟି କେନ୍ଦ୍ରରେ ପରୀକ୍ଷା ଦିଆଯାଉଥିବାବେଳେ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ କେନ୍ଦ୍ରରେ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି । ପରୀକ୍ଷା ପରିଚାଳନା ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କ ନେତୃତ୍ୱରେ ଗୋଟିଏ ସ୍କ୍ୱାଡ୍ କରାଯାଇଥିବାବେଳେ ବୋର୍ଡ ପକ୍ଷରୁ ଗୋଟିଏ ସ୍କ୍ୱାଡ୍ କରାଯାଇଛି।

# ୧୦୧ ଅଭିଯୋଗ ଶୁଣିଲେ ଜିଲାପାଳ

**କାଶୀନଗର, ୮।୭ (ଡି.ଏନ୍.ଏ.)**

ଗଜପତି ଜିଲାପାଳ ଅନୁପମ ଶାହା ସୋମବାର ସ୍ଥାନୀୟ ବ୍ଲକ୍ କାର୍ଯ୍ୟାଳୟରେ ଅଭିଯୋଗର ଶୁଣାଣି କରିଛନ୍ତି। ମୋଟ ୧୦୧ ଟି ଅଭିଯୋଗ ତଥା ୭୬ଟି ବ୍ୟକ୍ତିଗତ, ୨୫ଟି ସାମୂହିକ ସମସ୍ୟାର ଶୁଣାଣି କରି ରାୟଗଡ଼ ବ୍ଲକ୍‌ର ଏ. ଉମାନୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପାଣ୍ଠିରୁ ୨୦ ହଜାର ଟଙ୍କା ଏବଂ କାଶୀନଗର ବ୍ଲକ୍‌ର ଲକ୍ଷ୍ମୀକାନ୍ତ ସାହୁଙ୍କୁ ଜିଲା ରେଡ୍‌କ୍ରସ୍ ପାଣ୍ଠିରୁ ୫ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସମେତ ଏସ୍‌ପି ସାରା ଶର୍ମା, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଚଞ୍ଚଳ ରଣା, ବିଡିଓ ପ୍ରଣବ କୁମାର ବେହେରା, ବ୍ଲକ୍ ଅଧ୍ୟକ୍ଷ ଚିତ୍ରି ସୀମାଦ୍ରି ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।





ଜିଲାପାଳ, ଏସ୍‌ପି ଏବଂ ଅନ୍ୟ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

# ପଞ୍ଚାୟତ ବିକାଶ ଯୋଜନା ସମ୍ପର୍କିତ ପ୍ରଶିକ୍ଷଣ

**ପାରଳାଖେମୁଣ୍ଡି, ୮।୭ (ସ୍ୱ.ପ୍ର.)**

ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସୁରକ୍ଷା' ପକ୍ଷରୁ ସୋମବାର ଆମ ଗାଁ ଆମ ବିକାଶ ଯୋଜନା ଅନ୍ତର୍ଗତ ପଞ୍ଚାୟତ ବିକାଶ ସମ୍ପର୍କିତ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଡିଶା ଜୀବିକା ମିଶନ ଗଜପତି ଶାଖାର ଉପନିର୍ଦ୍ଦେଶକ ଗୁଣ୍ଡିଚା ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ପଞ୍ଚାୟତ ସ୍ତରରେ କିପରି ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ପହଞ୍ଚିପାରିବ ଏବଂ ଏହାର ସଫଳ ରୂପାୟନ ହୋଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ । ଏଥିରେ ନୂଆଗଡ଼ ବ୍ଲକ୍‌ର ୬୦ରୁ ଉର୍ଦ୍ଧ୍ୱ ପଞ୍ଚାୟତ ପ୍ରତିନିଧି, ଅଙ୍ଗନୱାଡ଼ି କର୍ମୀ ଏବଂ ଏସ୍‌ଏଚ୍‌ଜି ସଦସ୍ୟାମାନେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟତଃ ବିଭିନ୍ନ ପଞ୍ଚାୟତ ଅନ୍ତର୍ଗତ ଗ୍ରାମାଞ୍ଚଳରେ ସ୍ୱଚ୍ଛ ପାନୀୟଜଳ ବ୍ୟବସ୍ଥା, ଗମନା ଗମନ, ଉତ୍ତମ ସ୍ୱାସ୍ଥ୍ୟ ସେବା ଏବଂ ଶିକ୍ଷା ଆଦିର କିପରି ବିକାଶ ଘଟିବ ସେ ବିଷୟରେ ତାଲିମ ଦିଆଯାଇଥିଲା । ଗ୍ରାମାଞ୍ଚଳର ବିକାଶ ଘଟିଲେ କ୍ରମଶଃ ପଞ୍ଚାୟତ ଏବଂ ବ୍ଲକ୍ ସ୍ତରରେ ବିକାଶ ଘଟିବ। ତେଣୁ ସରକାରଙ୍କ ପକ୍ଷରୁ ଆମ ଗାଁ ଆମବିକାଶ କାର୍ଯ୍ୟକ୍ରମରେ ପ୍ରସ୍ତୁତ ବିଭିନ୍ନ ଯୋଜନାଗୁଡିକର ସଫଳ ରୂପାୟନ ପାଇଁ ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ଭୂମିକା ଏବଂ ପଞ୍ଚାୟତ ପ୍ରତିନିଧିମାନେ କିପରି ଯୋଜନାଗୁଡ଼ିକ ପରିଚାଳନା କରି ପଞ୍ଚାୟତ ସ୍ତରରେ ବିକାଶ କରିପାରିବେ ସେ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା । ଏଥିରେ ପ୍ରଶିକ୍ଷକଭାବେ ଦେବୀ ପ୍ରସାଦ ମିଶ୍ର ଓ ସୁନୀଲ ପାତ୍ର ଯୋଗ ଦେଇ ସମସ୍ତ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସହକାରୀ ନିର୍ଦ୍ଦେଶକ ଦେବେନ୍ଦ୍ର କର, ସୁରକ୍ଷା ସ୍ୱେଚ୍ଛାସେବୀ ଅନୁଷ୍ଠାନର ମୁଖ୍ୟ ଏସ୍. ମୋତୀଲାଲ ରେଡ୍ଡୀ, ସଂଯୋଜକ ଅକ୍ଷୟ ମହାନ୍ତିଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତଥିଲେ ।

# ବିପଦକୁ ଡାକୁଛି ରାସ୍ତାର ଗାତ

**ପାରଳାଖେମୁଣ୍ଡି, ୮।୭ (ସ୍ୱ.ପ୍ର.)**

ସ୍ଥାନୀୟ ସୁବାସନଗର ଠାରୁ ରେଳବାଇ ଛକକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଉପରେଥିବା କଲଭର୍ଟ ଉପରେ ସପ୍ତାହେ ହେଲା ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ଏହି ରାସ୍ତାରେ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ଏହି ରାସ୍ତାଦେଇ ଜିଲା କୋର୍ଟ, ନୂଆ ବସ୍‌ଷ୍ଟାଣ୍ଡ, ବଜାର ଆଦି ଅଞ୍ଚଳକୁ ଲୋକେ ପ୍ରତିଦିନ ଯିବା ଆସିବା କରିଥାନ୍ତି । ପାରଳାଖେମୁଣ୍ଡିର ସାପ୍ତାହିକ ଶନିବାର ହାଟକୁ ଯିବାକୁ ହେଲେ ମଧ୍ୟ ଲୋକେ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି । ଏହି ରାସ୍ତାର ଏକ ଡ୍ରେନ ଉପରେ କଲଭର୍ଟ ନିର୍ମାଣ କରାଯାଇଥିବାବେଳେ ତାହାର ମଧ୍ୟଭାଗରେ ଗର୍ତ୍ତ ସୃଷ୍ଟି ହୋଇଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଛି । ଗର୍ତ୍ତଟି ଏପରି ଅବସ୍ଥାରେ ରହିଛି ଯେ, ବଡ଼ ଦୁର୍ଘଟଣା ସମ୍ଭାବନା ଏଡ଼ାଇ ଦିଆଯାଇପାରିବ ନାହିଁ । କିନ୍ତୁ ଦୀର୍ଘ ଦିନର ଏହି ସମସ୍ୟା ଉପରେ କେହି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ତେଣୁ ତୁରନ୍ତ ଏହାର ମରାମତି ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ନିବେଦନ କରାଯାଇଛି । ସମସ୍ୟାର ସମାଧାନ ପାଇଁ ପୂର୍ବରୁ ଭାଜପା ନଗର ସଭାପତିଙ୍କ ନେତୃତ୍ୱରେ ହରି ବାଦା, ପ୍ରଧାନ ବାଦା, ମୋହନ ମାଝୀ, ସୁଧ ବାଦା, ଜେ. ସୁବାରାଓ, ଟି.ରମେଶ, ଏସ୍. ରାମାରାଓ ପୌର କାର୍ଯ୍ୟାଳୟରେ ଅଭିଯୋଗ ମଧ୍ୟ କରିଛନ୍ତି।



କଲଭର୍ଟ ଉପରେ ସୃଷ୍ଟି ହୋଇଥିବା ଗାତ।

■ ଗଞ୍ଜାମ ଜିଲା : ୨୦ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ୨୬୨ ଶାଖା

# ଜମା ସଂଗ୍ରହକୁ ଗୁରୁତ୍ୱ, ଋଣ ପ୍ରଦାନ ନୈରାଶ୍ୟଜନକ

- ■ଗତ ଆର୍ଥିକ ବର୍ଷରେ ଡିପୋଜିଟ୍ ୧୪୫୭୯.୭୭ କୋଟି
- ■ଦିଆଯାଇଛି ୪୬୪୦.୦୨ କୋଟିର ଋଣ
- ■ସବୁ ବ୍ୟାଙ୍କରେ କୃଷି ଋଣ ପ୍ରତି ଅବହେଳା

**ବ୍ରହ୍ମପୁର ଅଫିସ,୮।୭**

ଗଞ୍ଜାମ ଜିଲାରେ ୨୦ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ୨୬୨ ଶାଖାରେ କାରବାର ହେଉଛି । କେବଳ ଗ୍ରାହକଙ୍କଠାରୁ ଜମା (ଡିପୋଜିଟ) ସଂଗ୍ରହକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଥିବା ବେଳେ ଋଣ ପ୍ରଦାନ ପ୍ରତି କର୍ତ୍ତୃପକ୍ଷ ଆଗ୍ରହ ଦେଖାଉ ନାହାନ୍ତି । ୨୦୧୮-୧୯ ଆର୍ଥିକ ବର୍ଷରେ ସବୁ ବ୍ୟାଙ୍କ ୧୪୫୭୯ କୋଟି ୭୭ ଲକ୍ଷ ୪୨ ହଜାର ଟଙ୍କା ଜମା ସଂଗ୍ରହ କରିଥିବା ବେଳେ ମାତ୍ର ୪୬୪୦ କୋଟି ୦୨ ଲକ୍ଷ ୫୮ ହଜାର ଟଙ୍କା ଋଣ ଦେଇଛନ୍ତି। ନିୟମାନୁସାରେ ସମୁଦାୟ ଜମା ସଂଗ୍ରହର ୬୦% ଋଣ ଦେବାର ବ୍ୟବସ୍ଥା ରହିଛି । ତେବେ ଏହା ମାତ୍ର ୩୨% ହୋଇଛି । ଅପରପକ୍ଷରେ ଫସଲ ଉତ୍ପାଦନ ବୃଦ୍ଧି ନିମନ୍ତେ ଚାଷୀଙ୍କୁ ପର୍ଯ୍ୟାପ୍ତ କୃଷି ଋଣ ଦେବା ଉପରେ ସରକାର ଗୁରୁତ୍ୱ ଦେଉଥିବା ସତ୍ତ୍ୱେ ଗତ ଆର୍ଥିକ ବର୍ଷରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ପକ୍ଷରୁ ୬୯ ହଜାର ୯୮୭ ଚାଷୀଙ୍କୁ ମାତ୍ର ୩୭୦ କୋଟି ୩୯ ଲକ୍ଷ ୬୮ ହଜାର ଟଙ୍କା ଋଣ ଦିଆଯାଇଛି। ଅନୁଷ୍ଠିତ ଜିଲାସ୍ତରୀୟ ବ୍ୟାଙ୍କ ସମୂହ ପରାମର୍ଶଦାତା ସମୀକ୍ଷା ବୈଠକରୁ ଏହି ତଥ୍ୟ ପ୍ରକାଶ ପାଇଛି । ତେଣୁ ବୈଠକରେ ଅଧ୍ୟକ୍ଷତା କରିଥିବା ଜିଲାପାଳ ବ୍ୟାଙ୍କ ଅଧିକାରୀମାନଙ୍କ ଉପରେ ବିରକ୍ତି ହୋଇଥିଲେ ।

ଜାତୀୟକରଣ ବ୍ୟାଙ୍କଗୁଡ଼ିକ ମଧ୍ୟରେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ଜିଲାରେ ଥିବା ସର୍ବାଧିକ ୭୮ ଶାଖାରେ ୭୬୫୮.୭୭ କୋଟି ଜମା ସଂଗ୍ରହ ସ୍ଥଳେ ୨୧୩୫ କୋଟି ୮୦ ଲକ୍ଷ ୬୭ ହଜାର ଟଙ୍କା ଋଣ ଦିଆଯାଇଛି । ଅଗ୍ରଣୀ ବ୍ୟାଙ୍କ ମାନ୍ୟତା ପାଇଥିବା ଆନ୍ଧ୍ରବ୍ୟାଙ୍କର ୩୬ ଶାଖାରେ ୧୯୯୪.୬୩ କୋଟିରୁ ଅଧିକ ଟଙ୍କା ଡିପୋଜିଟ ସଂଗ୍ରହ କରାଯାଇ ୬୮୪.୫୨ କୋଟି ଋଣ ଲଗାଣ କରାଯାଇଛି। ବ୍ୟାଙ୍କ ଅଫ ଇଣ୍ଡିଆର ୧୯ ଶାଖାରେ ୪୮୦.୬୬ କୋଟି ଜମା ସଂଗ୍ରହ କରାଯାଇଥିବା ସ୍ଥଳେ ଋଣ ଦିଆଯାଇଛି ୧୪୬୧୦୦୦ ଟଙ୍କା। ସେହିପରି ବ୍ୟାଙ୍କ ଅଫ ବରୋଦାର ୮ ଶାଖାରେ ୩୭୫.୩୮ କୋଟି ଡିପୋଜିଟ ମଧ୍ୟରୁ ୧୮୧.୫୪ କୋଟି ଋଣ ଦିଆଯାଇଛି। ଆହ୍ଲାବାଦ ବ୍ୟାଙ୍କର ୩ ଶାଖାରେ ୯୮ କୋଟି ୧୮ ଲକ୍ଷ ୫୦ ହଜାର ଜମା ସଂଗ୍ରହ କରାଯାଇ ୩୦ କୋଟି ୨୭ ଲକ୍ଷ ୬୯ ହଜାର ଋଣ ଲଗାଣ ହୋଇଛି। ବ୍ୟାଙ୍କ ଅଫ ମହାରାଷ୍ଟ୍ରର ୧ ମାତ୍ର ଶାଖାରେ ୨୧.୫୪ କୋଟି ଡିପୋଜିଟ୍ ସଂଗ୍ରହ ସ୍ଥଳେ ୧୯.୬୦ କୋଟି ଋଣ ଦିଆଯାଇଛି। କାନରା ବ୍ୟାଙ୍କର ୧୩ ଶାଖାରେ ୫୧୪.୮୨ କୋଟି ଡିପୋଜିଟ ସଂଗ୍ରହ କରାଯାଇଛି ଏବଂ ୨୧୦.୫୬ କୋଟି ଋଣ ପ୍ରଦାନ କରାଯାଇଛି ।

ସେଣ୍ଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆର ୪ ଶାଖାରେ ୨୨୧.୫୦ କୋଟି ଜମା ସଂଗ୍ରହ ସ୍ଥଳେ ମାତ୍ର ୩୫.୯୯ କୋଟି ଋଣ ଦିଆଯାଇଛି। କର୍ପୋରେଶନ ବ୍ୟାଙ୍କର ୭ ଶାଖାରେ ୧୧୮.୧୧ କୋଟି ଡିପୋଜିଟ ସଂଗ୍ରହ କରାଯାଇ ୮୩.୩୧ କୋଟି ଋଣ ପ୍ରଦାନ କରାଯାଇଛି। ଦେନା ବ୍ୟାଙ୍କର ଗୋଟିଏ ଶାଖାରେ ୨୯.୮୭ କୋଟି ଡିପୋଜିଟ ସଂଗ୍ରହ ସ୍ଥଳେ ୮.୮୪ କୋଟି ଋଣ ଦିଆଯାଇଛି । ଇଣ୍ଡିଆନ ବ୍ୟାଙ୍କର ୧୬ ଶାଖାରେ ୫୬୨.୧୫ କୋଟି ଜମା ସଂଗ୍ରହ ସ୍ଥଳେ ୧୫୬.୦୧ କୋଟି ଋଣ ପ୍ରଦାନ କରାଯାଇଛି। ଆଇଓବିର ଜିଲାରେ ଥିବା ୨୬ ଶାଖାରେ ୧୦୪୨.୬୭ କୋଟି ଡିପୋଜିଟ ସ୍ଥଳେ ୩୭୭.୦୬ କୋଟି ଋଣ ଲଗାଣ କରାଯାଇଛି। ଓରିଏଣ୍ଟାଲ ବ୍ୟାଙ୍କ ଅଫ କମର୍ସର ଗୋଟିଏ ଶାଖାରେ ୩୫.୬୫ କୋଟି ଜମା ସଂଗ୍ରହ ସ୍ଥଳେ ୨୭.୨୦ କୋଟି ଋଣ ଦିଆଯାଇଛି। ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ୧୧ ଶାଖାରୁ ୨୩୧.୫୧ କୋଟି ଜମା ସଂଗ୍ରହ କରାଯାଇ ୫୭.୯୫ କୋଟି ଋଣ ଦିଆଯାଇଛି । ଅପରପକ୍ଷରେ ସିଣ୍ଡିକେଟ ବ୍ୟାଙ୍କର ୧୧ ଶାଖାରେ ୨୯୪.୨୦ କୋଟି ଜମା ସଂଗ୍ରହ କରାଯାଇ ଋଣ ଦିଆଯାଇଛି ୧୧୪.୨୫ କୋଟି । ୟୁକୋ ବ୍ୟାଙ୍କର ୯ ଶାଖାରେ ୨୫୮.୧୮ କୋଟି ଜମା ସଂଗ୍ରହ ସ୍ଥଳେ ୯୨.୯୨ କୋଟି ଋଣ ଲଗାଣ ହୋଇଛି। ୟୁନିୟନ ବ୍ୟାଙ୍କର ୮ ଶାଖାରେ ୩୮୩ କୋଟି ଜମା ବେଳେ ୧୬୨.୭୨ କୋଟି ଋଣ ପ୍ରଦାନ କରାଯାଇଛି । ୟୁନାଇଟେଡ ବ୍ୟାଙ୍କ ଅଫ ଇଣ୍ଡିଆର ୮ ଶାଖାରେ ୨୪୦.୪୬ କୋଟି ଜମା ସଂଗ୍ରହ କରାଯାଇ ଋଣ ଦିଆଯାଇଛି ୯୨.୩୩ କୋଟି, ବିଜୟା ବ୍ୟାଙ୍କର ଏକମାତ୍ର ଶାଖାରେ ୧୩.୯୬ କୋଟି ଜମା ହୋଇଥିବା ବେଳେ ୨୦ କୋଟିରୁ ଅଧିକ ଟଙ୍କା ଋଣ ଲଗାଣ କରାଯାଇଛି । ଏହା ୧୪୩% ହୋଇଛି ।

### ଉତ୍କଳ ଗ୍ରାମୀଣ ବ୍ୟାଙ୍କ

ଏହି ଜିଲାର ବିଭିନ୍ନ ସ୍ଥାନରେ ଉତ୍କଳ ଗ୍ରାମୀଣ (ଅତୀତର ଋଷିକୁଲ୍ୟା ଗ୍ରାମ୍ୟ) ବ୍ୟାଙ୍କର ୭୯ ଶାଖାରେ କାରବାର ହେଉଛି। ଗତ ଆର୍ଥିକ ବର୍ଷର ମାର୍ଚ୍ଚ ଶେଷ ସୁଦ୍ଧା ଗ୍ରାହକଙ୍କଠାରୁ ୧୫୩୯ କୋଟି ୪୪ ଲକ୍ଷ ୪୧ ହଜାର ଟଙ୍କା ଜମା ସଂଗ୍ରହ କରାଯାଇଛି। ତେବେ ବିଭିନ୍ନ ଋଣ ଦିଆଯାଇଛି ମାତ୍ର ୪୮୩ କୋଟି ୬୧ ଲକ୍ଷ ୬୭ ହଜାର ଟଙ୍କା। ଏହା ସମୁଦାୟ ଜମାର ୩୦% ହୋଇଛି। ଅପରପକ୍ଷରେ ଚାଷୀଙ୍କୁ କୃଷିଋଣ ପ୍ରଦାନରେ ମଧ୍ୟ ଗ୍ରାମୀଣ ବ୍ୟାଙ୍କର ନୈରାଶ୍ୟଜନକ ହୋଇଛି। ଗ୍ରାମାଞ୍ଚଳ ଲୋକଙ୍କଠାରୁ ବିପୁଳ ପରିମାଣର ଟଙ୍କା ଜମା ସଂଗ୍ରହ ବେଳେ ଫସଲ ଉତ୍ପାଦନ ଲାଗି ୩୭୦୮୭ ଚାଷୀଙ୍କୁ କୃଷି ଋଣ ଦେଇଛି ୧୪୦୯୦୯୯ ଟଙ୍କା । ତେଣୁ ରାଷ୍ଟ୍ରାୟତ୍ତ ଓ ଗ୍ରାମୀଣ ବ୍ୟାଙ୍କର କୃଷିଋଣ ପ୍ରଦାନ ଅତ୍ୟନ୍ତ ନିରୁତ୍ସାହଜନକ ହୋଇଥିବା ସ୍ପଷ୍ଟ ହୋଇଛି ।

## ସଂକ୍ଷେପରେ

### 'ସୁନେତ୍ର' ଯୋଜନାର ସମୀକ୍ଷା କଲେ ସ୍ୱାସ୍ଥ୍ୟମନ୍ତ୍ରୀ
### ଆଉ ୧୦ ଜିଲାରେ ବୁଲିବ ଭ୍ରାମ୍ୟମାଣ ଚକ୍ଷୁ ଚିକିତ୍ସା ଗାଡ଼ି

ଭୁବନେଶ୍ୱର,୮।୭(ବ୍ୟୁରୋ): ରାଜ୍ୟ ମେଡିକାଲ କର୍ପୋରେଶନ ସମ୍ମିଳନୀ କକ୍ଷରେ ସୋମବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ 'ସୁନେତ୍ର' ଯୋଜନାର ସମୀକ୍ଷା କରିଛନ୍ତି। ସମୀକ୍ଷାରୁ ଜଣାପଡ଼ିଛି ଯେ, 'ସୁନେତ୍ର' ଯୋଜନାରେ ବର୍ତ୍ତମାନ ୮ଟି ଜିଲାରେ ଭ୍ରାମ୍ୟମାଣ ଚକ୍ଷୁ ଚିକିତ୍ସା ଗାଡ଼ି ବୁଲୁଛି। ଆଉ ୧୦ଟି ଜିଲାକୁ ଏହା ସମ୍ପ୍ରସାରିତ କରିବାକୁ ମନ୍ତ୍ରୀ କହିଛନ୍ତି। ଏହି ଜିଲାଗୁଡ଼ିକ ହେଲା ସୋନପୁର, ଅନୁଗୋଳ, ଭଦ୍ରକ, ଜଗତ୍‌ସିଂହପୁର, ଯାଜପୁର, ଝାରସୁଗୁଡ଼ା, ଖୋର୍ଦ୍ଧା, ପୁରୀ, ଗଞ୍ଜାମ ଓ ସୁନ୍ଦରଗଡ଼। ସେପ୍ଟେମ୍ବର ପ୍ରଥମ ସପ୍ତାହରେ ଏହା କାର୍ଯ୍ୟାରମ୍ଭ କରିବ। 'ସୁନେତ୍ର' ଯୋଜନାରେ କ୍ୟାପିଟାଲ ହସ୍ପିଟାଲରେ ଛୋଟପିଲାଙ୍କ ଚକ୍ଷୁରେ ଲେଜର ଚିକିତ୍ସା ଆରମ୍ଭ ହୋଇଥିବାବେଳେ ସମସ୍ତ ମେଡିକାଲ କଲେଜରେ ଏହା ଆରମ୍ଭ କରିବା ଲାଗି ନିଷ୍ପତ୍ତି ହୋଇଛି। ଏଥିସହ ସମସ୍ତ ମେଡିକାଲ କଲେଜ ହସ୍ପିଟାଲରେ ନିଦାନ ଯୋଜନାରେ ଜଟିଳ ପରୀକ୍ଷାଗୁଡ଼ିକୁ ସାମିଲ କରାଯିବା ଏବଂ ରୋଗୀଙ୍କୁ 'ହାଇ ଏଣ୍ଡ' ପରୀକ୍ଷା ସୁବିଧା ଯୋଗାଇବା ସମ୍ପର୍କରେ ଆଲୋଚନା ହୋଇଛି। ବର୍ତ୍ତମାନ ବର୍ଷାଋତୁ ପରିପ୍ରେକ୍ଷୀରେ ଆଗାମୀ ୩-୪ ମାସ ପାଇଁ ଖାଦ୍ୟ ଓ ପାନୀୟ ଉପରେ ସତର୍କ ରହିବା ଲାଗି ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଖାଦ୍ୟ ସୁରକ୍ଷା କମିଶନକୁ ଅଧିକ କ୍ରିୟାଶୀଳ କରିବା ସହିତ ଏଠାରେ ଖାଲିଥିବା ପଦବୀଗୁଡ଼ିକୁ ତୁରନ୍ତ ପୂରଣ ନିମନ୍ତେ ପଦକ୍ଷେପ ନେବା ପାଇଁ ମନ୍ତ୍ରୀ କହିଛନ୍ତି। ଖାଦ୍ୟ ସୁରକ୍ଷା ନିୟମ ଅନୁଯାୟୀ କେତେ ବ୍ୟବସାୟୀ ପଞ୍ଜୀକୃତ ହୋଇଛନ୍ତି ଏବଂ ଏ ଦିଗରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ସେ ସଂକ୍ରାନ୍ତରେ ରିପୋର୍ଟ ପ୍ରଦାନ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୀକ୍ଷା ବୈଠକରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା, କ୍ଷମତାପର୍ଣ୍ଣ କମିଟିର ଅଧ୍ୟକ୍ଷ ଡା. ଟି. ପି. ଦାଶ, ମେଡିକାଲ ନିଗମ ପରିଚାଳନା ନିର୍ଦ୍ଦେଶିକା ଯଶ୍ୱିନୀ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

### ଶ୍ରୀସ୍ୱପ୍ନେଶ୍ୱର ମହାଦେବଙ୍କ ହୁଣ୍ଡି ଭାଙ୍ଗି ଲୁଟି ନେଲେ ଟଙ୍କା

ପୁରୁଣା ଭୁବନେଶ୍ୱର,୮।୭ (ଡି.ଏନ.ଏ.): ସାଧାରଣଜନତାଙ୍କ ପରେ ଲୁଟେରାଙ୍କ ଟାର୍ଗେଟରେ ଏବେ ମଠ, ମନ୍ଦିର। ରାଜଧାନୀ ଉପକଣ୍ଠ ଉତ୍ତରା ଫାଣ୍ଡି ଅଧୀନ ଲକ୍ଷ୍ମୀନାରାୟଣପୁରର ଶ୍ରୀସ୍ୱପ୍ନେଶ୍ୱରଙ୍କ ପୀଠରେ ହୁଣ୍ଡି ଭାଙ୍ଗି ଲୁଟେରା ଟଙ୍କା ଲୁଟି ନେଇଛନ୍ତି। ମନ୍ଦିର ଭିତରେ ଥିବା ହୁଣ୍ଡି ଓ ରୋଷଘର ତାଲାକୁ ଦୁର୍ବୃତ୍ତ ଭାଙ୍ଗି ଦେଇଥିଲେ। ମନ୍ଦିର ପରିସରରେ କଏନ ଏଣେତେଣେ ଫିଙ୍ଗି ପଳାଇ ଯାଇଥିଲେ ଲୁଟେରା। ହୁଣ୍ଡିରୁ ପ୍ରାୟ ୨୦୦୦ ଟଙ୍କାରୁ ଅଧିକ ଚୋରି ଯାଇଥିବା ସ୍ୱପ୍ନେଶ୍ୱର ମହାଦେବ ଟ୍ରଷ୍ଟବୋର୍ଡ଼ ପକ୍ଷରୁ ଅଭିଯୋଗରେ ଦର୍ଶାଯାଇଛି। ରବିବାର ସକାଳୁ ଠାକୁରଙ୍କ ନିତୀକାନ୍ତି ଆରମ୍ଭ ହେବା ପୂର୍ବରୁ ଏସବୁ ଘଟଣା ଦେଖି ପୂଜକ ବୋର୍ଡକୁ ଜଣାଇଥିଲେ।

## ଭାରତକୁ କୋହିନୂର ହୀରା ଫେରାଇ ଆଣିବାକୁ ଉଦ୍ୟମ
# ବ୍ରିଟିଶ୍ ହାଇକମିଶନରଙ୍କ ନିକଟରେ ସ୍ମାରକପତ୍ର

କଟକ ଅଫିସ,୮।୭

କୋହିନୂର ହୀରା ଭାରତକୁ ଫେରାଇ ଆଣିବାକୁ ଉଦ୍ୟମ ଆରମ୍ଭ ହୋଇଛି। ବ୍ରିଟେନ୍‌ର ରାଣୀଙ୍କ ଉଦ୍ଦେଶ୍ୟରେ କଲିକତାସ୍ଥିତ ବ୍ରିଟିଶ ହାଇକମିଶନରଙ୍କ କାର୍ଯ୍ୟାଳୟଠାରେ ଓଡ଼ିଶା ସୁରକ୍ଷା ସେନା ପକ୍ଷରୁ ସୋମବାର ସ୍ମାରକପତ୍ର ପ୍ରଦାନ କରାଯାଇଛି। କୋହିନୂର ହୀରା ଯାହାକି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମ୍ପତ୍ତି ତାହା ବର୍ତ୍ତମାନ ବ୍ରିଟେନ ସରକାରଙ୍କ ଅଧୀନରେ ରହିଛି। କୋହିନୂର ହୀରା ଶିଖ୍ ସାମ୍ରାଜ୍ୟର ପ୍ରତିଷ୍ଠାତା ମହାରାଜା ରଞ୍ଜିତ ସିଂଙ୍କ ପାଖରେ ଥିଲା। ସେ ତାଙ୍କ ଇଚ୍ଛାପତ୍ରରେ ଉଲ୍ଲେଖ କରିଥିଲେ ଯେ, ସେହି କୋହିନୂର ହୀରା ପୁରୀର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଅର୍ପଣ କରାଯିବ। ମାତ୍ର ଏଭଳି ପରିସ୍ଥିତିରେ ପାକିସ୍ତାନ ସରକାର ଓ ତାଙ୍କ ଅଦାଲତ ଉକ୍ତ ମାମଲାରେ ହସ୍ତକ୍ଷେପ କରିବା ଏବଂ ଉକ୍ତ ହୀରାକୁ ତାଙ୍କର ବୋଲି ଦାବି କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଓଡ଼ିଶା ସୁରକ୍ଷା ସେନା ପକ୍ଷରୁ କୁହାଯାଇଛି। କାରଣ ସେତେବେଳେ ପାକିସ୍ତାନର ଅସ୍ତିତ୍ୱ ନ ଥିଲା। ଏବେ ପାକିସ୍ତାନ ସରକାର ଉକ୍ତ କୋହିନୂର ହୀରାକୁ ତାଙ୍କର ବୋଲି ଦାବି କରିବାର ଯୋଗ୍ୟତା ନାହିଁ। ଏହା ସମ୍ପୂର୍ଣ୍ଣ ହୀନମତିର ପରିଚୟ ବୋଲି ସେନାର ଅଧ୍ୟକ୍ଷ ଅଭିଷେକ ଯୋଶୀ କହିଛନ୍ତି। ଏଥିସହିତ ବିଭିନ୍ନ ଧର୍ମଶାସ୍ତ୍ରରେ ଉକ୍ତ କୋହିନୂର ହୀରାକୁ ସାମନ୍ତକ ମଣିର ଅଂଶବିଶେଷ ବୋଲି କୁହାଯାଇଛି। ଯେଉଁ ସାମନ୍ତକ ମଣି ଦ୍ୱାପର ଯୁଗରେ ଶ୍ରୀକୃଷ୍ଣଙ୍କ ପାଖରେ ଥିଲା। ତେଣୁ ଉକ୍ତ ଆଧ୍ୟାତ୍ମିକ ଚିନ୍ତାଧାରାକୁ ଭିତ୍ତିକରି ଯଦି ସାମନ୍ତକ ମଣି ଶ୍ରୀକୃଷ୍ଣଙ୍କର ଥିଲା ତେବେ ତାହାର ଅଂଶବିଶେଷ ହିଁ କୋହିନୂର ହୀରାର ପ୍ରକୃତ ମାଲିକ ମହାପ୍ରଭୁ ଶ୍ରୀଜଗନ୍ନାଥ ଅଟନ୍ତି। ତେଣୁ ତୁରନ୍ତ ଉକ୍ତ ହୀରାକୁ ବ୍ରିଟେନ ସରକାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସମର୍ପଣ କରନ୍ତୁ ବୋଲି ଯୋଶୀ ଦାବି କରିଛନ୍ତି। ଏହି ସନ୍ଦର୍ଭରେ ସୋମବାର ଯୋଶୀଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ କଲିକତାସ୍ଥିତ ବ୍ରିଟିଶ ହାଇକମିଶନରଙ୍କ ମାର୍ଫତରେ ବ୍ରିଟେନ ମହାରାଣୀ ଏଲିଜାବେଥ୍-୨ଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି ପ୍ରତିନିଧିମଣ୍ଡଳୀରେ ସବ୍ୟସାଚୀ ଶତପଥୀ, ସତ୍ୟବ୍ରତ ପଣ୍ଡା, ଦେବବ୍ରତ ମିଶ୍ର ସହିତ କଲିକତାର ବହୁ ବୁଦ୍ଧିଜୀବୀ ସାମିଲ ଥିଲେ।

# କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀଙ୍କ ବିରୋଧରେ ମାମଲା

କଟକ ଅଫିସ,୮।୭

ବାଲେଶ୍ୱର ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ବିରୋଧରେ ହାଇକୋର୍ଟରେ ମାମଲା ରୁଜୁ ହୋଇଛି। ନିର୍ବାଚନମଣ୍ଡଳୀର ସହିରୁଲ ହକ୍ ନାମକ ଜଣେ ଭୋଟର ଏହି ମାମଲା ରୁଜୁ କରିଛନ୍ତି। ଆବେଦନକାରୀ ହକ୍ ପିଟିସନରେ ଦର୍ଶାଇଛନ୍ତି, ଷଡ଼ଙ୍ଗୀ ନିର୍ବାଚନୀ ସତ୍ୟପାଠରେ ଅସମ୍ପୂର୍ଣ୍ଣ ତଥ୍ୟ ଦେଇଛନ୍ତି। ତାଙ୍କ ନାମରେ ଥିବା ଫୌଜଦାରି ମାମଲାଗୁଡ଼ିକ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ଦେଇ ନ ଥିବାବେଳେ ସମ୍ପତ୍ତି ତାଲିକା ସମ୍ପର୍କରେ ଭ୍ରାମକ ତଥ୍ୟ ଦେଇଛନ୍ତି। ତେଣୁ ତାଙ୍କ ପଦବୀକୁ ଅବୈଧ ଘୋଷଣା କରାଯିବା ସହିତ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କୁ ବିଜୟୀ ଘୋଷଣା କରିବାକୁ ହକ୍ କୋର୍ଟରେ ନିବେଦନ କରିଛନ୍ତି। ସେହିପରି ରାଉରକେଲା ଓ ସାନଖେମୁଣ୍ଡି ବିଧାୟକଙ୍କ ବିରୋଧରେ ମଧ୍ୟ ହାଇକୋର୍ଟରେ ମାମଲା ରୁଜୁ ହୋଇଛି। ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକଙ୍କ ବିରୋଧରେ ପରାଜିତ ଭାଜପା ପ୍ରାର୍ଥୀ ନିହାର ରଞ୍ଜନ ରାୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆବେଦନକାରୀ ରାୟ ପିଟିସନରେ ଦର୍ଶାଇଛନ୍ତି, ବିଧାୟକ ନାୟକ ତାଙ୍କ ନାମାଙ୍କନପତ୍ରରେ ଅଫିସ ଅଫ ପ୍ରଫିଟ୍ ଉଲ୍ଲେଖ କରିଥିଲେ ମଧ୍ୟ ରିଟର୍ଣ୍ଣିଂ ଅଫିସର ନାମାଙ୍କନ ପତ୍ରକୁ ନାକଚ କରିବା ବଦଳରେ ଗ୍ରହଣ କରିଛନ୍ତି। ସେହିପରି ବିଧାୟକ ନିଜର ଖର୍ଚ୍ଚ ତାଲିକାର ସବିଶେଷ ତଥ୍ୟ ଦାଖଲ କରି ନ ଥିବାବେଳେ ଯେଉଁ ୪ ସେଟ୍ ନାମାଙ୍କନପତ୍ର ଦାଖଲ କରିଛନ୍ତି ସେଥିରୁ ୩ଟିରେ ସତ୍ୟପାଠ ନାହିଁ। ଏହାବାଦ ବିଧାୟକ ନିଜ ବିରୋଧରେ ଥିବା ଫୌଜଦାରି ମାମଲା ସମ୍ପର୍କରେ ସବିଶେଷ ତଥ୍ୟ ଦେଇନାହାନ୍ତି। ତେଣୁ ଉକ୍ତ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବାକୁ ଆବେଦନକାରୀ ପିଟିସନରେ ନିବେଦନ କରିଛନ୍ତି। ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନାଙ୍କ ବିରୋଧରେ ହାଇକୋର୍ଟରେ ଦ୍ୱାରସ୍ଥ ହୋଇଛନ୍ତି ପରାଜିତ ବିଜେଡି ପ୍ରାର୍ଥୀ ନନ୍ଦିନୀ ଦେବୀ। ଜେନା ସତ୍ୟପାଠରେ ଅସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ଯଦି ଜଣେ ପ୍ରାର୍ଥୀଙ୍କ ବିରୋଧରେ କୌଣସି ଫୌଜଦାରୀ ମାମଲା ରହିଥାଏ ତେବେ ସେ ଏକ୍ସଷ୍ଟ ଗଣମାଧ୍ୟମରେ ତିନି ଥର ପ୍ରଚାର ଆଉ ପ୍ରସାର କରିବା କଥା। କିନ୍ତୁ ବିଧାୟକ ଜେନା ତାହା କରିନାହାନ୍ତି। ନିହାର ରାୟ ଓ ସହିରୁଲ ହକ୍‌ଙ୍କ ପକ୍ଷରୁ ଆଡଭୋକେଟ ସିଦ୍ଧାର୍ଥ ଦାସ ମାମଲା ପରିଚାଳନା କରୁଥିବା ବେଳେ ନନ୍ଦିନୀ ଦେବୀଙ୍କ ପକ୍ଷରୁ ଆଡଭୋକେଟ ଅସିମ ଅମିତାଭ ଦାସ ଓ ସୁକାନ୍ତ ଦଳେଇ ମାମଲା ପରିଚାଳନା କରୁଛନ୍ତି।

## ମା' ହିଙ୍ଗୁଳାଙ୍କ ନୂତନ ମନ୍ଦିରର ରତ୍ନମୁଦ ଉତ୍ସବ
# ଗୋପାଳପ୍ରସାଦ ପୀଠରେ ଲକ୍ଷାଧିକ ଶ୍ରଦ୍ଧାଳୁ

ତାଳଚେର,୮।୭(ନି.ପ୍ର.):

ଅନୁଗୋଳ ଜିଲା ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ନୂତନ ଭବ୍ୟ ମନ୍ଦିରର ରତ୍ନମୁଦ ଉତ୍ସବ ସୋମବାର ଗୋପାଳପ୍ରସାଦଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଅନୁଗୋଳ, ଢେଙ୍କାନାଳ, ପାଲଲହଡା, ଦେବଗଡ ଆଦି ଅଞ୍ଚଳରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ଦଳ ହରିନାମ ପରିବେଷଣ କରିଥିଲେ।

ପ୍ରଥମେ ମା'ଙ୍କ ପୀଠରେ ସକାଳୁ ଏକ ଯଜ୍ଞର ଆୟୋଜନ କରାଯାଇଥିଲା। ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ଶତପଥୀଙ୍କ ପୌରୋହିତ୍ୟରେ ରାଜଗୁରୁ ନିରଞ୍ଜନ ପତି, ଅଭିମନ୍ୟୁ ଶତପଥୀ, ଟଙ୍କଧର ଶତପଥୀ, ମୀନକେତନ ମିଶ୍ର, ହୃଦୟ ଶତପଥୀ, ସନ୍ତୋଷ କୁମାର ମିଶ୍ର, ସୂର୍ଯ୍ୟନାରାୟଣ କର, ଗୋପାଳ ଚନ୍ଦ୍ର ଷଡଙ୍ଗୀ ପ୍ରମୁଖ ଯଜ୍ଞକାର୍ଯ୍ୟ ପରିଚାଳନା କରିଥିଲେ। ତାଳଚେର ରାଜା ରାଜେନ୍ଦ୍ର ଚନ୍ଦ୍ର ଦେବ ବୀରବର ହରିଚନ୍ଦନଙ୍କ ଉପସ୍ଥିତିରେ କର୍ତ୍ତା ଭାବେ ତାଙ୍କ ପ୍ରତିନିଧି ରାଜେନ୍ଦ୍ର ସିଂହ ଓ ସୌଦାମିନୀ ସିଂହ ଦାୟିତ୍ୱ ନିର୍ବାହ କରିଥିଲେ। ଏହାସହିତ ଅନ୍ୟାନ୍ୟ ପୂଜା ପରେ ମନ୍ଦିରର ଗର୍ଭ ସ୍ଥାପନ କରାଯାଇଥିଲା। ମା' ହିଙ୍ଗୁଳାଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁମାନଙ୍କ ଲମ୍ବା ଧାଡ଼ି ଲାଗିଥିଲା। ସମସ୍ତ ଭକ୍ତଙ୍କ ନିମନ୍ତେ ଟ୍ରଷ୍ଟ ବୋର୍ଡ ପକ୍ଷରୁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ସହ ଭିଡ ନିୟନ୍ତ୍ରଣ ପାଇଁ ତାଳଚେର ପୋଲିସ ପକ୍ଷରୁ ଫୋର୍ସ ମୁତୟନ କରାଯାଇଥିଲା। ରାଜା ରାଜେନ୍ଦ୍ର ଚନ୍ଦ୍ର ଦେବ ମା'ଙ୍କ ମନ୍ଦିର ନିର୍ମାଣ ପାଇଁ ତିନି ଲକ୍ଷ ଟଙ୍କାର ଏକ ଚେକ୍ ପ୍ରଦାନ କରିଥିଲେ। ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ପାଲଲହଡ଼ା ବିଧାୟକ ମୁକେଶ ପାଲ, ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତି, ଏସ୍‌ପି ମିତ୍ରଭାନୁ ମହାପାତ୍ର, ଅତିରିକ୍ତ ଏସ୍‌ପି ସନ୍ତୋଷ ମିଶ୍ର, ମା' ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟ ବୋର୍ଡର ମ୍ୟାନେଜିଂ ଟ୍ରଷ୍ଟି ତଥା ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ, ଏସ୍‌ଡିପିଓ ହେମନ୍ତ କୁମାର ପଣ୍ଡାଙ୍କ ସମେତ ଟ୍ରଷ୍ଟ ବୋର୍ଡ ସଦସ୍ୟ ଏବଂ ଢେଙ୍କାନାଳ ଏମ୍‌ପିଙ୍କ ପ୍ରତିନିଧି ସୁନୀଲ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।


**OFFICE OF THE HEADMISTRESS, KASTURABA GANDHI BALIKA VIDYALAYA (KGBV), KIAPADAR, TH. RAMPUR BLOCK, KALAHANDI**

**TENDER CALL NOTICE 2019-20**

Sealed Tenders are invited from the registered firms/manufacturer/authorized dealers/wholesellers/ Govt. stores for supply of the item grocery, cosmetics and toilet items & reading writing materials, to the **KASTURABA GANDHI BALIKA VIDYALAYA, KIAPADAR, TH. RAMPUR BLOCK** of Kalahandi district for the year **2019-20**. The tender form with other particulars and the list of the items can be obtained from the office of the KGBV from 10.00 AM to 04.00 PM in all working day w.e.f. **09.07.2019 to 01.08.2019** on payment of Rs. **200/-** (Two hundred only) non refundable in shape of Bank Draft payable in the State Bank of India, Utkal Gramina Bank. The tender paper completed in respect along with requisite documents and Earnest money in shape of Bank Draft drawn in favor of the **Headmistress and Chairperson KGBV, Kiapadar** payable at the State Bank of India, Utkal Gramina Bank would only be deposited in this KGBV upto 01.00 PM on dt. **01.08.2019**. The KGBV Level Purchase Committee meeting will be held on date **02.08.2019** at 11.00 AM as mentioned in the 1st page for opening of the tender. The chairman of the Purchase Committee (B.D.O.) reserves the right to accept or reject the tender in whole or in part without assigning any reason thereto.

For more information kindly Login Kalahandi.nic.in

Sd./- Headmistress cum Convener, K.G.B.V. Hostel, U.P. School, Kiapadar

**Sd./- Headmistress, Govt. UPS (KGBV) Kiapadar**

**OFFICE OF THE HEADMISTRESS, KASTURABA GANDHI BALIKA VIDYALAYA (KGBV), JORADABARA, KARLAMUNDA BLOCK, KALAHANDI**

**Letter No.413** Tender Call Notice **Date: 06.07.19**

Office of the Headmistress, KGBV JORADABARA of Kalahandi District have invited sealed tenders from the registered firms/manufacturer/ authorized dealers/ whole sellers/ Govt. stores for supply of the item grocery, cosmetics,, reading writing materials and bedding items to KGBV, Joradabara of Kalahandi Dist. as per following details.

| | |
|---|---|
| Particular | Kasturaba Gandhi Balika Vidyalaya (KGBV), Joradabara |
| Address | At/Po-Joradabara, Block-Karlamunda, Dist-Kalahandi |
| Cost of tender Paper | Rs.200/- |
| Last date & time of receiving tender | 27.07.2019 up to 5 P.M. |
| Date & Time of opening of tender | 28.07.2019, Time - 11 A.M. |

For details visit District website www.kalahandi.nic.in & www.opepa.in

By order of BDO-cum-Chairman
Sd./- Headmistress
Govt. Jups(KGBV), Joradabara

**OFFICE OF THE NOTIFIED AREA COUNCIL, ATHMALLIK**

eonacathmallik.hud2012@gmail.com

**No. 1286** **Dt. 08.07.2019**

**NOTICE INVITING EXPRESSION OF INTEREST (EOI)**

The Executive Officer, NAC, Athmallik on behalf of the Athmallik NAC invites sealed EOI on percentage rate basis of the project cost from registered/reputed and experienced consultants/ organization/architects for providing DPR for development of Athmallik Bus Stand at Athmallik NAC.

**SCOPE OF THE WORK**

Preparation & submission of DPR with detailed Architectural working drawing for execution with details structural design. The estimate of the proposed project should be as per the current schedule of rate, Govt. of Odisha and the prospective plan should be prepared in consultation with Executive Officer, Municipal Engineer & Junior Engineer of the NAC within the office hour.

**CRITERIA:- (1)** The bidder has to deposit an amount of Rs. 5,000/- only (non-refundable) towards cost of EOI documents in shape of Demand Draft drawn on any Nationalized Bank in favour of Executive Officer, NAC, Athmallik. **(2)** The Bidder shall submit along with it's proposal, a proposal security for an amount of Rs. 15,000/- (Rupees Fifteen Thousand) only (Refundable to unsuccessful bidders) in the form of Demand Draft drawn on any Nationalized Bank in favour of Executive Officer, NAC, Athmallik. **(3)** The successful bidder should have to deposit the DPR within 30 days from the date of receipt of work order. **(4)** The bidder should furnish the valid Registration certificate, GSTIN, PAN, ITCC & Experience Certificate for the aforesaid projects executed earlier in different ULB of Odisha.

All quotations/ offer in sealed cover superscribed with quotation for consultancy service for the work which should be deposited in the office of the undersigned from dt.11.07.2019 to 22.07.2019 within office hours up-to 10.30 AM dt. 22.07.2019 and will be opened on dt. 22.07.2019 at 11.00 AM in the presence of the bidder or their authorized representatives.

Quotation can be sent through post/courier or Deposit in the office premises following address so as to reach on or before during the office hour on dt.22.07.2019 at 10.30 AM. If receipt beyond scheduled date and time quotation shall not be accepted.

The undersigned reserves the rights to accept or reject any or all quotations without assigning any reason thereof.

**Sd./- Executive Officer, N.A.C., Athmallik**

**NOTIFIED AREA COUNCIL, KANTABANJI**

**QUOTATION CALL NOTICE**

**No. 843/ Dt. 08.07.2019**

Sealed quotations are invited from the authorized dealers / suppliers / for supply of Auto (Three Wheeler) Hydraulic Tipper for door to door garbages collection of the NAC, Kantabanji. The quotationer must submit GSTIN Registration, PAN and their relevant documents (if any) to the office of the undersigned within the time period specified. The rate should comprise of all taxes, Insurance & Freight / Transportation charges etc. individually in their own format and delivered NAC, Kantabanji.

The quotation should reach to the office of the undersigned on or before Dt.17.07.2019 upto 1.00PM through Regd. / Speed Post only. The authority shall not be responsible for delay or late delivery of quotation beyond the schedule date & time. The quotation will open on the same day at 4.00PM in presence of quotationer/ their authorized representatives. The quotation should accompanied with Tender paper cost (Non-refundable) in shape of D.D. amounting to Rs. 5,000/- & E.M.D. in shape of D.D. amounting to Rs. 50,000/- drawn in favour of Executive Officer, NAC, Kantabanji payable at Kantabanji from any Nationalized Bank, the deposited EMD of lowest quotationer (whose quotation will be accepted) shall be refunded after one year from the date of supply vehicles. The terms & condition of the procurement will be fixed during the time of agreement.

The authority reserves the right to accept or reject any or all quotations without assigning any reason thereof.

***Sd./- Executive Officer, NAC, Kantabanji***

**ଜିଲ୍ଲା କୃଷି ଅଧିକାରୀ, ଭବାନୀପାଟଣାଙ୍କ କାର୍ଯ୍ୟାଳୟ**
**ବିହନ ବିଶୋଧନ ଅଭିଯାନ, ଖରିଫ-୨୦୧୯**

ଚଳିତ ଖରିଫ ଋତୁ ୨୦୧୯ପାଇଁ ରାଜ୍ୟ ଯୋଜନା ଅନ୍ତର୍ଗତ ଧାନବିହନ ବିଶୋଧନ ତାଲିମ ଓ ପ୍ରଦର୍ଶନ କାର୍ଯ୍ୟକ୍ରମ ଭବାନୀପାଟଣା କୃଷି ଜିଲ୍ଲା ଅଧୀନସ୍ଥ ତିନୋଟି ବ୍ଲକ ଯଥା-ଭବାନୀପାଟଣା, କେସିଙ୍ଗା ଓ ଥୁଆମୂଲ ରମପୁର ଅନ୍ତର୍ଗତ ୨୪ଟି ଗ୍ରାମରେ ତା: ୦୯।୦୭।୨୦୧୯ରିଖ ଠାରୁ ତା: ୧୫।୦୭।୨୦୧୯ରିଖ ମଧ୍ୟରେ କରାଯିବା ପାଇଁ ସ୍ଥିରୀକୃତ ହୋଇଛି।

ତେଣୁ ଉପରୋକ୍ତ ତିନୋଟି ବ୍ଲକର ଚାଷୀଭାଇ ଓ ଭଉଣୀମାନଙ୍କୁ ଅନୁରୋଧ, ସେମାନେ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରି ନିଜର ଗଚ୍ଛିତ ଧାନ ବିହନଗୁଡିକୁ ମାଗଣାରେ ବିଶୋଧନ କରାଇ ନିଅନ୍ତୁ। ଏହାଦ୍ୱାରା ପରବର୍ତ୍ତୀ ସମୟରେ ଧାନଗଛ ବିହନବାହିତ ଓ ମୃତ୍ତିକାଜନିତ ରୋଗ ଦାଉରୁ ସୁରକ୍ଷିତ ରହି ଅଧିକ ଅମଳ ଦେଇପାରିବ।

**ସ୍ୱା./- ଜିଲ୍ଲା କୃଷି ଅଧିକାରୀ**
**ଭବାନୀପାଟଣା**

**ADVERTISEMENT**

**EXPRESSION OF INTEREST FOR EMPANELMENT OF HOSPITALS FOR PROVIDING SECONDARY CARE TREATMENT TO ESI BENEFICIARIES**

**No.08-K:-** Applications are invited from all reputed Government/ Semi Government/Private Hospitals for providing secondary care treatment to the eligible ESI beneficiaries of the State of Odisha.

**The broad terms would be**

1. Cashless and hassle free medical services to ESI beneficiaries.
2. The rates will not exceed the latest CGHS approved rates for Bhubaneswar alongwith the following special conditions.
   (a) 15% discount of hospital rates if there is no package procedure under CGHS.
   (b) For all implants 15% discount on MRP( Maximum Retail Price)
   (c) For Drugs 10% discount on MRP.
   The approved CGHS rates can be downloaded from the Ministry of Health & Family Welfare Website http;//www.mohfw.nic.in/cghs.htm.
3. Hospitals are either be in the current CGHS approved list or on panel of some Central or State Public Sector Institution. Secondary care treatment to be rendered to the patients at a secondary care hospital by a Specialist in the field of Medicine, Surgery, O&G, Orthopaedic. Paediatrics, Eye, ENT, Dental, Haematological Disorders and Investigation Procedures.
4. Interested Hospitals may apply for empanelment in sealed cover superscribing "Application for Empanelment for Secondary Care Treatment for ES Scheme" on the top of the envelope with details of Specialty Departments and availability of Specialists and relevant facilities in their institutions to the undersigned in the given format.
5. The application, if any, submitted earlier by any Hospital in any other form shall not be considered. They may submit fresh application in response to this advertisement within 15 days from the date of publication of advertisement.
6. The Tie up hospitals should be mapped with Bill processing Agency empanelled by SI Corporation Hqrs. Currently UTI-ITSL.
7. Necessary documents can be obtained from the Office of Director, ESI Scheme, Odisha, Plot No.A/122, Nayapalli, Unit-VIII by 2.00 PM of last date of submission of application form or the same can be downloaded from the website www.odisha.gov.in.
   Completed application should reach this office by 4.00PM of 26.07.2019. The Director, ESI Scheme Odisha reserves the right to reject any application or cancel the advertisement without assigning any reason thereof.

**Sd./- S.C.Rout,OAS(SAG)**
**DIRECTOR**
**ESI SCHEME, ODISHA**

**17005/11/0004/1920**

**BHUBANESWAR MUNICIPAL CORPORATION**

**No : 18955** **Dt.05.07.2019**

**Auction Sale Notice for Package of Parking lots in BMC area**

Sealed tenders are invited by registered /speed post/ Courier only addressed to the Commissioner, BMC Bhubaneswar from intending parties in prescribed tender form along with EMD mentioned against the **7 Packages consisting of 58 parking lots for One year** as in the Notice and in the website. The EMD and Tender Paper cost separately should be in shape of Bank draft drawn in favour of Commissioner, Bhubaneswar Municipal Corporation, Bhubaneswar. The details of the tender are available in BMC/Zone Office notice boards and BMC Website – **http://bmc.gov.in.**

**The deadline for the above are as follows:-**

1. Last date for sale of tender paper at BMC Office: **30.07.2019 up to 5:00 P.M.**
2. Pre-bid meeting: **16.07.2019 at 4.00 P.M.** in the Conference Hall of BMC.
3. Last date for receipt of tender paper: **06.08.2019 up to 3:00 P.M.**
4. Opening of tender papers: **06.08.2019 at 4:00 P.M.** in the conference Hall of BMC.

**Deputy Commissioner (Revenue)**
**Bhubaneswar Municipal Corporation**

**Progress Through Partnership for a Better Bhubaneswar**

ROURKELA SMART CITY LTD.

**ROURKELA SMART CITY LIMITED**

(A SPV of Govt of Odisha, RMC & RDA)
Udit Nagar,Rourkela-769012
Email:rourkelascl@gmail.com, Tel No:-(0661)-250388

**No. 47-C:**

BID ID:- RSCL/ 404 /2019 DATE: 06/07/2019

**NOTICE INVITING TENDER**
**NATIONAL COMPETITIVE BIDDING**
**Invitation for Bid of 1) Redevelopment of Birsa Munda Stadium & Construction of Multi Level Car Parking 2)Redevelopment of Market at Panposh Chowk in Rourkela Smart City Limited (ABD area) under Smart Cities Mission on Turnkey Basis**

The Rourkela Smart City Limited is engaged in the development of Urban Infrastructure Projects in Rourkela Area Based Development Area and as part of this endeavour , it has been decided to undertake abovementioned Projects in Rourkela Smart City Limited under Smart Cities Mission through Turn Key (Architectural planning with Design, Execution) Basis. The Chief Executive Officer, RSCL now invites bids from eligible contractors for the following project.

| Package No | Name of the Work | Estimated Cost of the Project | Bid Security | Cost of Bid Document | Period of Completion |
|---|---|---|---|---|---|
| 1 | Architectural Planning with (Design, Execution, Operation& Maintenance) of Birsa Munda Stadium and Multi Level Car Parking at Rourkela on Turn key Basis in the State of Odisha | Rs.112.83 Cr. | Rs.113 Lakhs | Rs.11,200/-(Demand Draft in favour of RSCL(Smart City Mission Grant Fund) | 24(Twenty Four Month) execution period with 60 months Operation & Maintenance Period |
| 2 | Architectural Planning with (Design, Execution) of Panposh Market Complex at Rourkela on Turn key Basis in the State of Odisha | Rs.36.25 Cr. | Rs.37 Lakhs | Rs.11,200/-(Demand Draft in favour of RSCL(Smart City Mission Grant Fund) | 24 (Twenty Four Months) |

The complete BID document can be viewed/downloaded from official portal of Rourkela Municipal Corporation (https://**www.rmc.nic.in/,https://smartnet.niua.org** or e-procurement portal of Odisha **https://tendersodisha.gov.in** from **08/07/2019** to **07/08/2019 (upto 17:00 Hrs. IST**). Bid must be submitted online only at **[https:/tendersodisha.gov.in]** on or before (**up to 07/08/2019** Up to **17:00 Hrs IST**). Bids received online shall be opened on **13/08/2019 (at 16:00 hours IST).** Bid through any other mode shall not be entertained. However, Bid Security, document fee & Power of Attorney and other documents as per SBD shall be submitted physically by the Bidder on or before **13/08/2019(at 15:00 hours IST**).Pre-Bid Meeting will be held on **15/07/2019 2019 at 11.00 A.M.** in the Conference Hall of RSCL. Please note that the RSCL reserves the right to accept or reject all or any of the BIDs without assigning any reason whatsoever. For queries, intending bidder may contact Dy. Executive Engineer vide Phone No. **8249833105** and Email Id: **rourkelascl@gmail.com**

13080/11/0002/1920

**Sd/- CEO, Rourkela Smart City Limited**

**GOVT. OF ODISHA, DEPARTMENT OF WATER RESOURCES**
**DIRECTORATE OF GROUND WATER DEVELOPMENT, ODISHA**

HP BUILDING, UNIT-8, DELTA SQUARE, BHUBANESWAR-751012
[Phone No.2561038 (O), Fax: 2561046; email: gwd.odisha@gmail.com]

**NOTICE**

**EMPANELMENT OF ROOF WATER HARVESTING CONSULTANTS (RWHC)**

**No. 122-A:-** The Department of Water Resources (DoWR), Govt. of Odisha, is implementing the scheme "Rooftop Rainwater Harvesting & Ground Water Recharge in urban areas of the State" since FY 2014-15 to promote adoption of Rooftop Rainwater Harvesting Systems (RRHS)which has since been closed on 31.03.2019. Eleven towns viz; Bhubaneswar, Berhampur, Titilagarh, Bolangir, Sambalpur, Jharsuguda, Rourkela. Puri, Cuttack, Anugul & Talcher towns were covered under the Scheme till March, 2019. A similar scheme covering 25 towns (likely to be extended to other towns as well as blocks) of the State has been submitted afresh to Govt for approval. The Scheme is to be implemented from FY 2019-20 onwards. As a part of the Scheme, Roof Water Harvesting Consultants (RWHC) shall be trained and empanelled by GWD for execution of RRHS work in the State from FY 2019-20 onwards. They will prepare cost estimates and provide technical guidance to private building owners for installation of RRHS under the Scheme. The RWHC will be paid Rs. 5000/- per building after successful completion, commissioning and testing of each RRHS executed under his/her supervision. The empanelment of previous RWHCs has been cancelled with effect from 31.03.2019.

Applications are invited in prescribed format (Form-B) from the unemployed diploma or graduate Engineers (Agriculture / Environment / Civil / Architecture / Mechanical) or graduates in Geology (residents of Odisha State) for empanelment of RWHC. The applicants who have already applied for empanelment of RWHC by 15.01.2019 (in response to the advertisement dt.04.12.2018 in "The Samaj") need not apply again.

Application form ( Form-B) and leaflets/ guidelines of the scheme etc. are available in this Directorate or can be downloaded from DoWR website - http://www.dowrorissa.gov.in/Citizen/RRHS/RRHS.htm. The applications (in Form–B) along with required self attested documents shall be received in person/ speed post/ registered post on or before 25.07.2019 (up to 5 PM), at the office of the undersigned. No application sent through facsimile/ fax /email shall be entertained. Applications found incomplete in any respect shall be rejected. Applicants will be short-listed District-wise based on good academic career and prior training / experience (if any) relevant to rainwater harvesting / recharge activities. The shortlisted applicants will undergo short-term training for two weeks on RRHS and related subjects at Bhubaneswar at their own arrangement. No TA/ DA / Boarding charges is admissible for the training. The shortlisted applicants will be intimated about further details only through emails. After successful completion of the training, they will be empanelled as RWHC to work in specific District(s) of Odisha only. RWHC empanelled for specific District(s) shall not be entitled to execute work in other District. RWHCs will be empanelled for each District for execution of RRHS work as per the requirement. The empanelment shall be valid for THREE years from the date of issue of RWHC ID. The C.E. & Director, GWD reserves the right to accept/ reject any or all applications without assigning any reason thereof.

32002/11/0001/1920

***Chief Engineer & Director***

ସୌନ୍ଦର୍ଯ୍ୟ



ମୁହଁର ଗଢ଼ଣ ଯେତେ ଭଲ ହୋଇଥାଉ ନା କାହିଁକି ଏହା ଉପରେ ସାମାନ୍ୟ ବ୍ଲାକ୍ ହେଡ୍ସ ସମ୍ପୂର୍ଣ୍ଣ ସୌନ୍ଦର୍ଯ୍ୟକୁ ବିଗାଡ଼ିଦେଇଥାଏ। ଯଦି ଆପଣ ବି ବ୍ଲାକ୍ ହେଡ୍ସ ସମସ୍ୟା ପାଇଁ ଚିନ୍ତିତ, ତେବେ ଆପଣାନ୍ତୁ ଏହି ଘରୋଇ ଟିପ୍ସ...

# ବ୍ଲାକ୍ ହେଡ୍ସରୁ ମୁକ୍ତି

❖ଗୋଟିଏ ପାଚିଲା କଦଳୀ, ଦୁଇ ଚାମଚ ଗୁଣ୍ଡ ଓଟ୍ସ ଏବଂ ଏକ ଚାମଚ ମହୁକୁ ଏକାଠି ଏକ ପାତ୍ରରେ ନେଇ ଭଲ ଭାବେ ଚକଟି ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇ ୫-୭ମିନିଟ ପର୍ଯ୍ୟନ୍ତ ସର୍କୁଲାର ମୋଶନରେ ଘଷନ୍ତୁ, ଏହା ସ୍କ୍ରବ୍ ଭଳି କାମ ଦେବ। ପରେ ନଖଉଷୁମ ପାଣିରେ ମୁହଁ ଧୋଇ ମଇଶ୍ଚରାଇଜର ଲଗାଇଦିଅନ୍ତୁ।

❖ପ୍ରଥମେ କୌଣସି ଭଲ କମ୍ପାନୀର ସ୍କ୍ରବ୍ ନେଇ ମୁହଁକୁ ସ୍କ୍ରବିଂ କରିଦିଅନ୍ତୁ। ଗୋଟିଏ ଛୋଟ ପାତ୍ରରେ ଅଣ୍ଡାର ଧଳା ଅଂଶ ଏବଂ ୧ ଚାମଚ ମହୁ ଭଲ ଭାବେ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ସ୍କ୍ରବିଂ ପରେ ଏହାକୁ ମୁହଁରେ ଲଗାନ୍ତୁ। ଶୁଖିବା ପରେ ନଖଉଷୁମ ପାଣିରେ ଧୋଇଦିଅନ୍ତୁ। ଏହା କେବଳ ବ୍ଲାକ୍ ହେଡ୍ସ ଦୂରକରେନି ବରଂ ସ୍କିନ୍ ଗ୍ଲୋ ବଢ଼ାଇଥାଏ। ସପ୍ତାହରେ ଦୁଇଥର ଏପରି କରନ୍ତୁ, ଉପକୃତ ହେବେ।

❖ଡାଲଚିନି ଗୁଣ୍ଡରେ ଅଳ୍ପ ଲେମ୍ବୁରସ ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ବ୍ଲାକ୍ ହେଡ୍ସ ଉପରେ ଲଗାଇ ୨୦ ମିନିଟ୍ ରଖିବା ପରେ ଧୋଇଦିଅନ୍ତୁ। ସପ୍ତାହରେ ୨-୩ ଥର ଏପରି କରନ୍ତୁ, ବ୍ଲାକ୍ ହେଡ୍ସ ସମସ୍ୟା ଖୁବ୍ ଶୀଘ୍ର ଦୂର୍ହୋଇଯିବ।

❖ଆଲୋଭେରା ବା ଘିକୁଆଁରୀ ରସକୁ ମୁହଁରେ ଲଗାଇ ୧୦ମିନିଟ୍ ରଖିବା ପରେ ନଖ ଉଷୁମ ପାଣିରେ ଧୋଇଦିଅନ୍ତୁ। ପ୍ରତିଦିନ ଏପରି କଲେ ସ୍କିନ୍ ପୂର୍ବାପେକ୍ଷା ବେଦାଗ, ସୁନ୍ଦର ହୋଇଯିବ।

❖ଟମାଟୋର ଚୋପା କାଢ଼ି ଗ୍ରାଇଣ୍ଡ କରିଦିଅନ୍ତୁ। ରାତିରେ ଶୋଇବା ପୂର୍ବରୁ ଏହାକୁ ମୁହଁରେ ଲଗାନ୍ତୁ। ସକାଳୁ ଉଠି ପାଣିରେ ଧୋଇଦିଅନ୍ତୁ। ଯଦି ଆପଣଙ୍କ ସ୍କିନ୍ ସେନ୍ସିଟିଭ ତେବେ ଏଥିରେ ସମାନ ପରିମାଣର ପାଣି ମିଶାଇ ଲଗାଇଲେ ଉପକୃତ ହେବେ।



ଖାଦ୍ୟରୁଚି

## ପାଲକ ଡାଲ୍ ଖେଚୁଡ଼ି

**ଆବଶ୍ୟକ ସାମଗ୍ରୀ:** ଛୋଟ ଛୋଟ କଟା ପାଳଙ୍ଗ ଶାଗ ୧ କପ୍, ୧ଟି କଟା ପିଆଜ, ୨ଟି କଟା ଟମାଟୋ, ଦେଢ଼ କପ୍ ଚାଉଳ, ଡାଲି ୧ କପ୍, ୧ ଚାମଚ ଲେଖାଏଁ ଜିରା, ସୋରିଷ, ଧନିଆଗୁଣ୍ଡ, ହଳଦୀଗୁଣ୍ଡ, ଘିଅ, ଅଦା, ରସୁଣ ପେଷ୍ଟ, ୫-୬ଟି ଭୃସୁଙ୍ଗ ପତ୍ର, କଞ୍ଚାଲଙ୍କା, ଲଙ୍କାଗୁଣ୍ଡ, ଲୁଣ ସ୍ୱାଦନୁସାରେ, ପାଣି ୧ ଗ୍ଲାସ୍।

**ପ୍ରସ୍ତୁତି ପ୍ରଣାଳୀ:** ଚାଉଳକୁ ୧୫ ମିନିଟ୍ ଭିଜାଇ ଦିଅନ୍ତୁ। ଡାଲିକୁ ୨-୩ ଥର ଭଲ ଭାବେ ଧୋଇ ଦିଅନ୍ତୁ। ଏକ ପ୍ରେସର କୁକରକୁ ଚୁଲାରେ ବସାଇ ତେଲ ପକାନ୍ତୁ। ଗରମ ହୋଇଗଲେ ଜିରା, ସୋରିଷ, ଭୃସୁଙ୍ଗପତ୍ର, ଅଦା ରସୁଣ ପେଷ୍ଟ ପକାଇ ଭାଜନ୍ତୁ। ସେଥିରେ କଟା ଟମାଟୋ, ପିଆଜ ଏବଂ କଞ୍ଚାଲଙ୍କା ପକାଇ ଭାଜନ୍ତୁ। ହଳଦୀଗୁଣ୍ଡ, ଧନିଆଗୁଣ୍ଡ, ଲଙ୍କାଗୁଣ୍ଡ ପକାଇ ଭଲଭାବେ ଗୋଳାଇ ଦିଅନ୍ତୁ। ବର୍ତ୍ତମାନ ଭିଜାଯାଇଥିବା ଡାଲି, ଚାଉଳକୁ ପକାଇ ଏକ ଗ୍ଲାସ୍ ପାଣି ଦେଇ ୨ମିନିଟ୍ ଗୋଳାନ୍ତୁ।



ସ୍ୱାଦ ଅନୁସାରେ ଲୁଣ ପକାନ୍ତୁ ଶେଷରେ କଟାଯାଇଥିବା ପାଳଙ୍ଗକୁ ପକାଇ ମିଶାଇ ଦିଅନ୍ତୁ ଏବଂ ୨-୩ ଟି ହ୍ୱିସିଲ ହେବା ପରେ କୁକର୍ ବନ୍ଦ କରିଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଗରମା ଗରମ ପାଲକ ଖେଚୁଡ଼ି।

# କର୍ମଜୀବୀ ମହିଳା ଓ ପରିଚ୍ଛନ୍ନତା

ଡା. ସରୋଜିନୀ ଷଡ଼ଙ୍ଗୀ



ସୌନ୍ଦର୍ଯ୍ୟ ସହ ପରିଚ୍ଛନ୍ନତା ଓତପ୍ରୋତ ଭାବେ ଜଡ଼ିତ । ପ୍ରତ୍ୟେକ ସୁନ୍ଦରୀ ନାରୀ ପରିଷ୍କାର ପରିଚ୍ଛନ୍ନ ନ ରହିପାରନ୍ତି, କିନ୍ତୁ ପ୍ରତ୍ୟେକ ପରିଚ୍ଛନ୍ନ ନାରୀ ସୁନ୍ଦରୀ ନିଶ୍ଚୟ। ଅପରପକ୍ଷରେ ଯେଉଁମାନେ ସଫାସୁତୁରା ରହିଥାନ୍ତି ସେମାନେ ନିଜକୁ ଅନେକ ରୋଗରୁ ରକ୍ଷାକରିବା ସହ ନିଜ ପରିବାରକୁ ମଧ୍ୟ କେତେକ ବିପଜ୍ଜନକ ରୋଗରୁ ରକ୍ଷା କରିଥାନ୍ତି। ତେବେ ନିଜକୁ ସଫାସୁତୁରା ରଖିବାର ଅଭ୍ୟାସ ଝିଅଙ୍କୁ ନିଜ ବାପା, ମା' ଓ ପରିବାର ପିଲାଦିନରୁ ଶିଖାଇବା ଆବଶ୍ୟକ।

ଉତ୍ତମ ବ୍ୟକ୍ତିଗତ ପରିଷ୍କାର ପରିଚ୍ଛନ୍ନତା ହେଉଛି ଉତ୍ତମ ସ୍ୱାସ୍ଥ୍ୟର ପ୍ରଥମ ସୋପାନ। ଏହା କେବଳ ନିଜକୁ ରକ୍ଷାକରେ ନାହିଁ, ଅନ୍ୟମାନଙ୍କୁ ମଧ୍ୟ ସୁରକ୍ଷାର ବଳୟ ଭିତରେ ରଖିଥାଏ। ଏହାଛଡ଼ା ନିଜର ପର୍ସନାଲ ହାଇଜିନ୍ ଉତ୍ତମ ହେଲେ ନିଜ ଦେହରୁ ଯେପରି ଅନ୍ୟ ଦେହକୁ ଜୀବାଣୁ ସଂକ୍ରମଣ ନ ହୁଏ, ସେଥିପାଇଁ ମଧ୍ୟ ସଚେତନତା ସୃଷ୍ଟି କରିଥାଏ । ସାଧାରଣ ମହିଳାଙ୍କଠାରୁ କର୍ମଜୀବୀ ମହିଳାଙ୍କୁ ଆହୁରି ସତର୍କ ରହିବାକୁ ପଡ଼ିଥାଏ । ଜୀବନଚର୍ଯ୍ୟାର ପ୍ରଥମ ସୋପାନରୁ ହିଁ ସେମାନଙ୍କୁ ହାଇଜିନ୍ ମେଣ୍ଟେନ କରିବାକୁ ହୋଇଥାଏ । ଖୁବ୍ ସାଧାରଣ କଥାଟିଏ ହେଲେ ମଧ୍ୟ, ସକାଳୁ ଉଠି ମୁହଁ ଧୋଇବା ଖୁବ୍ ଜରୁରୀ । ସାମାନ୍ୟ ଉଷୁମ ପାଣିରେ ପ୍ରତିଦିନ ସକାଳୁ ମୁହଁ ଧୋଇଲେ ସବୁ ଲୋମ କୂପ ଖୋଲିଯାଏ ଏବଂ ପରେ ପରେ ନରମ ସାବୁନରେ ମୁହଁ ଧୋଇ ଥଣ୍ଡା ପାଣି ଛାଟିଲେ ଲୋମ କୂପ ବନ୍ଦ ହୋଇଯାଏ । ଏହାକୁ ନରମ ତଉଲିଆରେ ପୋଛି ମଇଶ୍ଚରାଇଜର ଲଗାଇବା ଉଚିତ, ଏହାଦ୍ୱାରା ସାରା ଦିନ ଘରେ ଓ ଅଫିସ୍‌ରେ କାମକଲେ ମଧ୍ୟ ମୁହଁ ସଫା ଓ ସତେଜ ରହିଥାଏ। କର୍ମଜୀବୀ ମହିଳାମାନେ ଦୁଇଥର ଦାନ୍ତ ଘଷିବା ଓ ଫ୍ଲସ୍ କରିବା ଆବଶ୍ୟକ। ଏହାଦ୍ୱାରା ନିଜର ପର୍ସନାଲ ହାଇଜିନ୍ ସହ ମୁହଁର ଦୁର୍ଗନ୍ଧ ମଧ୍ୟ ଦୂରହୋଇଥାଏ । ମାସକୁ ମାସ ଟୁଥ୍ ବ୍ରଶ୍ ବଦଳାଇବା ଆବଶ୍ୟକ । ଏହାଛଡ଼ା ଦେହ ଖରାପ ହେବାପରେ ବ୍ରଶ୍ ବଦଳାଇବା ଦରକାର । କର୍ମଜୀବୀ ମହିଳାମାନେ ନିଜ କେଶକୁ ସଫା ଓ ସଂକ୍ରମଣରୁ ମୁକ୍ତ ରଖିବା ଦରକାର । ଉକୁଣି ଓ ରୂପି ଇତ୍ୟାଦି ନ ହେବା ଲାଗି କେଶକୁ ଟ୍ରିମ୍ କରି ଛୋଟ ରଖିଲେ ଷ୍ଟାଇଲିଶ୍ ଲାଗିବା ସାଙ୍ଗକୁ ସଫା ମଧ୍ୟ ରହିପାରିବେ । କର୍ମଜୀବୀ ମହିଳାମାନେ ନିଜ ନଖ କାଟିବା ସହ ହାତ ସଫା ରଖିବା ଆବଶ୍ୟକ । ଏହା ନିଜକୁ ସଂକ୍ରମଣରୁ ରକ୍ଷାକରିବା ସହିତ ଅନ୍ୟକୁ ମଧ୍ୟ ସଂକ୍ରମଣରୁ ରକ୍ଷା କରିଥାଏ । ନିଜ ପର୍ସରେ ସବୁବେଳେ ୱାସିଂ ଲିକ୍ୱିଡ୍ ଓ ଆଲ୍କୋହଲ୍ ସାନିଟାଇଜର ରଖିବା ଆବଶ୍ୟକ, କାରଣ ଅଫିସ୍ ଗୋଟିଏ ପବ୍ଲିକ୍ ସ୍ଥାନ ହୋଇଥିବାରୁ, ଡୋର୍ ହେଣ୍ଡଲ, ଫୋନ୍‌ର କର୍ଡ ଓ ରିସିଭର ତଥା ବାଥ୍ରୁମ୍ ଆଦି ସ୍ଥାନରୁ ଜୀବାଣୁ ସଂକ୍ରମଣର ଭୟ ଥାଏ। ଏସବୁ ସ୍ଥାନ ବା ଜିନିଷ ସ୍ପର୍ଶ କରିବା ମାତ୍ରେ ହାତକୁ ଧୋଇ ପରିଷ୍କାର କରିବା ଭଲ । ଅଫିସ୍‌ରେ ବ୍ୟବହୃତ ଡ୍ରୟାର, ଚେୟାର, ହେଣ୍ଡଲ ଆଦିକୁ ପ୍ରତିଦିନ ବିଶୋଧକ ଦ୍ରବ୍ୟ ଦ୍ୱାରା ପୋଛି ବ୍ୟବହାର କରିବା ଉଚିତ । ଏହାଛଡ଼ା ଖାଇବା ଆଗରୁ ହାତ ଧୋଇବା ଜରୁରୀ । ସାଧାରଣ ତଉଲିଆ ବ୍ୟବହାର ନ କରି ସଫା ଓ ନୂଆ ଟିସୁ ପେପର ବ୍ୟବହାର କରିବା ଭଲ। ତେବେ ମହିଳାମାନଙ୍କର ମୂତ୍ରନଳୀ ବା ୟୁରେଥ୍ରା ଛୋଟ ହୋଇଥିବାରୁ ସେମାନଙ୍କର ପରିସ୍ରା ସଂକ୍ରମଣ ବେଶି ଶୀଘ୍ର ହୋଇଥାଏ, ତେଣୁ ପବ୍ଲିକ୍ ବାଥ୍ରୁମ୍ ବ୍ୟବହାର କରିବା ଆଗରୁ ସଫାକରି ବ୍ୟବହାର କରିବା ଉଚିତ । ଏହାଛଡ଼ା ପ୍ରତ୍ୟେକ ମାସର ଋତୁସ୍ରାବ ସମୟରେ ନୂଆ ସାନିଟାରି ପ୍ୟାଡ୍ ବ୍ୟବହାର କରିବା ଜରୁରୀ। କାରଣ ଏହି ସମୟରେ ଟିକିଏ ଅସାବଧାନ ରହିଲେ ଭୟାନକ ଜୀବାଣୁ ଦ୍ୱାରା ସଂକ୍ରମିତ ହୋଇ 'ଟକ୍ସିକ୍ ସକ୍ ସିଣ୍ଡ୍ରୋମ୍' ହୋଇଥାଏ । ଏହି ସମୟରେ ସଂକ୍ରମଣ ହେଲେ ଜରାୟୁ ମଧ୍ୟ ସଂକ୍ରମିତ ହୋଇଥାଏ । ତେଣୁ ପ୍ରତ୍ୟେକ ପ୍ୟାଡ୍ ବ୍ୟବହାର କରିବା ପରେ ହାତ ପରିଷ୍କାର କରିବା ଦରକାର । କର୍ମଜୀବୀ ମହିଳାମାନଙ୍କୁ ପ୍ରାୟ ଟ୍ରାଭେଲ କରିବାକୁ ପଡ଼ିଥାଏ । ସେଥିପାଇଁ ସେମାନେ ହାଇଜିନିକାଲି ପ୍ୟୁରିଫାଏଡ୍ ବଟଲ ପାଣି ପିଇବେ ଏବଂ ବାହାର ଖାଦ୍ୟ ଖାଇବା ପୂର୍ବରୁ ସାବୁନରେ ହାତ ଧୋଇ ଆଲ୍କୋହଲ ବେସ୍ଡ ସାନିଟାଇଜର ବ୍ୟବହାର କରିବେ । ଫଳକୁ ବିଶୁଦ୍ଧ ପାଣିରେ ଧୋଇ ଖାଇବେ ଏବଂ ସର୍ବସାଧାରଣ ପାଇଁ ବ୍ୟବହୃତ କପ୍‌ରେ ଚା' ବା କଫି ନ ପିଇ, ନିଜେ ନେଇଥିବା କପ୍‌ରେ ପିଇବେ।


କର୍ମଜୀବୀ ମହିଳାଙ୍କ ପାଇଁ ମେକ୍ଅପ୍ ହାଇଜିନ୍ ମେଣ୍ଟେନ କରିବା ଖୁବ୍ ଜରୁରୀ । ଆଇବ୍ରୋ ପେନ୍ସିଲ ବ୍ୟବହାର କରିବା ପୂର୍ବରୁ ଓଦା ଟିସ୍ୟୁ ପେପରରେ ପେନ୍ସିଲକୁ ପୋଛିବା ଦରକାର । ଏହାଦ୍ୱାରା ଜୀବାଣୁ ସଂକ୍ରମଣର ଭୟ କମିଯାଏ। ପ୍ରତି ସପ୍ତାହରେ ମେକ୍ଅପ୍ ବ୍ରଶ୍ ଓ ପାଉଡର ପଫ୍ ବେବି ସାମ୍ପୁରେ ସଫାକରି ଓଦା ମେକ୍ଅପ୍ ଜିନିଷକୁ ସଫା ତଉଲିଆରେ ପୋଛି ରଖିବା ଉଚିତ । ନିଜର ମେକ୍ଅପ୍ ନିଜ ହାତରେ କରନ୍ତୁ ନାହିଁ । ଏହାଦ୍ୱାରା ସଂକ୍ରମଣ ବ୍ୟାପିଥାଏ । ନିଜ ହାତକୁ ପରିଷ୍କାରକରି ଧୋଇ କେବଳ ରିଂ ଫିଙ୍ଗର ବା ଅନାମିକା ଅଙ୍ଗୁଳିରେ ଧୀରେ ଧୀରେ ମେକ୍ଅପ୍ ଲଗାନ୍ତୁ । ଏହା ଛଡ଼ା ମାସ୍କାରା ଓ କାଜଲ ଲଗାଇବା ବେଳେ ସାବଧାନ ନ ହେଲେ ଆଖିରେ ଜୀବାଣୁ ଓ ଅନ୍ୟାନ୍ୟ ସଂକ୍ରମଣ ହେବା ଭୟଥାଏ । ତେଣୁ ଅନ୍ୟ କାହାର କାଜଲ ପେନ୍ସିଲ ବ୍ୟବହାର ନ କରିବା ଭଲ। ନଖ କାଟିବା ବେଳେ, ମାନିକିଓର ଓ ପେଡିକିଓର କଲା ବେଳେ ଅନ୍ୟ କାହାର ଯନ୍ତ୍ରପାତି ବ୍ୟବହାର କରିବା ଉଚିତ ନୁହେଁ। ଏମିତି କି ବିଉଟିପାର୍ଲରରେ ଫେସିଆଲ କରିବାବେଳେ ନିଜର ପର୍ସନାଲ ଟାୱେଲ ବ୍ୟବହାର କରିବା ଭଲ । ଏହାଛଡ଼ା ପ୍ରତ୍ୟେକ ଦିନ ଉତ୍ତମ ସ୍ନାନ ସହ ସଫା ଲୁଗାପଟା ବ୍ୟବହାର କରିବା ଉଚିତ। ଦେହ ସହ ଆଖି, ନାକ ଓ କାନର ଯତ୍ନ ମଧ୍ୟ ଖୁବ୍ ଜରୁରୀ। ପ୍ରତ୍ୟେକ କର୍ମଜୀବୀ ମହିଳା ନିଜ ପାଦର ଯତ୍ନ ନେବା ଆବଶ୍ୟକ । ସ୍ନାନ କଲାବେଳେ ପାଦକୁ ଭଲ କରି ଧୋଇ , ପରିଷ୍କାର କରି କ୍ରିମ୍ ବା ମଇଶ୍ଚରାଇଜର ଓ ପାଉଡର ପକାଇ ଜୋତା ବା ଚପଲ ପିନ୍ଧିବା ଉଚିତ, କାରଣ ପାଦ ଦ୍ୱାରା ହିଁ ଅନେକ ସଂକ୍ରମଣ ହୋଇଥାଏ । ହାତ, ପାଦରେ ଫଙ୍ଗାଲ ସଂକ୍ରମଣ ବା କାଛୁ କୁଣ୍ଡିଆ ଓ ଏକ୍ଜିମା ଆଦି ଚର୍ମରୋଗ ହେଲେ ଭଲ ହେବା ପାଇଁ ସମୟ ଲାଗିଥାଏ । କର୍ମଜୀବୀ ମହିଳାଙ୍କୁ ବାହାରେ ଟ୍ରାଭେଲ କରିବାକୁ ତଥା ଅଫିସ୍‌ରେ ଅନବରତ କାମ କରିବାକୁ ପଡୁଥିବାରୁ ଝାଳନାଳ ହେବାକୁ ପଡ଼ିଥାଏ । ତେଣୁ ସଫା ଓ ପରିଷ୍କାର ସୂତା ପୋଷାକ ବ୍ୟବହାର କରିବା ଭଲ। କର୍ମଜୀବୀ ମହିଳାଙ୍କ ପାଇଁ ପର୍ସନାଲ ହାଇଜିନ୍ ରକ୍ଷା କରିବା ଖୁବ୍ ଜରୁରୀ। ଏହା ଏକ କଳା । ଏହି ହାଇଜିନ୍ ଓ ସଚେତନତା ଯେ, କେବଳ ମହିଳାମାନଙ୍କୁ ସୁରକ୍ଷିତ ରଖିଥାଏ ତାହା ନୁହେଁ, ନିଜ ସନ୍ତାନ ସନ୍ତତି ଓ ପରିବାରବର୍ଗ ତଥା ସହକର୍ମଚାରୀମାନଙ୍କୁ ସୁରକ୍ଷା ଦେବା ସହ ରୋଗ ସଂକ୍ରମଣରୁ ମଧ୍ୟ ରକ୍ଷା କରିଥାଏ । ଏହା ମହିଳାମାନଙ୍କ ଆଉଟ୍ ଲୁକ୍ ବଢ଼ାଇବା ସହ ଏକ ପ୍ରେଜେଣ୍ଟେବଲ ପର୍ସନାଲିଟିର ପରିଚୟ ଦେଇଥାଏ ଏବଂ ନାରୀଟିକୁ ଆଭିଜାତ୍ୟର ଏକ ସୁରକ୍ଷିତ ପୋଷାକ ପିନ୍ଧାଇ ଦେଇଥାଏ ।




**ସୁସ୍ଥ ରହିବା ପାଇଁ ପରିଚ୍ଛନ୍ନ ରହିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ପୁରୁଷଙ୍କ ତୁଳନାରେ ନାରୀଙ୍କୁ ଅଧିକ ପରିଷ୍କାର ରହିବା ଆବଶ୍ୟକ ହୋଇଥାଏ। କାରଣ ଶାରୀରିକ ଗଠନ ଅନୁଯାୟୀ ସେମାନଙ୍କୁ ବେଶି ସଂକ୍ରମଣ ଓ ରୋଗ ହେବା ଆଶଙ୍କା ଥାଏ। ବିଶେଷକରି କର୍ମଜୀବୀ ବା ବାହାରକୁ ଯାଉଥିବା ମହିଳା ଏଥିପ୍ରତି ଅଧିକ ସଜାଗହେବା ଆବଶ୍ୟକ...**



ଲିଙ୍କ୍ ରୋଡ୍ , କଟକ-୧୨
ମୋ-୯୪୩୭୦୫୫୦୦୭



# ଏପରି ସଜାନ୍ତୁ ଡ୍ରଇଂ ରୁମ୍

ଡ୍ରଇଂରୁମ୍‌ର ସାଜସଜ୍ଜା ଆପଣଙ୍କ ସମ୍ପୂର୍ଣ୍ଣ ଘର ସହିତ ବ୍ୟକ୍ତିତ୍ୱ ଉପରେ ମଧ୍ୟ ଏକ ସକାରାତ୍ମକ ପ୍ରଭାବ ପକାଇଥାଏ। ତେଣୁ ଡ୍ରଇଂରୁମ୍ କିପରି ସଜାଇବେ ଜାଣିରଖନ୍ତୁ ଟିପ୍ସ..

❖ସର୍ବପ୍ରଥମେ ଏକ ଗ୍ରାଫ୍ ପ୍ରସ୍ତୁତକରି ଡ୍ରଇଂରୁମ୍‌ର କେଉଁ ସ୍ଥାନରେ କ'ଣ ରହିବ ପ୍ଲାନ୍ କରନ୍ତୁ। ଫର୍ନିଚର, ଟିଭି ଏବଂ ଅନ୍ୟାନ୍ୟ ଡେକୋରେଟିଭ୍ ସାମଗ୍ରୀକୁ ଏପରି ସଜାନ୍ତୁ ଯେପରି ସେସବୁ ନା କେବଳ ସୁନ୍ଦର ଦେଖାଯିବ ବରଂ ଚଲାବୁଲା କରିବା ସମୟରେ ଆପଣଙ୍କ ସଂସ୍ପର୍ଶରେ ଆସିବ ନାହିଁ।

❖ଡ୍ରଇଂରୁମ୍‌କୁ ଆକର୍ଷଣୀୟ କରିବା ଲାଗି ଏହାର ଲାଇଟ୍ ବ୍ୟବସ୍ଥା ପ୍ରତି ପ୍ରଥମେ ଗୁରୁତ୍ୱ ଦିଅନ୍ତୁ। ସୁବିଧା ଥିଲେ ଝରକା କିମ୍ବା ଟ୍ରାନ୍ସପରେଣ୍ଟ ଗ୍ଲାସ୍ ଲଗାନ୍ତୁ, ଯେପରି ଡ୍ରଇଂରୁମ୍‌କୁ ବାହାର ଲାଇଟ୍ ଆସିପାରିବ। ଯଦି ଏପରି ସୁବିଧା ନାହିଁ, ତେବେ ଭଲ ଲାଇଟ୍ ଲଗାନ୍ତୁ। ଫଲ୍ସ ସିଲିଂ କରି କଲରଫୁଲ୍ ଲାଇଟ୍ ବ୍ୟବସ୍ଥା କଲେ ଡ୍ରଇଂରୁମ୍ ଅଧିକ ଆକର୍ଷଣୀୟ ଲାଗିବ।

❖ଡ୍ରଇଂରୁମ୍ ସଜାଇବା ଲାଗି ଫୁଲଦାନୀ ବାଛୁଥିଲେ ମନେରଖନ୍ତୁ, ମଲ୍ଟି କଲର ଫୁଲ ସହ ପତ୍ର ମଲ୍ଟିକଲର ନ ରଖି କେବଳ ଗ୍ରୀନ୍ ହିଁ ରଖିଲେ ଅଧିକ ଆଇକ୍ୟାଚି ଲାଗିବ। ଯଦି ସିଙ୍ଗଲ କଲର ଫୁଲ ରଖୁଛନ୍ତି ତେବେ ମଲ୍ଟି କଲର ପତ୍ର ରଖିପାରିବେ।

❖ବିଭିନ୍ନ ଶୋ ପିସ୍, ୱାଲ୍ ହ୍ୟାଙ୍ଗିଙ୍ଗ୍ ଆଦି ଡ୍ରଇଂରୁମ୍‌ର ଶୋଭା ବଢ଼ାଇଥାଏ। ହେଲେ ଆବଶ୍ୟକରୁ ଅଧିକ ରଖିବା ଦ୍ୱାରା ଜାକି ହେବା ଭଳି ଲାଗିଥାଏ। ତେଣୁ ଡ୍ରଇଂରୁମ୍‌କୁ ଯେତେ ଖୋଲା ରଖିବେ ସେତେ ସୁନ୍ଦର ଲାଗିବ। ଯଦି ଡ୍ରଇଂରୁମ୍ ବଡ଼ ତେବେ ଆପଣ ଚାହିଁଲେ ଶୋ'କେସ୍ ରଖି ସେଥିରେ ବିଭିନ୍ନ ପ୍ରକାର ସାଜସଜ୍ଜା ସାମଗ୍ରୀ ରଖିପାରିବେ।

❖ଡ୍ରଇଂରୁମ୍‌କୁ ସୁନ୍ଦର କରିବା ଲାଗି ଏହାର ପରଦାଗୁଡ଼ିକ ମଧ୍ୟ ମୁଖ୍ୟ ଭୂମିକା ବହନ କରିଥାଏ। ତେଣୁ ରୁମ୍ କାନ୍ଥର କଲର ସହ କଣ୍ଟ୍ରାଷ୍ଟ ଲୁକ୍ ଦେବା ଭଳି ପରଦା ବାଛନ୍ତୁ। ତେବେ ତାହା ଫର୍ନିଚର ସହ ସାମଞ୍ଜସ୍ୟ ରହିଲେ ଅଧିକ ଆକର୍ଷଣୀୟ ଲାଗିବ।

❖ସୁନ୍ଦର କାର୍ପେଟ୍ ମଧ୍ୟ ଡ୍ରଇଂରୁମ୍‌ର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ। ଆପଣ ଚାହିଁଲେ ରୁମ୍‌ର ସ୍ପେସ୍ ଅନୁଯାୟୀ ୱାଲ୍ ଟୁ ୱାଲ୍ କିମ୍ବା କେବଳ ସେଣ୍ଟର ଟେବୁଲ ତଳେ ଛୋଟ କିମ୍ବା ବଡ଼ କାର୍ପେଟ୍ ଆଣି ପକାଇପାରିବେ।





“ ୨୦୨୦ ସୁଦ୍ଧା ୬ରୁ୭ ମିଲିୟନ ହାଇବ୍ରିଡ, ଇଲେକ୍ଟ୍ରିକ ଗାଡ଼ି ବିକ୍ରି ହେବ ବୋଲି ସରକାର ଆଶା କରୁଛନ୍ତି। ଜାତୀୟ ଇନ୍ଧନ ସୁରକ୍ଷା ସଂକ୍ରାନ୍ତରେ ଏକ ଯୋଜନା ପ୍ରସ୍ତୁତ ହୋଇଛି।

**– ଅରବିନ୍ଦ ସାୱନ୍ତ, କେନ୍ଦ୍ର ଭାରି ଶିଳ୍ପ, ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମନ୍ତ୍ରୀ**



“ ଇଞ୍ଜିନିୟରିଂ ସେବାରେ ନିୟୋଜିତ ବ୍ୟକ୍ତିବିଶେଷ ଭିତ୍ତିଭୂମି ସମେତ ଇଞ୍ଜିନିୟରିଂ ସାମଗ୍ରୀ ନିର୍ମାଣ ବେଳେ ଗୁଣବତ୍ତା ଉପରେ ଯତ୍ନଶୀଳ ହେବାକୁ ପଡ଼ିବ।

**– ପୀୟୂଷ ଗୋୟଲ, କେନ୍ଦ୍ର ଶିଳ୍ପ ଏବଂ ବାଣିଜ୍ୟମନ୍ତ୍ରୀ**

## ସଂକ୍ଷେପରେ

### ୧୮ରାଷ୍ଟ୍ରାୟତ୍ତ କମ୍ପାନୀଙ୍କ ଅଂଶଧନ ୭୫%କୁ ହ୍ରାସ ପାଇବ

**ନୂଆଦିଲ୍ଲୀ,୮-୭:** କେନ୍ଦ୍ର ସରକାର ଅଂଶଧନ ହ୍ରାସ ମାଧ୍ୟମରେ ଚଳିତ ଆର୍ଥିକ ବର୍ଷରେ ପ୍ରାୟ ୧୫ ହଜାର କୋଟି ଟଙ୍କା ଆୟ କରିବାକୁ ପ୍ରୟାସ ଚଳାଇଛନ୍ତି। ଏଥିଲାଗି ୧୮ ରାଷ୍ଟ୍ରାୟତ୍ତ କମ୍ପାନୀ, ସଂସ୍ଥାର ଅଂଶଧନକୁ ୭୫%କୁ ହ୍ରାସ କରାଯିବ ବୋଲି ଅର୍ଥ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ପ୍ରକାଶ କରିଛନ୍ତି। ଉଲ୍ଲେଖଥାଉ କି, ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ବଜେଟ ଉପସ୍ଥାପନ କରି ଚଳିତ ଆର୍ଥିକ ବର୍ଷରେ ରାଷ୍ଟ୍ରାୟତ୍ତ କମ୍ପାନୀ, ସଂସ୍ଥାରୁ ପୁଞ୍ଜି ପ୍ରତ୍ୟାହାର ମାଧ୍ୟମରେ ୧.୦୫ ଲକ୍ଷ କୋଟି ଟଙ୍କା ଆଦାୟ କରାଯିବ ବୋଲି କହିଥିଲେ। ଗତବର୍ଷ ୮୫ ହଜାର କୋଟି ଟଙ୍କା ଆଦାୟ ହୋଇଥିଲା। ସେବିର ନିୟମ ଅନୁଯାୟୀ ସରକାର ତାଲିକାଭୁକ୍ତ ରାଷ୍ଟ୍ରାୟତ୍ତ କମ୍ପାନୀ, ସଂସ୍ଥାରୁ ଅଂଶଧନ ପ୍ରତ୍ୟାହାର କରିନେବେ ବୋଲି ଅଧିକାରୀ ପ୍ରକାଶ କରିଛନ୍ତି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ସରକାର ରାଷ୍ଟ୍ରାୟତ୍ତ ଜେନେରାଲ ଇନ୍ସ୍ୟୁରାନ୍ସ କର୍ପୋରେଶନ ଅଫ୍ ଇଣ୍ଡିଆ(ଜିଆଇସି), ନ୍ୟୁ ଇଣ୍ଡିଆ ଆସୁରାନ୍ସରୁ ୧୦ ପ୍ରତିଶତ ଲେଖାଏ ଅଂଶଧନ ବିକିବେ। ଫଳରେ ଏ ଦୁଇଟି କମ୍ପାନୀରେ ସରକାରଙ୍କ ଅଂଶଧନ ୭୫%କୁ ଖସିଆସିବ।

### ୧.୭୫ ଲକ୍ଷ କମ୍ପାନୀ, ବ୍ୟକ୍ତି କାଢ଼ିଛନ୍ତି କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା

**ନୂଆଦିଲ୍ଲୀ,୮-୭:** ବ୍ୟାଙ୍କରୁ ବର୍ଷକୁ ୧ କୋଟି ଟଙ୍କାରୁ ଅଧିକ ନଗଦ ଉଠାଣ କ୍ଷେତ୍ରରେ ୨ ପ୍ରତିଶତ ଟିଡିଏସ୍( ସ୍ରୋତ ଉପରେ କଟାଯାଇଥିବା ଟିକସ) ଦେବାକୁ ହେବ। କଳାଧନ କାରବାରକୁ ରୋକିବା ଲାଗି ବଜେଟରେ ଏଭଳି ବ୍ୟବସ୍ଥା ଘୋଷଣା କରାଯାଇଛି। ୨୦୧୭-୧୮ରେ ୧.୭୫ ଲକ୍ଷ ବ୍ୟକ୍ତିବିଶେଷ,କମ୍ପାନୀ ଓ ସଂସ୍ଥା ୧ କୋଟି ଟଙ୍କାରୁ ଅଧିକ ଉଠାଇଛନ୍ତି। ଏଥିରୁ କେତେକ ଅଂଶ ଆଇନସମ୍ମତ ଭାବେ ଉଠାଯାଇଛି। ଅବଶିଷ୍ଟ ଉଠାଣ ବେଆଇନ କୁହାଯାଇପାରେ। ଏଟିଏମ୍ ପରିଚାଳନା କରୁଥିବା କମ୍ପାନୀ, ବ୍ୟବସାୟୀ ଆଦିଙ୍କ ଉଠାଣ ବୈଧ। ଅବଶିଷ୍ଟ ଉଠାଣ ବେଳେ ଜାଲିଆତିର ପ୍ରମାଣ ମିଳିଛି। ଏପରିକି ଉଠାଣ ବେଳେ ଦିଆଯାଇଥିବା ପାନ୍ ନମ୍ବର ଜାଲ୍ ବୋଲି ଜଣାପଡିଛି। ଏବେ ଟିଡିଏସ୍ ଲାଗୁ କରି ସରକାର ଆଶାକରୁଛନ୍ତି ଯେ, ଏଭଳି ଲୋକ, ଫାର୍ମ ଉପର ନଜର ରଖାଯାଇପାରିବ।

# ବଜେଟକୁ ନିବେଶକଙ୍କ ନାପସନ୍ଦ

**ମୁମ୍ବାଇ,୮-୭**

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ଙ୍କ ବଜେଟକୁ ଷ୍ଟକ୍ ମାର୍କେଟ ସକରାତ୍ମକ ଭାବେ ଗ୍ରହଣ କରିପାରିନାହିଁ। ବଜେଟ ଉପରେ ଆଶାବାନ୍ଧିଥିବା ନିବେଶକ ନିରାଶ ହୋଇଛନ୍ତି। ଫଳସ୍ୱରୂପ ଶୁକ୍ରବାର ମାର୍କେଟ ପ୍ରାୟ ୪୦୦ ପଏଣ୍ଟ ହ୍ରାସ ପାଇଥିଲା। ସୋମବାର ସପ୍ତାହର ପ୍ରଥମ କାରବାର ଦିନରେ ମଧ୍ୟ ନିବେଶକଙ୍କ ମନରେ ସୃଷ୍ଟି ହୋଇଥିବା ଭୟ ଦୂର ହୋଇପାରି ନ ଥିଲା। ନିର୍ମଳାଙ୍କ ବଜେଟରୁ ନିବେଶକ କିଛି ପାଇବା ପରିବର୍ତ୍ତେ ଅଧିକ ହରାଇବାକୁ ଯାଉଥିବା ମନେକରି ବର୍ତ୍ତମାନ ଷ୍ଟକ୍ ମାର୍କେଟରୁ ଦୂରେଇ ଯିବାକୁ ଶ୍ରେୟ ମଣୁଛନ୍ତି। ଫଳରେ ସୋମବାର କାରବାର ବନ୍ଦ ହେବା ବେଳକୁ ସେନ୍ସେକ୍ସ ୭୯୨.୮୨ ପଏଣ୍ଟ ହ୍ରାସ ପାଇ ୩୮,୭୨୦.୫୭ ଓ ନିଫ୍ଟି ୨୫୨.୫୫ ପଏଣ୍ଟ କମି ୧୧,୫୫୮.୬୦ ସ୍ତରରେ ବନ୍ଦ ହୋଇଛି। ସେନସେକ୍ସ ଇଣ୍ଟ୍ରା ଡେ ଅର୍ଥାତ୍ ଦିନକ ମଧ୍ୟରେ ଏକ ସମୟରେ ପ୍ରାୟ ୯୦୦ ପଏଣ୍ଟ ହ୍ରାସ ପାଇଥିଲା। ଗୋଟିଏ ଦିନରେ ବଜାର ଏତେ ବଡ଼ ମାତ୍ରାରେ ହ୍ରାସ ପାଇବା କାରଣରୁ ନିବେଶକଙ୍କର ୩.୫ ଲକ୍ଷ କୋଟି ଟଙ୍କା କ୍ଷତି ହୋଇଛି। ଶୁକ୍ରବାର ଓ ଆଜିର ଦିନକୁ ମିଶାଇଲେ ନିବେଶକ ପ୍ରାୟ ୫.୫୫ ଲକ୍ଷ କୋଟି ଟଙ୍କା ମାତ୍ର ୨ ଦିନରେ ହରାଇ ସାରିଲେଣି।

ବଜେଟକୁ ନେଇ ନିବେଶକଙ୍କ ମଧ୍ୟରେ ନୈରାଶ୍ୟ ଖେଳିଯିବା ଯୋଗୁ ଷ୍ଟକ୍ ମାର୍କେଟଠାରୁ ସେମାନେ ଦୂରେଇ ଯିବାକୁ ପସନ୍ଦ କରିଛନ୍ତି। ବଜେଟକୁ ନେଇ ସେମାନଙ୍କ ମଧ୍ୟରେ ବହୁ ଆଶା ଥିଲା। କେଡିଆ କମୋଡିଟି ଡାଇରେକ୍ଟର ଅଜୟ କେଡିଆଙ୍କ ମତରେ ବଜେଟରୁ ଟିକସ କ୍ଷେତ୍ରରେ ଅଧିକ ଛାଡ଼ ମିଳିବ ବୋଲି ନିବେଶକ ଭାବିଥିଲେ। କିନ୍ତୁ ସେମାନଙ୍କୁ କିଛି ମିଳି ନ ଥିଲା। ଏହାର ଓଲଟା ବିଦେଶୀ ପୋର୍ଟଫୋଲିଓ ନିବେଶକ(ଏଫ୍‌ପିଆଇ)ଙ୍କ ଲାଗି ଲଙ୍ଗ ଟର୍ମ କ୍ୟାପିଟାଲ ଗେନ୍ସ(ଏଲ୍‌ଟିସିଜି) ଟ୍ୟାକ୍ସକୁ ବଜେଟରେ ବୃଦ୍ଧି କରାଯାଇଛି। ଏହାକୁ ମାର୍କେଟ ସହଜରେ ଗ୍ରହଣ କରିପାରିନାହିଁ। ତାଙ୍କ ମତରେ ବାଏବ୍ୟାକ୍ ଟିକସ ଓ କିଛି ବର୍ଷ ପରେ ପବ୍ଲିକ୍ ଶେୟାରହୋଲ୍ଡିଙ୍ଗସ୍ ବୃଦ୍ଧି କରାଯିବାକୁ ସରକାରଙ୍କ ଯୋଜନା ସମ୍ପର୍କରେ ବଜେଟରେ ଉଲ୍ଲେଖ କରାଯାଇଥିବାରୁ ନିବେଶକଙ୍କ ମୁଡ୍ ଖରାପ କରିଛି। ବଜେଟରେ ତାଲିକାଭୁକ୍ତ କମ୍ପାନୀଙ୍କ ସର୍ବନିମ୍ନ ପବ୍ଲିକ୍ ଶେୟାର ହୋଲ୍ଡିଙ୍ଗ ସୀମାକୁ ୨୫ରୁ ୩୫%କୁ ବୃଦ୍ଧି କରାଯିବ ବୋଲି ବଜେଟରେ ଘୋଷଣା କରାଯାଇଛି। ତାଲିକାଭୁକ୍ତ କମ୍ପାନୀଙ୍କ ପକ୍ଷରୁ ବଜାରରେ ଏକାସାଙ୍ଗରେ ଅତିରିକ୍ତ ଶେୟାର ଅଣାଗଲେ ନଗଦ ସଙ୍କଟ ସୃଷ୍ଟି ହୋଇପାରେ ବୋଲି ବଜାରରେ ଆଶଙ୍କାବ୍ୟକ୍ତ କରାଯାଇଛି। ସରକାରଙ୍କ ଏହି ଘୋଷଣା ଯୋଗୁ ଟିସିଏସ୍, ୱିପ୍ରୋ, ଡିମାର୍ଟଭଳି ବଡ଼ କମ୍ପାନୀ ସମେତ ୧୧୭୪ ତାଲିକାଭୁକ୍ତ କମ୍ପାନୀଙ୍କ ପ୍ରମୋଟରଙ୍କ ମୋଟ ୩.୮୭ ଲକ୍ଷ କୋଟି ଶେୟାର ସଂଖ୍ୟା କମାଇବାକୁ ହେବ ବୋଲି ମନେକରାଯାଉଛି। ସେହିପରି ବଜେଟରେ ଘରୋଇ ଅର୍ଥନୀତିକୁ ଗତିଶୀଳ କରିବା ଲାଗି କୌଣସି ସ୍ପଷ୍ଟ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇ ନାହିଁ ବୋଲି ମନେକରାଯାଉଛି। ନିବେଶ ଓ ବ୍ୟବହାର କିପରି ବଢ଼ିବ ସେ ନେଇ ବଜେଟରେ ସ୍ପଷ୍ଟ କରାଯାଇନାହିଁ। ଏଥିଯୋଗୁ ନିବେଶକ ନିରାଶ ହୋଇଛନ୍ତି।



- ଦୁଇଦିନରେ ଖସିଲା ୧୧୦୦ ପଏଣ୍ଟ
- ନିବେଶକ ହରାଇଲେ ୫.୫୫ଲକ୍ଷ କୋଟି
- ବଜେଟରେ ଲାଗୁ ଟିକସ ଯୋଗୁ ଲାଭ କମିବ

### ଏଫ୍‌ପିଆଇଙ୍କ ଉପରେ ଟିକସର ସ୍ପଷ୍ଟୀକରଣ ଅନାବଶ୍ୟକ: ସୀତାରାମନ୍

**ନୂଆଦିଲ୍ଲୀ,୮-୭:** କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ସୋମବାର କହିଛନ୍ତି ଯେ, ଫରେନ ପୋର୍ଟଫୋଲିଓ ଇନ୍‌ଭେଷ୍ଟର(ଏଫ୍‌ପିଆଇ)ଙ୍କ ଉପରେ ଲାଗୁ ହୋଇଥିବା ଅତିରିକ୍ତ ଟିକସ ବୋଝ ସଂକ୍ରାନ୍ତରେ ଆଉ କୌଣସି ସ୍ପଷ୍ଟୀକରଣ ଦେବାର ଆବଶ୍ୟକତା ନାହିଁ। ବଜେଟରେ ୨-୫ କୋଟି ଟଙ୍କା ଆୟ ଉପରେ ସରଚାର୍ଜକୁ ୧୫ରୁ ୨୫%କୁ ଏବଂ ୫ କୋଟି ଟଙ୍କା ଉପରେ ଆୟ କ୍ଷେତ୍ରରେ ସରଚାର୍ଜକୁ ୩୭%କୁ ବୃଦ୍ଧି କରାଯାଇଛି। ଏଫ୍‌ପିଆଇଙ୍କ ଉପରେ ଟିକସ ବୃଦ୍ଧି ଯୋଗୁ ସେମାନେ ଏଥିରେ ହତୋତ୍ସାହିତ ହୋଇ ସୋମବାର ଦେଶର ଷ୍ଟକ୍ ବଜାରରେ ଭାରି ମାତ୍ରାରେ ଶେୟାର ବିକ୍ରି କରିଛନ୍ତି।

ସେହିପରି ବଜେଟରେ ଅତିଧନୀଙ୍କ ଉପରେ ସରଚାର୍ଜ ବୃଦ୍ଧିକରାଗଲା। ବଜେଟ ପରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ସଂସଦରେ ଫାଇନାନ୍ସ ବିଲ୍ ଉପସ୍ଥାପନ କଲେ। ଟ୍ରଷ୍ଟ ଭାବେ ପଞ୍ଜୀକୃତ ହୋଇଥିବା ଫରେନ ପୋର୍ଟଫୋଲିଓ ଇନ୍‌ଭେଷ୍ଟର(ଏଫ୍‌ପିଆଇ)ଙ୍କ ଉପରେ ମଧ୍ୟ ସରଚାର୍ଜ ବୃଦ୍ଧି କରାଯିବ ବୋଲି ଏଥିରୁ ଜଣାପଡିଲା। ଏହାର ସବୁଠାରୁ ବଡ଼ ପ୍ରଭାବ କ୍ୟାଟେଗୋରୀ-୩ ଅଲ୍ଟରନେଟ୍ ଇନ୍‌ଭେଷ୍ଟମେଣ୍ଟ ଫଣ୍ଡ ଉପରେ ପଡିଛି। ଏଣୁ ଟ୍ରଷ୍ଟ ଭାବେ ରେଜିଷ୍ଟ୍ରିଭୁକ୍ତ ହୋଇଥିବା ଏଫ୍‌ପିଆଇଙ୍କୁ ଏବେ ଅଧିକ ସରଚାର୍ଜ ଦେବାକୁ ହେବ। ଭାରତରେ ୭୦ ପ୍ରତିଶତ ଏଫ୍‌ପିଆଇ ନନ୍ କର୍ପୋରେଟ ଭାବେ ପଞ୍ଜୀକୃତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଅନେକ ଏଓପି ଲାଗି ନିଜର ପ୍ୟାନ୍ କାର୍ଡ ଦେଇଛନ୍ତି। ହେଜ୍ ଫଣ୍ଡ ଓ ଇଣ୍ଡେକ୍ସ ଫଣ୍ଡ ଭାବେ ପରିଗଣିତ କ୍ୟାଟେଗରୀ-୩ର ରେଜିଷ୍ଟ୍ରିଭୁକ୍ତ ଫଣ୍ଡ ଫାଇନାନ୍ସ ବିଲ୍ ଓ ବଜେଟ ଯୋଗୁ ଅଧିକ ପ୍ରଭାବିତ ହେବେ। ବର୍ତ୍ତମାନ ଏକ ବର୍ଷ ପରେ ୧ ଲକ୍ଷ ଟଙ୍କାର ଶେୟାର ବିକ୍ରି ଉପରେ ନିବେଶକଙ୍କୁ ଏଲ୍‌ଟିସିଜି ଟିକସ ଭାବେ ୧୧.୯ ପ୍ରତିଶତ ଦେବାକୁ ପଡିଥାଏ। ଏହି ଅବଧି ବର୍ଷକରୁ କମ୍ ସମୟ ହୋଇଥିଲେ ଟିକସ ପରିମାଣ ୧୭.୯୪% ହୋଇଥାଏ। ସେହିପରି ୨ କୋଟିରୁ ୫ କୋଟି ଟଙ୍କା ମଧ୍ୟରେ ଆୟ ଲାଗି ସରଚାର୍ଜ ଟ୍ୟାକ୍ସ ୧୫ ବଦଳରେ ୨୫% ଟିକସ ସରଚାର୍ଜ ଦେବାକୁ ହେବ। ଅନ୍ୟପକ୍ଷରେ ୫ କୋଟି ଟଙ୍କାରୁ ଅଧିକ ଆୟ କ୍ଷେତ୍ରରେ ସରଚାର୍ଜ ପରିମାଣ ୧୫ରୁ ୩୭%କୁ ବୃଦ୍ଧି ପାଇବ। ବିଦେଶରେ ବହୁ ଫଣ୍ଡ ରହିଛି ଯିଏ କି ଆସୋସିଏଶନ ଅଫ୍ ପର୍ସନ ଅଥବା ଟ୍ରଷ୍ଟ ରୂପରେ ପଞ୍ଜୀକୃତ ହୋଇଛି। ଏଫ୍‌ପିଆଇ ଶେୟାର ବିକ୍ରି କରି ୨କୋଟି ଟଙ୍କା ଆୟ କଲେ ତାଙ୍କୁ ୨୫% ସରଚାର୍ଜ ଦେବାକୁ ହେବ। ୫କୋଟି ଟଙ୍କାରୁ ଅଧିକ କ୍ଷେତ୍ରରେ ଏହା ୩୭% ହେବ।

### ଆମେରିକା ନିଯୁକ୍ତି ଡାଟା

ଆମେରିକାର ନିଯୁକ୍ତି ଡାଟା ମଧ୍ୟ ବଜାର ହ୍ରାସର ଅନ୍ୟତମ ମୁଖ୍ୟ କାରଣ। ଅଜୟ କେଡିଆଙ୍କ ମତରେ ଜୁନ୍‌ରେ ଆମେରିକାରେ ଅଧିକ ନିଯୁକ୍ତି ହୋଇଛି। ଏହି କାରଣରୁ ଆମେରିକାର ରିଜର୍ଭ ବ୍ୟାଙ୍କ(ଫେଡେରାଲ ବ୍ୟାଙ୍କ) ଦ୍ୱାରା ଆଗାମୀ ଦିନରେ ସୁଧ ହାର ହ୍ରାସ କରାଯିବାର ସମ୍ଭାବନା କମ୍ ରହିଛି ବୋଲି ମନେ କରାଯାଉଛି। ଏହି କାରଣରୁ ବଜାର ଉପରେ ଚାପ ପଡିଥିଲା।

### ପିଏନ୍‌ବିର ଆଉ ଏକ ଠକେଇ

ହୀରା ବ୍ୟବସାୟୀ ନୀରବ ମୋଦି ଓ ମେହୁଲ ଚୋକ୍‌ସିଙ୍କ ଦ୍ୱାରା ହୋଇଥିବା ସାଢ଼େ ୧୩ ହଜାର କୋଟି ଟଙ୍କାର ମହାଦୁର୍ନୀତି ଧରାପଡିବା ପରେ ଭୂଷଣ ପାୱାର ଆଣ୍ଡ ଷ୍ଟିଲ୍ ଲିମିଟେଡ ଦ୍ୱାରା ୩,୮୦୫.୧୫ କୋଟି ଟଙ୍କା ଆଉ ଏକ ଠକେଇ ଧରାପଡିଛି। ଏଥିଯୋଗୁ ବହୁ ରାଷ୍ଟ୍ରାୟତ୍ତ ଓ ଘରୋଇ ବ୍ୟାଙ୍କ ପ୍ରଭାବିତ ହୋଇଥିବା ମନେ କରି ନିବେଶକ ବ୍ୟାଙ୍କ ଶେୟାର ବିକ୍ରି ଥିଲେ।

### ଏସିଆ ବଜାରରେ ବିକ୍ରି ବୃଦ୍ଧି

ଆମେରିକାର ନିଯୁକ୍ତି ଡାଟାର ପ୍ରଭାବ ଏସିଆର ବିଭିନ୍ନ ଷ୍ଟକ୍ ବଜାର ଉପରେ ଦେଖିବାକୁ ମିଳିଥିଲା। ଏସ୍‌ଜିଏକ୍ସ ନିଫ୍ଟି, ନିକେଇ ୨୨୫, କୋସ୍ପି, ହ୍ୟାଙ୍ଗସେଙ୍ଗ,ତାଇୱାନ ୱେଟେଡ ଏବଂ ସାଂଘାଇ କମ୍ପୋଜିଟରେ ହ୍ରାସ ପରିଲକ୍ଷିତ ହୋଇଥିଲା।

### ଫଳାଫଳ ଘୋଷଣା ପୂର୍ବରୁ ସତର୍କତା

ଜୁନ୍ ତ୍ରୈମାସ ଲାଗି କମ୍ପାନୀଗୁଡ଼ିକର ଫଳାଫଳ ଘୋଷଣା ଆରମ୍ଭ ହେବାକୁ ଯାଉଛି। ମଙ୍ଗଳବାର ଟିସିଏସ୍‌ର ଫଳାଫଳ ଘୋଷଣା ହେବ। ଚଳିତ ତ୍ରୈମାସରେ ମଧ୍ୟ ଫଳାଫଳ ସେଭଳି ଉତ୍ସାହଜନକ ହେବ ନାହିଁ ବୋଲି ନିବେଶକଙ୍କ ମଧ୍ୟରେ ଧାରଣା ରହିଛି।





## କଏର ଇଣ୍ଡିଆର ନୂଆ ଶୋ'ରୁମ ଶୁଭାରମ୍ଭ

**ଭୁବନେଶ୍ୱର,୮-୭(ବ୍ୟୁରୋ)**

କଏର ଇଣ୍ଡିଆର ନୂଆ ଷ୍ଟୋର ସ୍ଥାନୀୟ ଖାରବେଳ ନଗରଠାରେ ସୋମବାର ଶୁଭାରମ୍ଭ ହୋଇଛି। ଏହାକୁ ଷ୍ଟୋରର ସ୍ୱତ୍ୱାଧିକାରୀ ରଶ୍ମିରଞ୍ଜନ ପାତ୍ର,ୱେଲସ୍ପନ ଫ୍ଲୋରିଂ ଗ୍ଲୋବାଲ ବ୍ରାଣ୍ଡସ ଲିମିଟେଡର ସାଧାରଣ ପ୍ରବନ୍ଧକ ଅନିଲ ଝା, ସ୍ପ୍ରିଙ୍ଗ ଏୟାର ବେଡିଙ୍ଗ୍ କମ୍ପାନୀ ଇଣ୍ଡିଆ ଲିମିଟେଡର ଏଜିଏମ୍ ଜୟ କୁମାର ବୋଷ ପ୍ରମୁଖ ଉନ୍ମୋଚନ କରିଥିଲେ। ନୂଆ ଷ୍ଟୋରଟି ୩,୦୦୦ ବର୍ଗଫୁଟ ପରିମିତ ସ୍ଥାନରେ ଖୋଲିଛି। ଗ୍ରାହକମାନେ ଗୋଟିଏ ଛାତ ତଳେ ସେମାନଙ୍କ ଆବଶ୍ୟକତା ମୁତାବକ ଫର୍ନିସିଂ ସାମଗ୍ରୀ ଲାଭ କରିପାରିବେ। ବିଭିନ୍ନ ଫର୍ନିସିଂ ବ୍ରାଣ୍ଡର ଡିସ୍‌ପ୍ଲେ ଗ୍ୟାଲେରି ମଧ୍ୟ ଏଠାରେ ସ୍ଥାପନ କରାଯାଇଛି। ଗ୍ରାହକମାନେ ଡୋର୍ ମ୍ୟାଟ୍, ମେଟିଙ୍ଗସ, କାର୍ପେଟ,ୱାଲ୍ ଟୁ ୱାଲ୍, ମ୍ୟାଟ୍ରେସ, ହୋମ୍ ଡେକର, ଫର୍ନିସିଂ ଏଠାରେ ପାଇ ପାରିବେ। ଆମେରିକା ଭିତ୍ତିକ ମ୍ୟାଟ୍ରେସ ବ୍ରାଣ୍ଡ ସ୍ପ୍ରିଙ୍ଗ ଏୟାର, ହସ୍, ଫ୍ଲୋରିଙ୍ଗ ବର୍ଗରେ ୱେଲସ୍ପନର ପ୍ରଡକ୍ଟ ଏଠାରେ ରହିଛି। ସେହିଭଳି ବେଡ, ବାଥ୍ ବର୍ଗରେ ପ୍ରମୁଖ ବ୍ରାଣ୍ଡ ସ୍ୱେଶେଷ, ଇନଷ୍ଟା, ନେକ୍ସସଫ୍ଟ, ମେଟ୍ରୋଟର୍ଫ, ଟାଇମ୍, କଦମ୍, କମ୍ଫର୍ଟ, ଏକ୍ସେଲ, ନେଚୁରା, ଓବେଟି, ଓବସେସନ ଭଳି ବ୍ରାଣ୍ଡର ପ୍ରଡକ୍ଟ ଗ୍ରାହକ ଲାଭ କରିପାରିବେ। ଫର୍ନିସିଂ ସାମଗ୍ରୀର ଆବଶ୍ୟକତା ପୂରଣ ସହ ଗ୍ରାହକଙ୍କ ଚାହିଦାକୁ ଆଧାର କରି ଏଭଳି ପଦକ୍ଷେପ ନିଆଯାଇଥିବା ସ୍ୱତ୍ୱାଧିକାରୀ ରଶ୍ମିରଞ୍ଜନ ପାତ୍ର କହିଛନ୍ତି।

**ଗୋଟିଏ ସ୍ଥାନରେ ଉପଲବ୍ଧ ହେବ ଫର୍ନିସିଂ ସାମଗ୍ରୀ**

## ୧୧ ବର୍ଷରେ ବ୍ୟାଙ୍କକୁ ୩.୧୫ ଲକ୍ଷ କୋଟି ପ୍ରଦାନ

**ନୂଆଦିଲ୍ଲୀ,୮-୭**

କେନ୍ଦ୍ର ସରକାର ବିଗତ ୧୧ବର୍ଷରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ୩.୧୫ ଲକ୍ଷ କୋଟି ଟଙ୍କା ପ୍ରଦାନ କରିଛନ୍ତି ବୋଲି ସୋମବାର ପାର୍ଲାମେଣ୍ଟରେ ପ୍ରକାଶ କରିଛନ୍ତି। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକରେ ନଗଦର ଅଭାବ ଉପରେ ଆଗତ ପ୍ରଶ୍ନର ଉତ୍ତର ଦେଇ ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ସିଂ ଠାକୁର ଲୋକ ସଭାରେ କହିଛନ୍ତି ଯେ, ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ମିନିମମ୍ କ୍ୟାପିଟାଲ ଟୁ ରିସ୍କ-ୱେଟେଡ ଆସେଟ ରେସିଓ(ସିଆର୍‌ଏଆର୍) ୯% ରଖିବାକୁ ବାଧ୍ୟ। ଚଳିତ ବର୍ଷ ୩୧ ମାର୍ଚ୍ଚ ସୁଦ୍ଧା ୧୮ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଏହି ସିଆର୍‌ଏଆର୍ ଆବଶ୍ୟକତା ପୂରଣ କରିଛନ୍ତି। ସେମାନେ ଆଭ୍ୟନ୍ତରୀଣ ଉପରେ ନଗଦ ହାସଲ କରିବା ସହିତ, ଷ୍ଟକ୍ ବଜାରରୁ ଟଙ୍କା ଉଠାଇଥାନ୍ତି ଅଥବା ସରକାର ସେମାନଙ୍କୁ ପୁଞ୍ଜି ପ୍ରଦାନ କରନ୍ତି। ଆର୍ଥିକ ବର୍ଷ ୨୦୦୯ରୁ ୨୦୧୯ ପର୍ଯ୍ୟନ୍ତ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ୨,୮୧,୬୧୬ କୋଟି ଟଙ୍କାର ପୁଞ୍ଜି ଅନ୍ୟାନ୍ୟ ସୂତ୍ରରୁ ହାସଲ କରିବା ସହ ଏହି ସମୟ ମଧ୍ୟରେ ୯୮,୩୭୩ କୋଟି ଟଙ୍କାର ନେଟ୍ ଲାଭ କରିଛନ୍ତି ବୋଲି ଠାକୁର କହିଛନ୍ତି।

## ସଭରେନ ବଣ୍ଡ ସମ୍ପର୍କରେ ସରକାରଙ୍କ ସହ ଆଲୋଚନା ହେବ: ଶକ୍ତିକାନ୍ତ

**ନୂଆଦିଲ୍ଲୀ,୮-୭**

କେନ୍ଦ୍ର ସରକାର ସଭରେନ ବଣ୍ଡ ମାଧ୍ୟମରେ ବିଦେଶରୁ ଋଣ କରିବେ। ଏଥିଲାଗି ସରକାରଙ୍କ ସହିତ ଆଲୋଚନା କରାଯିବ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଗଭର୍ନର ଶକ୍ତିକାନ୍ତ ଦାସ ସୋମବାର ପ୍ରକାଶ କରିଛନ୍ତି। ବଜେଟ ପରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ସହ ପାରମ୍ପରିକ ବୈଠକ ପରେ ଶକ୍ତିକାନ୍ତ କହିଛନ୍ତି ଯେ, ବଜାରରେ ଯଥେଷ୍ଟ ନଗଦ ରହିଛି ଏବଂ ବଜେଟରେ ଏନ୍‌ବିଏଫ୍‌ସି ସେକ୍ଟର ଲାଗି ଯଥେଷ୍ଟ ବ୍ୟବସ୍ଥା କରାଯାଇଛି। ସେ କହିଛନ୍ତି ଯେ, ଏନ୍‌ବିଏଫ୍‌ସିଙ୍କ କାର୍ଯ୍ୟକଳାପ ଉପରେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ନଜର ରଖାଯାଉଛି। ପୁଞ୍ଜିକରଣ ଲାଗି ବ୍ୟାଙ୍କଗୁଡ଼ିକୁ ୭୦ହଜାର କୋଟି ଟଙ୍କା ପ୍ରଦାନ କରାଯିବ ବୋଲି ବଜେଟରେ ବ୍ୟବସ୍ଥା କରାଯାଇଥିବାରୁ ଏହା ଏକ ସକାରାତ୍ମକ ପଦକ୍ଷେପ କୁହାଯାଇପାରେ ବୋଲି ଶକ୍ତିକାନ୍ତ କହିଛନ୍ତି। ଗ୍ରାହକଙ୍କ ନିକଟରେ ସୁଧ ହାର ପହଞ୍ଚାଇବା ଲାଗି ଅତିକମ୍‌ରେ ୬ ମାସ ସମୟ ଲାଗିଥାଏ ବୋଲି ସେ କହିଛନ୍ତି। ବଜେଟରେ ପେଟ୍ରୋଲ ଓ ଡିଜେଲ ଉପରେ ଟିକସ ବୃଦ୍ଧି ସତ୍ତ୍ୱେ ସାମଗ୍ରୀ ଦର ସାମାନ୍ୟ ବଢ଼ିଛି ବୋଲି ଉଲ୍ଲେଖ କରି ସେ କହିଛନ୍ତି ଯେ, ଏହାର ପ୍ରଭାବ ମୁଦ୍ରାସ୍ଫୀତି ଉପରେ ଏବେ ପଡ଼ିଥିବା ଭଳି ମନେହେଉନାହିଁ। ସେ କହିଛନ୍ତି ଯେ, ମୁଦ୍ରା ନୀତି ସମୀକ୍ଷା କମିଟିର ପରବର୍ତ୍ତୀ ବୈଠକ ଅଗଷ୍ଟ ପ୍ରଥମ ସପ୍ତାହରେ ବସିବ। ସେ ପର୍ଯ୍ୟନ୍ତ ଆର୍‌ବିଆଇର ଆଭ୍ୟନ୍ତରୀଣ ଦଳ ତୈଳ ଦର ବୃଦ୍ଧି ଯୋଗୁ ମୁଦ୍ରାସ୍ଫୀତି ଉପରେ ପଡୁଥିବା ପ୍ରଭାବର ବିଶ୍ଳେଷଣ ଜାରି ରଖିବେ ବୋଲି ଗଭର୍ନର ଦାସ କହିଛନ୍ତି।

### ଘରୋଇ ବ୍ୟାଙ୍କ ସିଇଓଙ୍କୁ ଭେଟିବେ ଗଭର୍ନର

ଚଳିତ ମାସ ଶେଷାର୍ଦ୍ଧରେ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଗଭର୍ନର ଶକ୍ତିକାନ୍ତ ଦାସ ଘରୋଇ କ୍ଷେତ୍ରର ବ୍ୟାଙ୍କଗୁଡ଼ିକର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ମାନଙ୍କୁ ଭେଟିବେ। ଜୁଲାଇ ୨୫ କିମ୍ବା ୨୬ରେ ଏହି ବୈଠକ ଅନୁଷ୍ଠିତ ହେବ ବୋଲି ଜଣାପଡିଛି। ଅଣବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥାକୁ ନଗଦ ପ୍ରଦାନ, ଗ୍ରାହକଙ୍କୁ ସୁଧ ହାର ଫାଇଦା ପ୍ରଦାନ,ଏନ୍‌ପିଏ ଏବଂ ରିଏଲିଟି ସେକ୍ଟର ନେଇ ସେ ସିଇଓଙ୍କ ସହ ଆଲୋଚନା କରିବେ ବୋଲି ଜଣାପଡିଛି। ଏନ୍‌ପିଏ ସମସ୍ୟାକୁ ଦୃଷ୍ଟିରେ ରଖି ଘରୋଇ ବ୍ୟାଙ୍କଗୁଡ଼ିକ ଅଧିକ ମାତ୍ରାରେ ଋଣ ଦେଉ ନ ଥିବାରୁ ବଜାରରେ ନଗଦ ସଙ୍କଟ ସୃଷ୍ଟି ହେବାର ଆଉ ଏକ କାରଣ କୁହାଯାଉଛି।

## କାର୍, ବାଇକ ଟାୟାରରେ ନାଇଟ୍ରୋଜେନ୍ ଭରିବା ହେବ ବାଧ୍ୟତାମୂଳକ

**ନୂଆଦିଲ୍ଲୀ,୮-୭**

ସଡ଼କ ଦୁର୍ଘଟଣାକୁ ରୋକିବା ଲାଗି କେନ୍ଦ୍ର ସରକାର ଟାୟାର ଗୁଣବତ୍ତାରେ ପରିବର୍ତ୍ତନ କରିବାକୁ ଯାଉଛନ୍ତି। ଏହାବ୍ୟତୀତ ଟାୟାରରେ ନାଇଟ୍ରୋଜେନ ଗ୍ୟାସ୍ ଭର୍ତ୍ତି କରିବାକୁ ଆଗାମୀ ଦିନରେ ବାଧ୍ୟତାମୂଳକ କରାଯିବ। ସରକାରଙ୍କ ପକ୍ଷରୁ ଜାରି ପରିସଂଖ୍ୟାନ ଅନୁଯାୟୀ ୨୦୧୫ରୁ ୨୦୧୭ ମଧ୍ୟରେ ଦେଶରେ ଦୈନିକ ସଡ଼କ ଦୁର୍ଘଟଣାରେ ୪୦୦ ଲୋକଙ୍କ ମୃତ୍ୟୁ ହେଉଛି। ଉତ୍ତର ପ୍ରଦେଶ ଓ ତାମିଲନାଡୁରେ ସର୍ବାଧିକ ସଡ଼କ ଦୁର୍ଘଟଣା ମୃତ୍ୟୁ ହେଉଛି ବୋଲି କେନ୍ଦ୍ର ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ସୋମବାର ରାଜ୍ୟ ସଭାରେ ପ୍ରକାଶ କରିଛନ୍ତି। ସଡ଼କ ଦୁର୍ଘଟଣା ଉପରେ ଲଗାମ ଲଗାଇବା ଉଦ୍ଦେଶ୍ୟରେ ସରକାର ଟାୟାର କ୍ୱାଲିଟିରେ ପରିବର୍ତ୍ତନ କରିବାର ଯୋଜନା ପ୍ରସ୍ତୁତ କରୁଛନ୍ତି। ତଦନୁଯାୟୀ, ସମସ୍ତ ଟାୟାର ନିର୍ମାତା ଆଗାମୀ ଦିନରେ ରବର ସହିତ ସିଲିକନ ମିଶାଇବାକୁ ଅନିବାର୍ଯ୍ୟ କରାଯିବ। ଇଣ୍ଟରନ୍ୟାଶନାଲ ଷ୍ଟାଣ୍ଡାର୍ଡ ଅନୁଯାୟୀ, ରବର ସହିତ ସିଲିକନ ମିଶାଇବା ସହ ଟାୟାରରେ ନାଇଟ୍ରୋଜେନ ଗ୍ୟାସ୍ ଭର୍ତ୍ତି କରିବା ଯୋଗୁ ଟାୟାର ଫାଟିବା କାରଣରୁ ସଡ଼କ ଦୁର୍ଘଟଣା ବହୁ ପରିମାଣରେ ହ୍ରାସ ପାଇଥାଏ। ସେ କହିଛନ୍ତି ଯେ, ନୋଏଡା-ଆଗ୍ରା ହାଇୱେରେ ହୋଇଥିବା ଦୁର୍ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ। ଉତ୍ତରପ୍ରଦେଶ ସରକାର ଏହାର ଯାଞ୍ଚ ଲାଗି ନିର୍ଦ୍ଦେଶ ଦେଇଛନ୍ତି।



# ଗେଲ୍, ଆଇଓସିଏଲ୍ ଅଂଶଧନ ଗ୍ରହଣ ସ୍ଥିତି ଅସ୍ପଷ୍ଟ

**ନୂଆଦିଲ୍ଲୀ,୮-୭**

ଓଡିଶାର ଧାମରାଠାରେ ଆଦାନୀ ଗ୍ରୁପ ପକ୍ଷରୁ ପ୍ରସ୍ତାବିତ ଏଲ୍‌ଏନ୍‌ଜି ପ୍ରକଳ୍ପରେ ରାଷ୍ଟ୍ରାୟତ୍ତ ଇଣ୍ଡିଆନ ଅଏଲ କର୍ପୋରେଶନ (ଆଇଓସିଏଲ୍) ଏବଂ ଗ୍ୟାସ ଅଥରିଟି ଇଣ୍ଡିଆ ଲିମିଟେଡ(ଗେଲ୍) କୌଣସି ନିବେଶ କରି ନାହାନ୍ତି। ଏହି ପ୍ରକଳ୍ପ ୫୦୦୦ କୋଟି ଟଙ୍କା ନିବେଶରେ ନିର୍ମାଣ ହେବ ବୋଲି ପ୍ରସ୍ତାବ ରହିଥିଲା। ଆଲୋଚ୍ୟ ୨ ରାଷ୍ଟ୍ରାୟତ୍ତ ସଂସ୍ଥା ଉକ୍ତ ପ୍ରକଳ୍ପରେ ୫୦% ଅଂଶଧନ ଗ୍ରହଣ ନେଇ ଚୁକ୍ତିରେ ସାମିଲ ହୋଇଥିଲେ। ମାତ୍ର ଏହି ଚୁକ୍ତି ଅବଧି ୨୦୧୮ ସେପ୍ଟେମ୍ବରରେ ଶେଷ ହୋଇଥିବା କେନ୍ଦ୍ର ପେଟ୍ରୋଲିୟମ ଏବଂ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଲୋକ ସଭାକୁ ସୋମବାର ଏକ ଲିଖିତ ଉତ୍ତରରେ ସୂଚନା ଦେଇଛନ୍ତି। ଉକ୍ତ ପ୍ରକଳ୍ପ ସ୍ଥାପନ ଲାଗି ଆଇଓସିଏଲ୍ ଏବଂ ଗେଲ୍ ୨୦୧୬ ସେପ୍ଟେମ୍ବର ୨୧ରେ ଆଦାନୀ ପେଟ୍ରୋଲିୟମ ଟର୍ମିନାଲ ପ୍ରାଇଭେଟ ଲିମିଟେଡ ସହ ଏକ ନନ୍ ବାଇଣ୍ଡିଂ ଏମ୍‌ଓୟୁରେ ସାମିଲ ହୋଇଥିଲେ। ଯଥାକ୍ରମେ ୩୯% ଏବଂ ୧୧% ଅଂଶଧନ ଆଇଓସିଏଲ ଏବଂ ଗେଲ୍ ନିକଟରେ ରହିବ ବୋଲି ଚୁକ୍ତିରେ କୁହାଯାଇଥିଲା। ବାର୍ଷିକ ୫ ନିୟୁତ ଟନ୍ ଲିକ୍ୟୁଫାଏଡ ନାଚୁରାଲ ଗ୍ୟାସ (ଏଲ୍‌ଏନ୍‌ଜି) ଆମଦାନୀ ଟର୍ମିନାଲ ସ୍ଥାପନ ଲାଗି ଯୋଜନା ରହିଥିଲା ବୋଲି ପ୍ରଧାନ କହିଛନ୍ତି।

ଅଂଶଧନ କ୍ରୟ ଯୋଜନାରୁ ଦୁଇ ସଂସ୍ଥା ମିଳିତ ଭାବେ ଓହରି ଯାଇଥିବା କିମ୍ବା ଆଦାନୀ ଗ୍ରୁପ ସହ ଏବେ ମଧ୍ୟ ନିବେଶ ନେଇ କଥାବାର୍ତ୍ତା ଜାରି ରହିଛି କି ନା ସେ ସମ୍ପର୍କରେ କୌଣସି ସୂଚନା ପ୍ରଧାନ ଦେଇ ନାହାନ୍ତି। ସେହିଭଳି ଏମ୍‌ଓୟୁ ଅବଧି ଶେଷ ନେଇ ମଧ୍ୟ ସେ କୌଣସି ସ୍ପଷ୍ଟ ଉତ୍ତର ରଖି ନାହାନ୍ତି। ଏହା ଫଳରେ ଧାମରା ଏଲ୍‌ଏନ୍‌ଜି ପ୍ରକଳ୍ପରେ ଏହି ଦୁଇ ସଂସ୍ଥା ରହିବେ କି ନାହିଁ ସେ ନେଇ ବିଭିନ୍ନ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପ୍ରକଳ୍ପରେ ଆଦାନୀ ପେଟ୍ରୋଲିୟମ ଟର୍ମିନାଲ ପ୍ରାଇଭେଟ ଲିମିଟେଡ ନିକଟରେ ୫୦% ଅଂଶଧନ ରହିବ ବୋଲି ନିଷ୍ପତ୍ତି ହୋଇଥିଲା। ଓଡିଶାର ପାରାଦୀପ ଏବଂ ପଶ୍ଚିମବଙ୍ଗରେ ଥିବା ହଳଦିଆରେ ଥିବା ରିଫାଇନେରି ଲାଗି ଗ୍ୟାସ ଆମଦାନୀ କରିବାକୁ ପ୍ରସ୍ତାବିତ ଟର୍ମିନାଲର ୬୦% ବ୍ୟବହାର କରିବାକୁ ଆଇଓସି ୨୦୧୫ରେ ଯୋଜନା ରଖିଥିଲା। ସେହିଭଳି ଟର୍ମିନାଲର ୧.୫ ନିୟୁତ ଟନ୍ ରିଗ୍ୟାସିଫିକେଶନ କ୍ଷମତା ବ୍ୟବହାର ନେଇ ଗେଲ୍ ଚୁକ୍ତିରେ ଦର୍ଶାଇଥିଲା।

### ଧାମରାରେ ଏଲ୍‌ଏନ୍‌ଜି ପ୍ରକଳ୍ପ





- ଦୁଇ କମ୍ପାନୀଙ୍କ ଚୁକ୍ତି ଅବଧି ଶେଷ
- ୫୦% ଅଂଶଧନ ନେଇ ଚୁକ୍ତି ହୋଇଥିଲା

### ତୈଳ କମ୍ପାନୀ ମିଶ୍ରଣ ଯୋଜନା ନାହିଁ: ଧର୍ମେନ୍ଦ୍ର

**ନୂଆଦିଲ୍ଲୀ,୮-୭:** ଦେଶର ରାଷ୍ଟ୍ରାୟତ୍ତ ତୈଳ ଏବଂ ଗ୍ୟାସ କମ୍ପାନୀଗୁଡିକୁ ମିଶ୍ରଣ ନେଇ କୌଣସି ଯୋଜନା ବର୍ତ୍ତମାନ ନାହିଁ। ଏ ସଂକ୍ରାନ୍ତ କୌଣସି ପ୍ରସ୍ତାବ ଉପରେ ପେଟ୍ରୋଲିୟମ ମନ୍ତ୍ରଣାଳୟ ବିଚାର କରୁନାହିଁ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ(ଏଚ୍‌ପିସିଏଲ୍)ରେ ଥିବା ସରକାରଙ୍କ ଅଂଶଧନକୁ ଗତବର୍ଷ ରାଷ୍ଟ୍ରାୟତ୍ତ ଅଏଲ ଆଣ୍ଡ ନାଚୁରାଲ ଗ୍ୟାସ କର୍ପୋରେଶନ(ଓଏନ୍‌ଜିସି) ଅଧିଗ୍ରହଣ କରିଛି। ସେହିଭଳି ରାଷ୍ଟ୍ରାୟତ୍ତ ଗେଲ୍ ଇଣ୍ଡିଆକୁ ଇଣ୍ଡିଆନ ଅଏଲ ଏବଂ ଭାରତ ପେଟ୍ରୋଲିୟମ ଅଧିଗ୍ରହଣ ନେଇ ଇଚ୍ଛୁକ ଥିବା ସେ କହିଛନ୍ତି। ଏହି ଦୁଇ ସଂସ୍ଥା ଭିନ୍ନ ଭାବେ ଗେଲ୍‌ର ଅଧିଗ୍ରହଣ ନେଇ ଇଚ୍ଛୁକ ଥିବା ୨୦୧୮ ଫେବୃୟାରୀରେ ପ୍ରସ୍ତାବ ରହିଥିଲା। ବର୍ତ୍ତମାନ ଗେଲ୍ ଇଣ୍ଡିଆରେ ସରକାରଙ୍କର ୫୪.୮୯% ଅଂଶଧନ ରହିଛି।



# ନ୍ୟୁଜିଲାଣ୍ଡ ପେସ୍ ବନାମ ଭାରତୀୟ ଟପ୍ ଅର୍ଡର

**ମାଞ୍ଚେଷ୍ଟର, ୮।୭ (ପି.ଟି.)**

ଚଳିତ ଆଇସିସି ବିଶ୍ୱକପ୍ ଦ୍ୱାଦଶ ସଂସ୍କରଣରେ ଦୀର୍ଘ ୪୫ ଦିନ ଧରି ଚାଲିଥିବା ଲିଗ୍ ପର୍ଯ୍ୟାୟ ସମାପ୍ତ ହୋଇଯାଇଥିବାବେଳେ ମଙ୍ଗଳବାରଠାରୁ ନକ୍‌ଆଉଟ୍ ଆରମ୍ଭ ହେଉଛି। ସ୍ଥାନୀୟ ଓଲ୍ଡ ଟ୍ରାଫୋର୍ଡ ଷ୍ଟାଡିୟମରେ ଦୁଇଥରର ବିଶ୍ୱ ଚାମ୍ପିୟନ ଭାରତ ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ଗତଥର ରନର୍ସଅପ୍ ନ୍ୟୁଜିଲାଣ୍ଡକୁ ଭେଟିବ। ଏହି ମ୍ୟାଚ୍‌ରେ ମୁଖ୍ୟତଃ ଭାରତର ଟପ୍ ଅର୍ଡର ଓ ନ୍ୟୁଜିଲାଣ୍ଡର ପେସ୍ ଆଟାକ ମଧ୍ୟରେ


## ଆଜି ପ୍ରଥମ ସେମିଫାଇନାଲ

ମୁକାବିଲା ଦେଖିବାକୁ ମିଳିବ। ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ଟୁର୍ନାମେଣ୍ଟରେ ମୋଟ୍ ୯ ମ୍ୟାଚ୍ ଖେଳି ୭ ବିଜୟ, ଗୋଟିଏ ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ୧୫ ପଏଣ୍ଟ ପାଇ ଟେବୁଲ ଶୀର୍ଷରେ ରହି ସେମିଫାଇନାଲରେ ପ୍ରବେଶ କରିଛି। ଲିଗ୍ ପର୍ଯ୍ୟାୟରେ ଭାରତ କେବଳ ଇଂଲଣ୍ଡ ନିକଟରୁ ହାରିଯାଇଥିବାବେଳେ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍ ବର୍ଷା ଯୋଗୁ ସମ୍ଭବପର ହୋଇ ନ ଥିଲା। ଅପରପକ୍ଷରେ ପ୍ରାରମ୍ଭରୁ ଦମ୍‌ଦାର ପ୍ରଦର୍ଶନ କରିଥିବା କେନ୍ ୱିଲିୟମସନଙ୍କ ଦଳ ନ୍ୟୁଜିଲାଣ୍ଡ ଶେଷଭାଗରେ ୩ ମ୍ୟାଚ୍ ହାରି ୧୧ ପଏଣ୍ଟ ସହ ଅନ୍ତିମ-୪ରେ ସ୍ଥାନ ପକ୍କା କରିଥିଲା। ଲିଗ୍ ପର୍ଯ୍ୟାୟରେ ଏହି ଦୁଇ ଦଳ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଥିବାରୁ ମଙ୍ଗଳବାର ଓଲ୍ଡ ଟ୍ରାଫୋର୍ଡରେ ଏକ ରୋମାଞ୍ଚକ ମ୍ୟାଚ୍ ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି।

ଭାରତକୁ ସେମିଫାଇନାଲରେ ପ୍ରବେଶ କରାଇବାରେ ଦଳର ଟପ୍ ଅର୍ଡରର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଛି। ବିଶେଷକରି ଟୁର୍ନାମେଣ୍ଟର ଟପ୍ ସ୍କୋରର ରୋହିତ୍ ଶର୍ମାଙ୍କ ନେତୃତ୍ୱରେ ଲୋକେଶ ରାହୁଲ, ଅଧିନାୟକ ବିରାଟ କୋହଲି ପ୍ରମୁଖ ବର୍ତ୍ତମାନ ସୁଦ୍ଧା ବ୍ୟାଟିଂରେ ପ୍ରଭାବୀ ପ୍ରଦର୍ଶନ ଜାରି ରଖିଛନ୍ତି। ବିଶ୍ୱକପ୍‌ର ଗୋଟିଏ ସଂସ୍କରଣରେ ରେକର୍ଡ ୫ ଶତକ ସହ ରୋହିତ୍ ୬୪୭ ରନ୍ କରିଥିବାବେଳେ ରାହୁଲ (୩୬୦) ଓ କୋହଲି (୪୪୨) ତାଙ୍କୁ ଉପଯୁକ୍ତ ସହାୟତା ଦେଇଛନ୍ତି। ଆଗଧାଡ଼ିର ଏହି ୩ ବ୍ୟାଟ୍ସମ୍ୟାନ ବର୍ତ୍ତମାନ ସୁଦ୍ଧା ମିଳିତ ଭାବେ ୧୩୪୭ ରନ ସଂଗ୍ରହ କରି ଭାରତୀୟ ବ୍ୟାଟିଂର ମେରୁଦଣ୍ଡ ସାଜିଛନ୍ତି। ତେବେ ଟୁର୍ନାମେଣ୍ଟର ଅନ୍ୟତମ ଶ୍ରେଷ୍ଠ ଦ୍ରୁତ ବୋଲିଂ ବାହିନୀର ମାନ୍ୟତା ପାଇଥିବା ନ୍ୟୁଜିଲାଣ୍ଡ ବୋଲରଙ୍କୁ ଏହି ୩ଜଣ କିପରି ସଫଳତାର ସହ ମୁକାବିଲା କରୁଛନ୍ତି ତାହା ଦେଖିବାକୁ ବାକି ରହିଛି। କିୱି ଦଳର ୩ ପ୍ରମୁଖ ଦ୍ରୁତ ବୋଲର ଲୋକି ଫର୍ଗୁସନ (୧୭), ଟ୍ରେଣ୍ଟ ବୋଲ୍ଟ (୧୫) ଓ ମ୍ୟାଟ୍ ହେନ୍‌ରୀ (୧୦) ମିଳିତ ଭାବେ ପ୍ରତିଯୋଗିତାରେ ୪୨ ଉଇକେଟ୍ ଅକ୍ତିଆର କରି ପ୍ରତିପକ୍ଷ ବ୍ୟାଟ୍ସମ୍ୟାନଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛନ୍ତି। ଏପରି କି ଦୁଇ ଦ୍ରୁତ ବୋଲିଂ ଅଲ୍‌ରାଉଣ୍ଡର ଜିମ୍ମି ନିଶାମ (୧୧ ଉଇକେଟ୍) ଓ କଲିନ୍ ଡି ଗ୍ରାଣ୍ଡହୋମ୍ (୫) ମଧ୍ୟ ମିଳିତ ଭାବେ ୧୬ ଉଇକେଟ୍ ନେଇସାରିଛନ୍ତି। ଫର୍ଗୁସନଙ୍କ ବାଉନ୍ସର ହେଉ କି, ବୋଲ୍ଟଙ୍କ ମାରାତ୍ମକ ୟର୍କର ତାହାକୁ ସାମ୍ନା କରିବା ରୋହିତ୍-ରାହୁଲ ଯୋଡ଼ି ପାଇଁ ସହଜସାଧ୍ୟ ହେବନାହିଁ। ସେହିଭଳି ମିଡ୍‌ଲଅର୍ଡରରେ ଦୁର୍ବଳ ବ୍ୟାଟିଂ ଅଧିନାୟକ କୋହଲିଙ୍କ ସମେତ ଟିମ୍ ମ୍ୟାନେଜମେଣ୍ଟ ପାଇଁ ଚିନ୍ତାଜନକ ବିଷୟ ହୋଇ ରହିଛି। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନିକଟରୁ ବିଶ୍ୱାସଭରା ଇନିଂସ ଦେଖିବାକୁ ମିଳି ନ ଥିବାବେଳେ ଭେଟେରାନ ମହେନ୍ଦ୍ର ସିଂ ଧୋନୀ ୯ ମ୍ୟାଚ୍‌ରୁ ୨୯୩ ରନ୍ ସଂଗ୍ରହ କରିପାରିଛନ୍ତି। ବିଜୟ ଶଙ୍କରଙ୍କ ବଦଳରେ ନମ୍ବର-୪'ରେ ବ୍ୟାଟିଂ କରିବାକୁ ଡାକରା ପାଇଥିବା ରିଷଭ ପନ୍ତ ମଧ୍ୟ ସେମିତି କିଛି ପ୍ରଭାବୀ ପ୍ରଦର୍ଶନ କରିପାରି ନାହାନ୍ତି।

ଅପରପକ୍ଷରେ ନ୍ୟୁଜିଲାଣ୍ଡ ଦଳ ଉପରେ ନଜର ପକାଇଲେ ଅଧିନାୟକ ୱିଲିୟମସନ ହିଁ ଏକମାତ୍ର ବ୍ୟାଟ୍ସମ୍ୟାନ ଭାବେ ଟୁର୍ନାମେଣ୍ଟରେ ସଫଳ ରହିଛନ୍ତି। ସେ ବର୍ତ୍ତମାନ ସୁଦ୍ଧା ୪୮୧ ରନ୍ ସଂଗ୍ରହ କରିଥିବାବେଳେ ଦୁଇ ବିସ୍ଫୋରକ ଓପନର୍ ମାର୍ଟିନ ଗୁପ୍ଟିଲ (୧୬୬) ଓ କଲିନ ମୁନ୍‌ରୋ (୧୨୫) ଦଳକୁ ନିରାଶ କରିଛନ୍ତି। ୱିଲିୟସନଙ୍କ ପରେ ଏକମାତ୍ର ବ୍ୟାଟ୍ସମ୍ୟାନ ଭାବେ ଭେଟେରାନ ରସ୍ ଟେଲର (୨୬୧) ହିଁ କେବଳ ଅଢ଼େଇ ଶହ ରନ୍ ଅତିକ୍ରମ କରିଛନ୍ତି। ଯଦି ବ୍ୟାଟିଂରେ ତୁଳନା କରାଯାଏ ତେବେ ଭାରତ ଆଗରେ କିୱି ଦଳ ବହୁ ପଛରେ ପଡ଼ିଯିବ। ଧୋନୀଙ୍କ ପରି ବ୍ୟାଟ୍ସମ୍ୟାନ ପାଖାପାଖି ୩୦୦ ରନ୍ ସଂଗ୍ରହ କରିଥିଲେ ମଧ୍ୟ ତାଙ୍କୁ କଡ଼ା ସମାଲୋଚନାର ଶିକାର ହେବାକୁ ପଡ଼ିଛି। ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଲାଗି ଚୂଡ଼ାନ୍ତ ଏକାଦଶରେ ଉଭୟ ଦଳରେ କିଛି ପରିବର୍ତ୍ତନର ସମ୍ଭାବନା ରହିଛି। ବିଶେଷକରି ଶ୍ରୀଲଙ୍କା ବିପକ୍ଷ ମ୍ୟାଚ୍‌ରେ ବିଶ୍ରାମ ନେଇଥିବା ମହମ୍ମଦ ସାମି ଚୂଡ଼ାନ୍ତ ଏକାଦଶକୁ ପ୍ରତ୍ୟାବର୍ତ୍ତନ କରିବାକୁ ଥିବାରୁ ଭାରତୀୟ ବୋଲିଂ ବିଭାଗରେ ପରିବର୍ତ୍ତନ ଏକପ୍ରକାର ନିଶ୍ଚିତ ହୋଇଛି।


ସୋମବାର ଅଭ୍ୟାସ ସେଶନ ଅବସରରେ ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ୱିଲିୟମ୍‌ସନ୍।


ନେଟ୍ସରେ ବ୍ୟାଟିଂ କରୁଛନ୍ତି ମହେନ୍ଦ୍ର ସିଂ ଧୋନୀ।

| ଭାରତର ଟପ୍-୩ ବ୍ୟାଟ୍ସମ୍ୟାନ | |
|---|---|
| ରୋହିତ୍ ଶର୍ମା | ୬୪୭ ରନ |
| ଲୋକେଶ ରାହୁଲ | ୩୬୦ ରନ |
| ବିରାଟ କୋହଲି | ୪୪୨ ରନ |

| ନ୍ୟୁଜିଲାଣ୍ଡର ଟପ୍-୩ ପେସ୍ ବୋଲର | |
|---|---|
| ଲୋକି ଫର୍ଗୁସନ୍ | ୧୭ ଉଇକେଟ୍ |
| ଟ୍ରେଣ୍ଟ ବୋଲ୍ଟ | ୧୫ ଉଇକେଟ୍ |
| ମ୍ୟାଟ୍ ହେନ୍‌ରୀ | ୧୦ ଉଇକେଟ୍ |

**ଲିଗ୍ ପର୍ଯ୍ୟାୟରେ ଦୁଇ ଦଳର ପ୍ରଦର୍ଶନ**

| ଭାରତ | ନ୍ୟୁଜିଲାଣ୍ଡ |
|---|---|
| ବିଜୟ: ୭ | ବିଜୟ: ୫ |
| ପରାଜୟ: ୧ | ପରାଜୟ: ୩ |
| ବାତିଲ: ୧ | ବାତିଲ: ୧ |

V-GUARD
Stylish and efficient Fans.
To beat the heat.
Contact : 9937038335

**ଆଜିର ମ୍ୟାଚ୍**
**ଭାରତ ବନାମ ନ୍ୟୁଜିଲାଣ୍ଡ**
ସ୍ଥାନ
ମାଞ୍ଚେଷ୍ଟର
ସମୟ
ଅପରାହ୍ନ ୩ଟା
ପ୍ରସାରଣଃ ଷ୍ଟାର ସ୍ପୋର୍ଟ୍ସ

## ଖେଳାଳି ତାଲିକା

**ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ୍ ଶର୍ମା, ଲୋକେଶ ରାହୁଲ, ରିଷଭ ପନ୍ତ, ମହେନ୍ଦ୍ର ସିଂ ଧୋନୀ (ଉଇକେଟ୍‌କିପର), ହାର୍ଦ୍ଦିକ ପାଣ୍ଡ୍ୟା, ଦୀନେଶ କାର୍ତ୍ତିକ, ଯୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, ଭୁବନେଶ୍ୱର କୁମାର, ମହମ୍ମଦ ସାମି, ଯଶପ୍ରୀତ୍ ବୁମ୍‌ରା, ମୟଙ୍କ ଅଗ୍ରୱାଲ, ରବୀନ୍ଦ୍ର ଜାଡେଜା ଓ କେଦାର ଯାଦବ।

**ନ୍ୟୁଜିଲାଣ୍ଡ ଦଳ:** କେନ୍ ୱିଲିୟମସନ (ଅଧିନାୟକ), ମାର୍ଟିନ ଗୁପ୍ଟିଲ, କଲିନ୍ ଡି ଗ୍ରାଣ୍ଡହୋମ୍, ରସ୍ ଟେଲର, ଟମ୍ ଲଥାମ (ଉଇକେଟ୍‌କିପର), ଟମ୍ ବ୍ଲଣ୍ଡେଲ, କଲିନ୍ ଡି ଗ୍ରାଣ୍ଡହୋମ୍, ଜିମ୍ମି ନିଶାମ, ଟ୍ରେଣ୍ଟ ବୋଲ୍ଟ, ଲୋକି ଫର୍ଗୁସନ, ମାଟ୍ଟ ହେନ୍‌ରୀ, ମିଚେଲ ସାଣ୍ଟନର, ହେନ୍‌ରୀ ନିକୋଲାସ, ଟିମ୍ ସୌଦୀ ଓ ଇଶ୍ ସୋଧି।

## ୧୬ ବର୍ଷ ପରେ ସାମ୍ନାସାମ୍ନି

ଦୀର୍ଘ ୧୬ ବର୍ଷର ବ୍ୟବଧାନ ପରେ ଭାରତୀୟ କ୍ରିକେଟ୍ ଦଳ ଆଇସିସି ବିଶ୍ୱକପ୍‌ର ଏକ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ଭେଟିବାକୁ ଯାଉଛି। ଅବଶ୍ୟ ଏଥିପୂର୍ବରୁ ଲିଗ୍ ପର୍ଯ୍ୟାୟରେ ଦୁଇ ଦଳ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଯାଇଥିଲା। ଶେଷଥର ପାଇଁ ଭାରତ ଓ ନ୍ୟୁଜିଲାଣ୍ଡ ପରସ୍ପରକୁ ୨୦୦୩ ବିଶ୍ୱକପ୍‌ରେ ଭେଟିଥିଲେ। ସୌରଭ ଗାଙ୍ଗୁଲିଙ୍କ ନେତୃତ୍ୱାଧୀନ ଭାରତ ଏହି ମ୍ୟାଚ୍‌କୁ ୭ ଉଇକେଟ୍‌ରେ ଜିତିନେଇଥିଲା। ଆଇସିସି ବିଶ୍ୱକପ୍‌ର ଇତିହାସକୁ ନଜର ପକାଇଲେ ଦୁଇ ଦଳ ମଧ୍ୟରେ ଏହା ୯ମ ମୁକାବିଲା ହେବ। ପୂର୍ବ ୮ ମୁକାବିଲାରୁ କିୱି ଦଳ ୪-୩ ଜୟ-ପରାଜୟ ସହ ଆଗରେ ରହିଛି। ନ୍ୟୁଜିଲାଣ୍ଡ ସମସ୍ତ ୪ ମ୍ୟାଚ୍ ଚେଜ୍ କରି ଜିତିଛି। ୪୩ ବର୍ଷ ପୂର୍ବେ ଅର୍ଥାତ୍ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣ ୧୯୭୫ରେ ଇଂଲଣ୍ଡରେ ଅନୁଷ୍ଠିତ ହୋଇଥିବାବେଳେ ଏହି ମାଞ୍ଚେଷ୍ଟର ଗ୍ରାଉଣ୍ଡରେ ହିଁ ଭାରତ ଓ ନ୍ୟୁଜିଲାଣ୍ଡ ପ୍ରଥମଥର ଲାଗି ପରସ୍ପରକୁ ଭେଟିଥିଲେ। ଏହି ମ୍ୟାଚ୍‌ରେ ଭାରତ ପକ୍ଷରୁ ଧାର୍ଯ୍ୟ ୨୩୧ ରନର ଲକ୍ଷ୍ୟକୁ ନ୍ୟୁଜିଲାଣ୍ଡ ଗ୍ଲେନ ଟର୍ନର (୧୧୪)ଙ୍କ ଶତକ ବଳରେ ୬ ଉଇକେଟ୍ ହରାଇ ୭ ବଲ ପୂର୍ବରୁ ମ୍ୟାଚ୍ ଜିତିନେଇଥିଲା। ୧୯୭୯ରେ ମଧ୍ୟ ସୁନୀଲ ଗାଭାସ୍କର (୫୫ ରନ) ଏକାକୀ ଲଢ଼େଇ କରିଥିଲେ ମଧ୍ୟ ନ୍ୟୁଜିଲାଣ୍ଡ ଏହି ମ୍ୟାଚ୍‌କୁ ସହଜରେ ୮ ଉଇକେଟ୍‌ରେ କବ୍‌ଜା କରିନେଇଥିଲା। ଏହାପରେ ଭାରତରେ ଅନୁଷ୍ଠିତ ୪ର୍ଥ ସଂସ୍କରଣରେ କିନ୍ତୁ ଘରୋଇ ଦଳ ୨ଥର ନ୍ୟୁଜିଲାଣ୍ଡକୁ ମାତ୍ ଦେବାରେ ସଫଳ ହୋଇଥିଲା। ନବ୍‌ଜୋତ୍ ସିଂ ସିଦ୍ଧୁ (୭୫) ଓ କପିଳ ଦେବ (୭୨*)ଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ଭାରତ ୧୬ ରନରେ ବିଜୟୀ ହୋଇଥିଲା। ସେହିଭଳି ଏହି ଟୁର୍ନାମେଣ୍ଟର ୨ୟଥର ପାଇଁ ଦୁଇ ଦଳ ପରସ୍ପରକୁ ଭେଟିଥିବାବେଳେ ସୁନୀଲ ଗାଭାସ୍କର (୧୦୩)ଙ୍କ ଅପରାଜିତ ଶତକ ବଳରେ ୨୨୨ ରନର ଟାର୍ଗେଟ୍‌କୁ ଭାରତ ମାତ୍ର ଗୋଟିଏ ଉଇକେଟ୍ ହରାଇ ହାସଲ କରିନେଇଥିଲା। ଭାରତୀୟ ଦ୍ରୁତ ବୋଲର ଚେତନ ଶର୍ମା ଏହି ମ୍ୟାଚ୍‌ରେ ହ୍ୟାଟ୍ରିକ ଉଇକେଟ୍ ଅକ୍ତିଆର କରି ବିଶ୍ୱକପ୍ ଇତିହାସରେ ପ୍ରଥମ ବୋଲର ଭାବେ ଏହି ବିରଳ କୃତିତ୍ୱ ଲାଭ କରିଥିଲେ। ୧୯୯୨ରେ ମୁକାବିଲାରେ ଭାରତ ୪ ଉଇକେଟ୍‌ରେ ପରାସ୍ତ ହୋଇଥିଲା। ନିଜର ପ୍ରଥମ ବିଶ୍ୱକପ୍ ଖେଳୁଥିବା ସଚିନ ତେନ୍ଦୁଲକରଙ୍କ ୮୪ ରନ ବଳରେ ଭାରତ ୬ ଉଇକେଟ୍‌ରେ ୨୩୦ ରନ କରିଥିବାବେଳେ କିୱି ଦଳ ୧୭ ବଲ ପୂର୍ବରୁ ୬ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଏହାପରେ ୬ଷ୍ଠ ଥର ପାଇଁ ୧୯୯୯ ବିଶ୍ୱକପ୍‌ରେ ଦୁଇ ଦଳ ପରସ୍ପରକୁ ଭେଟିଥିଲେ। ଅଜୟ ଜାଡେଜାଙ୍କ ୭୬ ରନ ବଳରେ ଭାରତ ୨୫୧ ରନ କରିଥିବାବେଳେ ମ୍ୟାଟ୍ଟ ହର୍ନ୍ସ (୭୪) ଓ ରୋଜର ଟୋସ୍ (୬୦*) ଯୋଡ଼ି ୫ ଉଇକେଟ୍‌ରେ ନ୍ୟୁଜିଲାଣ୍ଡକୁ ଜିତାଇଥିଲେ। ଭାରତ ପକ୍ଷରୁ ସଫଳ ବୋଲର ଭାବେ ଦେବାଶିଷ ମହାନ୍ତି ଏହି ମ୍ୟାଚ୍‌ରେ ୪୧ ରନ ବିନିମୟରେ ୨ ଉଇକେଟ୍ ଅକ୍ତିଆର କରିଥିଲେ। ୨୦୦୩ ବିଶ୍ୱକପ୍‌ରେ କିନ୍ତୁ ଭାରତ ବାଜିମାତ୍ କରିଥିଲା। ସେଞ୍ଚୁରିୟନରେ ଖେଳାଯାଇଥିବା ମ୍ୟାଚ୍‌ରେ ଜାହିର ଖାଁ (୪/୪୨)ଙ୍କ ବୋଲିଂକୁ ସାମ୍ନା କରି ନ ପାରି ନ୍ୟୁଜିଲାଣ୍ଡ ୧୪୬ ରନରେ ସୀମିତ ରହିଥିଲା। ଜବାବରେ ମହମ୍ମଦ କୈଫ୍ (୬୮*) ଓ ରାହୁଲ ଦ୍ରାଭିଡ୍ (୫୩*) ଅପରାଜିତ ଅର୍ଦ୍ଧଶତକୀୟ ଇନିଂସ ଖେଳି ଭାରତକୁ ୫୭ ବଲ ପୂର୍ବରୁ ୭ ଉଇକେଟ୍‌ରେ ବୃହତ ବିଜୟ କରାଇଥିଲେ।

## ବୁକ୍‌ମେକର୍ସଙ୍କ ଫେଭରାଇଟ୍ ଭାରତ

**ଲଣ୍ଡନ, ୮।୭ (ପି.ଟି.)**

ବୁକ୍ ମେକର୍ସଙ୍କ ଦୃଷ୍ଟିରେ ଏଥର ଭାରତ ଜିତିବ ଆଇସିସି ବିଶ୍ୱକପ୍। ରାଉଣ୍ଡ ରବିନ ପର୍ଯ୍ୟାୟରେ ଏହି ଦଳ ୯ଟି ମ୍ୟାଚରୁ ୭ଟିରେ ବିଜୟ ହାସଲ କରିଛି। ଦୁଇଥର ଚାମ୍ପିୟନ ଭାରତ ଇଂଲଣ୍ଡ ବିପକ୍ଷ ମ୍ୟାଚ ହାରିଯାଇଥିବାବେଳେ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ ଧୋଇହୋଇଯାଇଥିଲା। ଭାରତ ମଙ୍ଗଳବାର ମାଞ୍ଚେଷ୍ଟରରେ ପ୍ରଥମ ସେମିଫାଇନାଲ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିବାକୁ ଥିବାବେଳେ ଦ୍ୱିତୀୟ ସେମିଫାଇନାଲରେ ୫ଥର ବିଜେତା ଅଷ୍ଟ୍ରେଲିଆ ଗୁରୁବାର ବର୍ମିଂହାମ୍‌ଠାରେ ଇଂଲଣ୍ଡକୁ ଭେଟିବ। ଅଗ୍ରଣୀ ଅନ୍‌ଲାଇନ୍ ବେଟିଂ ୱେବ୍‌ସାଇଟ୍ ଲାଡ୍‌ବ୍ରୋକ୍ସ ଏବଂ ବେଟ୍‌ୱେର ଭବିଷ୍ୟବାଣୀ ଅନୁସାରେ ଭାରତ ଜୁଲାଇ ୧୪ରେ ଲର୍ଡ୍ସଠାରେ ଖେଳାଯିବାକୁଥିବା ଫାଇନାଲକୁ ଉନ୍ନୀତ ହେବ। ଲାଡ୍‌ବ୍ରୋକ୍ସ ହିସାବରେ ଏଥର ବିଶ୍ୱକପ୍ ଟ୍ରଫି ଜିତିବାର ସବୁଠାରୁ ଅଧିକ ସମ୍ଭାବନା ଭାରତର ରହିଛି। ଏହାପଛକୁ ଇଂଲଣ୍ଡ, ଅଷ୍ଟ୍ରେଲିଆ ଏବଂ ର୍ୟାଙ୍କ ଆଉଟ ସାଇଡର୍ସ ନ୍ୟୁଜିଲାଣ୍ଡ ରହିଛି। ବେଟ୍‌ୱେ ପକ୍ଷରୁ ମଧ୍ୟ ସମାନ ଦାବି କରାଯାଇଛି। ସେମିଫାଇନାଲ ଖେଳୁଥିବା ଦଳଗୁଡ଼ିକ ମଧ୍ୟରେ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ୧୫ ପଏଣ୍ଟର ସହ ଟେବୁଲର ଶୀର୍ଷରେ ରହିଛି। ଏହାପଛକୁ ଅଷ୍ଟ୍ରେଲିଆ(୧୪), ଇଂଲଣ୍ଡ (୧୨) ଏବଂ ନ୍ୟୁଜିଲାଣ୍ଡ(୧୧) ରହିଛି। ବେଟିଂ ୱେବସାଇଟ୍ ଅନୁସାରେ ଫର୍ମରେ ଥିବା ଭାରତୀୟ ଓପନର ରୋହିତ ଶର୍ମା ଟୁର୍ନାମେଣ୍ଟର ସର୍ବୋଚ୍ଚ ସ୍କୋରର ହେବେ। ତାଙ୍କ ପଛକୁ ପଛ ରହିଛନ୍ତି ଅଷ୍ଟ୍ରେଲିଆର ଡେଭିଡ ୱାର୍ନର ଏବଂ ଇଂଲଣ୍ଡର ଜୋ ରୁଟ୍। ଟପ୍ ୫ରେ ଭରତୀୟ ଅଧିନାୟକ କୋହଲି ମଧ୍ୟ ରହିଛନ୍ତି।

## ବର୍ଷା ହେଲେ କ'ଣ ହେବ

**ମାଞ୍ଚେଷ୍ଟର, ୮।୭**



ଚଳିତ ଆଇସିସି ବିଶ୍ୱକପ୍‌ର ସେମିଫାଇନାଲ ପର୍ଯ୍ୟାୟ ମଙ୍ଗଳବାରଠାରୁ ମାଞ୍ଚେଷ୍ଟରରେ ଆରମ୍ଭ ହେବାକୁ ଯାଉଛି। ଦୁଇଥର (୧୯୮୩ ଓ ୨୦୧୧) ବିଶ୍ୱ ଚାମ୍ପିୟନ ଭାରତ ଓ ଗତ ସଂସ୍କରଣର ରନର୍ସଅପ୍ ନ୍ୟୁଜିଲାଣ୍ଡ ଫାଇନାଲରେ ସ୍ଥାନ ହାସଲ ପାଇଁ ପ୍ରଥମ ସେମିଫାଇନାଲରେ ପରସ୍ପରକୁ ଭେଟିବେ। ଏହି ସଂସ୍କରଣରେ ପୂର୍ବରୁ ଲିଗ୍ ପର୍ଯ୍ୟାୟ ମ୍ୟାଚ୍‌ଗୁଡ଼ିକ ବିଶେଷ ଭାବେ ବର୍ଷା ଦ୍ୱାରା ପ୍ରଭାବିତ ହୋଇଥିବାବେଳେ ୪ ମ୍ୟାଚ୍ ସମ୍ପୂର୍ଣ୍ଣ ଭାବେ ବାତିଲ ହୋଇଥିଲା। ଏଥିରେ ଭାରତ-ନ୍ୟୁଜିଲାଣ୍ଡ ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ଅନ୍ତର୍ଭୁକ୍ତ ରହିଛି। ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ନିୟମ ଅନୁଯାୟୀ ଲିଗ୍ ପର୍ଯ୍ୟାୟରେ ମ୍ୟାଚ୍ ବାତିଲ ହେଉଥିଲେ ଉଭୟ ଦଳ ମଧ୍ୟରେ ପଏଣ୍ଟ ଭାଗ କରାଯାଉଥିଲା। କିନ୍ତୁ ନକ୍‌ଆଉଟ୍ ପର୍ଯ୍ୟାୟରେ ଯଦି ବର୍ଷା ମ୍ୟାଚ୍‌ରେ ଅନ୍ତରାୟ ସୃଷ୍ଟି କରେ ତେବେ ଆଇସିସି ପକ୍ଷରୁ କ'ଣ ସବୁ ନିୟମ ରହିଛି ତାହା ଜାଣିବା ପାଇଁ କ୍ରିକେଟ୍‌ପ୍ରେମୀଙ୍କ ମଧ୍ୟରେ ଉତ୍ସୁକତା ରହିଛି।

### ବର୍ଷା ବାଧାପ୍ରାପ୍ତ ମ୍ୟାଚ୍ ପାଇଁ ନିୟମ

ଉଭୟ ସେମିଫାଇନାଲ ଓ ଫାଇନାଲ ମ୍ୟାଚ୍ ପାଇଁ ଆଇସିସି ପକ୍ଷରୁ 'ରିଜର୍ଭ ଡେ' ବ୍ୟବସ୍ଥା ରହିଛି। ଯଦି ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଦିନ ବର୍ଷା ଦ୍ୱାରା ମ୍ୟାଚ୍ ବାଧାପ୍ରାପ୍ତ ହୁଏ ତେବେ 'ରିଜର୍ଭ ଡେ' ଅର୍ଥାତ୍ ଏହା ପରଦିନ ମ୍ୟାଚ୍ ଖେଳାଯିବ। କିନ୍ତୁ ଯଦି 'ରିଜର୍ଭ ଡେ'ରେ ବର୍ଷା ପାଇଁ ମ୍ୟାଚ୍ ବାତିଲ ହୁଏ ତେବେ ଲିଗ୍ ପର୍ଯ୍ୟାୟରେ ଦୁଇ ଦଳ ମଧ୍ୟରେ ସର୍ବାଧିକ ପଏଣ୍ଟ ରଖିଥିବା ଦଳ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିବ। ଏହି ଦୃଷ୍ଟିରୁ ଦେଖିଲେ ଭାରତର ପଲା ଭାରି ରହିଛି। ସେହିଭଳି ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଦିନ ମ୍ୟାଚ୍ ମଝିରେ ବର୍ଷା ହୁଏ ତେବେ ଏହାକୁ ପ୍ରଥମେ ଡକ୍‌ୱାର୍ଥ-ଲୁଇସ୍-ଷ୍ଟେର୍ନ (ଡିଏଲ୍‌ଏସ୍) ପଦ୍ଧତିରେ ପୁନର୍ବାର ଓଭର ଓ ଟାର୍ଗେଟ୍ ଧାର୍ଯ୍ୟ କରାଯାଇ ସେହିଦିନ ଫଳାଫଳ ବାହାର କରିବାକୁ ଉଦ୍ୟମ କରାଯିବ। କିନ୍ତୁ ଏହା ଯଦି ସମ୍ଭବପର ନ ହୁଏ ତେବେ 'ରିଜର୍ଭ ଡେ'ରେ ମ୍ୟାଚ୍‌କୁ ନିଆଯାଇ ସେହିଠାରୁ ଆରମ୍ଭ କରାଯିବାର ବ୍ୟବସ୍ଥା ରହିଛି। 'ରିଜର୍ଭ ଡେ'ରେ ମ୍ୟାଚ୍ ଯଦି ବର୍ଷା ଦ୍ୱାରା ମ୍ୟାଚ୍ ସମ୍ଭବପର ନ ହୁଏ ତେବେ ଲିଗ୍ ପର୍ଯ୍ୟାୟରେ ସର୍ବାଧିକ ପଏଣ୍ଟ ପାଇଥିବା ଦଳକୁ ଫାଇନାଲ ଟିକେଟ୍ ମିଳିବ।

### ସୁପର୍ ଓଭର

ଯଦି ସେମିଫାଇନାଲରେ କୌଣସି ମ୍ୟାଚ୍ ଟାଇରେ ସମାପ୍ତ ହୁଏ ତେବେ ସୁପର୍ ଓଭରରେ ଫଳାଫଳ ନିର୍ଣ୍ଣୟ କରାଯିବ। କିନ୍ତୁ ସୁପର୍ ଓଭରରେ ଯଦି ବର୍ଷା ବାଧକ ହୁଏ ତେବେ ଏହା ପରଦିନ ସୁପର୍ ଓଭର ଅନୁଷ୍ଠିତ ହେବ।

## ୬ ବୋଲର ଖେଳିପାରନ୍ତି

**ସୌରଭ ଗାଙ୍ଗୁଲି**

ଚଳିତ ଆଇସିସି ବିଶ୍ୱକପ୍ ଟୁର୍ନାମେଣ୍ଟରେ କେବଳ ଭଲ ନୁହେଁ ଭାରତର ପ୍ରଦର୍ଶନ ଅସାଧାରଣ ରହିଛି। ରାଉଣ୍ଡ ରବିନ ପର୍ଯ୍ୟାୟରେ ଭଲ ପ୍ରଦର୍ଶନ କରିଥିବା ଟିମ୍‌ଗୁଡ଼ିକ ଟୁର୍ନାମେଣ୍ଟର ଶେଷ ପର୍ଯ୍ୟାୟରେ ପହଞ୍ଚିଛନ୍ତି। ଅଣ୍ଡର ଡଗ୍ ହେଉ ଅବା ସୁପର ପାୱାର ନିର୍ଦ୍ଦିଷ୍ଟ ଦିନ ଯେଉଁ ଦଳ ଭଲ ଖେଳିଛି ସେହି ଦଳ ବିଜୟ ହାସଲ କରିଛି। ପ୍ରାଧାନ୍ୟ ବିସ୍ତାର କରି ଖେଳିଥିବା ଅଷ୍ଟ୍ରେଲିଆ ଏପରିକି ଦୁର୍ବଳ ଦକ୍ଷିଣ ଆଫ୍ରିକା ଦଳଠାରୁ ପରାଜିତ ହୋଇଛି। ତେଣୁ ଭାରତ ସେମିଫାଇନାଲରେ ନ୍ୟୁଜିଲାଣ୍ଡକୁ ଦୁର୍ବଳ ବୋଲି ବିବେଚନା ନ କରୁ। ସେମାନେ ଖୁବ୍ ପରିପକ୍ୱ। ଯୋଜନାବଦ୍ଧ ଭାବେ ଖେଳି ସେମାନେ ନକ୍‌ଆଉଟ୍ ପର୍ଯ୍ୟାୟକୁ ଆସିପାରିଛନ୍ତି। ଟୁର୍ନାମେଣ୍ଟରେ ରୋହିତ ଶର୍ମାଙ୍କ ୫ ଶତକ ଏକ ଉଲ୍ଲେଖନୀୟ ଘଟଣା। ବ୍ୟକ୍ତିଗତ ମାଇଲଖୁଣ୍ଟ ଅପେକ୍ଷା ସେ ଦଳ ପାଇଁ ଅବଦାନକୁ ଗୁରୁତ୍ୱ ଦେଉଛନ୍ତି। ୨୦ ବର୍ଷ ମଧ୍ୟରେ ଭାରତୀୟ କ୍ରିକେଟରେ ଏହା ଏକ ବଡ଼ ପରିବର୍ତ୍ତନ ବୋଲି ମୁଁ କହିବି। ବିଶ୍ୱ କ୍ରିକେଟରେ ଲୋକେ କୋହଲିଙ୍କ କଥା ଆଲୋଚନା କରିଥାଇ ପାରନ୍ତି, କିନ୍ତୁ ହ୍ୱାଇଟ୍ ବଲ କ୍ରିକେଟରେ ବିଗତ ୩ବର୍ଷ ହେଲା ରୋହିତ ଜଣେ ଚାମ୍ପିୟନ ବ୍ୟାଟ୍ସମ୍ୟାନ ଭଳି ଖେଳି ଆସିଛନ୍ତି। ଭାରତ ପାଇଁ ରୋହିତ ଶର୍ମା କେତେ ଗୁରୁତ୍ୱପୂର୍ଣ୍ଣ ଏଥିରୁ ସୂଚିତ ହେଉଛି। ଶ୍ରୀଲଙ୍କା ବିପକ୍ଷ ଗେମ୍‌ରେ ଜାଡେଜାଙ୍କୁ ଚୂଡ଼ାନ୍ତ ଦଳରେ ସାମିଲ କରାଯିବା ଦ୍ୱାରା ନ୍ୟୁଜିଲାଣ୍ଡ ବିପକ୍ଷ ସେମିଫାଇନାଲ ମ୍ୟାଚ ପାଇଁ ଭାରତର ଟିମ୍ କମ୍ବିନେଶନ ନେଇ ସନ୍ଦେହ ରହିଛି। ବିନା କାରଣରେ କୌଣସି ଦଳ ନକ୍‌ଆଉଟ ପର୍ଯ୍ୟାୟ ପୂର୍ବରୁ ଦଳରେ ପରିବର୍ତ୍ତନ କରି ନ ଥାନ୍ତି। ଶୁଣିବାକୁ ମିଳେ ଭାରତ କାର୍ତ୍ତିକଙ୍କୁ ବାଦ୍ ଦେଇ ୬ଜଣ ବୋଲରଙ୍କୁ ନେଇ ଖେଳିପାରେ। ବଡ଼ ବଡ଼ ମ୍ୟାଚରେ ରିସ୍କ ନେବାକୁ ପଡ଼େ ବୋଲି କୋହଲି ଏକ ଖବରଦତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ତେଣୁ ମ୍ୟାଚ ଦିନ ସକାଳେ ଦଳ ଘୋଷଣା କରିବାକୁ ଥିବା ତାଲିକା ଉପରେ ସମସ୍ତଙ୍କ ନଜର ରହିବା ସ୍ୱାଭାବିକ। ଯାହା ଜଣାପଡୁଛି ମହମ୍ମଦ ସାମି ଖେଳିବେ। ଟୁର୍ନାମେଣ୍ଟରେ ଏଥର ଅଭିଜ୍ଞତା ଅନୁସାରେ ଯେଉଁ ଦଳ ଟସ୍ ଜିତିବ ପ୍ରଥମେ ବ୍ୟାଟିଂ ପସନ୍ଦ କରିବ। ମାଞ୍ଚେଷ୍ଟରରେ ମ୍ୟାଚ ଖେଳାଯିବାକୁ ଥିବାରୁ ଦଳରେ ଦୁଇ ଜଣ ସ୍ପିନର ସ୍ଥାନ ପାଇବେ ବୋଲି ଆଶା କରାଯାଉଛି। କାରଣ ଏଠାରେ ବଲ୍ ଭଲ ସ୍ପିନ୍ କରିଥାଏ। ଏହି ଗ୍ରାଉଣ୍ଡରେ କୁଲ୍‌ଦୀପଙ୍କ ଭଲ ରେକର୍ଡ ରହିଥିବାରୁ ତାଙ୍କୁ ଦଳରୁ ବାଦ୍ ଦେବା ସହଜ ନୁହେଁ। ଭାରତୀୟ ମିଡଲ ଅର୍ଡର ଉପରେ ବହୁ ଆଲୋଚନା ଚାଲିଛି। କିନ୍ତୁ ଲୋକେ ଯାହା କହୁଛନ୍ତି ଏଥିରେ ମୁଁ ସହମତ ନୁହେଁ। ଭାରତର ବ୍ୟାଟିଂ ଲାଇନ୍ ଅପ୍ ଖୁବ୍ ଶକ୍ତିଶାଳୀ ବୋଲି ମୁଁ କହିବି। ନ୍ୟୁଜିଲାଣ୍ଡର ଉତ୍ତମ ବୋଲିଂ ଲାଇନ୍ ଅପ୍‌କୁ ସାମ୍ନା କରିବା ଲାଗି ଏହାର ସାମର୍ଥ୍ୟ ରହିଛି। ବୋଲିଂ ଦୃଷ୍ଟିରୁ ଚଳିତ ବିଶ୍ୱକପ୍‌ରେ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ପରେ ନ୍ୟୁଜିଲାଣ୍ଡ ଶକ୍ତିଶାଳି। ପ୍ରକୃତ ସମୟ ଆସି ପହଞ୍ଚିଛି। ଭାରତୀୟ ଦଳର ମୁଁ ଶୁଭକାମନା କରୁଛି।

(ଗେମ୍‌ପ୍ଲାନ୍)

SEAGRAM'S
ROYAL STAG
MEGA MUSIC CDs

# ଭାରତ ପାଇଁ ସୁଯୋଗ

ଆଇସିସି ବିଶ୍ୱକପ ଦ୍ୱାଦଶ ସଂସ୍କରଣର ମହାମୁକାବିଲା ପାଇଁ କ୍ଷେତ୍ର ପ୍ରସ୍ତୁତ। ମଙ୍ଗଳବାର ପ୍ରଥମ ସେମିଫାଇନାଲରେ ଅବତୀର୍ଣ୍ଣ ହେବେ ମେନ୍ ଇନ୍ ବ୍ଲୁ ଟିମ୍ ଇଣ୍ଡିଆ ଓ ବ୍ଲାକ୍ କ୍ୟାପ୍ ନ୍ୟୁଜିଲାଣ୍ଡ। ଗ୍ରୁପ୍ ପର୍ଯ୍ୟାୟରେ ଚମତ୍କାର ପ୍ରଦର୍ଶନ କରି ଶୀର୍ଷସ୍ଥାନ ଅଧିକାର କରିଥିଲେ ହେଁ ଏବେ କଡ଼ା ପରୀକ୍ଷାରେ ବିରାଟ ବାହିନୀ । ତେବେ ଭାରତକୁ ଏହି ମ୍ୟାଚ ସତର୍କତାର ସହିତ ଖେଳିବାକୁ ପଡ଼ିବ ବୋଲି ଓଡ଼ିଶାର କ୍ରିକେଟ ବିଶେଷଜ୍ଞ ଓ ଖେଳାଳିମାନେ ମତପୋଷଣ କରିଛନ୍ତି। କେବଳ ସେତିକି ନୁହେଁ, ଭାରତ ପାଇଁ ବିଶ୍ୱକପ ଟାଇଟଲ୍ ଜିତିବାର ସୁଯୋଗ ମଧ ଅଧିକ ରହିଛି ବୋଲି ସେମାନେ ପୂର୍ବାନୁମାନ କରିଛନ୍ତି।

**ପ୍ରସ୍ତୁତି: କୁମାରଶ୍ରୀ**



ବିରାଟ କୋହଲି

## ଭାରତ-ଇଂଲଣ୍ଡ ଫାଇନାଲ



ଇଂଲଣ୍ଡ ପିଚକୁ ସେମିଫାଇନାଲ ଖେଳିବାକୁ ଯାଉଥିବା ଦଳଗୁଡ଼ିକ ଭଲ ଭାବେ ଆକଳନ କରି ସାରିଲେଣି। ଏଣୁ ସମସ୍ତେ ନିଜର ଗେମ ପ୍ଲାନ ନେଇ ପଡ଼ିଆକୁ ଓହ୍ଲାଇବେ। ଲିଗ୍ ପର୍ଯ୍ୟାୟରେ ଦଳ କ'ଣ କରିଛି ତାହା ଏବେ ଗୁରୁତ୍ୱପୂର୍ଣ୍ଣ ନୁହେଁ ବରଂ ସେମିଫାଇନାଲରେ ଭାରତ କିଭଳି ଖେଳୁଛି ତାହା ଗୁରୁତ୍ୱପୂର୍ଣ୍ଣ। ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍‌କୁ ଜିତି ଭାରତ ଫାଇନାଲକୁ ଯିବ ବୋଲି ଆଶା। ଅନ୍ୟ ସେମିଫାଇନାଲ ମ୍ୟାଚ୍ ବି ସଂଘର୍ଷପୂର୍ଣ୍ଣ ହେବ। ମୋର ପୂର୍ବାନୁମାନ ଥିଲା ଭାରତ ଓ ଇଂଲଣ୍ଡ ମଧ୍ୟରେ ଚଳିତ ବିଶ୍ୱକପର ଫାଇନାଲ ହେବ। ଏବେ ବି ମୁଁ ତାହା ଅନୁଭବ କରୁଛି।

**– ରଶ୍ମିରଞ୍ଜନ ପରିଡ଼ା, ରାଜ୍ୟ ରଣଜୀ କୋଚ୍**

## ଫାଇଦା ଉଠାଇବାର ସମୟ



ଭାରତୀୟ ଦଳର ମନୋବଳ ଏବେ ଶକ୍ତ ଅଛି। ଏଭଳି ସୁଯୋଗ କୌଣସି ବିଶ୍ୱକପ ସମୟରେ ବି ନ ଥିଲା। ଏଣୁ ଏହାର ଭରପୂର ଫାଇଦା ଉଠାଇବାର ସୁଯୋଗ ଆସିଛି। ସନ୍ତୁଳିତ ଉପାୟରେ ପ୍ରଦର୍ଶନ କଲେ ୩ୟ ଥର ବିଶ୍ୱକପ ଜିତିବାର ସୌଭାଗ୍ୟ ଭାରତକୁ ମିଳିବ। ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମ୍ୟାଚ୍ ମଧ କଡ଼ା ଟକ୍କର ହେବ। କିଏ ଜିତିବ କହିବା ମୁସ୍କିଲ। ଅଷ୍ଟ୍ରେଲିଆର ପ୍ରଦର୍ଶନ ଭଲ ରହିଛି। ଗତ କିଛି ମ୍ୟାଚ୍‌ରେ ଇଂଲଣ୍ଡ ଯେଉଁଭଳି ଖେଳିଛି, ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହେବା ନିଃଶ୍ଚିତ।

**– ଶୁଭ୍ରାଂଶୁ ସେନାପତି, ଅଧିନାୟକ, ରାଜ୍ୟ ରଣ୍‌ଜୀ ଦଳ**


## ସତର୍କତା ଅବଲମ୍ବନ ଆବଶ୍ୟକ



ଏବେ ସୁଦ୍ଧା ଭାରତୀୟ ଦଳର ପ୍ରଦର୍ଶନ ଯାହା ରହିଛି, ତାହା ବେଶ୍ ଚମତ୍କାର। ଏହାକୁ ଦେଖି ଅନୁମାନ କଲେ ଭାରତ ପୁଣିଥରେ ବିଶ୍ୱକପ ଜିତିବ ବୋଲି ଜଣାପଡୁଛି। ହେଲେ କିଛି କ୍ଷେତ୍ରରେ ସତର୍କତା ଦେଖାଇବାକୁ ପଡ଼ିବ, ତାହା ହେଲା ନ୍ୟୁଜିଲାଣ୍ଡକୁ ହାଲୁକା ଭାବେ ଆଦୌ ଗ୍ରହଣ କରା ନ ଯାଉ। ଗତ ବିଶ୍ୱକପରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ଏହି ଦଳ ଫାଇନାଲକୁ ଯାଇଥିଲା। ସେତେବେଳେ ବି ଦକ୍ଷିଣ ଆଫ୍ରିକା ବହୁ ଶକ୍ତିଶାଳୀ ମନେ ହେଉଥିଲା। ଏଣୁ ଭାରତ ଏବେ ଯେମିତି ସନ୍ତୁଳିତ ଉପାୟରେ ସମସ୍ତ ବିଭାଗକୁ ନଜରରେ ରଖି ଚୂଡ଼ାନ୍ତ ଏକାଦଶ ଗଠନ କରୁଛି ସେମିତି ହିଁ ସେମି ମୁକାବିଲାରେ ପଡ଼ିଆକୁ ଓହ୍ଲାଉ।

**– ଦୀପକ ମଙ୍ଗରାଜ, ଜୁନିୟର ଚୟନ କମିଟି ଅଧ୍ୟକ୍ଷ**

## ସିମରଙ୍କୁ ସାବଧାନ



ଗୋଟିଏ ମ୍ୟାଚ୍‌କୁ ନଜରରେ ନିଆଯାଉ। ତାହା ହେଲା ଲିଗ୍ ପର୍ଯ୍ୟାୟରେ ଭାରତ ଓ ଇଂଲଣ୍ଡ ବିପକ୍ଷ ମ୍ୟାଚ୍। ଏହି ମ୍ୟାଚ୍‌ରେ ଭାରତ ପରାସ୍ତ ହୋଇଥିଲେ ମଧ ଇଂଲଣ୍ଡର ବୋଲିଂ କୌଶଳକୁ ସାବାସି ଦେବାକୁ ପଡ଼ିବ। କାରଣ ପେସ ବୋଲରଙ୍କୁ ନେଇ ପଡ଼ିଆକୁ ଓହ୍ଲାଇଥିବା ଇଂଲଣ୍ଡ ଦଳ ସେଦିନ ପେସରଙ୍କ ଜରିଆରେ ସ୍ଲୋ ବୋଲିଂ କରୁଥିଲା। କମ ପେସ ଥିବା ବଲକୁ ଖେଳିବା ସହଜ ବି ନୁହେଁ। ଏବେ ଇଂଲଣ୍ଡ ପିଚ ଧିମା ହେବା ଆରମ୍ଭ ବି କଲାଣି। ଏଣୁ ଚାଲାଖ ସିମ ବଲକୁ ସାବଧାନର ସହ ଖେଳିବା ଉଚିତ। ଇଂଲଣ୍ଡର ଏହି କୌଶଳକୁ ଭାରତୀୟ ପେସ ବୋଲରମାନେ ବ୍ୟବହାର କଲେ ନିଶ୍ଚିତ ଫାଇଦା ପାଇବେ।

**– ବିପ୍ଳବ ସାମନ୍ତରାୟ, ପୂର୍ବତନ ରଣଜୀ ଅଧିନାୟକ**

## ଜାଡେଜା ମୁଖ୍ୟ ଖେଳାଳି



ଇଂଲଣ୍ଡ ମାଟିରେ ଅଲରାଉଣ୍ଡରଙ୍କ ଆବଶ୍ୟକତା ବେଶି। ଭାରତୀୟ ଦଳରେ ଅଲରାଉଣ୍ଡରଙ୍କ ଅଭାବ ନାହିଁ। ତଥାପି ରବୀନ୍ଦ୍ର ଜାଡେଜା ଏବେ ଦଳ ପାଇଁ କି ପ୍ଲେୟାର ବୋଲି ମୁଁ ଭାବେ। ତାଙ୍କୁ ଚୂଡ଼ାନ୍ତ ଦଳରେ ନେବାର ବେଶି ଆବଶ୍ୟକତା ରହିଛି। ବ୍ୟାଟିଂ କ୍ରମ ଚମତ୍କାର ଅଛି। ସମସ୍ତ ବ୍ୟାଟ୍ସମ୍ୟାନଙ୍କ ଉପରେ ଭରସା ଅଛି। ଯେଉଁ ଦଳ ପ୍ରଥମେ ବ୍ୟାଟିଂ କରିବ ନିଶ୍ଚିତ ବଡ଼ ସ୍କୋର ପାଇଁ ଚେଷ୍ଟା କରିବ। ତଥାପି ପିଚ୍‌ର ପରିସ୍ଥିତିକୁ ଦେଖି ନିଷ୍ପତ୍ତି ନିଆଯିବା ଉଚିତ୍।

**– ସୌରଜିତ ମହାପାତ୍ର, ପୂର୍ବତନ କୋଚ୍**

## ବୋଲ୍ଟଙ୍କ ଉପରେ ନଜର



ନ୍ୟୁଜିଲାଣ୍ଡର ପ୍ରମୁଖ ପେସ ବୋଲର ଟ୍ରେଣ୍ଟ ବୋଲ୍ଟଙ୍କୁ ହାଲକା ଭାବେ ନେବା ଆଦୌ ଉଚିତ ନୁହେଁ। ଭାରତର ବ୍ୟାଟିଂ ପ୍ରଦର୍ଶନ ଏବେ ଯାହା ରହିଛି ତାହା ବହୁତ ଭଲ। ତଥାପି ବୋଲ୍ଟ କିଛି ଓଭରର ସ୍ପେଲରେ ଓଲଟପାଲଟ କରିପାରନ୍ତି ବୋଲି ପୂର୍ବରୁ ନଜିର ରହିଛି। ବୋଲ୍ଟଙ୍କୁ ଜଗିରଖି ଖେଳିଲେ ଦଳ ଭଲ ସ୍କୋର କରିପାରିବ।

**– ବିଷ୍ଣୁଦେବ ମହାନ୍ତି, ରାଜ୍ୟ ଦଳ ଚୟନ କମିଟି ଅଧ୍ୟକ୍ଷ**

## ଓପ୍‌ନିଂ ପାର୍ଟନରଶିପ ଭଲ ହେବା ଜରୁରୀ



ଲୋୟର ମିଡିଲ ଅର୍ଡରରେ ଭାରତ ଏପର୍ଯ୍ୟନ୍ତ ଖରାପ ଖେଳିନାହିଁ। ମିଡିଲ ଅର୍ଡରରେ ମଧ ଦଳ ଆଶାନୁରୂପ ପ୍ରଦର୍ଶନ ବଜାୟ ରଖିଛି। ତେବେ ପୂର୍ବ ମ୍ୟାଚ୍‌ଗୁଡ଼ିକରେ ଯେମିତି ଓପ୍‌ନିଂ ପାର୍ଟନରଶିପରେ ଭଲ ସ୍କୋର ସଂଗ୍ରହ ହୋଇଛି, ତାହା ବଜାୟ ରଖିବା ଜରୁରୀ। ଇଂଲଣ୍ଡ ମାଟିରେ ପ୍ରଥମ କିଛି ଓଭର ସତର୍କତାର ସହ ଖେଳିଲା ପରେ ଭାରତ ପାଇଁ ରନ ସଂଗ୍ରହ ସହଜ ହେବ।

**– ରାଜେଶ ଧୂପର, କ୍ରିକେଟର**

## ବ୍ରାଜିଲକୁ କୋପା ଆମେରିକା ଟ୍ରଫି

ରିଓ ଡି'ଜାନିରୋ,୮।୭



ଆୟୋଜକ ବ୍ରାଜିଲ ଚଳିତ କୋପା ଆମେରିକା ଟୁର୍ନାମେଣ୍ଟ ଟ୍ରଫି ହାତେଇଛି। ରବିବାର ଅନୁଷ୍ଠିତ ଫାଇନାଲରେ ୧୦ଜଣିଆ ବ୍ରାଜିଲ ଦଳ ୩-୧ ଗୋଲରେ ପେରୁକୁ ହରାଇ ଏହି ସଫଳତା ପାଇଛି। ବିଜୟୀ ଦଳ ଲାଗି ଏଭର୍ଟନ ସୋଆରେସ, ଗାବ୍ରିଏଲ ଜିସସ୍ ଓ ରିଚାଲସନ ଗୋଲ ଦେଇଥିଲେ। ପେରୁ ପକ୍ଷରୁ ପାଉଲୋ ଗୁଏରୋ ଏକମାତ୍ର ଗୋଲ ପରିଶୋଧ କରିଥିଲେ। ବିଜୟ ସହ ୨୦୦୭ ପରେ ପ୍ରଥମ ଥର ପାଇଁ ବ୍ରାଜିଲ ଏହି ସମ୍ମାନଜନକ ଟାଇଟଲ ହାସଲ କରିଛି।

ମ୍ୟାଚ୍ ଆରମ୍ଭରୁ ଦୁଇଦଳ ମଧ୍ୟରେ କଡ଼ା ସଂଘର୍ଷ ହୋଇଥିଲା। ୧୫ତମ ମିନିଟ୍‌ରେ ଏଭର୍ଟନଙ୍କ ଗୋଲ ବଳରେ ଆୟୋଜକ ଦଳ ଖାତା ଖୋଲିଥିଲା। ଜବାବରେ ୪୪ତମ ମିନିଟ୍‌ରେ ପେରୁକୁ ଏକ ପେନାଲ୍ଟି ମିଳିଥିଲା, ଯାହାକୁ ଗୁଏରୋ ଗୋଲରେ ପରିଣତ କରିଥିଲେ। ହେଲେ ଅଧିକ ସମୟ ପର୍ଯ୍ୟନ୍ତ ମ୍ୟାଚ୍‌ର ସ୍କୋର ଲାଇନ ସମାନ ହୋଇ ରହି ନ ଥିଲା। ପ୍ରଥାମର୍ଦ୍ଧର ଅତିରିକ୍ତ ମିନିଟ୍‌ରେ ଜିସସ୍ (୪୫+୩ତମ) ବ୍ରାଜିଲ ପାଇଁ ଦ୍ୱିତୀୟ ଗୋଲ ଦେଇଥିଲେ। ଜିସସ୍‌ଙ୍କୁ ଧାର୍ଯ୍ୟ ସମୟର ୨୦ ମିନିଟ୍ ପୂର୍ବରୁ ରେଡ୍ କାର୍ଡ ପ୍ରଦାନ କରାଯାଇଥିଲା। ମାଞ୍ଚେଷ୍ଟର ସିଟି ଷ୍ଟ୍ରାଇକର କାନ୍ଦି କାନ୍ଦି ଫିଲ୍ଡରୁ ବାହାରକୁ ଯାଇଥିଲେ। ଏହାପରେ ୯୦ତମ ମିନିଟ୍‌ରେ ମିଳିଥିବା ପେନାଲ୍ଟିରୁ ରିଚାଲସନ ସ୍କୋରକରି ବ୍ରାଜିଲ ଦଳର ବିଜୟ ସୁନିଶ୍ଚିତ କରିଥିଲେ।

## ବାର୍ଟିଙ୍କୁ ହରାଇଲେ ଆଲିସନ

ଲଣ୍ଡନ, ୮।୭

ଆମେରିକାର ଷ୍ଟାର ଖେଳାଳି ସେରେନା ୱିଲିୟମ୍ସ ୱିମ୍ବଲଡନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଏଠାରେ ୭ଥର ଚାମ୍ପିୟନ ତଥା ୧୧ତମ ସିଡ୍ ସେରେନା ଏକ ମହିଳା ସିଙ୍ଗଲ୍ସ ଚତୁର୍ଥ ରାଉଣ୍ଡ ମ୍ୟାଚରେ ସ୍ପେନର କାର୍ଲା ସୁଆରେଜ ନାଭାରୋଙ୍କୁ ୬-୨, ୬-୨ ସିଧାସଳଖ ସେଟ୍‌ରେ ହରାଇ ଦେଇଛନ୍ତି। କ୍ୱାର୍ଟରଫାଇନାଲରେ ସେ ନିଜ ଦେଶର ଆଲିସନ ରିସ୍କେଙ୍କୁ ଭେଟିବେ। ବିଶ୍ୱର ୫୫ ନମ୍ବର ର୍‌ୟାଙ୍କିଂପ୍ରାପ୍ତ ଆଲିସନ ତାଙ୍କ ଚତୁର୍ଥ ରାଉଣ୍ଡ ମ୍ୟାଚରେ ବିଶ୍ୱର ନମ୍ବର ୱାନ୍ ତଥା ଅଷ୍ଟ୍ରେଲିଆର ଆଶଲେ ବାର୍ଟିଙ୍କୁ ୩-୬, ୬-୨, ୬-୩ ସେଟ୍‌ରେ ହରାଇ ଦେଇଥିଲେ। ଏହି ମ୍ୟାଚ ୧ ଘଣ୍ଟା ୩୬ ମିନିଟ ଧରି ଚାଲିଥିଲା। ଆଲିସନ ପ୍ରଥମଥର ଏକ ଗ୍ରାଣ୍ଡସ୍ଲାମ କ୍ୱାର୍ଟର ଫାଇନାଲ ଖେଳିବେ। ସୂଚନାଯୋଗ୍ୟ, ୨୩ ବର୍ଷୀୟ ବାର୍ଟି ଟୁର୍ନାମେଣ୍ଟରେ ଗୋଟିଏ ହେଲେ ସେଟ୍ ଡ୍ରପ୍ କରି ନ ଥିଲେ। ୟୁକ୍ରେନର ତଥା ୮ମ ସିଡ୍ ଏଲିନା ସ୍ୱିଟୋଲିନା ତାଙ୍କ ଚତୁର୍ଥ ରାଉଣ୍ଡ ମ୍ୟାଚରେ ବିଜୟ ଲାଭ କରିଛନ୍ତି। ସେ ପେଡ୍ରା ମାର୍ଟିକଙ୍କୁ ୬-୪, ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି। ସେ କାରୋଲିନା ମୁଚୋଭା ଏବଂ କାରୋଲନା ପ୍ଲିସକୋଭାଙ୍କ ମଧ୍ୟରେ ଖେଳାଯିବାକୁଥିବା ମ୍ୟାଚର ବିଜେତାଙ୍କୁ ଭେଟିବେ।

### ନାଡାଲ ବିଜୟୀ

ଅନ୍ୟପକ୍ଷରେ ପୁରୁଷ ସିଙ୍ଗଲ୍ସରେ ରାଫଲ ନାଡାଲ କ୍ୱାର୍ଟରଫାଇନାଲକୁ ଉନ୍ନୀତ ହୋଇଛନ୍ତି। ସୋମବାର ଏକ ପୁରୁଷ ସିଙ୍ଗଲ୍ସ ଚତୁର୍ଥ ରାଉଣ୍ଡ ମ୍ୟାଚରେ ସେ ପର୍ତ୍ତୁଗାଲର ଜୋଆଓ ସୋସାଙ୍କୁ ୬-୨, ୬-୨, ୬-୨ ସେଟରେ ପରାସ୍ତ କରିଛନ୍ତି। ୧୮ଟି ଗ୍ରାଣ୍ଡସ୍ଲାମ ବିଜେତା କ୍ୱାର୍ଟରଫାଇନାଲରେ ଆମେରିକର ସାମ କ୍ୱେରି କିମ୍ବା ଟେନିସ ସ୍ୟାଣ୍ଡଗ୍ରେନ୍‌ଙ୍କୁ ଭେଟିବେ।



ଆଲିସନ ରିସ୍କେ





ଗୁଣପୁର ବଡ଼, ସାନ ଗୁଣ୍ଡିଚା ମନ୍ଦିର ଓ ମୁନିଗୁଡ଼ାରେ ପ୍ରଭୁ ଜଗନ୍ନାଥ ନୃସିଂହ ଅବତାର ବେଶରେ ଦର୍ଶନ ଦେଉଛନ୍ତି।

# ମହାଲକ୍ଷ୍ମୀ ଭାଙ୍ଗିଲେ ଜଗନ୍ନାଥଙ୍କ ରଥ

ରାୟଗଡା ଅଫିସ୍, ୮।୭

ରାୟଗଡ଼ାର ଶ୍ରଦ୍ଧା ଶ୍ରୀକ୍ଷେତ୍ରରେ ଶ୍ରୀଜୀଉଙ୍କ ପବିତ୍ର ନବଦିନାତ୍ମକ ଯାତ୍ରାରେ ସୋମବାର ହେରାପଞ୍ଚମୀ ପାଳିତ ହୋଇଛି । ଏହି ଅବସରରେ ଶ୍ରୀ ମନ୍ଦିରରୁ ମା' ମହାଲକ୍ଷ୍ମୀ ଆସି ରଥ ଭାଙ୍ଗିବା ସହ ବଚନିକା ଅନୁଷ୍ଠିତ ହୋଇଥିଲା । ଏହାପରେ ରଥକୁ ଦକ୍ଷିଣମୋଡ କରାଯାଇଛି । ହେରାପଞ୍ଚମୀ ପାଇଁ ଗୁଣ୍ଡିଚା ମନ୍ଦିରରେ ପ୍ରବଳ ଭିଡ ପରିଲକ୍ଷିତ ହୋଇଛି। ଶ୍ରଦ୍ଧା ଶ୍ରୀକ୍ଷେତ୍ରଠାରୁ ଆରମ୍ଭକରି ପାଇକପଡା, ଜେକେପୁର, ଅଣ୍ଡାମଡା, ଅମ୍ଲାଭଟ୍ଟା, ଭିତରପଦାମାଝୀ ଇତ୍ୟାଦି ସ୍ଥାନରେ ଗୁଣ୍ଡିଚା ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା। ମୁଖ୍ୟତଃ ଗୁଣ୍ଡିଚା ମନ୍ଦିରରେ ସ୍ୱତନ୍ତ୍ର ଅନ୍ନ ପ୍ରସାଦ ବିକ୍ରିର ବ୍ୟବସ୍ଥା କରାଯାଇଥିଲା । ଗୁଣ୍ଡିଚା ବେଦିରେ ମଙ୍ଗଳ ଆରତି ପରେ ସୂର୍ଯ୍ୟ ପୂଜା ଅନୁଷ୍ଠିତ ହୋଇଥିଲା । ଏହାପରେ ମହାପ୍ରଭୁଙ୍କ ନୃସିଂହ ଅବତାର ବେଶ କରାଯାଇଥିଲା । ପ୍ରଭୁ ଜଗନ୍ନାଥ ନୃସିଂହ ଅବତାର ବେଶରେ ସଜ୍ଜିତ ହୋଇ ଭକ୍ତଙ୍କୁ ଦର୍ଶନ ଦେଇଥିଲେ । ମୁଖ୍ୟତଃ ଆଡପ ମଣ୍ଡପରେ ମହାପ୍ରଭୁଙ୍କ ଶାଗ ତରକାରି ଭୋଗ ପାଇଁ ଲୋକଙ୍କ ମଧ୍ୟରେ ପ୍ରବଳ ଆଶା ରହିଥିଲା। ଶାଗ ଭୋଗକୁ ହେରାପଞ୍ଚମୀର ସ୍ୱତନ୍ତ୍ରତା ବୋଲି କୁହାଯାଏ । ହେରାପଞ୍ଚମୀ ଅବସରରେ ରଥ ନିକଟରେ ଭଜନ ସନ୍ଧ୍ୟା ଓ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଛି। ଏଠାକୁ ପଡୋଶୀ ଆନ୍ଧ୍ରପ୍ରଦେଶରୁ ମଧ ଶ୍ରଦ୍ଧାଳୁଙ୍କ ସୁଅ ଛୁଟୁଛି ।



ପ୍ରଭୁ ଜଗନ୍ନାଥ ନୃସିଂହ ଅବତାର ବେଶରେ ସଜ୍ଜିତ ହୋଇଛନ୍ତି ।



ହେରା ପଞ୍ଚମୀ ଅବସରରେ ଆୟୋଜିତ ପୂଜାର୍ଚ୍ଚନାରେ ଭକ୍ତଙ୍କ ଭିଡ଼ ।

## ସଂକ୍ଷେପରେ

### ବନ ମହୋତ୍ସବ କାର୍ଯ୍ୟକ୍ରମ



ଦୁର୍ଗୀ,୮।୭: ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଦୁର୍ଗୀ ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ ପରିସରରେ ୭୦ତମ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବ୍ଲକ ଚେୟାରମ୍ୟାନ ବିଜୟଶାନ୍ତି କୁମୁରୁକା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବନ ଅଧିକାରୀ ଅଦ୍ୱୈତ ପ୍ରଧାନ ଯୋଗ ଦେଇ ବୃକ୍ଷ ଅଭାବ ଯୋଗୁଁ ଆମର କି କି ଅସୁବିଧା ହୁଏ ସେନେଇ କହିଥିଲେ । ଏଥିସହ ସମସ୍ତେ ବୃକ୍ଷ ଲଗାଇ ପରିବେଶକୁ ସବୁଜ କରିବା ନେଇ ସଚେତନତା କରିଥିଲେ । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ତାର୍ମପୁ ପରିଚାଳନା କରିଥିଲେ । ଛାତ୍ରୀଛାତ୍ର ।

### ମନ୍ତ୍ରୀଙ୍କ ଗୁଣପୁର ଗସ୍ତ

ଗୁଣପୁର,୮।୭(ଡି.ଏନ.ଏ): ଅନୁସୂଚିତ ଜାତି ଏବଂ ଜନଜାତି କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ସୋମବାର ଗୁଣପୁର ଗସ୍ତ କରିଥିଲେ । ସେ ଅନେକ ଗୁଡିଏ ପ୍ରକଳ୍ପ ଉଦ୍‌ଘାଟନ କରିବା ସହ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ତାଙ୍କ ସହ ସ୍ଥାନୀୟ ବିଧାୟକ ରଘୁନାଥ ଗମାଙ୍ଗ, ମାନ୍ୟଗଣ୍ୟ ବ୍ୟକ୍ତି ଓ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ । ମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଖବରଦାତାଙ୍କୁ ସୂଚନା ପ୍ରଦାନ କରାଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି ।

## ୧୮୨୭ ଛାତ୍ରୀଛାତ୍ର ଦେଲେ ମାଟ୍ରିକ୍ ସପ୍ଲିମେଣ୍ଟାରି ପରୀକ୍ଷା



ରାୟଗଡ଼ାର ଏକ କେନ୍ଦ୍ରରେ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି ।

ରାୟଗଡା ଅଫିସ୍, ୮।୭

ମାଟ୍ରିକ୍ ସପ୍ଲିମେଣ୍ଟାରି ପରୀକ୍ଷା ସୋମବାରଠାରୁ ଆରମ୍ଭ ହୋଇଛି । ଏହି ପରୀକ୍ଷାରେ ରାୟଗଡା ଜିଲାର ୧୮୨୭ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି । ଜିଲାର ୭ଟି କେନ୍ଦ୍ରରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଛି । ରାୟଗଡାସ୍ଥିତ ଜିସିଡି ଉଚ୍ଚ ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବିଷମକଟକ ଉଚ୍ଚ ବିଦ୍ୟାଳୟ, ଜେକେପୁର ଉଚ୍ଚ ବିଦ୍ୟାଳୟ, ଗୁଣପୁର ବାଳକ ଉଚ୍ଚ ବିଦ୍ୟାଳୟ ଓ ବାଳିକା ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ର ହୋଇଛି। ପ୍ରଥମ ଦିନରେ ଶାନ୍ତିଶୃଙ୍ଖଳାର ସହିତ ପରୀକ୍ଷା ଶେଷ ହୋଇଛି । କପି ରୋକିବା ପାଇଁ ୩ ଜଣିଆ ଚେକିଂ ସହ ସ୍କ୍ୱାଡ୍ ନିୟୋଜିତ ହୋଇଛନ୍ତି । ସେହିଭଳି ପ୍ରତି ପରୀକ୍ଷା କେନ୍ଦ୍ରରେ ପୋଲିସ ନିୟୋଜିତ ହୋଇଛନ୍ତି । କଡା ସୁରକ୍ଷା ମଧ୍ୟରେ ପ୍ରଶ୍ନପତ୍ର ପରୀକ୍ଷା କେନ୍ଦ୍ରରେ ପହଞ୍ଚା ଯାଇଥିଲା ।

## ଅବକାରୀ ଚଢ଼ାଉ, ୩ ଗିରଫ

ବିଷମକଟକ,୮।୭:

ବିଷମକଟକ ବ୍ଲକରେ ମଦ ବ୍ୟବସାୟ ଦିନକୁ ଦିନ ବୃଦ୍ଧି ପାଉଛି। ଏନେଇ ଧରିତ୍ରୀରେ ଏକ ଖବର ପ୍ରକାଶ ପାଇବା ପରେ ଅବକାରୀ ବିଭାଗ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି। ବିଷମକଟକ ଅବକାରୀ ବିଭାଗ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଦୁଇ ଦିନ ମଧ୍ୟରେ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ମଦ ଜବତ କରିଛି । ସେମାନେ ହେଲେ ଅମ୍ବାଦୋଳା ଥାନା ଅଞ୍ଚଳର ତେରିମେରିଗ୍ରାମର ବେଣ୍ଟୁ କଛିମ, ଚାଟିକୋଣା ବଜାର ସାହିର ଜଳନ୍ଧର ବାଘ ଏବଂ ମାର୍କଣ୍ଡ ଚିଟ୍ଟୁଆନ୍। ଚଢାଉରେ ବିଷମକଟକ ଓଆଇସି ପ୍ରମୋଦ କୁମାର ବାଣୁଆଁ,ଏଏସଆଇ ତ୍ରିନାଥ ଚିନ୍ତାଡା, ସନ୍ତୋଷ ସେଠୀ, ଖ୍ରୀଷ୍ଟଦାସ ବେବର୍ତ୍ତା ସାମିଲ ହୋଇଥିଲେ ।

## ୨ ଦିନ ଧରି ଓକିଲଙ୍କ କାର୍ଯ୍ୟବନ୍ଦ

ଗୁଣପୁର,୮।୭(ଡି.ଏନ.ଏ)

ରାୟଗଡାର ବରିଷ୍ଠ ଓକିଲ ଗୋପାଳକୃଷ୍ଣ ପାଢୀଙ୍କ ଗତ ଶନିବାର ପରଲୋକ ହୋଇଯାଇଛି । ଏନେଇ ସୋମବାର ଗୁଣପୁର ଓକିଲ ସଂଘର ଏକ ଜରୁରୀ ବୈଠକ ଆୟୋଜିତ ହୋଇଛି । ସଂଘ ସଭାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶୋକସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଯିବା ସହ ଅମରଆତ୍ମାର ସଦ୍‌ଗତି କାମନା କରାଯାଇଥିଲା । ତାଙ୍କର ଅମର ଆତ୍ମାକୁ ଶ୍ରଦ୍ଧାଞ୍ଜଳି ଜଣାଇବା ନିମନ୍ତେ ଦୁଇଦିନ ପାଇଁ କୋର୍ଟ କାର୍ଯ୍ୟ ବନ୍ଦ ରଖିବାକୁ ଓକିଲମାନେ ନିଷ୍ପତ୍ତି ନେଇଛନ୍ତି । ଏଥିସହ ଅବିଭକ୍ତ କୋରାପୁଟ ଜିଲାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଚାଲୁ ରହିଥିବା ଆନ୍ଦୋଳନ ୧୨ ତାରିଖ ପର୍ଯ୍ୟନ୍ତ ଜାରି ରହିବ ବୋଲି ସ୍ଥିର ହୋଇଛି । ବୈଠକରେ ବହୁ ଆଇନଜୀବୀ ଯୋଗ ଦେଇଥିଲେ ।

## ବାଙ୍କିଲି ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ



ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ରମାନେ ।

ଜେକେପୁର,୮।୭(ଡି.ଏନ୍.ଏ.)

ରାୟଗଡା ଜିଲା କୋଲନରା ବ୍ଲକ ବାଙ୍କିଲି ଉଚ୍ଚ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ପାଳିତ ହୋଇଯାଇଛି। କଣ୍ଡାଜାମ ବନଖଣ୍ଡ ହାତୀ ଖମ୍ବା ବନାଞ୍ଚଳ ରେଞ୍ଜର ଭଗବାନ ସାରାକାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ମନୋଜ କୁମାର ଗମାଙ୍ଗ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଏଥିରେ ହାତୀଖମ୍ବା ଫରେଷ୍ଟର ଭଗବାନ ସାରାକା , ବାଙ୍କିଲି ଉଚ୍ଚ ବିଦ୍ୟାଳୟ ସଭାପତି ଭାସ୍କର କୁଣ୍ଡିକା, ନାବାର୍ଡ କନ୍ୟାଶ୍ରମ ସଭାପତି ସାନି ହିମିରିକା, ସବିତା ଗମାଙ୍ଗ, ଫରେଷ୍ଟ ଗାର୍ଡ ରାମେଶ ପରଜା, ସତ୍ୟାନନ୍ଦ ମଲ୍ଲିକ, ମଳୟ କୁମାର ମଲ୍ଲିଫୁଲଙ୍କ ସମେତ ଛାତ୍ରୀଛାତ୍ର, ଗ୍ରାମବାସୀ ଏବଂ ବନ ବିଭାଗର କର୍ମକର୍ତ୍ତା ବିଭିନ୍ନ କିସମର ଶହେରୁ ଊର୍ଦ୍ଧ୍ୱ ଚାରା ରୋପଣ କରିଥିଲେ । ଏହି ଚାରାକୁ ବଞ୍ଚାଇ ରଖିବାପାଇଁ ସମସ୍ତ ପ୍ରକାର ଉଦ୍ୟମ କରାଯିବ ବୋଲି ପ୍ରଧାନଶିକ୍ଷକ ପ୍ରକାଶ କରିଛନ୍ତି ।



ମନ୍ତ୍ରୀଙ୍କ ସହ ଡ଼ଙ୍ଗରିଆ ମହିଳାମାନେ ।

## ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟ ଉଦ୍‌ଘାଟିତ

ବିଷମକଟକ, ୮।୭

ରାୟଗଡା ଜିଲା ବିଷମକଟକ ବ୍ଲକ ଅନ୍ତର୍ଗତ ଚାଟିକୋଣାଠାରେ ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥାର ଏକ ନୂତନ କୋଠା ସୋମବାର ଉଦ୍‌ଘାଟିତ ହୋଇଯାଇଛି । ବିଷମକଟକ ବିଧାୟକ ତଥା ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଡଙ୍ଗରିଆ ମହିଳାମାନେ ମନ୍ତ୍ରୀଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ । କାର୍ଯ୍ୟାଳୟର ସ୍ୱତନ୍ତ୍ର ଅଧିକାରୀ ସୁରେଶ ଚନ୍ଦ୍ର ଦୀକ୍ଷିତ, ଓପିଲିପି ପ୍ରୋଗ୍ରାମ୍ କୋଅର୍ଡିନେଟର ସୁଦର୍ଶନ ପାଢୀଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଏହାକୁ ସଂଯୋଜନା କରିଥିଲେ । ଏଥିରେ କୁର୍ଲୀ ସରପଞ୍ଚ ଦ୍ରଞ୍ଜି ଜାକସିକା ଏବଂ ବହୁ ଡଙ୍ଗରିଆ ମହିଳା ଉପସ୍ଥିତ ଥିଲେ ।

## ରକ୍ତ ଦାନ ଶିବିର

ଖଜୁରିପଡା,୭।୭(ଡି.ଏନ୍.ଏ.):

ଫୁଲବାଣୀ ଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଫୁଲବାଣୀ ମେଡିକାଲ କର୍ମଚାରୀମାନେ ୧୨ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ । ଷ୍ଟେଟ୍ ବ୍ୟାଙ୍କର ମହିଳା ଅଧିକାରୀ ମୃଣାଳିନୀ ସ୍ୱାଇଁଙ୍କ ସମେତ ବହୁ କର୍ମଚାରୀ ରକ୍ତଦାନ କରିଥିଲେ ।

## ଶହେ ଅଭିଯୋଗ ଶୁଣିଲେ ଜିଲାପାଳ



ଜାତୀୟ ପରିବାର ମଙ୍ଗଳ ଯୋଜନାରେ ଚେକ୍ ପ୍ରଦାନ କରାଯାଇଥିବା ୨୧ ଜଣ ହିତାଧିକାରୀ ଓ ଅନ୍ୟମାନେ ।

ଗୁଡାରୀ,୮।୭(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଡ଼ାରୀ ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଏଥିରେ ଜିଲାପାଳ ପ୍ରମୋଦ କୁମାର ବେହେରା ଯୋଗ ଦେଇ ମୋଟ ୧୦୦ଟି ଅଭିଯୋଗ ଶୁଣିଥିଲେ। ସେଥିମଧ୍ୟରୁ ୧୧ଟି ସାମୂହିକ ହୋଇଥିବା ବେଳେ ୮୯ ଗୋଟି ବ୍ୟକ୍ତିଗତ ଥିଲା । ୫ ଅଭିଯୋଗକାରୀଙ୍କୁ ଜିଲାପାଳ ନିଜସ୍ୱ ପାଣ୍ଠିରୁ ମୋଟ ୬ ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ । ଜଣେ ଦିବ୍ୟାଙ୍ଗଙ୍କୁ ୩ ଚକିଆ ସାଇକେଲ୍ ପ୍ରଦାନ କରାଯାଇଥିଲା । ବ୍ଲକର ମୋଟ ୨୧ ଜଣ ହିତାଧିକାରୀଙ୍କୁ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ଜଣଙ୍କ ପିଛା ୨୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା । ଏଥିସହ ଜଣଙ୍କୁ ୧୦ ହଜାର ଟଙ୍କା ଚେକ୍ ପ୍ରଦାନ କରାଯାଇଥିଲା । ଗୁଡାରୀ ଆଞ୍ଚଳିକ ବିକାଶ ପରିଷଦ ତରଫରୁ ଗୁଡାରୀରେ ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମ କରିବା ନିମନ୍ତେ ସଦସ୍ୟମାନେ ଜିଲାପାଳଙ୍କୁ ଗୁହାରି କରିଥିଲେ। ବିଡିଓ ନୃସିଂହ ଚରଣ ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶୁଣାଣିରେ ବ୍ଲକର ସମସ୍ତ କର୍ମଚାରୀ ଏବଂ ଜିଲାର ସମସ୍ତ ବିଭାଗୀୟ ମୁଖ୍ୟ ଯୋଗ ଦେଇଥିଲେ ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ